

୩୦୦ ମ୍ୟାଚ୍ ଖେଳିଲେ ମନ୍ଧାନା

▶ପୃଷ୍ଠା ୧୨ ଦେଖନ୍ତୁ...


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-17 ♦SATURDAY ♦11 JULY 2026 ♦PAGE-12 ♦₹ 7.00

PANIKOILI

♦ବର୍ଷ-୪୪ ♦ସଂଖ୍ୟା-୧୭ ♦ଶନିବାର ♦୧୧ ଜୁଲାଇ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ଜାତୀୟ ସଙ୍ଗୀତ ପୂର୍ବରୁ ଗାନ ହେବ 'ବନ୍ଦେ ମାତରମ୍'




### ରାଜ୍ୟଗୁଡ଼ିକୁ କେନ୍ଦ୍ରର କଡ଼ା ନିର୍ଦ୍ଦେଶ

■ ନୂଆଦିଲ୍ଲୀ, ୧୦।୭ (ଏଜେନ୍ସି): ଜାତୀୟ ସଙ୍ଗୀତ 'ଜନ ଗଣ ମନ' ଏବଂ ଜାତୀୟ ଗୀତ 'ବନ୍ଦେ ମାତରମ୍'ର ଗାନକୁ ନେଇ କେନ୍ଦ୍ର ସରକାର ସମସ୍ତ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ ଏବଂ କେନ୍ଦ୍ରୀୟ ମନ୍ତ୍ରାଳୟଗୁଡ଼ିକୁ ପୁଣି ଥରେ ନୂତନ ନିର୍ଦ୍ଦେଶନାମା ଜାରି କରିଛନ୍ତି। ବିଗତ ୫ ମାସ ମଧ୍ୟରେ ଦ୍ୱିତୀୟ ଥର ପାଇଁ କେନ୍ଦ୍ର ପକ୍ଷରୁ ଏଭଳି କଡ଼ା ନିର୍ଦ୍ଦେଶ ଦିଆଯାଇଛି। ନୂତନ ନିୟମ ଅନୁଯାୟୀ, ଯଦି କୌଣସି ସରକାରୀ କାର୍ଯ୍ୟକ୍ରମରେ ଉଭୟ ଜାତୀୟ ସଙ୍ଗୀତ ଏବଂ ଜାତୀୟ ଗୀତ ପରିବେଷଣ କରାଯାଏ, ତେବେ ପ୍ରଥମେ 'ବନ୍ଦେ ମାତରମ୍' ଗାନ କରାଯିବ ଏବଂ ଏହା ପରେ 'ଜନ ଗଣ ମନ' ଗାନ କରାଯିବ। ଜୁଲାଇ ୯ରେ ଏହି ସମ୍ପର୍କିତ ଏକ ଚିଠି ପଠାଯାଇଥିବା ବେଳେ ଶୁକ୍ରବାର ଏହାର ସବିଶେଷ ବିବରଣୀ ସାର୍ବଜନୀନ କରାଯାଇଛି। ଏହି ନିର୍ଦ୍ଦେଶନାମାରେ କୁହାଯାଇଛି ଯେ, ଜାତୀୟ ସଙ୍ଗୀତ ଏବଂ ଜାତୀୟ ଗୀତର ମୂଳ ଶବ୍ଦ, ସଠିକ୍ ଉଚ୍ଚାରଣ ଏବଂ ସ୍ୱୀକୃତିପ୍ରାପ୍ତ ଶୈଳୀକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ହେବ। କୌଣସି ପ୍ରକାରର ତ୍ରୁଟି ଏଡ଼ାଇବା ପାଇଁ କେନ୍ଦ୍ର ମନ୍ତ୍ରାଳୟ ନିଜର ୱେବସାଇଟ୍‌ରେ ଏହାର ସଠିକ୍ ପାଠ୍ୟ ଏବଂ ଉଚ୍ଚାରଣ ଉପଲବ୍ଧ କରାଇଛି। ଯେଉଁ ରାଜ୍ୟଗୁଡ଼ିକର ନିଜସ୍ୱ ରାଜ୍ୟ ସଙ୍ଗୀତ ରହିଛି, ସେମାନେ ମଧ୍ୟ ଏହି ନିର୍ଦ୍ଧାରିତ କ୍ରମକୁ ପାଳନ ▶ପୃଷ୍ଠା-୭

## ଚୀନ୍‌ର ଜୋତା କାରଖାନାରେ ଅଗ୍ନିକାଣ୍ଡ; ୨୮ ମୃତ



■ ବେଜିଂ, ୧୦।୭ (ଏଜେନ୍ସି): ଚୀନ୍‌ର ଫୁଜିଆନ୍ ପ୍ରଦେଶସ୍ଥିତ ଏକ ଜୋତା କାରଖାନାରେ ଭୟଙ୍କର ଅଗ୍ନିକାଣ୍ଡରେ ୨୮ ଜଣ ପ୍ରାଣ ହରାଇଛନ୍ତି। ଏହି ମର୍ମନ୍ତୁଦ ଦୁର୍ଘଟଣା ପରେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଘଟଣାର ତୁରନ୍ତ ତଦନ୍ତ ନିର୍ଦ୍ଦେଶ ଦେବା ସହ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଛନ୍ତି। ଜିଞ୍ଜିଆଙ୍ଗ ସହରରେ ଅବସ୍ଥିତ 'ଫୁଜିଆନ୍ ହୁଇଟେଙ୍ଗ' ଜୋତା କାରଖାନାରେ ଏହି ଅଗ୍ନିକାଣ୍ଡ ଘଟିଥିଲା। ନିଆଁ ଲାଗିବା ସମୟରେ ୫ ମହଲା ବିଶିଷ୍ଟ ଏହି କଂକ୍ରିଟ୍ କୋଠା ମଧ୍ୟରେ ୨୩୭ ଜଣ ଶ୍ରମିକ ଏବଂ ୨ ଜଣ ପର୍ଯ୍ୟଟକ ଉପସ୍ଥିତ ଥିଲେ। ଅଗ୍ନିକାଣ୍ଡରେ ୨୬ ଜଣ ଜୀବନ୍ତ ଦଗ୍ଧ ହୋଇଯାଇଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତରଖାନାରେ ୨ ଜଣଙ୍କର ମୃତ୍ୟୁ ଘଟିଛି। ଅଗ୍ନିଶମ ବାହିନୀ ଓ ଉଦ୍ଧାରକାରୀ ଦଳ ୨୧୩ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରିଥିଲେ। କୋଠାର ତଳ ମହଲାରେ ଥିବା ଏକ ଗୋଦାମ ଓ କର୍ମଶାଳାରୁ ନିଆଁ ଲାଗି ଜୋତା ତିଆରି ସାମଗ୍ରୀ ଗଦାରେ ଲାଗିଯାଇଥିଲା, ଯାହା ଭୟଙ୍କର ରୂପ ଧାରଣ କରିଥିଲା।

## ଧାର୍ଯ୍ୟ ସମୟରେ ହେବନି ନିର୍ବାଚନ

# ପଙ୍ଗୁ ହେବ ପଞ୍ଚାୟତ ଓ ପୌର ସଂସ୍ଥା !




### ଜନଗଣନା ନ ସରିବା ଯାଏ ହେବନି ନିର୍ବାଚନ

### ମିଳିନାହିଁ ବାଲାଟ ପେପର କାଗଜ କିଣା ଅନୁମତି

■ ଭୁବନେଶ୍ୱର, ୧୦।୭ (ସମିସ): ଆଉ ୬ ମାସ ପରେ ଶେଷ ହେବ ରାଜ୍ୟର ପଞ୍ଚାୟତ ପ୍ରତିନିଧିମାନଙ୍କ ୫ ବର୍ଷିଆ କାର୍ଯ୍ୟକାଳ ଶେଷ ହେବ। ଏହାର ଅବ୍ୟବହିତ ପରେ ପୌରାଞ୍ଚଳ ଓ ମହାନଗର ନିଗମର ନିର୍ବାଚିତ ପ୍ରତିନିଧିମାନଙ୍କ ଅବଧି ସରିବ। ମାତ୍ର ଧାର୍ଯ୍ୟ ସମୟରେ ପଞ୍ଚାୟତ ଓ ପୌର ନିର୍ବାଚନ ହେବନାହିଁ। ନିର୍ବାଚନ ପାଇଁ ଯାହା ସବୁ ପ୍ରସ୍ତୁତି ଚାଲିଛି, କେବଳ ଲୋକ ଦେଖାଣିଆ। ବାସ୍ତବରେ ପଞ୍ଚାୟତ ଓ ପୌର ନିର୍ବାଚନ କରିବାକୁ ସରକାରଙ୍କ ଆଗ୍ରହ ନାହିଁ। ନିର୍ବାଚିତ ପ୍ରତିନିଧିଙ୍କ କାର୍ଯ୍ୟ ଅବଧି ଶେଷ ପରେ ନିର୍ବାଚନକୁ ବିଳମ୍ବିତ କରି ସରକାରୀ ଅଧିକାରୀଙ୍କ ହାତରେ କ୍ଷମତା କେନ୍ଦ୍ରୀଭୂତ କରିବାକୁ ଯୋଜନା ହେଉଥିବା ଆଶଙ୍କା ସୃଷ୍ଟି ହୋଇଛି। ଯେଉଁ ଢାଞ୍ଚା ଓ ଢଙ୍ଗରେ ନିର୍ବାଚନୀ ପ୍ରସ୍ତୁତି ଚାଲିଛି, ତାହା ଆସନ୍ତା ବର୍ଷ ଜୁନ୍ ପୂର୍ବରୁ ଶେଷ ହେବାର ସମ୍ଭାବନା ନାହିଁ। ଏହା ୨୦୨୭ ପରିବର୍ତ୍ତେ ପ୍ରାୟ ଏକ ବର୍ଷ ବିଳମ୍ବରେ ନିର୍ବାଚନ କରିବା ପାଇଁ ଯୋଜନାର ଅଂଶ ବିଶେଷ ବୋଲି ମଧ୍ୟ ବିରୋଧୀ ସନ୍ଦେହବ୍ୟକ୍ତ କରିଛନ୍ତି। ଏପରିକି ବର୍ଷାଧିକ କାଳ ଧରି ଖାଲି ପଡ଼ିଥିବା ସରପଞ୍ଚ, ସମିତି ସଭ୍ୟ, ୱାର୍ଡମେମ୍ବର ପଦ ପାଇଁ ନିର୍ବାଚନ ହୋଇ ପାରିନାହିଁ। ଏଥିପାଇଁ ପୂର୍ବରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲେ ମଧ୍ୟ ଶେଷ ମୁହୂର୍ତ୍ତରେ ଏହାକୁ ରଦ୍ଦ କରାଯାଇଛି। ତେଣୁ ଆସନ୍ତା ବର୍ଷ ପୌର ଓ ପଞ୍ଚାୟତ ନିର୍ବାଚନକୁ ନେଇ ଲୋକଙ୍କ ମନରେ ସ୍ୱାଭାବିକ ସନ୍ଦେହ ସୃଷ୍ଟି ହୋଇଛି।

ରାଜ୍ୟ ନିର୍ବାଚନ ଆୟୋଗଙ୍କ ସଚିବ କହିଛନ୍ତି, ଜନଗଣନା କ୍ରମରେ ଘର ତାଲିକା ପ୍ରସ୍ତୁତ ସରିଛି। ଆସନ୍ତା ଫେବୃଆରୀରୁ ମାର୍ଚ୍ଚ ପ୍ରଥମ ସପ୍ତାହ ଯାଏଁ ଜନଗଣନା ହେବ ଓ ଏହା ପରେ ଭୋଟର ତାଲିକା ପ୍ରସ୍ତୁତ କରାଯିବ। ଭୋଟର ତାଲିକା ପ୍ରସ୍ତୁତ କାର୍ଯ୍ୟ ପାଇଁ ନିର୍ବାଚନ ଆୟୋଗଙ୍କ ପାଖରେ ଯଥେଷ୍ଟ ଲୋକ ନ ଥିବାରୁ ଜନଗଣନା କାମ ସରିବା ପରେ ନିର୍ବାଚନ କାମ ଆରମ୍ଭ ହେବ। ନିର୍ବାଚନ ଆୟୋଗଙ୍କ ଏହି ସୂଚନାକୁ ବିଶ୍ୱାସ କରାଗଲେ, ପଞ୍ଚାୟତ ଓ ପୌର ନିର୍ବାଚନ ଅନ୍ୟୁନ ଦୁଇ ତିନିମାସ ବିଳମ୍ବ ହେବାର ସମ୍ଭାବନା ରହିଛି। ଅର୍ଥାତ ପଞ୍ଚାୟତ ନିର୍ବାଚନ ୨୦୨୭ ମଇ ବା ଜୁନ୍ ମାସରେ ହୋଇପାରେ ଆଶା କରାଯିବା କଥା। ପଞ୍ଚାୟତ ନିର୍ବାଚନ ବିଳମ୍ବିତ ହେଲେ, ସ୍ୱାଭାବିକ ପୌର ନିର୍ବାଚନ ବି ବିଳମ୍ବିତ ହେବ ମାତ୍ର ମେ ଓ ଜୁନ୍ ମାସର ପ୍ରଚଣ୍ଡ ଖରା ଓ ଏହା ପରବର୍ତ୍ତୀ ସମୟରେ ମୌସୁମୀ ଋତୁରେ ପଞ୍ଚାୟତ ଓ ପୌର ନିର୍ବାଚନ ହେବ କି ନାହିଁ ତାହା ବି ସନ୍ଦେହରେ।

ପୂର୍ବରୁ ପଞ୍ଚାୟତ ନିର୍ବାଚନ ଆୟୋଜନକୁ ନେଇ ବିଜେପି ରାଜ୍ୟ ସଭାପତି ଆଗୁଆ ପଞ୍ଚାୟତ ନିର୍ବାଚନ ନେଇ ମତ ଦେଇଥିବା ବେଳେ ରାଜ୍ୟ ନିର୍ବାଚନ ଆୟୋଗ ଓ ପଞ୍ଚାୟତିରାଜ ମନ୍ତ୍ରୀ ମଧ୍ୟ ସଠିକ୍ ସମୟରେ ପଞ୍ଚାୟତ ନିର୍ବାଚନ ହେବ ବୋଲି କହିଥିଲେ। ମାତ୍ର ଯେଉଁ ଗତିରେ ପଞ୍ଚାୟତ ନିର୍ବାଚନ ପ୍ରସ୍ତୁତି ଚାଲିଛି, ସେଥିରୁ ଧାର୍ଯ୍ୟ ସମୟରେ ନିର୍ବାଚନ ହେବା ସମ୍ଭାବନା ନାହିଁ ବୋଲି ଜଳଜଳ ଦିଶୁଛି। ବାଲାଟ ପେପର ଛପା ପାଇଁ ଆବଶ୍ୟକ ୱାଟରମାର୍କ କାଗଜ କ୍ରୟ ପାଇଁ ପାଣ୍ଠି ବରାଦ ମାଗି ରାଜ୍ୟ ମୁଦ୍ରଣ, ଲେଖନ ସାମଗ୍ରୀ ଓ ପ୍ରକାଶନ ନିର୍ଦ୍ଦେଶାଳୟ ମାସକ ମଧ୍ୟରେ ଦୁଇଥର ରାଜ୍ୟ ନିର୍ବାଚନ କମିଶନକୁ ଚିଠି ଲେଖିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏହାର ସମ୍ମତି ମିଳିନାହିଁ। ଫଳରେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇପାରୁ ନାହିଁ। ▶ପୃଷ୍ଠା-୭

## ଶାନ୍ତି ଚୁକ୍ତି ଭଙ୍ଗ ପଛରେ ଇସ୍ରାଏଲ୍!



### ଯୁଦ୍ଧବିରତି ପାଇଁ ପୁଟିନଙ୍କ ଆହ୍ୱାନ

■ ମସ୍କୋ/ତେଲ୍ ଆଭିଭ୍, ୧୦।୭ (ଏଜେନ୍ସି): ଶାନ୍ତି ଚୁକ୍ତି ଭଙ୍ଗ ଓ ଇରାନ ଉପରେ ପୁନର୍ବାର ଆମେରିକା ଆକ୍ରମଣ ପଛରେ ଇସ୍ରାଏଲ୍ ଖଳନାୟକ ଭୂମିକା ଅବଲମ୍ବନ କରିଛି। ରାଷ୍ଟ୍ରପତି ଟ୍ରମ୍ପଙ୍କୁ ହତ୍ୟା କରିବାକୁ ଇରାନ ମସୁଧା କରୁଥିବା ସଂକ୍ରାନ୍ତରେ ଇସ୍ରାଏଲ୍ ଆମେରିକାକୁ ସୂଚନା ଦେବା ପରେ ଇରାନ୍ ଉପରେ ପୁନର୍ବାର ଆକ୍ରମଣ ପାଇଁ ଟ୍ରମ୍ପ ନିର୍ଦ୍ଦେଶ ଦେଇଥିବା କୁହାଯାଉଛି। ଇସ୍ରାଏଲ୍ ଗୁଇନ୍ଦା ଏଜେନ୍ସି ମୋସାଦର ସୂଚନାକୁ ଆମେରିକା ବିଶ୍ୱାସ କରି ପୁନଃ ଆକ୍ରମଣ ନିର୍ଦ୍ଦେଶ ଦେବା ପରେ ଇରାନର ପ୍ରମୁଖ ଅଞ୍ଚଳ ଉପରେ ଆମେରିକୀୟ ସେନା କ୍ଷେପଣାସ୍ତ୍ର ବର୍ଷା କରିଛି। ଅନୁରୂପ ଭାବରେ ଇସ୍ରାଏଲ୍ ମଧ୍ୟ ଇରାନର ବିଭିନ୍ନ ସହର ଉପରେ ଆକ୍ରମଣ ଜାରି ରଖିଛି ଓ ଇରାନ ପକ୍ଷରୁ ପାଲଟା ଜବାବ ଦିଆଯାଇଛି । ଇସ୍ରାଏଲ ଓ ଇରାନ ପରସ୍ପର ଉପରେ ବ୍ୟାପକ କ୍ଷେପଣାସ୍ତ୍ର ଆକ୍ରମଣ କରିଥିବାରୁ ସମଗ୍ର ଅଞ୍ଚଳରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି। ଲଗାତାର କ୍ଷେପଣାସ୍ତ୍ର ଆକ୍ରମଣ ଯୋଗୁଁ ଉଭୟ ଦେଶର ଅନେକ ସହର ଧ୍ୱଂସ ହୋଇଛି। ▶ପୃଷ୍ଠା-୭



## ଆବେଦନକାରୀଙ୍କ ତୁମୁଳକାଣ୍ଡ

# ବିଚାରପତିଙ୍କୁ କାଗଜ ଫୋପାଡ଼ି ଗାଳିଗୁଲଜ

■ ନୂଆଦିଲ୍ଲୀ, ୧୦।୭ (ଏଜେନ୍ସି): ସୁପ୍ରିମକୋର୍ଟରେ ଶୁକ୍ରବାର ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଏକ ମାମଲାର ଶୁଣାଣି ବେଳେ ଆବେଦନକାରୀ ଜଣକ ବିଚାରପତିଙ୍କ ଉପରକୁ ଦଲିଲ ଫିଙ୍ଗିବା ସହ ଅଶାଳୀନ ଭାଷାରେ ଗାଳିଗୁଲଜ କରିଥିବା ଜଣାପଡ଼ିଛି। ଘଟଣା ଅନୁଯାୟୀ, ଜଷ୍ଟିସ କେ.ଭି. ବିଶ୍ୱନାଥନ୍ ଏବଂ ଜଷ୍ଟିସ ଆଲୋକ ଆରାଧେଙ୍କ ଖଣ୍ଡପୀଠରେ ଆଲାହାବାଦ ହାଇକୋର୍ଟଙ୍କ ଏକ ନିଷ୍ପତ୍ତି ବିରୋଧରେ ଦାୟର ହୋଇଥିବା ଆବେଦନର ଶୁଣାଣି ହେଉଥିଲା। ଏହି ସମୟରେ କୋର୍ଟରେ ଆବେଦନକାରୀ ଜଣକ ଅତ୍ୟନ୍ତ ଅସଭ୍ୟ ଭାବେ ନିଜର ପକ୍ଷ ରଖିଥିଲେ। ସେ ବିଚାରପତିଙ୍କୁ, "ହେ ନ୍ୟାୟିକ ସେବକ, ମୁଁ ତୁମକୁ ଆଦେଶ ଦେଉଛି ଯେ ଲକ୍ଷ୍ନୌର ଏସିପିଙ୍କ ବିରୋଧରେ ଏକ ଏଫ୍ଆଇଆର୍ ରୁଜୁ କରିବା ପାଇଁ ନିର୍ଦ୍ଦେଶ ଦିଅ' ବୋଲି କହିଥିଲେ। ଏଭଳି ଆଚରଣରେ ଆଶ୍ଚର୍ଯ୍ୟ ପ୍ରକଟ କରି ଜଷ୍ଟିସ ବିଶ୍ୱନାଥନ୍ ପ୍ରଶ୍ନ କରିଥିଲେ, "ଆପଣ କଣ ଆମକୁ ଆଦେଶ ଦେଉଛନ୍ତି'? ଏହାପରେ ପରିସ୍ଥିତି ଅଧିକ ଜଟିଳ ହୋଇଥିଲା। ଆବେଦନକାରୀ ଜଣକ ନିଜ ହାତରେ ଥିବା କେସ୍ ସମ୍ବନ୍ଧୀୟ କାଗଜପତ୍ରଗୁଡ଼ିକୁ ଶୂନ୍ୟରେ ଫିଙ୍ଗିବା ସହ ମୁଖ୍ୟ ବିଚାରପତିଙ୍କ ବିରୋଧରେ ଅତ୍ୟନ୍ତ ଅପଶବ୍ଦ ବ୍ୟବହାର କରିଥିଲେ। ଉଲ୍ଲେଖଯୋଗ୍ୟ, ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ ସେହି ସମୟରେ ଖଣ୍ଡପୀଠରେ ଉପସ୍ଥିତ ନଥିଲେ। କିନ୍ତୁ ଏହି ହଟ୍ଟଗୋଳ ପରେ ସୁରକ୍ଷାକର୍ମୀମାନେ ତୁରନ୍ତ ଆବେଦନକାରୀଙ୍କୁ କୋର୍ଟରୁମରୁ ▶ପୃଷ୍ଠା-୭



## ରାମମନ୍ଦିର ଦାନ ଅର୍ଥ ପରିମାଣ ହ୍ରାସ

# କମିଛି ୫୦୦ ଟଙ୍କିଆ, ବଢ଼ିଛି ୧୦ ଟଙ୍କିଆ

### ଗଣତି କାର୍ଯ୍ୟରୁ ୨୩ କର୍ମଚାରୀଙ୍କ ଇସ୍ତଫା

■ ଅଯୋଧ୍ୟା, ୧୦।୭ (ଏଜେନ୍ସି): ଅଯୋଧ୍ୟାର ଶ୍ରୀରାମ ଜନ୍ମଭୂମି ମନ୍ଦିରର ଦାନ ପାଣ୍ଠି ଚୋରି ମାମଲାକୁ ନେଇ ବିବାଦ ଥମି ନ ଥିବା ବେଳେ ଶୁକ୍ରବାର ଦାନ ଅର୍ଥ ଗଣନା କାର୍ଯ୍ୟରେ ନିୟୋଜିତ ୨୩ ଜଣ କର୍ମଚାରୀ ସାମୂହିକ ଇସ୍ତଫା ଦେଇଛନ୍ତି। ସୂଚନା ଅନୁସାରେ ମନ୍ଦିରରେ ଦାନ ପାଣ୍ଠି ଚୋରି ଘଟଣା ସାମ୍ନାକୁ ଆସିବା ପରେ ଦାନ ଅର୍ଥ ଗଣନା ପ୍ରକ୍ରିୟାକୁ ଅଧିକ କଡ଼ା ଓ ସମୟସାପେକ୍ଷ କରାଯାଇଛି। ଭକ୍ତମାନେ ବର୍ତ୍ତମାନ ଅଧିକ ପରିମାଣରେ ୧୦ ଓ ୨୦ ଟଙ୍କିଆ ନୋଟ୍ ଦାନ କରୁଥିବାରୁ ଟଙ୍କା ଗଣନାରେ ବହୁତ ସମୟ ଲାଗୁଛି। ପୂର୍ବରୁ ୫୦୦ ଟଙ୍କିଆ ନୋଟର ୭୦ରୁ ୮୦ଟି ବଣ୍ଡିଲ୍ ପ୍ରସ୍ତୁତ ହେଉଥିବାବେଳେ ବର୍ତ୍ତମାନ ୫୦୦ ଟଙ୍କିଆ ନୋଟର ମାତ୍ର ୧୫ଟି ବଣ୍ଡିଲ୍ ହିଁ ପ୍ରସ୍ତୁତ ହେଉଛି। ସେହିପରି ୧୦ ଓ ୨୦ ଟଙ୍କିଆ ନୋଟ ବଣ୍ଡିଲ ସଂଖ୍ୟା ବୃଦ୍ଧି ପାଇଛି। ପୂର୍ବରୁ ଦୁଇଟି ସିଫ୍ଟରେ କାମ ହେଉଥିଲା ଓ ପ୍ରତ୍ୟେକ କର୍ମଚାରୀ ଦୈନିକ ୬ ଘଣ୍ଟା ଲେଖାଏଁ କାମ କରୁଥିଲେ। ମାତ୍ର ବର୍ତ୍ତମାନ ସକାଳ ୯ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଗୋଟିଏ ମାତ୍ର ସିଫ୍ଟ କରାଯାଇଛି। ସେଥିପାଇଁ କର୍ମଚାରୀମାନେ ଇସ୍ତଫା ଦେଇଥିବା କହିଛନ୍ତି।

ଅନ୍ୟପକ୍ଷରେ ଦାନ ଅର୍ଥ ଗଣନା ପାଇଁ ବର୍ତ୍ତମାନ ଷ୍ଟେଟବ୍ୟାଙ୍କ ପକ୍ଷରୁ ମାତ୍ର ୧୩ ଜଣ କର୍ମଚାରୀ ଅଛନ୍ତି। ଦାନ ପାଣ୍ଠି ଚୋରି ଘଟଣାର ତଦନ୍ତ ଜାରି ଥିବା ବେଳେ ମନ୍ଦିର ନିର୍ମାଣ କମିଟିର ଅଧ୍ୟକ୍ଷ ନୃପେନ୍ଦ୍ର ମିଶ୍ର ଶୁକ୍ରବାର ଅଯୋଧ୍ୟାରେ ପହଞ୍ଚିଛନ୍ତି। ଜୁନ୍ ୭ରେ ଏହି ବିବାଦ ଆରମ୍ଭ ହେବା ପରେ ଏହା ତାଙ୍କର ତୃତୀୟ ଅଯୋଧ୍ୟା ଗସ୍ତ। ସଂପ୍ରତି ରାମମନ୍ଦିର ପାଣ୍ଠି ଚୋରି ବିବାଦ ସୁପ୍ରିମକୋର୍ଟରେ ପହଞ୍ଚିଛି। ଆସନ୍ତା ଜୁଲାଇ ୧୩ ତାରିଖରେ ପ୍ରଧାନ ବିଚାରପତି ▶ପୃଷ୍ଠା-୭

## ଶୃଙ୍ଖଳିତ ରଥଯାତ୍ରା ପାଇଁ ମୁଖ୍ୟମନ୍ତ୍ରୀଙ୍କ ବୈଠକ



### ସୁରକ୍ଷା ପାଇଁ ନିୟୋଜିତ ୧୯ ବରିଷ୍ଠ ଆଇପିଏସ୍ ଅଧିକାରୀ

### ସହଯୋଗ, ସମନ୍ୱୟ ଓ ନିରନ୍ତର ଯୋଗାଯୋଗ ଉପରେ ଗୁରୁତ୍ୱ

### ୮ଟି ଅସ୍ଥାୟୀ ହସ୍ପିଟାଲ; ଲାଗିବ ୪୭୦ ସିସିଟିଭି କ୍ୟାମେରା

■ ଭୁବନେଶ୍ୱର, ୧୦।୭ (ସମିସ): ରଥଯାତ୍ରା ପାଇଁ ଶେଷ ତଥା ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଶୁକ୍ରବାର ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକ କରି ମୁଖ୍ୟମନ୍ତ୍ରୀ, ରଥଯାତ୍ରା ପରିଚାଳନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହିତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ସହଯୋଗ, ସମନ୍ୱୟ ଓ ନିରନ୍ତର ଯୋଗାଯୋଗ ଗୁରୁତ୍ୱ ଆରୋପ କରିଛନ୍ତି। ଗତ ୬ ତାରିଖରେ ମୁଖ୍ୟମନ୍ତ୍ରୀ ପୁରୀରେ ସମୀକ୍ଷା ବୈଠକ କରିବା ପରେ ଆଜି ଆଉଥରେ ଲୋକସେବା ଭବନରେ ବିସ୍ତୃତ ସମୀକ୍ଷା କରିଛନ୍ତି

ଏହି ବୈଠକରେ ନୀତିକାନ୍ତିରେ ସମୟାନୁବର୍ତ୍ତିତା, ରଥ ଓ ଯାତ୍ରୀଙ୍କ ସୁରକ୍ଷା, ଭିଡ ନିୟନ୍ତ୍ରଣ ଏବଂ ଅଗ୍ନିଶମ ସେବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରି କହିଥିଲେ ଯେ, ଦକ୍ଷ ଓ ଅଭିଜ୍ଞ ଅଧିକାରୀଙ୍କ ପରିଚାଳନାରେ ରଥଯାତ୍ରା ଶୃଙ୍ଖଳିତ ଓ ସୁବ୍ୟବସ୍ଥିତ ହୋଇପାରିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କୌଣସି ପରିସ୍ଥିତିରେ ଯେପରି କମ୍ୟୁନିକେସନ ଗ୍ୟାପ ନରୁହେ, ସେଥିପ୍ରତି ଧ୍ୟାନ ଦେବା ପାଇଁ ସବୁ ବରିଷ୍ଠ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀ କର୍ଡନ ପରିଚାଳନା, ମହିଳାମାନଙ୍କ ସୁରକ୍ଷା, ସନ୍ଦିଗ୍ଧ ଓ ନିଶା ସେବନକାରୀଙ୍କ ଉପରେ ▶ପୃଷ୍ଠା-୭

## ବିଶ୍ୱର ପ୍ରଥମ ଜନଜାତି ବହୁଳ ଜନସଂଖ୍ୟାଭିତ୍ତିକ କର୍କଟ ରୋଗ ପଞ୍ଜୀକରଣ ରିପୋର୍ଟ ପ୍ରକାଶ

# ବର୍ଷକରେ ମୟୂରଭଞ୍ଜରେ ୧୧୭୦ କର୍କଟ ରୋଗୀ ଚିହ୍ନଟ

### ଖୋର୍ଦ୍ଧା ପରେ ରାଜ୍ୟରେ ମୟୂରଭଞ୍ଜ ଦ୍ୱିତୀୟ ପଞ୍ଜିକୃତ ଜିଲ୍ଲା

### ମୁଖ୍ୟ କାରଣ ସାଜିଛି ତମାଖୁ ସେବନ

### ପୁରୁଷଙ୍କ ଠାରେ ମୁଖ ଓ ମହିଳାଙ୍କଠାରେ ସ୍ତନ କର୍କଟ ସବୁଠାରୁ ଅଧିକ



■ ବାରିପଦା, ୧୦।୭ (ସମିସ): ମୟୂରଭଞ୍ଜ ଜିଲ୍ଲାରେ କର୍କଟ ରୋଗର ପ୍ରତିରୋଧ, ଚିହ୍ନଟ ଓ ନିରାକରଣ ଦିଗରେ ଏକ ଐତିହାସିକ ପଦକ୍ଷେପ ଗ୍ରହଣ କରାଯାଇଛି। ବାରିପଦା ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ (ପିଆରଏମ) ମେଡିକାଲ କଲେଜ ଓ ହସ୍ପିଟାଲଠାରେ ପ୍ରଥମ ବର୍ଷର "ଜନସଂଖ୍ୟା ଭିତ୍ତିକ କର୍କଟ ରୋଗ ପଞ୍ଜୀକରଣ' ରିପୋର୍ଟ ଆନୁଷ୍ଠାନିକ ଭାବେ ପ୍ରକାଶ ପାଇଛି। ମୁମ୍ବାଇ ସ୍ଥିତ ଟାଟା ମେମୋରିଆଲ ସେଣ୍ଟର, ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଜଟଣୀ ସ୍ଥିତ ନାଇଜରର ମିଳିତ ସହଯୋଗରେ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସମଗ୍ର ବିଶ୍ୱରେ ଏହା ପ୍ରଥମ ଜନଜାତି ବହୁଳ ଜନସଂଖ୍ୟା ଭିତ୍ତିକ କର୍କଟ ରୋଗ ପଞ୍ଜିକରଣ ବୋଲି ଜୋନାଲ କୋର୍ଡିନେଟର ଡା ଆଶୁତୋଷ ପ୍ରଧାନ ସୂଚନା ଦେଇଛନ୍ତି।" ବର୍ଷକରେ ୧୧୭୦ ନୂଆ ଆକ୍ରାନ୍ତ"ଜିଲ୍ଲାର ସମସ୍ତ ୨୬ଟି ବ୍ଲକ, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ କଟକ-ଭୁବନେଶ୍ୱରର ପ୍ରମୁଖ ହସ୍ପିଟାଲଗୁଡ଼ିକରୁ ସଂଗୃହିତ ତଥ୍ୟ ଅନୁଯାୟୀ, ଗତ ବର୍ଷକ ମଧ୍ୟରେ ମୟୂରଭଞ୍ଜରେ ମୋଟ ୧,୧୭୦ ଜଣ ନୂଆ କର୍କଟ ରୋଗୀ ଚିହ୍ନଟ ହୋଇଛନ୍ତି। ମୁମ୍ବାଇ ଟାଟା ହସ୍ପିଟାଲର ବରିଷ୍ଠ ବିଶେଷଜ୍ଞ ଡା ଅତୁଲ ବୁଡୁକଙ୍କ ସୂଚନା ଅନୁଯାୟୀ, ଜିଲ୍ଲାର ପୁରୁଷମାନଙ୍କ ମଧ୍ୟରେ ତମାଖୁ ସେବନ ଜନିତ ପାଟି ଏବଂ ଜିଭ କର୍କଟ ସବୁଠାରୁ ଅଧିକ ଦେଖାଯାଉଛି। ପୁରୁଷଙ୍କ କ୍ଷେତ୍ରରେ ହେଉଥିବା ମୋଟ କର୍କଟ ମଧ୍ୟରୁ ପ୍ରାୟ ୪୦.୩ଧ (ପ୍ରତି ୫ ଜଣରେ ୨ ଜଣ) କେବଳ ତମାଖୁ ଜନିତ ରୋଗରେ ପୀଡ଼ିତ। ଅପରପକ୍ଷରେ, ମହିଳାମାନଙ୍କ ମଧ୍ୟରେ ସ୍ତନ କର୍କଟ ଏବଂ ଜରାୟୁ ମୁଖ କର୍କଟ ସବୁଠାରୁ ଶୀର୍ଷରେ ରହିଛି। ଆଶ୍ଚର୍ଯ୍ୟଜନକ ଭାବେ, ପ୍ରତି ୨୧ ଜଣ ପୁରୁଷଙ୍କ ମଧ୍ୟରୁ ଜଣେ ଏବଂ ପ୍ରତି ୧୮ ଜଣ ମହିଳାଙ୍କ ▶ପୃଷ୍ଠା-୭


ADMISSION OPEN
NIIS HIGHER SECONDARY SCHOOL
+2 Science
(Including Engineering & Medical Coaching)
+2 Commerce
(Including CA / CS / CMA / MGMT)
NIIS INSTITUTE OF ENGINEERING & TECHNOLOGY
Diploma Engineering
Civil
Electrical
Computer Science
Mechanical
Admission Through SAMS, Odisha
In-Campus Hostel Accomodation Available
Sarada Vihar, Madanpur, Bhubaneswar-752054
(Recognised by Govt. of Odisha & Affiliated to CHSE Odisha, SCTE&VT Odisha)
For more details Contact: 9778899990 / 9778899991
Email: contactus@niisgroup.org | Website: www.niisgroup.org

# ଅଷ୍ଟ୍ରେଲିଆରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସୁରକ୍ଷା ଭେଦ; ପ୍ରତିବାଦକାରୀଙ୍କ ହଙ୍ଗାମା



ମେଲବୋର୍ଣ୍ଣ, ୧୦।୭ (ଏଜେନ୍ସି): ଅଷ୍ଟ୍ରେଲିଆ ଗସ୍ତରେ ଥିବା ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସୁରକ୍ଷାରେ ବଡ଼ ଧରଣର ତ୍ରୁଟି ପରିଲକ୍ଷିତ ହୋଇଛି। ମେଲବୋର୍ଣ୍ଣରେ ପ୍ରଧାନମନ୍ତ୍ରୀ ରହୁଥିବା ହୋଟେଲରେ ଜଣେ ଉଗ୍ର-ଦକ୍ଷିଣପନ୍ଥୀ ତଥା ପ୍ରବାସୀ ବିରୋଧୀ ପ୍ରତିବାଦକାରୀ ପୁଲିସ ବଳୟ ଭେଦ କରି ପଶିଆସିବା ସହ ଅଶାଳୀନ ନାରାବାଜି କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ପ୍ରଧାନମନ୍ତ୍ରୀ ମୋଦୀ ଅଷ୍ଟ୍ରେଲିଆରେ ପହଞ୍ଚିବାର ମାତ୍ର କିଛି ଘଣ୍ଟା ପରେ ଏହି ଘଟଣା ଘଟିଥିଲା। ପ୍ରଧାନମନ୍ତ୍ରୀ ହୋଟେଲ ଲବିରେ ରେଡ୍ କାର୍ପେଟରେ ଯାଉଥିବା ସମୟରେ, ଉପର ମହଲାରୁ ହ୍ୟୁଗୋ ଲେନନ ନାମକ ଜଣେ ବ୍ୟକ୍ତି ମୋଦୀଙ୍କ ବିରୋଧରେ ଅଶାଳୀନ ଭାଷା ପ୍ରୟୋଗ କରିବା ସହ 'ଏହା ଅଷ୍ଟ୍ରେଲିଆ, ଆମକୁ ଆଉ ଭାରତୀୟ ଦରକାର ନାହିଁ' ବୋଲି ଚିତ୍କାର କରିଥିଲେ। ଭିକ୍ଟୋରିଆ ପୁଲିସ ତୁରନ୍ତ ୨୨ ବର୍ଷୀୟ ଏହି ପ୍ରତିବାଦକାରୀଙ୍କୁ କାବୁ କରି ସେଠାରୁ ବାହାର କରିଦେଇଥିଲା।

ତଦନ୍ତରୁ ଜଣାପଡ଼ିଛି ଯେ, ହ୍ୟୁଗୋ ଲେନନ ଜଣେ 'ନିଓ-ନାଜି' (ହିଟଲର ସପକ୍ଷବାଦୀ) ସହଯୋଗୀ ଏବଂ ସେ ପୂର୍ବରୁ ମଧ୍ୟ ଅନେକ ପ୍ରବାସୀ ବିରୋଧୀ ଆନ୍ଦୋଳନ ସହ ଜଡିତ ଥିଲେ। ସାମାଜିକ ଗଣମାଧ୍ୟମରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗସ୍ତ ସମ୍ପର୍କିତ ସୂଚନା ପୂର୍ବରୁ ପ୍ରସାରିତ ହୋଇଥିବାରୁ ସେ ହୋଟେଲରେ ପହଞ୍ଚିବାରେ ସଫଳ ହୋଇଥିବା ସନ୍ଦେହ କରାଯାଉଛି। ଏହାସହ ପରଦିନ ମେଲବୋର୍ଣ୍ଣର ମାର୍ଭେଲ ଷ୍ଟାଡିୟମରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରବାସୀ ଭାରତୀୟ ସମ୍ମିଳନୀ ସମୟରେ ମଧ୍ୟ ଲେନନ ଏବଂ ତାଙ୍କ ସହଯୋଗୀମାନେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ଚେଷ୍ଟା କରିଥିଲେ। ସେମାନେ 'ଭାରତୀୟ ଆକ୍ରମଣ ବନ୍ଦ କର' ଏବଂ 'ମୋଦୀ ଫେରିଯାଅ' ଭଳି ସ୍ଲୋଗାନ ଲେଖାଥିବା ପୋଷ୍ଟର ଧରି ପ୍ରାୟ୨ ଘଣ୍ଟା ଧରି ବିକ୍ଷୋଭ କରିଥିଲେ। ତେବେ ଷ୍ଟାଡିୟମ ଭିତରେ ଥିବା ଭାରତୀୟ ସମର୍ଥକଙ୍କ ଉତ୍ସାହ ଏବଂ ବାଦ୍ୟଯନ୍ତ୍ରର ଉଚ୍ଚ ସ୍ୱରରେ ପ୍ରତିବାଦକାରୀଙ୍କ ସ୍ୱର ଦବି ଯାଇଥିଲା। ଶେଷରେ ସେମାନେ ସେଠାରୁ ଚାଲିଯିବାକୁ ବାଧ୍ୟ ହୋଇଥିଲେ।

ଇସ୍ରାଏଲର ବଡ଼ ନିଷ୍ପତ୍ତି

# ଭାରତରେ ପ୍ରସ୍ତୁତ ହେବ ଆଇରନ୍ ଡୋମ୍ ମିସାଇଲ୍



ନୂଆଦିଲ୍ଲୀ, ୧୦।୭ (ଏଜେନ୍ସି): ଭାରତ ଏବଂ ଇସ୍ରାଏଲର ପ୍ରତିରକ୍ଷା ସମ୍ପର୍କରେ ଏକ ନୂତନ ଅଧ୍ୟାୟ ଯୋଡ଼ିବାକୁ ଯାଉଛି। ଇସ୍ରାଏଲର ପ୍ରତିରକ୍ଷା କମ୍ପାନୀ 'ରାଫେଲ୍ ଆଡଭାନ୍ସଡ୍ ପ୍ରତିରକ୍ଷା ପ୍ରଣାଳୀ' ତା'ର ସବୁଠାରୁ ଆଧୁନିକ ଏୟାର ଡିଫେନ୍ସ ସିଷ୍ଟମ 'ଆଇରନ୍ ଡୋମ୍' ପାଇଁ ବ୍ୟବହୃତ ହେଉଥିବା 'ତାମିର' ଇଣ୍ଟରସେପ୍ଟର ମିସାଇଲ୍‌ଗୁଡ଼ିକୁ ଭାରତରେ ମିଳିତ ଭାବେ ନିର୍ମାଣ କରିବା ପାଇଁ ଯୋଜନା କରୁଛି। ଏଥିପାଇଁ କମ୍ପାନୀ କେତେକ ପ୍ରମୁଖ ଭାରତୀୟ ପ୍ରତିରକ୍ଷା ସଂସ୍ଥା ସହିତ ଆଲୋଚନା ଚଳାଇଛି। ବିଶ୍ୱବ୍ୟାପୀ ଚାଲିଥିବା ବିଭିନ୍ନ ଯୁଦ୍ଧ ଓ ସଂଘର୍ଷ କାରଣରୁ ଆକାଶମାର୍ଗୀୟ ପ୍ରତିରକ୍ଷା ପ୍ରଣାଳୀର ଚାହିଦା ବହୁତ ବଢ଼ିଯାଇଛି। ଭାରତରେ ଏହାର ଉତ୍ପାଦନ ଲାଇନ୍ ପ୍ରତିଷ୍ଠା ହେବା ଦ୍ୱାରା ରାଫେଲ୍ କମ୍ପାନୀର ଉତ୍ପାଦନ ଖର୍ଚ୍ଚ ହ୍ରାସ ପାଇବ ଏବଂ ଅନ୍ୟ ଦେଶକୁ ମିସାଇଲ୍ ରପ୍ତାନି କରିବା ସହଜ ହେବ। ଏହାସହ ଜରୁରୀକାଳୀନ ପରିସ୍ଥିତିରେ ଇସ୍ରାଏଲ୍‌କୁ ମଧ୍ୟ ଅତିରିକ୍ତ ମିସାଇଲ୍ ସହାୟତା ମିଳିପାରିବ। ଏହି ଚୁକ୍ତି ସଫଳ ହେଲେ ଭାରତ ସରକାରଙ୍କ 'ମେକ୍ ଇନ୍ ଇଣ୍ଡିଆ' ଅଭିଯାନ ଆହୁରି ମଜବୁତ ହେବ ଏବଂ ବିଶ୍ୱ ପ୍ରତିରକ୍ଷା ବଜାରରେ ଭାରତର ସୁନାମ ବୃଦ୍ଧି ପାଇବ। ଇସ୍ରାଏଲ୍ ଏବଂ ଭାରତର ଏହି ନୂତନ ସାମରିକ ସହଭାଗିତା ଦ୍ୱାରା କେବଳ କୌଶଳଗତ ସମ୍ପର୍କ ସୁଦୃଢ଼ ହେବ ନାହିଁ, ବରଂ ଏହା ଭାରତକୁ ବିଶ୍ୱର ଏକ ପ୍ରମୁଖ ପ୍ରତିରକ୍ଷା ଉତ୍ପାଦନ କେନ୍ଦ୍ର ଭାବେ ପ୍ରତିଷ୍ଠିତ କରିବାରେ ବଡ଼ ସହାୟକ ହେବ।

## ଚେକ୍ ବାଉନ୍ସ ମାମଲାରେ ରାଜପାଲଙ୍କୁ ଜେଲ୍

ନୂଆଦିଲ୍ଲୀ, ୧୦।୭ (ଏଜେନ୍ସି): ବଲିଉଡର ଜଣାଶୁଣା ଅଭିନେତା ରାଜପାଲ ଯାଦବଙ୍କ ଅଡୁଆ ପୁଣି ବଢ଼ିଛି। ଏକାଧିକ ଚେକ୍ ବାଉନ୍ସ ମାମଲାରେ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ନିମ୍ନ ଅଦାଲତ ଦେଇଥିବା ଦଣ୍ଡାଦେଶକୁ ଶୁକ୍ରବାର ଦିଲ୍ଲୀ ହାଇକୋର୍ଟ କାଏମ ରଖିଛନ୍ତି। ଏହି ନିଷ୍ପତ୍ତି ପରେ ରାଜପାଲ ଜେଲ୍ ଯିବା ସ୍ପଷ୍ଟ ହୋଇଛି। ବିଚାରପତି ସ୍ୱର୍ଣ୍ଣକାନ୍ତ ଶର୍ମା ରାଜପାଲ ଯାଦବଙ୍କ ଦ୍ୱାରା ଦାୟର ହୋଇଥିବା ପୁନର୍ବିଚାର ପିଟିସନକୁ ଖାରଜ କରିଦେଇଛନ୍ତି। ଅଭିନେତାଙ୍କ ଆଚରଣକୁ ଦୃଷ୍ଟିରେ ରଖି ତାଙ୍କୁ କୌଣସି ପ୍ରକାରର ପରୀକ୍ଷାମୂଳକ ମୁକ୍ତି ପ୍ରଦାନ କରାଯାଇପାରିବ ନାହିଁ ବୋଲି କୋର୍ଟ କହିଛନ୍ତି। ନେଗୋସିଏବଲ୍ ଇନଷ୍ଟ୍ରୁମେଣ୍ଟ ଆଇନ ଅନୁଯାୟୀ, ରାଜପାଲଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ତାଙ୍କ ବିରୋଧରେ ମୋଟ ୭ଟି ଚେକ୍ ବାଉନ୍ସ ମାମଲାରେ ୩ ମାସ ଲେଖାଏଁ ଜେଲ୍ ଦଣ୍ଡ ଶୁଣାଯାଇଛି। ଜରିମାନା ଅନାଦେୟ ହେଲେ ରାଜପାଲଙ୍କୁ ଅତିରିକ୍ତ ୬ ମାସ ଜେଲ୍ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ରାୟ ଦେଇଛନ୍ତି। ସୂଚନା ଅନୁଯାୟୀ, ରାଜପାଲ ପୂର୍ବରୁ କୋର୍ଟରେ ୨.୨୫ କୋଟି ଟଙ୍କା ଜମା କରିସାରିଛନ୍ତି। ହାଇକୋର୍ଟ ରାଜପାଲଙ୍କୁ ଏହି ନିର୍ଦ୍ଦେଶ ବିରୋଧରେ ଆବେଦନ କରିବା ପାଇଁ ୨ ମାସର ସମୟ ପ୍ରଦାନ କରିଛନ୍ତି।

## ଦେଢ଼ ବର୍ଷର ଭଣଜାକୁ ହତ୍ୟା: ଅଭିଯୁକ୍ତକୁ ମୃତ୍ୟୁଦଣ୍ଡ

ଫିରୋଜାବାଦ, ୧୦।୭ (ଏଜେନ୍ସି): ଉତ୍ତର ପ୍ରଦେଶର ଫିରୋଜାବାଦ ଜିଲ୍ଲା ଅଦାଲତ ଜଣେ ବ୍ୟକ୍ତିଙ୍କୁ ନିଜର ଦେଢ଼ ବର୍ଷର ଭଣଜାକୁ ଅତି ନିର୍ମମ ଭାବେ ହତ୍ୟା କରିବା ଅପରାଧରେ ମୃତ୍ୟୁଦଣ୍ଡ ଶୁଣାଇଛନ୍ତି। ଅଭିଯୁକ୍ତ ଜିତେନ୍ଦ୍ର ପାଠକ ଓରଫ୍ ବିରାଜ ନିଜ ଭାଉଜଙ୍କୁ ବିବାହ କରିବାକୁ ଚାହୁଁଥିଲେ। ମାତ୍ର ଭାଉଜ ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିବାରୁ ସେ କ୍ରୋଧିତ ହୋଇ ଶିଶୁପୁତ୍ର ଆରଭକୁ ତଳେ କାଟି ହତ୍ୟା କରିଥିଲେ। ସରକାରୀ ଓକିଲଙ୍କ ସୂଚନା ଅନୁଯାୟୀ, ଗତ ମେ ୩୦ରେ ଏହି ଜଘନ୍ୟ କାଣ୍ଡ ଘଟିଥିଲା। ବିରାଜ ନିଜ ଭ୍ରାତୃବଧୂଙ୍କୁ ବିବାହ କରିବା ପଥରେ ଏହି ଶିଶୁଟିକୁ ବାଧକ ମଣି ସ୍ପଷ୍ଟ ଦିବାଲୋକରେ ତାକୁ ମାରିଦେଇଥିଲେ। ପୁଲିସ ମାତ୍ର ୬ ଦିନ ମଧ୍ୟରେ କୋର୍ଟରେ ଚାର୍ଜସିଟ୍ ଦାଖଲ କରିବା ସହ ୧୩ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରିଥିଲା। ଜିଲ୍ଲା ଓ ରୋ ଜଜ୍ ମାମଲାର ଗୁରୁତ୍ୱକୁ ଦେଖି ଏହି ଐତିହାସିକ ରାୟ ପ୍ରକାଶ କରିଛନ୍ତି। ପୁଲିସର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଏବଂ ନ୍ୟାୟାଳୟଙ୍କ ଦ୍ରୁତ ବିଚାର ପ୍ରକ୍ରିୟା ଯୋଗୁଁ ଅତି କମ୍ ସମୟ ମଧ୍ୟରେ ଏହି ନିଷ୍ଠୁର ଅପରାଧୀକୁ ଫାଶୀ ଦଣ୍ଡାଦେଶ ମିଳିପାରିଛି।

## ସରକାରୀ ରେକର୍ଡରୁ ହଟିବ 'ଦଳିତ' ଶବ୍ଦ

ଜୟପୁର, ୧୦।୭ (ଏଜେନ୍ସି): ରାଜସ୍ଥାନ ପୁଲିସ ନିଜର ସମସ୍ତ ସରକାରୀ ସଞ୍ଚାର ଏବଂ କାର୍ଯ୍ୟାଳୟ ରେକର୍ଡରେ 'ଦଳିତ' ଶବ୍ଦର ବ୍ୟବହାର ଉପରେ ରୋକ୍ ଲଗାଇଛି। ଏଣିକି ଏହି ଶବ୍ଦ ବଦଳରେ ସାମ୍ବିଧାନିକ ଭାବେ ସ୍ୱୀକୃତିପ୍ରାପ୍ତ ଶବ୍ଦ 'ତଫସିଲଭୁକ୍ତ ଜାତି' କିମ୍ବା 'ଅନୁସୂଚିତ ଜାତି' ବ୍ୟବହାର କରିବାକୁ ସମସ୍ତ ପୁଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନୂତନ ନିର୍ଦ୍ଦେଶନାମା ଅନୁଯାୟୀ, ପୁଲିସ ବିଭାଗର ପ୍ରାଥମିକ ଏତଲା, ଚାର୍ଜସିଟ୍, ଗିରଫ ସ୍ମାରକପତ୍ର ଏବଂ ଅନ୍ୟାନ୍ୟ ସରକାରୀ କାଗଜପତ୍ରରେ 'ଦଳିତ' ଶବ୍ଦ ଲେଖାଯାଇପାରିବ ନାହିଁ କିମ୍ବା କୁହାଯାଇପାରିବ ନାହିଁ। କୋର୍ଟଙ୍କ ପୂର୍ବ ନିର୍ଦ୍ଦେଶ ଏବଂ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ମିଳିଥିବା ଅଭିଯୋଗ ଆଧାରରେ ଏହି କଡ଼ା ନିୟମ ଲାଗୁ କରାଯାଇଛି। 'ଦଳିତ' ଶବ୍ଦଟି ଏକ ସାମାଜିକ-ରାଜନୈତିକ ପରିଚୟ ଭାବେ ବ୍ୟବହାର ହେଉଥିବାବେଳେ, ଆଇନଗତ ଓ ସରକାରୀ ସ୍ତରରେ କେବଳ 'ତଫସିଲଭୁକ୍ତ ଜାତି' ଶବ୍ଦର ବୈଧତା ରହିଥିବାରୁ ଏହି ପଦକ୍ଷେପ ନିଆଯାଇଛି।

## ସ୍ପେନ ଅଗ୍ନିକାଣ୍ଡରେ ୧୧ ମୃତ

ମାଦ୍ରିଦ, ୧୦।୭ (ଏଜେନ୍ସି): ଦକ୍ଷିଣ ସ୍ପେନର ଆଲମେରିଆରେ ଏକ ଭୟାଭୟ ଅଗ୍ନିକାଣ୍ଡରେ ୧୧ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୬ ଜଣ ଗୁରୁତର ହୋଇଛନ୍ତି। ପଶ୍ଚିମ ୟୁରୋପରେ ଜାରି ରହିଥିବା ପ୍ରବଳ ଗ୍ରୀଷ୍ମ ପ୍ରବାହ ମଧ୍ୟରେ ଏହି ଦୁର୍ଘଟଣା ସ୍ପେନର ସବୁଠାରୁ ମାରାତ୍ମକ ଅଗ୍ନିକାଣ୍ଡ ମଧ୍ୟରୁ ଏକ ବୋଲି କୁହାଯାଉଛି। ସୂଚନା ଅନୁଯାୟୀ, ଆଲମେରିଆର ସିଏରା ଡି ଲୋସ ଫିଲାବ୍ରେସ୍ ପର୍ବତମାଳା ନିକଟବର୍ତ୍ତୀ ଏକ ଛୋଟ ଗ୍ରାମରେ ଏହି ଅଗ୍ନିକାଣ୍ଡ ଘଟିଥିଲା। ସ୍ଥାନୀୟ ଗଣମାଧ୍ୟମର ରିପୋର୍ଟ ଅନୁସାରେ, ଅନେକ ମୃତଦେହ ସମ୍ପୂର୍ଣ୍ଣ ରୂପେ ପୋଡ଼ିଯାଇଥିବା ଗାଡ଼ି ଭିତରୁ ଉଦ୍ଧାର କରାଯାଇଛି। ଅଗ୍ନିକାଣ୍ଡ ଯୋଗୁଁ ସୁରକ୍ଷା ଦୃଷ୍ଟିରୁ ପ୍ରାୟ ୧୦୦୦ ବାସିନ୍ଦାଙ୍କୁ ସ୍ଥାନାନ୍ତର କରାଯାଇଛି ଏବଂ ଅନେକ ମୁଖ୍ୟ ରାସ୍ତାକୁ ବନ୍ଦ କରିଦିଆଯାଇଛି।

# ୨୦୨୯ ସୁଦ୍ଧା ଦେଶରେ 'ଏକ ଦେଶ, ଏକ ନିର୍ବାଚନ' ସମ୍ଭବ: ସଂସଦୀୟ କମିଟି ଅଧ୍ୟକ୍ଷ



ପାଣାଜୀ, ୧୦।୭ (ଏଜେନ୍ସି): ସାରା ଦେଶରେ 'ଏକ ଦେଶ, ଏକ ନିର୍ବାଚନ' ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ସରକାରୀ ସ୍ତରରେ ପ୍ରକ୍ରିୟା ଜୋରଦାର ହୋଇଛି। ଆସନ୍ତା ୨୦୨୯ ସାଧାରଣ ନିର୍ବାଚନ ସୁଦ୍ଧା ଏହି ବଡ଼ ସଂସ୍କାର ସମ୍ପୂର୍ଣ୍ଣ ରୂପେ ଲାଗୁ କରାଯାଇପାରେ ବୋଲି ଏହି ମାମଲାର ସମୀକ୍ଷା କରୁଥିବା ସଂସଦୀୟ ମିଳିତ କମିଟିର ଅଧ୍ୟକ୍ଷ ପିପି ଚୌଧୁରୀ ଶୁକ୍ରବାର ଦିନ ସୂଚନା ଦେଇଛନ୍ତି। ଗୋଆଠାରେ ଆୟୋଜିତ ଏକ ବୈଠକ ଅବସରରେ ସେ କହିଛନ୍ତି ଯେ, ଏପର୍ଯ୍ୟନ୍ତ କରାଯାଇଥିବା ଆଲୋଚନାରେ ପ୍ରାୟ ୯୯ ପ୍ରତିଶତ ନାଗରିକ ସମାଜ ଏହି ପ୍ରସ୍ତାବକୁ ସମର୍ଥନ କରିଛନ୍ତି। କମିଟି ବର୍ତ୍ତମାନ ସମ୍ବିଧାନ ସଂଶୋଧନ ବିଲ୍-୨୦୨୪ ଉପରେ ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ଏବଂ ତାଙ୍କ ମନ୍ତ୍ରୀମଣ୍ଡଳ ସହ ବିସ୍ତୃତ ଆଲୋଚନା କରିଛି। ଏହା ପୂର୍ବରୁ କମିଟି ଗୁଜରାଟ, କର୍ଣ୍ଣାଟକ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ପଞ୍ଜାବ, ହରିଆଣା ଏବଂ ଦିଲ୍ଲୀ ଭଳି ଅନେକ ରାଜ୍ୟ ଗସ୍ତ କରି ସାମ୍ବିଧାନିକ ବିଶେଷଜ୍ଞ ଏବଂ ବିଭିନ୍ନ ସଂଗଠନର ମତାମତ ସଂଗ୍ରହ କରିସାରିଛି। ସମସ୍ତ ରାଜନୈତିକ ଦଳ ମଧ୍ୟରେ ଏକ ସର୍ବସମ୍ମତ ବ୍ୟବସ୍ଥା ପ୍ରସ୍ତୁତ କରିବା ପାଇଁ ଏବେ ପ୍ରୟାସ ଚାଲିଛି। ଯଦି କୌଣସି ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ ଦଳଗୁଡ଼ିକ ସ୍ୱେଚ୍ଛାକୃତ ଭାବେ ରାଜି ହୁଅନ୍ତି, ତେବେ ୨୦୨୯ ପୂର୍ବରୁ ମଧ୍ୟ କିଛି ରାଜ୍ୟର ନିର୍ବାଚନ ସମୟକୁ ଏକାଠି କରାଯାଇପାରେ। ଏହି ସଂସ୍କାର ପଛରେ ଥିବା ଆର୍ଥିକ କାରଣ ଦର୍ଶାଇ ଚୌଧୁରୀ କହିଛନ୍ତି ଯେ, ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ନେତୃତ୍ୱରେ ଗଠିତ ଉଚ୍ଚସ୍ତରୀୟ କମିଟି ସମ୍ମୁଖରେ ଉପସ୍ଥାପିତ ଏକ ଅଧ୍ୟୟନ ଅନୁଯାୟୀ, ଦେଶରେ ବାରମ୍ବାର ଏବଂ ପୃଥକ ନିର୍ବାଚନ ଯୋଗୁଁ ପ୍ରାୟ ୭ ଲକ୍ଷ କୋଟି ଟଙ୍କାର ଆର୍ଥିକ କ୍ଷତି ହେଉଛି। ଏକ ସମୟରେ ନିର୍ବାଚନ ହେଲେ ଏହି ବିପୁଳ ଅର୍ଥରାଶି ବଞ୍ଚିବା ସହ ଦେଶର ଅର୍ଥନୀତି ଉପକୃତ ହେବ। ବାରମ୍ବାର ନିର୍ବାଚନ ଯୋଗୁଁ କେବଳ ପ୍ରଶାସନିକ ବ୍ୟବସ୍ଥା ବାଧାପ୍ରାପ୍ତ ହୁଏ ନାହିଁ, ବରଂ ଶିକ୍ଷକମାନଙ୍କୁ ନିର୍ବାଚନ ଦାୟିତ୍ୱରେ ନିୟୋଜିତ କରାଯାଉଥିବାରୁ ସରକାରୀ ବିଦ୍ୟାଳୟରେ ପଢୁଥିବା ଗରିବ ପିଲାଙ୍କ ଶିକ୍ଷାଦାନ ମଧ୍ୟ ବ୍ୟାହତ ହେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପରିକଳ୍ପିତ ଏହି ବୃହତ ନିର୍ବାଚନ ସଂସ୍କାର ଆଗାମୀ ଦିନରେ ଦେଶକୁ ୨୦୪୭ ସୁଦ୍ଧା ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାରେ ସହାୟକ ହେବ। ଏହି ବ୍ୟବସ୍ଥାକୁ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗରେ ଏକ ବ୍ୟବହାରିକ ତଥା ଗ୍ରହଣୀୟ ରୂପରେଖ ପ୍ରସ୍ତୁତ କରାଯାଉଛି ବୋଲି ସଂସଦୀୟ କମିଟି ଅଧ୍ୟକ୍ଷ ପ୍ରକାଶ କରିଛନ୍ତି।

ଅଯୋଧ୍ୟା ରାମ ମନ୍ଦିର ଦାନ ଦୁର୍ନୀତି ମାମଲା

# ଜୁଲାଇ ୧୩ରେ ସୁପ୍ରିମକୋର୍ଟରେ ଶୁଣାଣି

ନୂଆଦିଲ୍ଲୀ, ୧୦।୭ (ଏଜେନ୍ସି): ଅଯୋଧ୍ୟା ରାମ ମନ୍ଦିର ପାଇଁ ସଂଗୃହିତ ଦାନ ଚୋରି ଅଭିଯୋଗର ଏକ ନିରପେକ୍ଷ ତଥା ସମୟପୋଯୁକ୍ତ ତଦନ୍ତ ଦାବିରେ ଦାୟର ହୋଇଥିବା ଏକାଧିକ ଆବେଦନର ଶୁଣାଣି ଆସନ୍ତା ଜୁଲାଇ ୧୩ରେ ସୁପ୍ରିମକୋର୍ଟରେ ଅନୁଷ୍ଠିତ ହେବ। ସୂଚନା ଅନୁଯାୟୀ, ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚି ଏବଂ ଜଷ୍ଟିସ ଭି. ମୋହନାଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିବେ। ଏହି ପ୍ରସଙ୍ଗରେ ମୋଟ ୩ଟି ପ୍ରମୁଖ ଆବେଦନ ଦାଖଲ କରାଯାଇଛି। ପ୍ରଥମତଃ ଆବେଦନକାରୀ ନରେନ୍ଦ୍ର କୁମାର ଗୋସ୍ୱାମୀ ଏହି ଘଟଣାର ସିବିଆଇ ତଦନ୍ତ ସହ ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ଆର୍ଥିକ କାରବାରର ସିଏଜି ଅଡିଟ୍ ପାଇଁ ଦାବି କରିଛନ୍ତି। ଦ୍ୱିତୀୟରେ ଆରଜେଡି ସାଂସଦ ସୁଧାକର ସିଂ ସୁପ୍ରିମକୋର୍ଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସିବିଆଇ ତଦନ୍ତ ଏବଂ ଟ୍ରଷ୍ଟର ସମସ୍ତ ଆର୍ଥିକ କାରବାରର ଫୋରେନ୍ସିକ ଅଡିଟ୍ ପାଇଁ ଆବେଦନ କରିଛନ୍ତି। ତୃତୀୟରେ ଅଜୟ କୁମାର ରାୟ ଏବଂ ଦିନେଶ କୁମାର ଯାଦବ ନାମକ ଦୁଇଜଣ ଆଇନଜୀବୀ ସିବିଆଇ ନେତୃତ୍ୱରେ ଏକ ବହୁମୁଖୀ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରି ଅନିୟମିତତାର ତଦନ୍ତ କରିବାକୁ ଅନୁରୋଧ କରିଛନ୍ତି।

ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟରେ ଅର୍ଥ ଆତ୍ମସାତ ହୋଇଥିବା ଅଭିଯୋଗ ହେବା ପରେ, ଗତ ଜୁନ୍ ୧୩ରେ ଉତ୍ତରପ୍ରଦେଶ ସରକାର ଏକ ଏସଆଇଟି ଗଠନ କରିଥିଲେ। ଏହି ଦଳରେ ଲକ୍ଷ୍ନୌ ବିଭାଗୀୟ କମିଶନର ବିଜୟ ବିଶ୍ୱାସ ପନ୍ଥ, ଆଇଜି କିରଣ ଏସ୍. ଏବଂ ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ନୀଳ ରତନ ସାମିଲ ଅଛନ୍ତି। ତେବେ ଆବେଦନକାରୀଙ୍କ ଯୁକ୍ତି ଅନୁଯାୟୀ, ଏହି ଘଟଣା ସହିତ କୋଟି କୋଟି ଶ୍ରଦ୍ଧାଳୁଙ୍କ ଆସ୍ଥା ଜଡ଼ିତ ଥିବାରୁ ଏକ ପେସାଦାର ଏବଂ ସ୍ୱତନ୍ତ୍ର ସଂସ୍ଥା ଦ୍ୱାରା ଏହାର ନିରପେକ୍ଷ ତଦନ୍ତ ହେବା ଆବଶ୍ୟକ। ମନ୍ଦିରକୁ ମିଳିଥିବା ଦାନ ଚୋରି ମାମଲାରେ ପୂର୍ବରୁ ୮ ଜଣଙ୍କୁ ଗିରଫ କରାଯାଇ ଜୁନ୍ ୨୯ରେ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିଲା। ଏହାପରେ ଗତ ଜୁଲାଇ ୭ରେ ଅଯୋଧ୍ୟା ଅଦାଲତ ଅନୁକଳ୍ପ ମିଶ୍ର, ଲବକୁଶ ମିଶ୍ର ଏବଂ କରୁଣେଶ ପାଣ୍ଡେଙ୍କ ସମେତ ତିନିଜଣ ଅଭିଯୁକ୍ତଙ୍କୁ ଦିନିକିଆ ପୁଲିସ ରିମାଣ୍ଡରେ ପଠାଇଛନ୍ତି।

## ଶିଶୁ ଯୌନ ନିର୍ଯାତନା ଖବର ଲୁଚାଇବା ଅପରାଧ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୦।୭ (ଏଜେନ୍ସି): ଶିଶୁ ଯୌନ ନିର୍ଯାତନା ମାମଲାକୁ ନେଇ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। କୋର୍ଟ କହିଛନ୍ତି ଯେ କୌଣସି ଶିଶୁଠାରୁ ଯୌନ ନିର୍ଯାତନା ସମ୍ପର୍କିତ ସିଧାସଳଖ ଅଭିଯୋଗ ପାଇବା ପରେ କୌଣସି ବ୍ୟକ୍ତି ନିଜ ସ୍ତରରେ ବେସରକାରୀ ତଦନ୍ତ କରି ପୁଲିସକୁ ସୂଚନା ନଦେଇ ରହିପାରିବେ ନାହିଁ। ଏହା ସହିତ ସୁପ୍ରିମକୋର୍ଟ ଆସାମର ଗୁଆହାଟୀସ୍ଥିତ ଏକ ସ୍କୁଲର ପ୍ରଧାନଶିକ୍ଷୟିତ୍ରୀଙ୍କ ବିରୋଧରେ ଅପରାଧିକ ମାମଲା ଚଳାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଚାରପତି ମନୋଜ ମିଶ୍ର ଏବଂ ବିଚାରପତି କେଭି ବିଶ୍ୱନାଥନଙ୍କ ଖଣ୍ଡପୀଠ ଏହି ମାମଲାରେ ନିମ୍ନ ଅଦାଲତ ଏବଂ ଗୁଆହାଟୀ ହରାଇକୋର୍ଟଙ୍କ ପୂର୍ବ ଆଦେଶକୁ ରଦ୍ଦ କରିଦେଇଛନ୍ତି, ଯେଉଁଥିରେ ପ୍ରଧାନଶିକ୍ଷୟିତ୍ରୀଙ୍କୁ ଦୋଷମୁକ୍ତ କରାଯାଇଥିଲା। ପକ୍ସୋ ଆଇନର ଅନୁଯାୟୀ, ଯଦି କୌଣସି ବ୍ୟକ୍ତିଙ୍କ ପାଖରେ ପୀଡ଼ିତ ଶିଶୁଠାରୁ ମିଳିଥିବା ସିଧାସଳଖ ଓ ବିଶ୍ୱାସଯୋଗ୍ୟ ସୂଚନା ଥାଏ, ତେବେ ତାହାକୁ ଅପରାଧର ଜ୍ଞାନ ବୋଲି ଧରାଯିବ ଏବଂ ଏଥିପାଇଁ ପୁଲିସକୁ ଜଣାଇବା ବାଧ୍ୟତାମୂଳକ ଅଟେ। ଏହି ଘଟଣାଟି ଜଣେ ୮ ବର୍ଷର ଛାତ୍ରୀଙ୍କ ସହ ଜଣେ ବରିଷ୍ଠ ଛାତ୍ରଙ୍କ ଦ୍ୱାରା ହୋଇଥିବା ଯୌନ ନିର୍ଯାତନା ସହିତ ଜଡ଼ିତ। ପୀଡ଼ିତା ଏ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଜଣାଇଥିଲେ ମଧ୍ୟ ସେ ପୁଲିସକୁ ନଜଣାଇ ନିଜେ ତଦନ୍ତ କରିଥିଲେ ଏବଂ 'କିଛି ଘଟିନାହିଁ' ବୋଲି କହି ମାମଲାକୁ ଚାପିଦେବାକୁ ଚେଷ୍ଟା କରିଥିଲେ। ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ ପକ୍ସୋ ଆଇନରେ ନିଜ ସ୍ତରରେ ସତ୍ୟାସତ୍ୟ ଜାଣିବା ପାଇଁ କୌଣସି ବ୍ୟବସ୍ଥା ନାହିଁ। ଏଭଳି ବେସରକାରୀ ତଦନ୍ତ ଦ୍ୱାରା ପ୍ରମାଣ ନଷ୍ଟ ହେବାର ଆଶଙ୍କା ଥାଏ, ଯାହା ଆଇନର ମୂଳ ଉଦ୍ଦେଶ୍ୟକୁ ବ୍ୟାହତ କରେ। ସୁପ୍ରିମକୋର୍ଟ କେବଳ ସମ୍ପୃକ୍ତ ପ୍ରଧାନଶିକ୍ଷୟିତ୍ରୀଙ୍କ ବିରୋଧରେ ମାମଲାକୁ କାୟମ ରଖିଛନ୍ତି, କାରଣ ସେ ପୀଡ଼ିତାଙ୍କଠାରୁ ସିଧାସଳଖ ଅଭିଯୋଗ ପାଇଥିଲେ।

ଶୀର୍ଷ ନେତୃତ୍ୱରେ ଶୂନ୍ୟତା

## ଇରାନର ସର୍ବୋଚ୍ଚ ନେତାଙ୍କ ଅନୁପସ୍ଥିତିକୁ ନେଇ ଚର୍ଚ୍ଚା

ତେହରାନ, ୧୦।୭ (ଏଜେନ୍ସି): ଇରାନର ଶୀର୍ଷ ଶାସନ ବ୍ୟବସ୍ଥାରେ ଏକ ବଡ଼ ଧରଣର ଶୂନ୍ୟତା ପ୍ରକାଶ ପାଇଛି। ଦେଶର ସର୍ବୋଚ୍ଚ ନେତା ଆୟାତୁଲ୍ଲା ଅଲ୍ଲୀ ଖାମେନେଇ ଦୀର୍ଘ ସମୟ ଧରି ଅନୁପସ୍ଥିତ ରହିବା ଯୋଗୁଁ ଶାସନ ଗଦିରେ ସଙ୍କଟ ଦେଖାଦେଇଥିବା ନେଇ ଚର୍ଚ୍ଚା ଜୋର ଧରିଛି। ଏହି ଆଭ୍ୟନ୍ତରୀଣ ଅଶାନ୍ତି ଚଳିତ ସପ୍ତାହରେ ସାର୍ବଜନୀନ ଭାବେ ସାମ୍ନାକୁ ଆସିଛି। ମିଳିଥିବା ସୂଚନା ଅନୁଯାୟୀ, ସର୍ବୋଚ୍ଚ ନେତାଙ୍କ ଅନୁପସ୍ଥିତିରେ ଆୟୋଜିତ ଏକ କାର୍ଯ୍ୟକ୍ରମ ସମୟରେ ଇରାନର ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ ଏବଂ ବୈଦେଶିକ ମନ୍ତ୍ରୀ ଅବ୍ବାସ ଆରାଗଚିଙ୍କୁ ତୀବ୍ର ବିରୋଧର ସାମ୍ନା କରିବାକୁ ପଡ଼ିଛି। କାର୍ଯ୍ୟକ୍ରମ ଚାଲିଥିବା ବେଳେ ସେମାନଙ୍କୁ ଉପହାସ କରାଯିବା ସହ ହଇରାଣ ହରକତ କରାଯାଇଥିବା ଦେଖିବାକୁ ମିଳିଛି। ସର୍ବୋଚ୍ଚ ନେତାଙ୍କ ଅନୁପସ୍ଥିତି ଏବଂ ଶୀର୍ଷ ନେତାଙ୍କ ପ୍ରତି ଏଭଳି ଦୁର୍ବ୍ୟବହାର ଇରାନ ଶାସନ କଳମଧ୍ୟରେ ଥିବା ବିବାଦ ଓ ବିଶୃଙ୍ଖଳାକୁ ସ୍ପଷ୍ଟ କରୁଛି। ଏହି ପରିସ୍ଥିତି ଆଗାମୀ ଦିନରେ ଇରାନର ରାଜନୀତିକୁ କେଉଁ ମୋଡ଼ ଦେବ, ସେ ନେଇ ଅନ୍ତର୍ଜାତୀୟ ସ୍ତରରେ ନଜର ରଖାଯାଇଛି।

## କେରଳରେ ସର୍ବନିମ୍ନ ସ୍ତରକୁ ଖସିଲା ଜନ୍ମ ହାର

ତିରୁଅନନ୍ତପୁରମ୍, ୧୦।୭ (ଏଜେନ୍ସି): କେରଳର ସାଧାରଣ ଜନ୍ମ ହାର ଇତିହାସରେ ପ୍ରଥମ ଥର ପାଇଁ ଏକକ ଅଙ୍କକୁ ଖସି ଆସିଛି, ଯାହା ରାଜ୍ୟରେ ଏକ ଆସନ୍ନ ଜନସଂଖ୍ୟା ସଙ୍କଟ ଆଡ଼କୁ ସଙ୍କେତ କରୁଛି। ରାଜ୍ୟ ଅର୍ଥନୀତି ଏବଂ ପରିସଂଖ୍ୟାନ ବିଭାଗ ପକ୍ଷରୁ ପ୍ରକାଶିତ ୨୦୨୪ ମସିହାର ସାଂଖ୍ୟିକ ରିପୋର୍ଟରୁ ଏହି ଚିନ୍ତାଜନକ ତଥ୍ୟ ସାମ୍ନାକୁ ଆସିଛି। ରିପୋର୍ଟ ଅନୁଯାୟୀ, ୨୦୨୩ ମସିହାରେ ଜନ୍ମ ହାର ୧୧.୦୬ ଥିବାବେଳେ ୨୦୨୪ରେ ଏହା ୯.୬୪କୁ ହ୍ରାସ ପାଇଛି। ସେହିପରି ପଞ୍ଜୀକୃତ ଜୀବିତ ଜନ୍ମ ସଂଖ୍ୟା ପ୍ରାୟ ୩ ଲକ୍ଷ ୯୩ ହଜାରରୁ ୩ ଲକ୍ଷ ୪୪ ହଜାରକୁ କମିଯାଇଛି। କରୋନା ମହାମାରୀ ପରବର୍ତ୍ତୀ ବର୍ଷ ଅର୍ଥାତ ୨୦୨୨ରେ ଏଥିରେ ସାମାନ୍ୟ ସୁଧାର ଆସିଥିଲେ ମଧ୍ୟ ପରବର୍ତ୍ତୀ ଦୁଇ ବର୍ଷରେ ଏହା ଦ୍ରୁତ ଗତିରେ ହ୍ରାସ ପାଇଛି। ଆଞ୍ଚଳିକ ସ୍ତରରେ ଆଲାପୁଝା ଜିଲ୍ଲାରେ ସବୁଠାରୁ କମ୍ ଜନ୍ମ ହାର ରେକର୍ଡ କରାଯାଇଥିବା ବେଳେ ଉତ୍ତର କେରଳର ମାଲାପୁରମରେ ଏହା ସବୁଠାରୁ ଅଧିକ ରହିଛି।

## ଲରେନ୍ସ ଗ୍ୟାଙ୍ଗ୍ ନାମରେ ଆମେରିକାର ଚାର୍ଜସିଟ୍

ୱାସିଂଟନ, ୧୦।୭ (ଏଜେନ୍ସି): ଭାରତୀୟ ଜେଲ୍‌ରେ ବନ୍ଦୀ ଥିବା କୁଖ୍ୟାତ ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ଏବଂ ତା'ର ସହଯୋଗୀମାନଙ୍କ ବିରୋଧରେ ଆମେରିକା ନ୍ୟାୟ ବିଭାଗ ପକ୍ଷରୁ ଏକ ବଡ଼ ଚାର୍ଜସିଟ୍ ଦାଖଲ କରାଯାଇଛି। ଆମେରିକାର ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ୨୦୧୫ ମସିହାରୁ ଭାରତୀୟ ଜେଲ୍‌ରେ ଥାଇ ମଧ୍ୟ ବିଷ୍ଣୋଇ ବେଆଇନ ମୋବାଇଲ୍ ଏବଂ ଇଣ୍ଟରନେଟ୍ ମାଧ୍ୟମରେ ସାରା ବିଶ୍ୱରେ ନିଜର ଅପରାଧିକ ସାମ୍ରାଜ୍ୟ ଚଳାଉଥିଲା। ଏହି ଗ୍ୟାଙ୍ଗଷ୍ଟର ବିରୋଧରେ ହତ୍ୟା, ଜବରଦସ୍ତ ଚାନ୍ଦା ଆଦାୟ, ସ୍ମଗଲିଂ ଏବଂ ମାଦକ ଦ୍ରବ୍ୟ କାରବାର ଭଳି ଅନେକ ସଂଗୀନ ଅଭିଯୋଗ ଆଣିଛି ଆମେରିକା। ଚାର୍ଜସିଟ୍ ଅନୁଯାୟୀ, କାନାଡାରେ ଖଲିସ୍ତାନୀ ନେତା ହରଦୀପ ସିଂହ ନିଜ୍ଜରର ହତ୍ୟା ପଛରେ ବିଷ୍ଣୋଇ ଏବଂ ଗୋଲ୍ଡି ବ୍ରାର୍‌ର ହାତ ରହିଛି। ଏହା ବ୍ୟତୀତ ପଞ୍ଜାବୀ ଗାୟକ ସିଦ୍ଧୁ ମୁସେୱାଲା ହତ୍ୟାକାଣ୍ଡର ମଧ୍ୟ ଏହି ଗ୍ୟାଙ୍ଗ୍ ନିଜେ ଦାୟିତ୍ୱ ନେଇଥିଲା। ବଲିଉଡ୍ ଅଭିନେତା ସଲମାନ ଖାନଙ୍କୁ ହତ୍ୟା କରିବା ପାଇଁ ବାରମ୍ବାର ଧମକ ଦେବା ଏବଂ ଗାୟକ ଗିପ୍ପି ଗ୍ରେୱାଲଙ୍କ ଘର ଉପରକୁ ଗୁଳିମାଡ଼ କରିବା ଭଳି ଘଟଣାକୁ ନେଇ ଆମେରିକା ପୁଲିସ ବିଷ୍ଣୋଇ ଗ୍ୟାଙ୍ଗକୁ ଏକ 'ଆନ୍ତର୍ଜାତୀୟ ଅପରାଧିକ ସଂଗଠନ' ଭାବେ ଘୋଷଣା କରିଛି।

## ଆମେରିକାରେ ସଡ଼କ ଦୁର୍ଘଟଣା: ଭାରତୀୟ ଛାତ୍ରୀ ମୃତ

ନ୍ୟୁୟର୍କ, ୧୦।୭ (ଏଜେନ୍ସି): ଆମେରିକାର ନ୍ୟୁୟର୍କରେ ସଡ଼କ ଦୁର୍ଘଟଣାରେ ପ୍ରସନ୍ନା ଆଟଲୁରୀ ନାମକ ଜଣେ ୨୫ ବର୍ଷୀୟା ଭାରତୀୟ ଛାତ୍ରୀଙ୍କ ମୃତ୍ୟୁ ହୋଇଛି। ପ୍ରସନ୍ନା ନିକଟରେ ପେସ୍ ୟୁନିଭର୍ସିଟିରୁ ପାଠପଢ଼ା ଶେଷ କରି ଚାକିରି ଖୋଜୁଥିଲେ। ଗତ ଜୁଲାଇ ୫ରେ ସେ ନିଜ ସାଙ୍ଗମାନଙ୍କ ସହ କାର୍‌ରେ ମନ୍ଦିର ଯାଉଥିବା ବେଳେ ଏକ ଟ୍ରାଫିକ୍ ସିଗନାଲ୍‌ରେ ଅଟକିଥିଲେ। ଏହି ସମୟରେ ପଛପଟୁ ଏକ ଦ୍ରୁତଗାମୀ ଗାଡ଼ି ସେମାନଙ୍କ କାର୍‌କୁ ଜୋର୍‌ରେ ଧକ୍କା ଦେଇଥିଲା। ଦୁର୍ଘଟଣାରେ ପ୍ରସନ୍ନାଙ୍କ ସହ ଅନ୍ୟ ଜଣେ ମହିଳାଙ୍କର ମଧ୍ୟ ମୃତ୍ୟୁ ହୋଇଛି ଏବଂ ଆଉ ଜଣେ ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ପ୍ରସନ୍ନା ଆନ୍ଧ୍ରପ୍ରଦେଶର ଏନଟିଆର ଜିଲ୍ଲା ଇବ୍ରାହିମପଟନମ ମଣ୍ଡଳର ଏକ ସାଧାରଣ ଚାଷୀ ପରିବାରର ଝିଅ ଥିଲେ। ଏହି ଦୁଃଖଦ ଖବର ପରେ ତାଙ୍କ ପରିବାର ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛି।

୧୯୯୬ ଶ୍ରୀନଗର ହିଂସାକାଣ୍ଡ

# ସବିର୍‌ଙ୍କ ସମେତ ୬ ହୁରିୟତ ନେତାଙ୍କ ବିରୋଧରେ ଏନ୍‌ଆଇଏ ଚାର୍ଜସିଟ୍



ଶ୍ରୀନଗର, ୧୦।୭ (ଏଜେନ୍ସି): ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ୧୯୯୬ରେ ଶ୍ରୀନଗରରେ ଏକ ଶବଯାତ୍ରା ବେଳେ ହୋଇଥିବା ହିଂସାକାଣ୍ଡ ଏବଂ ପୁଲିସ କର୍ମଚାରୀଙ୍କ ଉପରେ ଆକ୍ରମଣ ଘଟଣାରେ ବିଚ୍ଛିନ୍ନତାବାଦୀ ହୁରିୟତ କନଫରେନ୍ସର ୬ ଜଣ ବରିଷ୍ଠ ନେତାଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଛି। ଏହି ମାମଲାରେ ଯେଉଁ ନେତାମାନଙ୍କ ବିରୋଧରେ ଅଭିଯୋଗ ହୋଇଛି ସେମାନେ ହେଲେ ସବିର ଅହମ୍ମଦ ଶାହା, ସୈୟଦ ଅଲି ଶାହା ଗିଲାନି, ଅବଦୁଲ ଗନି ଲୋନେ, ମହମ୍ମଦ ୟାକୁବ ୱାକିଲ ଓରଫ ମହମ୍ମଦ ୟାକୁବ ଭାକିଲ, ଜାଭିଦ ଅହମ୍ମଦ ମୀର ଏବଂ ଶକିଲ ଅହମ୍ମଦ ବକ୍ସି। ଏମାନଙ୍କ ମଧ୍ୟରୁ ଗିଲାନି, ଲୋନେ ଏବଂ ୱାକିଲଙ୍କର ମାମଲାର ତଦନ୍ତ ଚାଲିଥିବା ସମୟରେ ମୃତ୍ୟୁ ହୋଇଛି। ତଥାପି, ତଦନ୍ତ ସମୟରେ ମିଳିଥିବା ପ୍ରମାଣ ଆଧାରରେ ଚାର୍ଜସିଟରେ ସେମାନଙ୍କର ଅପରାଧିକ ଷଡଯନ୍ତ୍ର ଏବଂ ବେଆଇନ ସମାବେଶରେ ଥିବା ଭୂମିକା ବିଷୟରେ ବିସ୍ତୃତ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ୧୭ ଜୁଲାଇ ୧୯୯୬ରେ ଶ୍ରୀନଗରର ନାଜ୍ କ୍ରସିଂଠାରେ ନିହତ ଆତଙ୍କବାଦୀ ହିଲାଲ ଅହମ୍ମଦ ବେଗର ଶବଯାତ୍ରା ବାହାରିଥିଲା। ସେହି ସମୟରେ ଏହି ୬ ଜଣ ନେତା ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ। ସେଠାରେ ସେମାନେ ପୁଲିସ କର୍ମଚାରୀଙ୍କ ବିରୋଧରେ ହିଂସା ସୃଷ୍ଟି କରିବାକୁ ଲୋକଙ୍କୁ ଉସୁକାଇଥିଲେ। ସେହି ଶୋଭାଯାତ୍ରାରେ ସଶସ୍ତ୍ର ଆତଙ୍କବାଦୀମାନେ ମିଶି ପୁଲିସ ଉପରେ ଆଖିବୁଜା ଗୁଳି ଚାଳନା କରିଥିଲେ। ଫଳରେ ଅନେକ ପୁଲିସ କର୍ମଚାରୀ ଆହତ ହୋଇଥିଲେ। ଏହାବ୍ୟତୀତ ପ୍ରବଳ ପଥର ମାଡ଼ ଯୋଗୁଁ ସରକାରୀ ଗାଡ଼ିଗୁଡ଼ିକ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା। ଏନଆଇଏ କହିଛି ଯେ ଏହି ନେତାମାନେ ଭାରତ-ବିରୋଧୀ, ପାକିସ୍ତାନ ସମର୍ଥକ ଏବଂ ବିଚ୍ଛିନ୍ନତାବାଦୀ ସ୍ଲୋଗାନ ଦେବା ସହ ସଶସ୍ତ୍ର ସଂଗ୍ରାମ ପାଇଁ ଭାଷଣ ଦେଇଥିଲେ। ଏହି ହିଂସାକାଣ୍ଡ ଏକ ପୂର୍ବ ପ୍ରସ୍ତୁତ ଷଡଯନ୍ତ୍ରର ଅଂଶ ଥିଲା। ବିଚ୍ଛିନ୍ନତାବାଦୀ ଚିନ୍ତାଧାରାକୁ ପ୍ରୋତ୍ସାହିତ କରିବା ଏହାର ଉଦ୍ଦେଶ୍ୟ ଥିଲା। କେନ୍ଦ୍ର ସରକାରଙ୍କ ବିରୋଧରେ ଜନସମର୍ଥନ ଏକାଠି କରିବା ଏବଂ ସୁରକ୍ଷା ବାହିନୀ ଉପରେ ଆକ୍ରମଣ କରିବା ଯୋଜନା ରହିଥିଲା। ଏବେ ଅଭିଯୁକ୍ତଙ୍କ ବିରୋଧରେ ବିଭିନ୍ନ ଧାରା ସହିତ ବେଆଇନ କାର୍ଯ୍ୟକଳାପ ନିରୋଧୀ ଆଇନ (ୟୁଏପିଏ) ଧାରା ଅନୁଯାୟୀ ମାମଲା ରୁଜୁ କରାଯାଇଛି।

## ୧୪ରେ ସବୁ ସହରାଞ୍ଚଳରେ 'ନମସ୍ତେ ଦିବସ'

**ଭୁବନେଶ୍ୱର, ୧୦।୭(ସମିସ):** ସଫେଇ ମିତ୍ରଙ୍କ ଅବଦାନକୁ ସମ୍ମାନ ଜଣାଇବା ଏବଂ ଯାନ୍ତ୍ରିକ ଓ ନିରାପଦ ସ୍ୱଚ୍ଛତା ବ୍ୟବସ୍ଥାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଚଳିତ ମାସ ଆସନ୍ତା ୧୪ ତାରିଖରେ ରାଜ୍ୟର ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ୟୁଏଲ୍‌ବି) ରେ "ନମସ୍ତେ ଦିବସ' ପାଳନ କରାଯିବ। ଏନେଇ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସମସ୍ତ ମହାନଗର ନିଗମ, ପୌରପାଳିକା ଓ ଏନ୍‌ଏସିକୁ ନିର୍ଦ୍ଦେଶ ଜାରି କରାଯାଇଛି। ଭାରତ ସରକାରଙ୍କ ନ୍ୟାସନାଲ୍ ଆକ୍ସନ୍ ଫର୍ ମେକାନାଇଜ୍ଡ ସାନିଟେସନ୍ ଇକୋସିଷ୍ଟମ୍ କାର୍ଯ୍ୟକ୍ରମ ଅନୁଯାୟୀ ଏହି ଦିବସ ପାଳନ କରାଯାଉଛି। ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢୀ ସମସ୍ତ ସ୍ଥାନୀୟ ସଂସ୍ଥାକୁ ଜନପ୍ରତିନିଧି, ସରକାରୀ ଅଧିକାରୀ, ସ୍ୱେଚ୍ଛାସେବୀ ସଂଗଠନ ଓ ଅନ୍ୟ ଅଂଶୀଦାରଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳ ଭାବେ ଆୟୋଜନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ସଫେଇ କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ବୃତ୍ତିଗତ ସୁରକ୍ଷା ପ୍ରଶିକ୍ଷଣ, ସରକାରୀ କଲ୍ୟାଣ ଯୋଜନାରେ ସଂଯୋଗ ଶିବିର, ଆୟୁଷ୍ମାନ୍ ଭାରତ କାର୍ଡ ଓ ନମସ୍ତେ ପରିଚୟପତ୍ର ବଣ୍ଟନ, ବ୍ୟକ୍ତିଗତ ସୁରକ୍ଷା ସାମଗ୍ରୀ ବଣ୍ଟନ ଏବଂ ଆଧୁନିକ ଯାନ୍ତ୍ରିକ ସ୍ୱଚ୍ଛତା ଉପକରଣର ପ୍ରଦର୍ଶନ କରାଯିବ। ଉଲ୍ଲେଖନୀୟ ସେବା ପାଇଁ ସଫେଇ କର୍ମଚାରୀଙ୍କୁ ସମ୍ମାନିତ ମଧ୍ୟ କରାଯିବ।

## ରାକ୍ଷୀ ପୂର୍ଣ୍ଣିମାରେ 'ସୁଭଦ୍ରା' ୫ମ କିସ୍ତି ବିତରଣ

**ଭୁବନେଶ୍ୱର, ୧୦।୭ (ସମିସ):** ଆସନ୍ତା ରାକ୍ଷୀ ପୂର୍ଣ୍ଣିମା ଅବସରରେ ସୁଭଦ୍ରା ଯୋଜନାର ୫ମ କିସ୍ତି ବିତରଣର ପ୍ରସ୍ତୁତି ସମୀକ୍ଷା ବୈଠକ ହୋଇଛି। ଜୁଲାଇ ୨୫ ସୁଦ୍ଧା ଯୋଜନା ଅଧୀନରେ ଅବଶିଷ୍ଟ ସମସ୍ତ ଆବେଦନର ଯାଞ୍ଚ, ଯୋଗ୍ୟତା ନିର୍ଦ୍ଧାରଣ ଓ ବ୍ୟାଙ୍କ ଲିଙ୍କ୍ ସମ୍ବନ୍ଧୀୟ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବାକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୁଭଦ୍ରା ଯୋଜନାରେ ଏପର୍ଯ୍ୟନ୍ତ ୧,୧୫,୭୫,୬୩୩ଟି ଆବେଦନ ପଞ୍ଜୀକୃତ ହୋଇଥିବାବେଳେ, ସେଥିମଧ୍ୟରୁ ୨୦୨୬-୨୭ ଆର୍ଥିକ ବର୍ଷରେ ୩,୧୭,୯୬୬ଟି ନୂତନ ଆବେଦନ ପ୍ରାପ୍ତ ହୋଇଛି। ସମସ୍ତ ଯାଞ୍ଚ ଓ ଯୋଗ୍ୟତା ନିର୍ଣ୍ଣୟ ପରେ ୧,୦୨,୦୪,୩୯୬ ଜଣ ସମ୍ଭାବ୍ୟ ହିତାଧିକାରୀଙ୍କୁ ୫ମ କିସ୍ତି ପ୍ରଦାନ ପାଇଁ ଚିହ୍ନଟ କରାଯାଇଥିଲା। ଜିଲ୍ଲା ପ୍ରଶାସନ ଦ୍ୱାରା ଯାଞ୍ଚରେ ମୃତ୍ୟୁ ନିଶ୍ଚିତ ହୋଇଥିବା ୫,୨୭୭ ଜଣ ହିତାଧିକାରୀଙ୍କ ନାମ ବାଦ ଦିଆଯିବା ପରେ ୧,୦୧,୯୯,୧୧୯ ଜଣଙ୍କୁ ୫ମ କିସ୍ତି ପ୍ରଦାନ ପାଇଁ ଅନ୍ତିମ ସମ୍ଭାବ୍ୟ ହିତାଧିକାରୀ ଭାବେ ଚିହ୍ନଟ କରାଯାଇଛି। ଏହି କ୍ରମରେ ସମସ୍ତ ନୂଆ ଆବେଦନର ଯାଞ୍ଚ ଓ ନିଷ୍ପତ୍ତି ପ୍ରକ୍ରିୟାକୁ ଆସନ୍ତା ୨୫ ଜୁଲାଇ ସୁଦ୍ଧା ସମ୍ପୂର୍ଣ୍ଣ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ସମସ୍ତ ଜିଲ୍ଲା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶିକା ମୋନୀଷା ବାନାର୍ଜୀ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଅଣସରରେ ଗୁପ୍ତ ସେବା

## ଚକାକୁ ବିଜେ ହେଲେ ଦାରୁଦିଅଁ

**ପୁରୀ,୧୦।୭(ସମିସ):** ଅଣସରରେ ଏବେ ଚତୁର୍ଦ୍ଧାବିଗ୍ରହ। ଅତ୍ୟଧିକ ସ୍ନାନ ଯୋଗୁ ଜ୍ୱରରେ ପୀଡ଼ିତ ମହାପ୍ରଭୁଙ୍କ ଉପଚାର ପାଇଁ ଚାଲିଛି ଗୁପ୍ତସେବା। ଅଣସର ପିଣ୍ଡିରେ ଠାକୁରଙ୍କ ସେବା କରୁଛନ୍ତି ଶ୍ରୀଅଙ୍ଗଲାଗି ସେବକ ଦଇତାପତି। ଏହି ଗୁପ୍ତ ସେବାରେ ଗତ ଶନିବାଠାରୁ ଓଷୁଅ ଲାଗି କରାଯାଉଥିଲା। ଗୁରୁବାର ଓଷୁଅ ଲାଗି ଶେଷ ହୋଇଥିବା ବେଳେ ଶୁକ୍ରବାର ଆଷାଢ କୃଷ୍ଣ ଦଶମୀ ତିଥିରେ ଅଣସର ଘରେ ଦାରୁଦିଅଁଙ୍କ ଚକାବିଜେ ନୀତି ସମ୍ପନ୍ନ ହୋଇଛି। ବଡ଼ଠାକୁର ବଳଭଦ୍ର, ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ଦେବୀ ସୁଭଦ୍ରା ଅଣସର ପିଣ୍ଡିରୁ ଚକାକୁ ବିଜେ କରିଛନ୍ତି।

ଶ୍ରୀମନ୍ଦିରରେ ପତିଦିଅଁଙ୍କ ମଙ୍ଗଳ ଆଳତିଠାରୁ ମଧ୍ୟାହ୍ନ ଧୂପ ପର୍ଯ୍ୟନ୍ତ ସମସ୍ତ ନୀତି ସମ୍ପନ୍ନ ହୋଇଥିଲା। ଦକ୍ଷିଣୀ ଘର ଭୋଗ ବଢିବା ପରେ ଜୟ ବିଜୟ ଦ୍ୱାର ବନ୍ଦ ହୋଇ ବେହେରଣ ଦ୍ୱାର (ଅଣସର ଗୃହ) ଖୋଲିଥିଲା। ଏହାକୁ ପତିମହାପାତ୍ର ଖୋଲିଥିଲେ। ଦଇତାପତି ସେବକମାନେ ବଡ଼ଠାକୁର ବଳଭଦ୍ର, ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଦେବୀ ସୁଭଦ୍ରାଙ୍କୁ ଅଣସର ପିଣ୍ଡିରୁ ଚକାକୁ ବିଜେ କରାଇଥିଲେ। ଦାରୁବିଗ୍ରହଙ୍କ ନିକଟରେ ଚକଟା ଭୋଗ ଏବଂ ପଣାଭୋଗ ପରେ ଅଣସର ଗୃହ ବନ୍ଦ ହୋଇଥିଲା। ଏହାପରେ ଜୟ ବିଜୟ ଦ୍ୱାର ଫିଟିଥିଲା। ପତିଦିଅଁଙ୍କ ସନ୍ଧ୍ୟା ଆଳତି ଓ ଅନ୍ୟାନ୍ୟ ନୀତି ବଢିଥିଲା। ପତିଦିଅଁଙ୍କ ବଡ଼ସିଂହାର ଭୋଗ ପରେ ପୁଣି ଅଣସର ଗୃହ ଖୋଲାଯାଇ ମହାପ୍ରଭୁଙ୍କ ଅଣସର ନୀତି ସମ୍ପନ୍ନ ହୋଇଥିଲା। ତେବେ ଶନିବାର ଖଳିଲାଗି ଏକାଦଶୀ ତିଥିରେ ଅଣସର ଗୃହରେ ପ୍ରଥମ ତୁଳସୀ ଲାଗି ହେବେ ଶ୍ରୀବିଗ୍ରହ। ଅଣସର ଘରେ ଥିବାରୁ ମହାପ୍ରଭୁଙ୍କ ନିକଟରେ ଖଣ୍ଡୁଆ, ରଙ୍ଗୀନ ପୁଷ୍ପ ଏବଂ ତୁଳସୀ ଲାଗି ହେଉନାହିଁ। କେବଳ ଧଳାବସ୍ତ୍ର ଏବଂ ଧଳା ପୁଷ୍ପ ଲାଗି କରାଯାଉଛି। ଖଳିଲାଗି ଏକାଦଶୀରେ ସର୍ବାଙ୍ଗ ବଢିବା ପରେ ଅଣସର ଗୃହରେ ଚତୁର୍ଦ୍ଧାବିଗ୍ରହଙ୍କୁ ଖଣ୍ଡୁଆ, ରଙ୍ଗୀନ ସୁଗନ୍ଧିତ ପୁଷ୍ପ ଏବଂ ତୁଳସୀ ଲାଗି କରାଯିବ।

### ବିରୋଧୀ ଦଳ ନେତାଙ୍କ ଡିପ୍‌ଫେକ୍ ଭିଡିଓ

## 'ସୋସିଆଲ ଟକ୍' ନାଁରେ ବିଜେଡିର ଏତଲା

**ଭୁବନେଶ୍ୱର, ୧୦।୭ (ସମିସ):** 'ସୋସିଆଲ ଟକ୍' ନାମକ ଏକ ପେଜ୍‌ରେ ବିଜୁ ଜନତା ଦଳର ସଭାପତି ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ଡିପଫେକ୍ ଭିଡିଓ ଅପଲୋଡ୍ ହେଉଛି। ଅତ୍ୟନ୍ତ ମାନହାନୀକାରୀ ଓ ବ୍ୟକ୍ତିଗତ ସମ୍ମାନକୁ ହାନି ଉଦ୍ଦେଶ୍ୟରେ ପ୍ରସାରିତ ଏହି ଭିଡ଼ିଓଗୁଡ଼ିକୁ ତୁରନ୍ତ ଅପସାରଣ ଓ ଏହାକୁ ପ୍ରସ୍ତୁତ କରିଥିବା ସୋସିଆଲ ଟକ୍ ନାମକ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟକୁ ଜବତ ପାଇଁ ଦାବି କରିଛି ବିଜେଡି। ପ୍ରୀତି ପ୍ରକାଶ ନାୟକ ନାମକ ଜଣେ ବ୍ୟକ୍ତି ଏହି ଭିଡ଼ିଓ ପ୍ରସ୍ତୁତ କରିଥିବା ଅଭିଯୋଗ କରି ଏ ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ କ୍ୟାପିଟାଲ ଥାନାରେ ଦଳ ପକ୍ଷରୁ ଏତଲା ଦିଆଯାଇଛି।



**ଭ୍ରମାତ୍ମକ ଭିଡିଓ ପ୍ରସ୍ତୁତକର୍ତ୍ତା ପ୍ରୀତିପ୍ରକାଶଙ୍କୁ ଗିରଫ ଦାବି**

**ବିଜେପି ଇଙ୍ଗିତରେ ବିଜେଡି ବିରୋଧରେ ହେଉଛି ଷଡ଼ଯନ୍ତ୍ର**

ଦଳ ପକ୍ଷରୁ କୁହାଯାଇଛି ଯେ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଓ ତତ୍କାଳୀନ ୫-ଟି ଅଧ୍ୟକ୍ଷ ଭି.କେ.ପାଣ୍ଡିଆନଙ୍କୁ ନେଇ ପ୍ରସ୍ତୁତ ଏହି ଡ଼ିପ୍‌ଫେ୍ ଭିଡ଼ିଓକୁ ପ୍ରୀତିପ୍ରକାଶ ନାୟକ ତାଙ୍କ ସୋସିଆଲ ଟକ୍ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ଅପଲୋଡ୍ କରିଛନ୍ତି। ଏଥିରେ ବାରମ୍ବାର ଅପମାନଜନକ ଶବ୍ଦ ବ୍ୟବହାର କରାଯିବା ସହ ଏଆଇ ପ୍ରସ୍ତୁତ୍ ହୀନ ମାନସିକତାର ଛବି ପ୍ରସ୍ତୁତ କରାଯାଇଛି। ଏହି ଭିଡ଼ିଓ ପ୍ରସ୍ତୁତି ପଛରେ ବିଜେପିର ପ୍ରୋତ୍ସାହନ ଥିବା ସନ୍ଦେହ କରାଯାଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଡିପଫେକ୍ ଭିଡିଓ କରି ସୋସିଆଲ ମିଡିଆରେ ପ୍ରଚାର ଅଭିଯୋଗରେ ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ମାତ୍ର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଡିପଫେକ୍ ଭିଡିଓ କରିଥିବା ଅଭିଯୁକ୍ତ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ବିଜେପି ସରକାର ଦୁଇ ବର୍ଷ ହେବ କୌଣସି ଉନ୍ନତି ମୂଳକ କାର୍ଯ୍ୟ କରି ନପାରି ସବୁଠି ନିନ୍ଦିତ ହେଉଛି। ମାତ୍ର ନବୀନ ପଟ୍ଟନାୟକଙ୍କ କାର୍ଯ୍ୟ ତାଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ବନ୍ଦିତ କରିଛି। ଫଳରେ ବିଜେପି ଦଳ ଅସହିଷ୍ଣୁ ହୋଇ ଏହିପରି କାର୍ଯ୍ୟ କରୁଛି। ଜନସାଧାରଣଙ୍କ ମନରେ ଭ୍ରାନ୍ତି ସୃଷ୍ଟି କରିବା ଏବଂ ବ୍ୟକ୍ତିଗତ ସମ୍ମାନରେ ଆଞ୍ଚ ଆଣିବା ଉଦ୍ଦେଶ୍ୟରେ ଏପରି ଭିଡ଼ିଓ ପ୍ରସ୍ତୁତ କରାଯାଇଛି। ଅଭିଯୁକ୍ତ ପ୍ରୀତି ପ୍ରକାଶ ନାୟକ ପୂର୍ବରୁ ମଧ୍ୟ ଏଭଳି ଡିଫାମେଟରି କଣ୍ଟେଣ୍ଟ୍ ପାଇଁ ବିଭାଗୀୟ ମାମଲା (କେସ୍ ନମ୍ବର ୧୪୬/୨୦୨୩) ସମ୍ମୁଖୀନ ହୋଇଛନ୍ତି। ବିଜେପି ସମର୍ଥନରେ ସୋସିଆଲ ମିଡିଆରେ ସେ ଏହିପରି କାର୍ଯ୍ୟ ଅଭ୍ୟାସଗତ ଭାବେ ବାରମ୍ବାର କରୁଛନ୍ତି। ଭୂକମ୍ପ ପ୍ରଭାବିତ ଭେନିଜୁଏଲା ଅଞ୍ଚଳକୁ ଭିକେ ପାଣ୍ଡିଆନ ପରିଦର୍ଶନକୁ ବିଦ୍ରୂପ ଭାବେ ଉପସ୍ଥାପନ କରାଯାଇଛି। ଆକ୍ରୋଶ ମୂଳକ ଭାବେ ଅପଶବ୍ଦ ପ୍ରୟୋଗ କରି ତାଙ୍କ ସମ୍ମାନ ନଷ୍ଟ କରିବାକୁ ପ୍ରୟାସ କରାଯାଇଛି। ଭିଡିଓ ପ୍ରସ୍ତୁତକାରୀ, ସେୟାର, ରି-ପୋଷ୍ଟ କିମ୍ବା ଅନ୍ୟ ଭାବେ ପ୍ରଚାର କରିଥିବା ଅନ୍ୟ କୌଣସି ବ୍ୟକ୍ତି, ପେଜ୍ କିମ୍ବା ଆକାଉଣ୍ଟ୍ ମଧ୍ୟ ସମାନ ଭାବେ ଦାୟୀ ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ତେଣୁ ଅଭିଯୁକ୍ତ ପ୍ରୀତି ପ୍ରକାଶ ନାୟକଙ୍କ ବିରୋଧରେ ମାମଲା ରୁଜୁ କରି, ଇନଷ୍ଟାଗ୍ରାମ ଆକାଉଣ୍ଟ୍ ଜବତ କରି ପରୀକ୍ଷଣ କରିବା, ଉକ୍ତ ଭିଡିଓକୁ ଅପସାରଣ କରିବା, ଅଭିଯୁକ୍ତଙ୍କ ବିରୋଧରେ ତଦନ୍ତ କରି ପ୍ରଚାର କରିଥିବା ଅନ୍ୟ ଆକାଉଣ୍ଟ୍ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେଡି ଦାବି କରିଛି। ବିଜେଡିର ଏହି ଟିମ୍‌ରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡଃ ଲେନିନ ମହାନ୍ତି, ଡଃ ପ୍ରିୟବ୍ରତ ମାଝୀ, ଦ୍ୟୁମ୍ନନାଥ ପଣ୍ଡା, ସ୍ନେହାଶିଷ ଜେନା, ଏମ୍‌ଡି ସହିଦୁଲ୍ଲା, ପ୍ରତୀକ ଦାଶ, ଶୁଭମ ଶୁଭଦର୍ଶୀ ଖଟୁଆ, ମଳୟ ସାହୁ, ପ୍ରତ୍ୟୁଷ ଜେନା, ଚିତ୍ତରଞ୍ଜନ ଦାସ, ଦୀପକ ହୋତା, ପ୍ରିୟାଂଶୁ ସାହୁ, ଇସ୍କନ ନାୟକ ଓ ଆଶୁତୋଷ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିରରେ ପହଞ୍ଚିଲା ଦଶମୂଳ

**ପୁରୀ,୧୦।୭(ସମିସ):** ଅଣସରରେ ଘରେ ଚାଲିଛି ଦାରୁବିଗ୍ରହଙ୍କ ଗୁପ୍ତ ସେବା। ଦଇତାପତିମାନେ ଠାକୁରଙ୍କ ସେବା କରୁଛନ୍ତି। ଶନିବାର ଏକାଦଶୀରେ ମହାପ୍ରଭୁ ଲାଗି ହେବେ ଦଶମୂଳ। ଜ୍ୱରରେ ପୀଡ଼ିତ ଦାରୁବିଗ୍ରହମାନେ ଏହି ଦଶମୂଳ ମୋଦକ ଲାଗି ହେଲେ ସୁସ୍ଥ ହୋଇଥାନ୍ତି। ତେଣୁ ଶ୍ରୀମନ୍ଦିରର ବୈଦ୍ୟ ସେବକମାନେ ମହାପ୍ରଭୁଙ୍କ ପାଇଁ ଦଶମୂଳ ମୋଦକ ପ୍ରସ୍ତୁତ କରି ଶୁକ୍ରବାର ମନ୍ଦିର ଗାରଦରେ ଦାଖଲ କରିଛନ୍ତି।

**ଆଜି ଲାଗି ହେବେ ମହାପ୍ରଭୁ**

ଆୟୁର୍ବେଦିକ ପଦ୍ଧତି ଓ ଶାସ୍ତ୍ର ଅନୁସାରେ ମହାପ୍ରଭୁଙ୍କ ନିମନ୍ତେ ଦଶମୂଳ ମୋଦକ ପ୍ରସ୍ତୁତ ହୋଇଥାଏ। ବୈଦ୍ୟ ସେବକଙ୍କ ସୂଚନା ମୁତାବକ, ଦଶମୂଳ ହେଉଛି ମହାପ୍ରଭୁଙ୍କ ଔଷଧ। ଏକମାସ ପୂର୍ବରୁ ଏହାକୁ ସଂଗ୍ରହ କରିବାକୁ ପଡିଥାଏ। ସ୍ନାନ ପୂର୍ଣ୍ଣିମା ପରେ ଦଶମୂଳ ଯଥା ଗମ୍ଭାରୀ, ଫଣଫଣା, ଶାଳପର୍ଣ୍ଣି, କୃଷ୍ଣପର୍ଣ୍ଣି, ଅଗବଥୁ, ଲବିଂ କୋଳି, ବେଲ, ଅଙ୍କରାନ୍ତି, ଗୋଖରା ଏବଂ ନବାଙ୍କୁରୀକୁ ଶୁଖାଯାଇଥାଏ। ଭଲ ଭାବେ ଶୁଖିଗଲା ପରେ ଏହାକୁ ହେମଦସ୍ତାରେ କୁଟି ଗୁଣ୍ଡ କରାଯାଏ। ଏହି ଗୁଣ୍ଡକୁ ଗାମୁଛାରେ ଛଣାଯାଏ। ନୂଆ କାଠ ଚୁଲିରେ କଡେଇ ବସାଯାଇ ଖୁଆ, ସର୍କରା, ସର, ମହୁ, ଘିଅ ଓ ଅଳ୍ପ ଭାଙ୍ଗ ଇତ୍ୟାଦି ପକାଯାଇ ଦଶମୂଳକୁ ପାଗ କରାଯାଏ। ପାଗ ପରେ ତାହାକୁ କଳଳୀପତ୍ର ଉପରେ ରଖି ଥଣ୍ଡା କରାଯାଏ। ଥଣ୍ଡା ହେଲା ପରେ ଗୋଲାକାର ମୋଦକ ପ୍ରସ୍ତୁତ ହୁଏ। ତିନୋଟି କୁଡୁଆରେ ଦଶମୂଳ ମୋଦକକୁ ରଖି ଏହା ଉପରେ କର୍ପୁର ପକାଇ ତାଳପତ୍ର ଭୋଗେଇରେ ପ୍ୟାକିଂ କରାଯାଏ। ଦଶମୀ ତିଥିରେ ଶ୍ରୀମନ୍ଦିର ଗାରଦରେ ଏହାକୁ ଦାଖଲ କରାଯାଇଥାଏ। ଏହିସବୁ କାମ ଶୁଦ୍ଧପୁତ ଭାବେ ଏବଂ ମହାପ୍ରଭୁଙ୍କ ପ୍ରତି ନିଷ୍ଠା ରଖି କରାଯାଏ।

ଦଇତାପତି ସେବକଙ୍କ ମତରେ, ମହାପ୍ରଭୁ ମାନବୀୟ ଲୀଳା କରିଥାନ୍ତି। ପ୍ରତିବର୍ଷ ଦେବସ୍ନାନ ପୂର୍ଣ୍ଣିମାରେ ସ୍ନାନମଣ୍ଡପରେ ୧୦୮ ଗଡ଼ୁ ଜଳରେ ସ୍ନାନ କରି ଜ୍ୱରରେ ପୀଡତ ହୁଅନ୍ତି। ଏହା ପରଠାରୁ ଆଷାଢ କୃଷ୍ଣ ଦଶମୀ ଯାଏ ମହାପ୍ରଭୁ ଧଳା ବସ୍ତ୍ର ପରିଧାନ କରିଥାନ୍ତି। ଠାକୁରଙ୍କୁ ଧଳା ପୁଷ୍ପ ଲାଗି ହୋଇଥାଏ। ଆଷାଢ କୃଷ୍ଣ ଏକାଦଶୀରେ ମହାପ୍ରଭୁ ବାରଲାଗି ପାଟ ପରିଧାନ କରିବେ। ଶ୍ରୀବିଗ୍ରହଙ୍କୁ ତୁଳସୀ ଲାଗି ହେବ। ଏହାପରେ ଜ୍ୱରରୁ ଉପଶମ ପାଇଁ ଦାରୁବିଗ୍ରହଙ୍କୁ ଦଶମୂଳ ଲାଗି କରାଯିବ।

## ଭିଜିଲାନ୍ସ ଜାଲରେ ବଡ଼ସାହି ବ୍ଲକ ଜେଇ

### ୫ ଲକ୍ଷ ଟଙ୍କାର ରାସ୍ତା କାମ ବିଲ୍ ପାସ ପାଇଁ ଲାଞ୍ଚ ନେଉଥିବାବେଳେ ଗିରଫ

**ବାରିପଦା/ବଡ଼ସାହି, ୧୦।୭(ସମିସ):** ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକ କାର୍ଯ୍ୟାଳୟରେ ଶୁକ୍ରବାର ଅପରାହ୍ନରେ ଭିଜିଲାନ୍ସ ଚଢ଼ଉ ପୂର୍ବକ ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ଗିରଫ କରିଛି। ଏକ ରାସ୍ତା କାମର ବିଲ୍ ପାସ୍ କରାଇବା ପାଇଁ ୩୨ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ କନିଷ୍ଠ ଯନ୍ତ୍ରୀ (ଜେଇ) ସୁଶୀଲ ସିଂଙ୍କୁ ବାରିପଦା ଭିଜିଲାନ୍ସ ବିଭାଗ ପକ୍ଷରୁ ପ୍ରମାଣ ସହିତ ଗିରଫ କରାଯାଇଛି।



ସୂଚନା ମୁତାବକ, ବଡ଼ସାହି ବ୍ଲକ ଅଧୀନରେ ଥିବା ଟଙ୍ଗାଶୋଳ ପଞ୍ଚାୟତର ଲେମ୍ବୁସାହିଠାରୁ କେନ୍ଦୁଆ ପର୍ଯ୍ୟନ୍ତ ଏକ ମେଟାଲ୍ ମୋରମ୍ ରାସ୍ତା କାମ ହୋଇଥିଲା। ଏହି କାମ ପାଇଁ ସରକାରଙ୍କ ପକ୍ଷରୁ ୫ ଲକ୍ଷ ଟଙ୍କାର ବ୍ୟୟଅଟକଳ କରାଯାଇଥିଲା। ତେବେ ଏହି କାମର ବିଲ୍ ପ୍ରସ୍ତୁତ ଓ ପାସ୍ କରିବା ପାଇଁ କନିଷ୍ଠ ଯନ୍ତ୍ରୀ ସୁଶୀଲ ସିଂ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପିସି (ଲାଞ୍ଚ) ବାବଦକୁ ୩୨ ହଜାର ଟଙ୍କା ଦାବି କରିଥିଲେ। ଲାଞ୍ଚ କାରବାର ନେଇ ପୂର୍ବରୁ ସୂଚନା ପାଇ ବାରିପଦା ଭିଜିଲାନ୍ସ ଟିମ୍ ବ୍ଲକ କାର୍ଯ୍ୟାଳୟ ପରିସରରେ ଗୁପ୍ତ ଭାବେ ଜଗି ରହିଥିଲା। ଶୁକ୍ରବାର ସୁଶୀଲ ସିଂହ ନିଜ କାର୍ଯ୍ୟାଳୟରେ ଦାବି ମୁତାବକ ୩୨ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଛପି ରହିଥିବା ଭିଜିଲାନ୍ସ ଅଧିକାରୀ ତାଙ୍କୁ ଚଢ଼ଉ କରି କାବୁ କରିଥିଲେ। ତାଙ୍କ ନିକଟରୁ ସମସ୍ତ ଲାଞ୍ଚ ରସାୟନ ବୋଳା ଟଙ୍କା ଜବତ କରାଯିବା ସହ ତାଙ୍କ ହାତ ଧୋଇବା ପରେ ରଙ୍ଗ ବାହାରିଥିଲା। ଭିଜିଲାନ୍ସ ଟିମ୍ କନିଷ୍ଠ ଯନ୍ତ୍ରୀଙ୍କୁ ଗିରଫ କରି ବାରିପଦା ଆଣିବା ସହ ଏହି ଘଟଣାରେ ଅଧିକ ତଦନ୍ତ ଜାରି ରଖିଛି। ଏଥିସହିତ ଜେଇଙ୍କ ଆୟ ବହିର୍ଭୂତ ସମ୍ପତ୍ତି ଠାବ କରିବା ପାଇଁ ତାଙ୍କ ବାସଭବନ ଓ ଅନ୍ୟାନ୍ୟ ସ୍ଥାନରେ ଚଢ଼ଉ କରାଯାଉଥିବା ସୂଚନା ମିଳିଛି। ସରକାରୀ କାର୍ଯ୍ୟାଳୟରେ ଏଭଳି ଦିନଦ୍ୱିପ୍ରହରରେ ଚଢ଼ଉ ଓ ଗିରଫଦାରୀକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।

ସୂଚନାଯୋଗ୍ୟ, କନିଷ୍ଠ ଯନ୍ତ୍ରୀ ଜଣଙ୍କ ବିଡିଓଙ୍କ ପ୍ରିୟ ଯନ୍ତ୍ରୀ ଭାବେ ଏକ ସଙ୍ଗେ ଟଙ୍ଗାଶୋଳ ସମେତ ମାଣତ୍ରୀ, ମାନଗୋବିନ୍ଦପୁର, ଶାଳଗାଁ, ଦେଉଳିଆ ଆଦି ୫ଟି ପଞ୍ଚାୟତ ଦାୟିତ୍ୱ ତୁଲାଉଥିବାବେଳେ ପ୍ରତ୍ୟେକ ପଞ୍ଚାୟତରେ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଛି ବୋଲି ବ୍ଲକ କଂଗ୍ରେସ ସଭାପତି ଶଶାଙ୍କଶେଖର କର ଅଭିଯୋଗ କରିଛନ୍ତି। ଏଣୁ ଭିଜିଲାନ୍ସ ସବୁଦିଗ ପ୍ରତି ତଦନ୍ତ କରୁ ବୋଲି ଦଳ ପକ୍ଷରୁ କୁହାଯାଇଛି।

## ବାରହା ଆକ୍ରମଣରେ ବୃଦ୍ଧା ମୃତ, ଜଣେ ଗୁରୁତର

**ବ୍ରହ୍ମଗିରି,୧୦।୭(ସମିସ):** ଶୁକ୍ରବାର ସକାଳେ ବାରହା ଆକ୍ରମଣରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି ଓ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ଗୁରୁତର ବୃଦ୍ଧାଙ୍କୁ ପ୍ରଥମେ ବ୍ରହ୍ମଗିରି ରେବଣା ନୂଆଗାଁ ପ୍ରାଥମିକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଛି। ସୂଚନା ଅନୁଯାୟୀ କୃଷ୍ଣପ୍ରସାଦ ବ୍ଲକ୍ ସାତପଡ଼ା ଗ୍ରାମ ପଞ୍ଚାୟତ ବଳଭଦ୍ରପୁରର ପଦ୍ମାବତୀ ଜାଲି (୬୫) ଓ ସେହି ଗ୍ରାମର ବ୍ରାହ୍ମଣୀ ଦଳାଇ(୬୦) ମିଶି ପୋଲାଙ୍ଗ ଗୋଟାଇବା ପାଇଁ ଯାଇଥିଲେ। ବାଡ଼ିରେ ପୋଲାଙ୍ଗ ଗୋଟାଇବା ସମୟରେ ହଠାତ୍ ବାରହା ଆକ୍ରମଣ କରିଥିଲା। ଘଟଣାସ୍ଥଳରେ ପଦ୍ମାବତୀଙ୍କ ମୃତ୍ୟୁ ହୋଇଯାଇଥିବାବେଳେ ବ୍ରାହ୍ମଣୀ ଆହତ ହୋଇଥିଲେ।

■ ବିଲରେ ଧାନତଳି ଖାଇଗଲେ ବୋଲି.....

## ଷଣ୍ଢକୁ ହାଣି ଯବାନ ଗିରଫ

**ରାଜନଗର, ୧୦।୭(ସମିସ):** ବିଲରେ ପଶି ଧାନ ତଳି ଖାଇଦେଲା ବୋଲି ଷଣ୍ଢଙ୍କୁ ଶାବଳରେ ବାଡ଼େଇବା ସହ କଟୁରୀରେ ହାଣିଛନ୍ତି ଜଣେ ଯବାନ। ଗୋଟିଏ ଷଣ୍ଢର ମୃତ୍ୟୁ ହୋଇଥିବାବେଳେ ଅନ୍ୟଏକ ଷଣ୍ଢ ଗୁରୁତର ଆହତ ହୋଇଛି। ସୀମାରେ ଦେଶକୁ ସୁରକ୍ଷା ଯୋଗାଇ ଅବସର ନେଇଥିବା ସୈନିକଙ୍କ ଏଭଳି ଅମାନବୀୟ କାର୍ଯ୍ୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ମୃତ ଷଣ୍ଢର ବ୍ୟବଚ୍ଛେଦ ପରେ ଶୋକାକୁଳ ପରିବେଶରେ ପୋତି ଦିଆଯାଇଛି। ଗ୍ରାମର ବିବେକାନନ୍ଦ ସାମନ୍ତରାୟଙ୍କ ଏତଲା ଆଧାରରେ ରାଜନଗର ଥାନାରେ ୨୬୮/୨୦୨୬ରେ ମାମଲା ରୁଜୁ କରାଯାଇ ଅବସରପ୍ରାପ୍ତ ସୈନିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସୂଚନା ମୁତାବକ, ରାଜନଗର ଥାନା ଅନ୍ତର୍ଗତ ଅମଣାପାରି ଗ୍ରାମର ଦିବାକର ମଲ୍ଲିକ ସୈନିକ ଭାବେ କାର୍ଯ୍ୟ କରି ଅବସର ନେବା ପରେ ଗାଁରେ ଚାଷ କରୁଛନ୍ତି। ଗାଁ ନିକଟରେ ଥିବା ମଧୁପୁର ମୌଜାରେ ବିଲରେ ତଳା ପକାଇଛନ୍ତି। ଗତକାଲି ଦୁଇଟି ଷଣ୍ଢ ତଳା ବିଲରେ ପଶି ତଳା ଖାଇଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଦିବାକର ଦୁଇଟି ଷଣ୍ଢଙ୍କୁ ପ୍ରଥମେ ଶାବଳରେ ନିର୍ମମ ପିଟିଥିଲେ। ଏଥିରେ ମନଶାନ୍ତି ନ ହେବାରୁ କଟୁରୀରେ ଷଣ୍ଢଙ୍କୁ ହାଣି ଦେଇଥିଲେ। ଘଟଣାସ୍ଥଳରେ ଗୋଟିଏ ଷଣ୍ଢର ମୃତ୍ୟୁ ହେବା ସହ ଅନ୍ୟଏକ ଷଣ୍ଢ ଗୁରୁତର ଆହତ ହୋଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦିବାକରଙ୍କୁ ଗିରଫ କରିଥିଲା। ଶାବଳ ଓ କଟୁରୀ ଜବତ କରାଯାଇଛି। ଆଜି ଦିବାକରଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ନରେଶ କୁମାର ସାହୁ ସୂଚନା ଦେଇଛନ୍ତି। ମୃତ ଷଣ୍ଢର ବ୍ୟବଚ୍ଛେଦ ପରେ ମଧୁପୁର ଛକରେ ଶୋକାକୁଳ ପରିବେଶରେ ସତ୍କାର କରାଯାଇଛି।

**କଟୁରୀ ଚୋଟରେ ଗୋଟେ ଷଣ୍ଢ ମୃତ; ଆଉ ଗୋଟେ ଗୁରୁତର**



## ସେଲ୍ଫି ନେବାବେଳେ ନାଳରେ ଖସି ଛାତ୍ରଙ୍କ ମୃତ୍ୟୁ

**ମୁନିଗୁଡା, ୧୦।୭ (ସମିସ):** ରାୟଗଡ଼ ଜିଲ୍ଲା ଅମ୍ବାଦଳା ଅଞ୍ଚଳରେ ସେଲ୍ଫି ନେବା ବେଳେ ନାଳରେ ଖସି ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ର ହେଲେ ଅମ୍ବାଦଳା ଥାନା କୁଳେରପଟା ଗ୍ରାମର ଦାସ ପୂଜାରୀଙ୍କ ପୁଅ ଲଳିତ ପୂଜାରୀ (୧୫)। ସେ ଅମ୍ବାଦଳା ଇନ୍ଦିରା ଗାନ୍ଧୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ର ଥିଲେ।



ସୂଚନା ଅନୁଯାୟୀ, ଗାଁ ନିକଟସ୍ଥ ବୁଜିବାଙ୍ଗ ନାଳରେ ସେଲ୍ଫି ନେଉଥିବା ବେଳେ ପଥରଉପରୁ ତାଙ୍କର ଗୋଡ଼ ଖସିଯାଇଥିଲା। ଗୁରୁତର ଆହତ ଅବସ୍ଥାରେ ଗ୍ରାମବାସୀ ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ବିଶ୍ୱନାଥପୁର, ପରେ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରୁ ତାଙ୍କୁ ବୁର୍ଲା ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଉଥିବା ବେଳେ ରାସ୍ତାରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ମୃତଦେହ ଗାଁରେ ପହଞ୍ଚିବା ପରେ ଶୋକର ଛାୟା ଖେଳିଯାଇଛି। ଏହି ଘଟଣାକୁ ନେଇ ଏବେ ନୂଆ ବିବାଦ ସାମ୍ନାକୁ ଆସିଛି। ସହପାଠୀ ଓ କେତେକ ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଲଳିତ ଘଟଣା ଦିନ ବିଦ୍ୟାଳୟକୁ ଯାଇ ସେଠାରେ ବ୍ୟାଗ୍ ରଖି ମଧ୍ୟାହ୍ନରେ ଘରକୁ ଆସି ସେଲ୍ଫି ନେବାକୁ ଯାଇଥିଲେ। ବିଦ୍ୟାଳୟ ପକ୍ଷରୁ ଛାତ୍ରଛାତ୍ରୀଙ୍କ ଉପରେ ନଜର ରଖା ନଯିବାରୁ ଏପରି ଘଟିଥିବା ଅଭିଯୋଗ ହୋଇଛି। ଅପରପକ୍ଷେ ବିଦ୍ୟାଳୟର ପ୍ରଧାନଶିକ୍ଷକ ତରୁଣ କୁମାର ରାଉତରାୟ ଏହି ଅଭିଯୋଗକୁ ଖଣ୍ଡନ କରି କହିଛନ୍ତି ଯେ, ଲଳିତ ଘଟଣା ପୂର୍ବରୁ ଦୁଇ ଦିନ ଧରି ବିଦ୍ୟାଳୟକୁ ଆସିନଥିଲେ। ଯଦି ଛାତ୍ର ବିଦ୍ୟାଳୟକୁ ଆସିନଥିଲେ, ତେବେ ତାଙ୍କ ସ୍କୁଲ ବ୍ୟାଗ ବିଦ୍ୟାଳୟରେ ରହିଲା କିପରି ବୋଲି ଲୋକେ ପ୍ରଶ୍ନ କରୁଛନ୍ତି। ଏହି ଘଟଣା ପରେ ତାଙ୍କର ଜଣେ ସହପାଠୀ ସେହି ବ୍ୟାଗକୁ ତାଙ୍କ ଘରେ ପହଞ୍ଚାଇଥିବା କୁହାଯାଉଛି। ଏହି ଘଟଣାର ନିରପେକ୍ଷ ତଦନ୍ତ କରାଯିବାକୁ ଦାବି ହେଉଛି।

### ପ୍ରଶାସନିକ ବିଫଳତା

## ରାଜ୍ୟର ୧୩ଟି ଆଦିମ ଜନଜାତି ଅବହେଳିତ

### ଦାଦନ ଯାଇ ଜୁଆଙ୍ଗ ମୃତ୍ୟୁ ଘଟଣା ଲଜ୍ଜିତ କରୁଛି: ବିଜେଡି ତଥ୍ୟ ଅନୁସନ୍ଧାନକାରୀ ଦଳ

**କେନ୍ଦୁଝର, ୧୦।୭ (ସମିସ):** ସୁଦୂର ତାମିଲନାଡୁରେ ଥିବା ଏକ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପରେ କେନ୍ଦୁଝର ଜିଲ୍ଲାର ଆଦିମ ଜନଜାତି ଜୁଆଙ୍ଗ ବାଳିକାଙ୍କ ମୃତ୍ୟୁ ଘଟଣାକୁ ନେଇ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଛି ବିଜେଡିର ତଥ୍ୟ ଅନୁସନ୍ଧାନକାରୀ ଦଳ। ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଦ୍ୱାରା ଗଠିତ ଏହି ପ୍ରତିନିଧି ଦଳ ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମାଙ୍କ ନେତୃତ୍ୱରେ ଗୁରୁବାର କେନ୍ଦୁଝର ଜିଲ୍ଲରେ ତେଲକୋଇ, ବାଂଶପାଳ ଓ ହରିଚନ୍ଦନପୁର ଗସ୍ତ କରିବା ପରେ ଶୁକ୍ରବାର ପୂର୍ବାହ୍ନରେ ଜିଲ୍ଲାପାଳଙ୍କୁ ଭେଟି ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ଏହାପରେ କେନ୍ଦୁଝର ରୋଟାରୀ କ୍ଲବରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବୋଧିତ କରିଥିଲେ।



କେନ୍ଦୁଝର ଜିଲ୍ଲାର ଦୁଇଟି ଘଟଣା ଜିତୁ ମୁଣ୍ଡାଙ୍କ କଙ୍କାଳ ବୋହିବା ଓ ୧୫ ଜଣ ଆଦିମ ଜନଜାତି ଜୁଆଙ୍ଗ ବାଳିକାଙ୍କ ମୃତ୍ୟୁ ଜାତୀୟ ନୁହେଁ ଅନ୍ତର୍ଜାତୀୟ ସ୍ତରରେ ଆଲୋଡନ ଖେଳାଇଛି। ପ୍ରଶାସନ କେନ୍ଦୁଝର ଜିଲ୍ଲାରେ ବିଫଳ ହୋଇଛି। ଜଣେ ଆଦିବାସୀ ମୁଖ୍ୟମନ୍ତ୍ରୀ ଏହି ଘଟଣାକୁ ଗୁରୁତର ଭାବେ ନେଇ ତାଙ୍କ ଅନୁସୂଚିତ ଜାତି ଓ ଜନଜାତି ମନ୍ତ୍ରୀଙ୍କୁ ଘଟଣାସ୍ଥଳକୁ ପଠାଇବା ପାଇଁ ବିଜେଡି ଦାବି କରିଛି।

ଏହି ସ୍ୱତନ୍ତ୍ର ପ୍ରତିନିଧିମଣ୍ଡଳୀ ଅନୁଧ୍ୟାନ କରିଛି ଯେ ରାଜ୍ୟରେ ଥିବା ୧୩ଟି ଆଦିମ ଜନଜାତି ଆଜି ବିଶେଷ ଭାବରେ ଅବହେଳିତ ଅବସ୍ଥାରେ ଥିବାବେଳେ 'କୁବେରପୁରୀ କେନ୍ଦୁଝର'ରେ ଦାରିଦ୍ର୍ୟ ସୀମା ଲଂଘନ କରିଛି। କେନ୍ଦୁଝର ଜିଲ୍ଲାର ଏହି ଜୁଆଙ୍ଗ ଜନଜାତିମାନଙ୍କ ପାଇଁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଜୁଆଙ୍ଗ ଉନ୍ନୟନ ସଂସ୍ଥା, ଜିବୀକା ମିଶନ ଆଦି ଏଠାରେ ବିଫଳ ହୋଇଥିବା କଥା ଶ୍ରୀ ଦାସବର୍ମା ପ୍ରକାଶ କରିଛନ୍ତି। କେନ୍ଦୁଝର ଜିଲ୍ଲାର ୧୪ଜଣ ଜୁଆଙ୍ଗ ବାଳିକା ଓ ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗରର ଜଣେ ବାଳିକାଙ୍କ ମଧ୍ୟରୁ ଅନେକ ଶିଶୁ ଅଛନ୍ତି, ଯେଉଁମାନେ ସ୍କୁଲ ଯିବା କଥା ସେମାନେ ଦାଦନ ଖଟିବାକୁ ଯାଇଥିଲେ। କେତେ ଜଣ ଜୁଆଙ୍ଗ ଦାଦନ ଖଟିବାକୁ ଯାଇଛନ୍ତି, କେତେ ଜଣଙ୍କର ଶବ ଫେରିଛି, କେତେଜଣ ଚିକିତ୍ସିତ ହେଉଛନ୍ତି ଆଉ କେତେ ଜଣ ଅଛନ୍ତି ତାହା ରାଜ୍ୟବାସୀ ଜାଣିବାର ଅଧିକାର ଅଛି ବୋଲି ଶ୍ରୀ ଦାସବର୍ମା କହିଛନ୍ତି।

**ତୁରନ୍ତ ଆଦିବାସୀ ବ୍ୟାପାର ମନ୍ତ୍ରୀ ଘଟଣାସ୍ଥଳକୁ ଯାଆନ୍ତୁ**

**ଜିତୁ ମୁଣ୍ଡା ପରେ ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରନ୍ତୁ**

**ବାଂଶପାଳ ନାବାଳିକା ଦୁଷ୍କର୍ମ ପୀଡ଼ିତାଙ୍କୁ ଭେଟିଲେ ପ୍ରତିନିଧି ଦଳ**

ଡବଲ ଇଂଜିନ ସରକାର ପ୍ରତ୍ୟେକଟି କ୍ଷେତ୍ରରେ ବିଫଳ ହୋଇଛନ୍ତି ବୋଲି ସେ କହିଥିବାବେଳେ କେନ୍ଦୁଝର ଜିଲ୍ଲା ପ୍ରଶାସନ ଶତକଡା ୯୦ ପ୍ରତିଶତ ଜୁଆଙ୍ଗ ଗ୍ରାମକୁ ପହଞ୍ଚିପାରି ନାହିଁ ବୋଲି ପୂର୍ବତନ ମନ୍ତ୍ରୀ ଶ୍ରୀ ଦାସବର୍ମା ଅଭିଯୋଗ କରିଥିଲେ। ଜିତୁ ମୁଣ୍ଡା ଘଟଣା ସହ ଜୁଆଙ୍ଗଙ୍କ ମୃତ୍ୟୁ ପ୍ରମାଣିତ କରିଛି ଯେ କେନ୍ଦୁଝର ଜିଲ୍ଲାରେ ବ୍ୟବସ୍ଥା ବିଫଳ ହୋଇଛି। ଜୁଆଙ୍ଗମାନଙ୍କୁ ବିକାଶର ଧାରାକୁ ଆଣିବାକୁ ତୁରନ୍ତ ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ କରିବାକୁ ସେ ଦାବି କରିଥିଲେ। କେନ୍ଦୁଝର ଜିଲ୍ଲା ବିଜେଡି ସଭାପତି ଆଶିଷ ଚକ୍ରବର୍ତ୍ତୀ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କହିଥିଲେ ଯେ ଜୁଆଙ୍ଗ ଗାଁଗୁଡ଼ିକୁ ସବୁଦିନିଆ ରାସ୍ତା ହେବା ଆବଶ୍ୟକ। ଅନ୍ୟପକ୍ଷରେ, ବାଂଶପାଳ ବ୍ଲକ ଅଞ୍ଚଳର ଜଣେ ୫ ବର୍ଷର ନାବାଳିକାକୁ ଦୁଷ୍କର୍ମ କରି ହତ୍ୟା ଉଦ୍ୟମ ଘଟଣାରେ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଘୋର ଉଦବେଗ ପ୍ରକାଶ କରି କହିଥିଲେ ଯେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବେଡ ଅଭାବରୁ ପୀଡ଼ିତା ତଳେ ଚିକିତ୍ସିତ ହେଉଥିବା ଏହି ପ୍ରତିନିଧି ଦଳ ଦେଖିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ସୋର ବିଧାୟକ ମାଧବ ଧଡା, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ପୂର୍ବତନ ସାଂସଦ ମାଧବ ସର୍ଦ୍ଦାର, ପୂର୍ବତନ ବିଧାୟକ ଜଗନ୍ନାଥ ନାୟକ, ମୟୂରଭଞ୍ଜ ଜିଲ୍ଲାର ବରିଷ୍ଠ ବିଜେଡି ନେତା ଦେବାଶିଷ ମାରାଣ୍ଡି, ଧନୁର୍ଜୟ ସିଦ୍ଧୁ, ଜିଲ୍ଲା ଯୁବ ଜନତା ଦଳ ସଭାପତି ରାକେଶ ରାମ, ଛାତ୍ର ବିଜେଡି ସଭାପତି ଅମରେନ୍ଦ୍ର ଧଳ, ମୀନା ମାଝୀ, ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ପ୍ରମୋଦ ପଟ୍ଟନାୟକ, ଜିଲ୍ଲା କୋଷାଧକ୍ଷ ରକ୍ଷାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷକ ଅଭାବର ପ୍ରତିବାଦ
# ସ୍କୁଲରେ ତାଲା ପକାଇ ଛାତ୍ରଛାତ୍ରୀଙ୍କ ଧାରଣା

**ଧର୍ମଶାଳା,୧୦।୭ (ସମିସ)**




ଧର୍ମଶାଳା ବ୍ଲକର ସର୍ବପୁରାତନ ଶିକ୍ଷାନୁଷ୍ଠାନ ଧର୍ମଶାଳା ବାଣୀପୀଠରେ ଶିକ୍ଷକ ଅଭାବ ଥିବା ଅଭିଯୋଗରେ ସ୍କୁଲ ଫାଟକ ସମ୍ମୁଖରେ ତାଲା ପକାଇ ଛାତ୍ରଛାତ୍ରୀ ଆଜି ଧାରଣାରେ ବସିରହିଥିଲେ। ଅଭିଯୋଗ ମୁତାବକ କିଛି ମାସ ହେବ ବିଦ୍ୟାଳୟର ୫ରୁ ଅଧିକ ଶିକ୍ଷକ ଅନ୍ୟତ୍ର ବଦଳି ହୋଇଯାଇଛନ୍ତି। ଯାହା ଫଳରେ ଶିକ୍ଷାଦାନରେ ଘୋର ସମସ୍ୟା ସୃଷ୍ଟି ହେଉଛି। ବିଭିନ୍ନ ବିଭାଗର ଶିକ୍ଷକ ନଥିବା ଯୋଗୁ ଛାତ୍ରଛାତ୍ରୀ ଖାଲି କ୍ଲାସରୁମରେ ବସି ଘରକୁ ଫେରୁଥିବା ଅଭିଯୋଗ କରିଛନ୍ତି। ଏନେଇ ପୂର୍ବରୁ ଛାତ୍ରଛାତ୍ରୀ ଓ ଅଭିଭାବକ ମାନେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା କୌଣସି ସୁଫଳ ନମିଳିବାରୁ ଆଜି ବାଧ ହୋଇ ଛାତ୍ରଛାତ୍ରୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସ୍କୁଲ ଫାଟକରେ ସମ୍ମୁଖରେ ତାଲା ପକାଇ ବିଭିନ୍ନ ନାରାବାଜି କରିବା ସହ ଧାରଣାରେ ବସି ରହିଥିଲେ। ଆବଶ୍ୟକୀୟ ଶିକ୍ଷକ ନିଯୁକ୍ତି ନହେବା ପର୍ଯ୍ୟନ୍ତ ଆନ୍ଦୋଳନରୁ ହଟିବେ ନାହିଁ ବୋଲି ଛାତ୍ରଛାତ୍ରୀମାନେ ଚେତାବନୀ ଦେଇଥିଲେ। ସ୍କୁଲର ପ୍ରଧାନ ଶିକ୍ଷକ ବାସୁଦେବ ରାଉଳ ସେଠାରେ ପହଞ୍ଚି ଛାତ୍ରଛାତ୍ରୀଙ୍କୁ ବୁଝାସୁଝା କରିଥିଲେ ସୁଦ୍ଧା ସେମାନେ ନିଜ ଜିଦରେ ଅଟଳ ରହିଥିଲେ। ଖବର ପାଇ ଧର୍ମଶାଳା ବିଇଓ ଅଭୟକୁମାର ବେହେରା ଘଟଣା ସ୍ଥଳରେ ପହଞ୍ଚି ଛାତ୍ରଛାତ୍ରୀଙ୍କ ସହିତ ଅଲୋଚନା କରିଥିଲେ। ସେ ସ୍କୁଲରେ ଶିକ୍ଷକ ଅଭାବ ଥିବା ସ୍ୱୀକାର କରିଥିଲେ। ଯଥାଶିଘ୍ର ଶିକ୍ଷକ ପଦବୀ ପୂରଣ ପାଇଁ ଉପରିସ୍ଥ ଅଧିକାରୀମାନଙ୍କୁ ଅବଗତ କରାଯିବାର ପ୍ରତିଶ୍ରୁତି ଦେବା ପରେ ଛାତ୍ରଛାତ୍ରୀ ଧାରଣାରୁ ଓହରିଥିଲେ। ତେବେ ଏହି ଖବର ପାଇବା ପରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ତୁରନ୍ତ ହସ୍ତକ୍ଷେପ କରି ବାଣୀପୀଠରେ ଆବଶ୍ୟକ ଶିକ୍ଷକ ନିଯୁକ୍ତି କରିବାକୁ ଜିଲ୍ଲା ଶିକ୍ଷା ବିଭାଗ ଓ ଜିଲ୍ଲାପାଳଙ୍କୁ କହିଥିଲେ। ତେବେ ଆଜି ଜିଲ୍ଲା ଶିକ୍ଷା ବିଭାଗ ଦ୍ୱାରା ଚିଠି ସଂଖ୍ୟା ୮୪୧୫ରେ ଦୁଇଜଣ ଶିକ୍ଷକଙ୍କୁ ତୁରନ୍ତ ଡେପୁଟେସନରେ ବାଣୀପୀଠକୁ ପଠାଯାଇଥିବା ଜଣାଯାଇଛି।

## ଟମକାରେ ୧ ଟଙ୍କାରେ ଚାରା ବଣ୍ଟନ



**ଯଖପୁରା,୧୦।୭ (ସମିସ):** ପରିବେଶ ସୁରକ୍ଷା ଓ ସବୁଜାୟନକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ଟମକା ବନଖଣ୍ଡ ପକ୍ଷରୁ ଏକ ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି। ସାଧାରଣ ଲୋକଙ୍କୁ ବୃକ୍ଷରୋପଣ ପ୍ରତି ଆକର୍ଷିତ କରିବା ପାଇଁ ମାତ୍ର ୧ ଟଙ୍କାରେ ଚାରା ବଣ୍ଟନ କରାଯାଉଛି। ଏହି କାର୍ଯ୍ୟକ୍ରମ ଯାଜପୁର ଜିଲ୍ଲା ଦାନଗଦି ବ୍ଲକର ଚାନ୍ଦିଆ ପଞ୍ଚାୟତ ଅନ୍ତର୍ଗତ ଗୋଲାଗାଁ ନର୍ସରୀରେ ଚାଲିଛି। ଟମକା ରେଞ୍ଜର କିଶୋର କୁମାର ପାଣିଗ୍ରାହୀଙ୍କ ସୂଚନା ଅନୁଯାୟୀ, ଆଧାର କାର୍ଡ ଦେଖାଇ ଯେକୌଣସି ବ୍ୟକ୍ତି ମାତ୍ର ୧ ଟଙ୍କାରେ ଚାରା ସଂଗ୍ରହ କରିପାରିବେ। ନର୍ସରୀରେ ବନ ଅଁଳା, ଲେମ୍ବୁ, ପିଜୁଳି, ଡାଳିମ୍ବ, ଅମୃତଭଣ୍ଡା, ଆତ, କାଜୁ, ନିମ୍ବ ଭଳି ଫଳଜ ଓ ଔଷଧୀୟ ଚାରା ସହ ଶାଗୁଆନ, ରକ୍ତଚନ୍ଦନ, ବାଲିଶିଶୁ, ଧଳା ଶିରୀଷ ପରି ମୂଲ୍ୟବାନ କାଠଜାତୀୟ ଗଛର ଚାରା ମଧ୍ୟ ଉପଲବ୍ଧ ରହିଛି। ଚଳିତ ବର୍ଷ ଏହି ନର୍ସରୀରେ ପ୍ରାୟ ୨୦ ହଜାର ଚାରା ପ୍ରସ୍ତୁତ କରାଯାଇଛି। ଅଧିକରୁ ଅଧିକ ଲୋକ ଏହି ସୁବିଧାର ସଦୁପଯୋଗ କରି ନିଜ ଅଞ୍ଚଳକୁ ସବୁଜ କରିବା ସହ ପରିବେଶ ସୁରକ୍ଷାରେ ସାମିଲ ହେବାକୁ ବନ ବିଭାଗ ପକ୍ଷରୁ ଆହ୍ୱାନ କରାଯାଇଛି। ଏହି ପଦକ୍ଷେପ କେବଳ ବୃକ୍ଷରୋପଣକୁ ପ୍ରୋତ୍ସାହନ ଦେଉନାହିଁ, ବରଂ ବାୟୁ ବିଶୁଦ୍ଧୀକରଣ, ଜଳବାୟୁ ସନ୍ତୁଳନ ଓ ମାଟି ସଂରକ୍ଷଣରେ ମଧ୍ୟ ସହାୟକ ହେବ। ସେହିପରି ଫଳଜ ଓ ଔଷଧୀୟ ଗଛ ଭବିଷ୍ୟତରେ ଗ୍ରାମୀଣ ପରିବାରଙ୍କ ପାଇଁ ଆର୍ଥିକ ଲାଭର ମାଧ୍ୟମ ହୋଇପାରିବ।

## ପ୍ରଧାନ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା



**ମଇଁନ୍ଦା,୧୦।୭ (ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ କଲ୍ୟାଣପୁର ପଞ୍ଚାୟତର କନ୍ୟାବିଦ୍ୟାଶ୍ରମ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜୟ କୁମାର ମଲିକଙ୍କ ବିଦାୟ କାଳିନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ବିଦ୍ୟାସାଗର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଦୀର୍ଘ ଦିନ ଧରି ଅନୁନ୍ନତ ଅବସ୍ଥାରେ ବିଦ୍ୟାଳୟ ଚାଲୁଥିବା ଅବସ୍ଥାରେ ସେ ବିଦ୍ୟାଳୟକୁ ଆସି ସରସ ସୁନ୍ଦର କରିଥିଲେ। ବର୍ତ୍ତମାନ ତାଙ୍କୁ ଗଜପତି ଜିଲ୍ଲାର ମୋହନା ବ୍ଲକର ସରକାରୀ ଉଚ୍ଚ ବିଦ୍ୟାଳୟକୁ ପ୍ରଧାନ ଶିକ୍ଷକ ଭାବେ ଅବସ୍ଥାପିତ କରାଯାଇଛି। ତେଣୁ ତାଙ୍କ ବଦଳିକୁ ନେଇ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ପୂର୍ବତନ ସାଧନ କେନ୍ଦ୍ରର ସଂଯୋଜକ ହବିବୁଲ ମୋହିନି, ବିଶ୍ୱଜିତ ଦାଶ, ଶାନ୍ତିଲତା ସାମଲ, ବନିତା ଦାସ, ମୋନାଲିସା ସାମଲ, ମନୋଲୋଭା ମଲିକ, ସେକ ସମିମ, ଅରୁଣ କୁମାର ସାମଲ, ରୋଜାଲିନ ବେହେରା, ବୃନ୍ଦାବନ ଯେନା, ବିଜୟା ମଲିକ, ବିପିନ ବିହାରୀ ସାହୁ, କବିତା ସାହୁ, ସସ୍ମିତା ସାହୁ, ସସ୍ମିତା ରାଉଳ, ଆଦି ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ମୂଳାପାଳ ପଞ୍ଚାୟତ ବିଜେଡି କର୍ମୀ ସମ୍ମିଳନୀ



**ପାଣିକୋଇଲି,୧୦।୭ (ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ମୂଳାପାଳ ପଞ୍ଚାୟତର ବିଜୁ ଜନତା ଦଳ (ବିଜେଡି) କର୍ମୀ ବୈଠକ ବୈତରଣୀ ନଦୀ ପଠା ବେଲେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। ପଞ୍ଚାୟତ ସଭାପତି ଗୋଲକ ଚନ୍ଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ଯାଜପୁର ପୂର୍ବତନ ପୌରାଧ୍ୟକ୍ଷ ଭବ ପ୍ରସାଦ ଦାସ ଯୋଗଦେଇ ଦଳୀୟ କର୍ମୀ ମାନେ ଅସନ୍ତା ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ। ବ୍ଲକ ବିଜେଡି ସଭାପତି ସୌଭାଗ୍ୟ ମହାନ୍ତି, ସୁଧାଂଶୁ ଶେଖର ବରାଳ, ସୁରେଖା ସେଠୀ, ମୂଳାପାଳ ସମିତିସଭ୍ୟ ମଧୁସୂଦନ ନନ୍ଦୀ, ରାମ ଚନ୍ଦ୍ର ବେହେରା, ମଦନ ମୋହନ ମାଝୀ, ଆନନ୍ଦ ପାଲଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ। ସଂଗଠନକୁ ସୁଦୃଢ଼ କରି ପ୍ରତ୍ୟେକ ୱାର୍ଡରେ କମିଟି ଗଠନ କରି କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ନିଷ୍ପତି ନିଆଯାଇଥିଲା। ଶେଷରେ ବାସୁଦେ ପରିଡା ଧନ୍ୟବାଦ ଦେଇଥିଲେ।

# ପୁଲିସ୍‌ର ନିଷ୍କ୍ରିୟତା ପ୍ରତିବାଦରେ ଥାନା ଘେରଉ

**ବଡଚଣା,୧୦।୭ (ସମିସ):** ଦଳିତ ଆଦିବାସୀଙ୍କ ଉପରେ ହେଉଥିବା ବିଭିନ୍ନ ଜାତିଭିତ୍ତିକ ମାମଲା ବୈରୀ ପୁଲିସର ନିଷ୍କ୍ରିୟତା ପ୍ରତିବାଦରେ ଗୁରୁବାର ଭୀମ୍ ଆର୍ମି ପକ୍ଷରୁ ବୈରୀ ଥାନା ଘେରଉ କରାଯାଇଛି। ସୂଚନା ଅନୁଯାୟୀ ବଡ଼ଚଣା ବ୍ଲକ ଅନ୍ତର୍ଗତ ବୈରୀ ଥାନା ଚମ୍ପାପୁର ପଞ୍ଚାୟତର ସାବୋ ଗ୍ରାମର ବାଇଧର ସେଠୀଙ୍କ ମୃତଦେହ ଗତ ମାର୍ଚ୍ଚ ୨୨ ତାରିଖରେ ଏକ ଜଙ୍ଗଲରୁ ଝୁଲନ୍ତା ଅବସ୍ଥାରେ ବୈରୀ ପୁଲିସ ଉଦ୍ଧାର କରିଥିଲା। ଏହାକୁ ନେଇ ବାଇଧରଙ୍କ ପରିବାର ଲୋକେ ଏହା ଆତ୍ମହତ୍ୟା ନୁହେଁ ହତ୍ୟା ବୋଲି ଅଭିଯୋଗ କରିଥିଲେ। ଏହି ଘଟଣାରେ ପୁଲିସ ଜଣଙ୍କୁ ଗିରଫ କରିଥିଲା। ଉକ୍ତ ଘଟଣାର କିଛି ଦିନ ପରେ ମୃତକଙ୍କ ପରିବାର ଲୋକେ କାହାର ଚାପରେ ଘର ଓ ଗ୍ରାମ ଛାଡି ସମ୍ପର୍କୀୟଙ୍କ ଘରେ ରହିଥିଲେ। ଯାହାକୁ ନେଇ ବାଇଧରଙ୍କ ପରିବାର ଲୋକେ ପୁଲିସକୁ ଜଣାଇବା ସହ ତାଙ୍କ ଜୀବନ ପ୍ରତି ବିପଦ ଅଛି ବୋଲି ସୂଚନା ଦେଇଥିଲେ। ମାତ୍ର ପୁଲିସ ଥାନାରେ ଉକ୍ତ ପରିବାର ଲୋକଙ୍କୁ ଦୁର୍ବ୍ୟବହାର ଦେଖାଇବା ସହ କୌଣସି ପଦକ୍ଷେପ ଗ୍ରହଣ ନକରି ଚୁପ୍ ରହିବା ସାଧାରଣରେ ସନ୍ଦେହ ସୃଷ୍ଟି ହେଉଛି। ଏହି ଘଟଣାକୁ ନେଇ ଆଜି ଭୀମ ଆର୍ମିର ଶତାଧିକ କର୍ମୀ ବୈରୀ ଷ୍ଟେସନ ନିକଟରୁ ପଦଯାତ୍ରାରେ ଆସି ପୁଲିସ ବିରୋଧରେ ନାରାବାଜି ଦେବା ସହ ଉକ୍ତ ଦଳିତ ପରିବାରକୁ ନ୍ୟାୟ ପ୍ରଦାନ ପାଇଁ ଦାବି କରିଥିଲେ। ଉକ୍ତ ଧାରଣାରେ ଭୀମ ଆର୍ମି ରାଜ୍ୟ ଉପସଭାପତି ଅନିଲ ମଲିକ, ଜିଲ୍ଲା ସଭାପତି ତରଣୀ ମଲିକ, ବ୍ଲକ ସଭାପତି ତପନ ସେଠୀ, ଜିଲ୍ଲା ପ୍ରଭାରୀ ମାଧବ ଜେନା, ଜିଲ୍ଲା ସଂଯୋଜକ ସୁରେଶ ମଲିକଙ୍କ ସମେତ ବହୁ ବରିଷ୍ଠ ନେତାମାନେ ଧାରଣାରେ ସାମିଲଥିଲେ। ଧାରଣାସ୍ଥଳରେ ଦର୍ପଣ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ ପହଞ୍ଚି ଆଲୋଚନା କରିଥିଲେ।

# ସୁକିନ୍ଦା ଖଣି ଅଞ୍ଚଳରେ ସ୍ଥାନୀୟ ଯୁବକଙ୍କୁ ଅବହେଳା

**କାଳିଆପାଣି,୧୦।୭ (ସମିସ):** ସୁକିନ୍ଦା ଖଣି ଅଞ୍ଚଳର ବିଭିନ୍ନ ଖଣି କମ୍ପାନୀରେ ସ୍ଥାନୀୟ ଓଡ଼ିଆ ଯୁବକଙ୍କ ପରିବର୍ତ୍ତେ ବାହାର ରାଜ୍ୟର ଶ୍ରମିକଙ୍କୁ ଅଧିକ ପ୍ରାଧାନ୍ୟ ଦିଆଯାଉଥିବା ଅଭିଯୋଗ କରିଛି ଏସ୍‌ଆର୍‌ସିକେଏମ୍‌ଏସ୍ ଶ୍ରମିକ ସଂଘର ଅଭିଯୋଗ। ଅନେକ ଖଣିରେ ବିହାର, ପଶ୍ଚିମବଙ୍ଗ ଓ ବାହାର ରାଜ୍ୟର ଯୁବକମାନେ ନିଯୁକ୍ତି ପାଉଥିବା ବେଳେ, ଟାଟାର ସାରୁଆବିଲ ଓ ଲକାମାରଡା ଖଣିରେ ମଧ୍ୟ ବାହାର ରାଜ୍ୟର ଶ୍ରମିକଙ୍କୁ କାମ ଦିଆଯାଉଥିବା ସୂଚନା ମିଳୁଛି। ଏହା ସତ୍ତ୍ୱେ ଅଞ୍ଚଳର ଅନେକ ସ୍ଥାନୀୟ ଯୁବକ-ଯୁବତୀ ବେକାର ରହିଛନ୍ତି ବୋଲି ସଂଘ ଦାବି କରିଛି। ସଂଘ ପକ୍ଷରୁ କୁହାଯାଇଛି ଯେ, ୧୯୭୯ ମସିହାରୁ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେବା ଦାବିରେ ଆନ୍ଦୋଳନ ହୋଇଆସୁଥିଲା। ସେହି ପ୍ରୟାସ ପରେ ଖଣି ପ୍ରଭାବିତ ପଞ୍ଚାୟତର ଗ୍ରାମଗୁଡ଼ିକରୁ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେବାର ପ୍ରଥା ଆରମ୍ଭ ହୋଇଥିଲା। କିନ୍ତୁ ବର୍ତ୍ତମାନ ସେହି ବ୍ୟବସ୍ଥା ଦୁର୍ବଳ ହୋଇଯାଇଥିବା ଅଭିଯୋଗ ହୋଇଛି। ଏସ୍‌ଆର୍‌ସିକେଏମ୍‌ଏସ୍‌ର କହିବା ଅନୁଯାୟୀ, ସରକାର ପରିବର୍ତ୍ତନ ପରେ ମଧ୍ୟ ସୁକିନ୍ଦାର ସ୍ଥାନୀୟ ଯୁବକ ଓ ଖଣି ଶ୍ରମିକମାନଙ୍କ ପାଇଁ ନିଯୁକ୍ତି ଓ କଲ୍ୟାଣମୂଳକ ସୁବିଧାରେ ଆଶାନୁରୂପ ପରିବର୍ତ୍ତନ ଆସିନାହିଁ। ବରଂ ଅନେକ ଖଣିରେ ବାହାର ରାଜ୍ୟର ଶ୍ରମିକଙ୍କ ସଂଖ୍ୟା ବଢ଼ୁଥିବା ବେଳେ ସ୍ଥାନୀୟ ଯୁବକମାନେ ବେକାର ରହିଛନ୍ତି ବୋଲି ସଂଘ ଦାବି କରିଛି। ଏହାସହ କିଛି ପ୍ରଭାବଶାଳୀ ବ୍ୟକ୍ତି ଖଣି ଅଞ୍ଚଳରେ ବାହାର ରାଜ୍ୟର ଲୋକଙ୍କ ପାଇଁ ବାସସ୍ଥାନ ସୁବିଧା ସୃଷ୍ଟି କରୁଥିବା ଏବଂ ଏଥିରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଥିବା ମଧ୍ୟ ସଂଘ ଅଭିଯୋଗ କରିଛି। ଏହି ପରିସ୍ଥିତିରେ ଖଣି ପ୍ରଭାବିତ ଅଞ୍ଚଳର ସ୍ଥାନୀୟ ଯୁବକ-ଯୁବତୀଙ୍କୁ ନିଯୁକ୍ତିରେ ପ୍ରଥମ ପ୍ରାଥମିକତା ଦେବା, ଶ୍ରମିକଙ୍କ ଅଧିକାର ସୁରକ୍ଷିତ କରିବା ଏବଂ ସମ୍ପୃକ୍ତ ଅଭିଯୋଗର ଯାଞ୍ଚ କରି ଆବଶ୍ୟକ ପଦକ୍ଷେପ ନେବାକୁ ଏସ୍‌ଆର୍‌ସିକେଏମ୍‌ଏସ୍ ଦାବି କରିଛି।

## ନାଳରୁ ମହିଳାଙ୍କ ମୃତଦେହ ଉଦ୍ଧାର

**ସୁକିନ୍ଦା,୧୦।୭ (ସମିସ):** ସୁକିନ୍ଦା ପୁଲିସ ଗୁରୁବାର ଉଦୟପୁର ନାଳରୁ ଜଣେ ମହିଳାଙ୍କ ମୃତଦେହ ଜବତ କରିଛି। ସୁକିନ୍ଦା ବ୍ଲକ ଅନ୍ତର୍ଗତ ଲେମ୍ବୋ ପଞ୍ଚାୟତର ଉଦୟପୁର ଗ୍ରାମ ନିକଟସ୍ଥ ଏକ ନାଳରୁ ଏହି ମୃତଦେହ ସୁକିନ୍ଦା ଅଗ୍ନିଶମ ବାହିନୀର ସହାୟତାରେ ଉଦ୍ଧାର କରାଯାଇଛି। ମୃତ ମହିଳା ସ୍ଥାନୀୟ ବାସିନ୍ଦା ସନାତନ ମୁଣ୍ଡାଙ୍କ ପତ୍ନୀ ସୁଶୀଳା ମୁଣ୍ଡା(୫୫) ବୋଲି ଜଣାପଡ଼ିଛି। ସେ ଗତ ବୁଧବାରଠାରୁ ନିଖୋଜ ଥିବା ନେଇ ପରିବାର ପକ୍ଷରୁ ସୁକିନ୍ଦା ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛି।

## ବାଲି ବୋଝେଇ ହାଇୱା ଜବତ

**ପାଣିକୋଇଲି,୧୦।୭ (ସମିସ):** ବେଆଇନ ଭାବେ ବାଲି ଚୋରା ଚାଲାଣର ଖବର ପାଇ ପାଣିକୋଇଲି ପୁଲିସ ଚଢ଼ଉ କରି ଷଠିପୁର ଯାଜପୁର ରାସ୍ତାର ରୁଢ଼ିଆ ଠାରେ ଏକ ବାଲି ବୋଝେଇ ହାଇୱା (ଓଡି୦୭ଏଏଲ୮୬୪୪)କୁ ଜବତ କରିଛି। ହାଇୱାଟି ବାଲି ବୋଝେଇ କରି ଆସୁଥିବା ବେଳେ ପାଣିକୋଇଲି ଥାନାଧିକାରୀ ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତ ତାକୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ବାଲିର କୌଣସି କାଗଜପତ୍ର ନଥିବାରୁ ଗାଡିକୁ ଥାନାକୁ ଆଣିବା ସହ ଚାଳକକୁ ଅଟକ ରଖି ତଦନ୍ତ ଚାଲୁ ରହିଛି।

## କାର୍ ସହ ଟ୍ରକ୍ ଧକ୍କା, ୨ ଆହତ

**ପାଣିକୋଇଲି,୧୦।୭ (ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଟିକର ନିକଟରେ ଆଜି ଏକ ଟ୍ରକ୍ କାର୍‌କୁ ସାଇଡ ମାରିବାରୁ ଦୁଇ ଜଣ ଆହତ ହୋଇଛନ୍ତି। ପ୍ରକାଶଯେ ଅମିତାଭ ବ୍ରହ୍ମା ଓ ଭାରତୀ ବ୍ରହ୍ମା ଭୁବନେଶ୍ୱରରୁ ବାରିପଦା ଅଭିମୁଖେ ଏକ କାର୍ (ଓଡି ୦୨ଡି ଜେ ୮୧୧୮) ଯୋଗେ ଯାଉଥିବା ବେଳେ ପାରାଦୀପରୁ କଲିକତା ଅଭିମୁଖେ ଯାଉଥିବା ଏକ ଟ୍ରକ୍ ( ଡବ୍ଲୁବି ୨୩ ଜି ୦୬୪୧) ସାଇଡ ମାରିଥିଲା। ଦୁର୍ଘଟଣା ଫଳରେ କାର୍ ଗୋଟିଏ ପଟ ଭାଙ୍ଗି ଯିବା ସହ ଉଭୟ ଆହତ ହୋଇଥିଲେ। ଖବର ପାଇ ଘଟଣାସ୍ଥଳେ ପୁଲିସ ପହଞ୍ଚି ଗାଡି ଦୁଇଟକୁ ଜବତ କରିବା ସହ ଟ୍ରକ ଚାଳକ ପଶ୍ଚିମବଙ୍ଗ ମାଲଦାର ୱାସିଦ ସେଖ୍‌କୁ ଅଟକ ରଖି ତଦନ୍ତ ଜାରି ରଖିଛି।

## ଦିନ ରାତି ଖୋଲା ରହୁଛି ମଦ ବାର୍
## ପୁଲିସ୍‌ର ଚଢ଼ଉ; ଜରିମାନା ଦେବେ ମାଲିକ


**ପାଣିକୋଇଲି,୧୦।୭ (ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ପାଶ୍ୱର୍ ତଥା ଗୋଲେଇପୁର ପଞ୍ଚାୟତର ହାଟସାହି ନିକଟରେ ଥିବା ରଶ୍ମି ମଦ ବାର ଦିବାରାତ୍ରୀ ଖୋଲା ରହିବା ସହ ମଦ ବିକ୍ରି ଚାଲିଥିବାର ଅଭିଯୋଗ ହୋଇଥିଲା। ଅଭିଯୋଗ ମୁତାବକ ଯାଞ୍ଚ ପାଇଁ ଆଜି ସକାଳ ୬ଟା ୪୦ ମିନିଟ ସମୟରେ ଥାନାଧିକାରୀ ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତ ସଦଳବଳେ ଚଢ଼ଉ କରିଥିଲେ। ଚଢାଉ ସମୟରେ ମଦ ବାର ଅଧା ସର୍ଟର ଟେକା ହୋଇଥିବା ଦେଖିବାକୁ ପାଇଥିଲେ। ଫଳରେ ଏହାକୁ ବନ୍ଦ କରିବା ସହ ମାଲିକକୁ ଥାନାକୁ ଆଣିଥିଲେ। ପରେ ଏନେଇ ଅବକାରୀ ବିଭାଗକୁ ସୂଚନା ଦେଇଥିଲେ। ଡୋଲିପୁର ଅବକାରୀ ଅଧିକାରୀ ରାମେଶ୍ୱର ମହାନ୍ତି ପହଞ୍ଚି ଘଟଣାର ଯାଞ୍ଚ କରିଥିଲେ। ପରେ ଏନେଇ ରଶ୍ମୀବାର ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇ ଅବକାରୀ ବିଭାଗ ଜିଲ୍ଲାପାଳଙ୍କୁ ପତ୍ର ଦ୍ୱାରା ଜଣାଇଥିଲେ। ଉକ୍ତ ବାର ଉପରେ ଜରିମାନା ଆଦାୟ କରାଯିବ ବୋଲି ଶ୍ରୀ ମହାନ୍ତି ସୂଚନା ଦେଇଥିଲେ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ହୃଦ୍‌ଘାତରେ ମୃତ୍ୟୁ



**ଧର୍ମଶାଳା,୧୦।୭ (ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଭଗବାନପୁର ଗ୍ରାମର ଆଦର୍ଶ ଶିକ୍ଷକ ନିର୍ମଳ ଚନ୍ଦ୍ର ରାୟ (୮୨)ଙ୍କ ବୁଧବାର ନିଜ ବାସଭବନରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ସକାଳୁ ନିଜର ନିତ୍ୟକର୍ମ କରୁଥିବା ସମୟରେ ହଠାତ ଅସୁସ୍ଥ ହୋଇପଡ଼ିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପତ୍ନୀ, ଝିଅ, ପୁତୁରା, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସେ ବିଭିନ୍ନ ସ୍କୁଲରେ ଶିକ୍ଷକତା କରି ଶେଷରେ କଲଣସ୍ଥିତ ମଧ ଇଂରାଜୀ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିଲେ। ତାଙ୍କର ଶିକ୍ଷକତା ଜୀବନରେ ସହକର୍ମୀ ଓ ଛାତ୍ରଛାତ୍ରୀଙ୍କ ଅତ୍ୟନ୍ତ ପ୍ରିୟଭାଜନ ହୋଇପାରିଥିଲେ। ସେ ସାରା ଧର୍ମଶାଳା ଅଞ୍ଚଳରେ ଜଣେ ଆଦର୍ଶ ଶିକ୍ଷକ, ଅତ୍ୟନ୍ତ ଜନପ୍ରିୟ, ମିଷ୍ଟଭାଷୀ ଅନୁଷ୍ଠାନପ୍ରେମୀ ବ୍ୟକ୍ତି ଭାବରେ ପରିଚିତ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ପୁରାତନ ଛାତ୍ର ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ତାଙ୍କ ମରାଶରୀରକୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ଶ୍ମଶାନରେ ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଥିଲା। ତାଙ୍କର ଏକମାତ୍ର ପୁଅ ନିଗମାନନ୍ଦ ରାୟ ବିଦେଶରେ ଚାକିରି କରିଥିବାରୁ ପୁତୁରା ବିବେକାନନ୍ଦ ରାୟ ମୁଖାଗ୍ନି ଦେଇଥିଲେ।

## ବିଶିଷ୍ଟ ବ୍ୟବସାୟୀଙ୍କ ପରଲୋକ



**ଧର୍ମଶାଳା,୧୦।୭ (ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକା ବଜାର ନିବାସୀ ବିଶିଷ୍ଟ ବ୍ୟବସାୟୀ ମନୋଜ କୁମାର ସାହାଣୀ (୮୨) ଗତକାଲି ସନ୍ଧ୍ୟା ୫ଟା ସମୟରେ ନିଜସ୍ୱ ବାସଭବନରେ ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନ ହେବ କର୍କଟ ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପତ୍ନୀ, ୪ ପୁଅ ଓ ବୋହୁ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସେ ଜଣେ ଅତ୍ୟନ୍ତ ଭଦ୍ର, ଅମାୟିକ ଓ ଆଧ୍ୟାତ୍ମିକବାଦୀ ବ୍ୟକ୍ତି ଭାବରେ ଜଣାଶୁଣାଥିଲେ। ଦୀର୍ଘ ବର୍ଷ ହେବ ଜାରକା ବଜାରରେ ବ୍ୟବସାୟ ପ୍ରତିଷ୍ଠାନ କରି ରହୁଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଆଖପାଖ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ତାଙ୍କ ମରାଶରୀରକୁ ଏକ ଶୋଭାଯାତ୍ରାରେ ନିଜ ଗ୍ରାମ ପ୍ରଥମାଖଣ୍ଡୀ ଗ୍ରାମକୁ ନିଆଯାଇ ଶ୍ମଶାନରେ ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଥିଲା। ତାଙ୍କର ବଡ଼ ପୁଅ ବଳରାମ ସାହାଣୀ ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକରେ ଆଜି ଜାରକାର ବଡବଜାର ସମ୍ପୂର୍ଣ୍ଣ ବନ୍ଦ ରହିଥିଲା।

# ଶାସନ୍ଦାରେ କୃଷକ ସଚେତନତା କର୍ମଶାଳା



**ବିଞ୍ଝାରପୁର,୧୦।୭ (ସମିସ):** ଜିଲ୍ଲା କୃଷି ବିଭାଗ ପକ୍ଷରୁ ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଶାସନ୍ଦା ଗ୍ରାମପଞ୍ଚାୟତ ସଭାଗୃହରେ ଶୁକ୍ରବାର କୃଷକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା। କୃଷକମାନଙ୍କୁ ସରକାରଙ୍କ ବିଭିନ୍ନ କୃଷି ଯୋଜନା ଏବଂ ଖରିଫ ଚାଷ ସମ୍ପର୍କରେ ସଚେତନ କରିବା ଉଦ୍ଦେଶ୍ୟରେ ଏହି କର୍ମଶାଳାର ଆୟୋଜନ କରାଯାଇଥିଲା। କର୍ମଶାଳାରେ ବିଞ୍ଝାରପୁର ବ୍ଲକ କୃଷି ଅଧିକାରୀ ଅନିରୁଦ୍ଧ ତରାଇ, ଅତିରିକ୍ତ ବ୍ଲକ କୃଷି ଅଧିକାରୀ ଜ୍ଞାନ ପ୍ରକାଶ ସାହୁ, ଶାସନ୍ଦା ସରପଞ୍ଚ କାମଦେବ ଧଳ, ବିଟିଏମ ସୁନସେଫ ରଥ ଓ ଏଟିଏମ ଅନିଲ ଦାସ ପ୍ରମୁଖ ଯୋଗଦେଇ ପ୍ରାକୃତିକ ଚାଷ ପଦ୍ଧତି ସମ୍ପର୍କରେ କୃଷକମାନଙ୍କୁ ସଚେତନ କରିଥିଲେ। ବକ୍ତାମାନେ ରାସାୟନିକ ସାର ଓ କୀଟନାଶକର ବ୍ୟବହାର କମାଇ ସ୍ଥାନୀୟ ପ୍ରାକୃତିକ ସମ୍ବଳକୁ ଉପଯୋଗ କରି ଚାଷ କରିବା, ମୃତ୍ତିକାର ଉର୍ବରତା ବୃଦ୍ଧି, ଉତ୍ପାଦନ ଖର୍ଚ୍ଚ ହ୍ରାସ ଏବଂ ସୁସ୍ଥାୟୀ କୃଷିକୁ ପ୍ରୋତ୍ସାହନ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାସହ ଡାଲିଜାତୀୟ ଶସ୍ୟରେ ଆତ୍ମନିର୍ଭରଶୀଳତା, ସିଏମ କିସାନ ଓ ପିଏମ କିସାନ ଯୋଜନା, ଫାର୍ମର ରେଜିଷ୍ଟ୍ରେସନ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଏବଂ ଖରିଫ ଧାନ ଚାଷର ବିଭିନ୍ନ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶାସନ୍ଦା ପଞ୍ଚାୟତର ଅମୀୟ କୁମାର ନାୟକ, ରାମଚନ୍ଦ୍ର ସାମଲ, ନିମାଇଁ ପରିଡ଼ା, ଜଗନ୍ନାଥ ବାରିକ, ଗଙ୍ଗାଧର ଧଳ, ନିର୍ମଳ ନାୟକ, ବିଜୟ ନାୟକ, ସୁରେନ୍ଦ୍ର ସାମଲ, ଜିତେନ୍ଦ୍ର ଦାସ, ସରୋଜ ସାମଲ, ପ୍ରଫୁଲ ଦାସ, କୃଷକ ସାଥୀ ଦୀନବନ୍ଧୁ ନାୟକଙ୍କ ସମେତ ୫୦ରୁ ଅଧିକ ଚାଷୀ ଉପସ୍ଥିତ ରହି ସରକାରଙ୍କ ବିଭିନ୍ନ କୃଷି ଯୋଜନା ସମ୍ପର୍କରେ ସୂଚନା ଗ୍ରହଣ କରିଥିଲେ।

## ଘରୋଇ ବିଦ୍ୟାଳୟ ପରିବହନ ଉପରେ ନାହିଁ ଅଙ୍କୁଶ

**ବିଞ୍ଝାରପୁର,୧୦।୭ (ସମିସ):** ବିଞ୍ଝାରପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ଘରୋଇ ଶିକ୍ଷାନୁଷ୍ଠାନର ସଂଖ୍ୟା ଦିନକୁ ଦିନ ବଢୁଛି। ତାଉଁତରା, ଲେଙ୍କାସାହି, ଚିକଣା, ପ୍ରୀତିପୁର, ଉଚଗଂରା, ବିଞ୍ଝାରପୁର, ସିଂହପୁର ଆଦି ଅଞ୍ଚଳରେ ସରସ୍ୱତୀ ଶିଶୁ ମନ୍ଦିରଠାରୁ ଆରମ୍ଭ କରି ବିଭିନ୍ନ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଖୋଲାଯାଇଛି। ମାତ୍ର ଏହି ବିଦ୍ୟାଳୟଗୁଡ଼ିକର ଅଧିକାଂଶର ନିଜସ୍ୱ ପରିବହନ ବ୍ୟବସ୍ଥା ନଥିବାରୁ ଛାତ୍ରଛାତ୍ରୀଙ୍କ ଯାତାୟାତ ପାଇଁ ବାହାର ଗାଡ଼ି ଉପରେ ନିର୍ଭର କରାଯାଉଛି। ଅଟୋରିକ୍ସା, ମ୍ୟାଜିକ୍ ଭ୍ୟାନ୍ ଏବଂ ଅନ୍ୟାନ୍ୟ ଚାରିଚକିଆ ଯାନରେ କ୍ଷମତାଠାରୁ ଅଧିକ ଛାତ୍ରଛାତ୍ରୀଙ୍କୁ ବସାଇ ପରିବହନ କରାଯାଉଥିବା ଦୃଶ୍ୟ ପ୍ରତିଦିନ ଦେଖିବାକୁ ମିଳୁଛି। ଏହା ଫଳରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ପ୍ରତି ଗୁରୁତର ବିପଦ ସୃଷ୍ଟି ହେଉଥିବା ବେଳେ ଏହି ପରିବହନ ବ୍ୟବସ୍ଥାର ନିୟମିତ ଯାଞ୍ଚ କିମ୍ବା ତଦାରଖ ହେଉନଥିବା ଅଭିଯୋଗ ହେଉଛି। ସ୍ଥାନୀୟ ଲୋକଙ୍କ ମତରେ, ବିଦ୍ୟାଳୟ ପରିବହନ ପାଇଁ ସରକାରଙ୍କ ନିର୍ଦ୍ଦିଷ୍ଟ ସୁରକ୍ଷା ନିୟମ ଥିଲେ ମଧ୍ୟ ଅନେକ ଘରୋଇ ବିଦ୍ୟାଳୟ ସେଗୁଡ଼ିକୁ ପାଳନ କରୁନାହାନ୍ତି। ଶିକ୍ଷା ବିଭାଗ ଓ ପରିବହନ ବିଭାଗ ଏହି ଦିଗରେ କଠୋର ଯାଞ୍ଚ କରି ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ପଦକ୍ଷେପ ନେବାକୁ ଅଭିଭାବକ ଓ ସଚେତନ ମହଲରୁ ଦାବି ହେଉଛି।

## ଆଶାକର୍ମୀଙ୍କୁ ମାରିଥିବା ଗାଡ଼ିକୁ ଚିହ୍ନଟ କରୁନି ପୁଲିସ
# ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପରିବାର

**ପାଣିକୋଇଲି,୧୦।୭ (ସମିସ)**



ଦୀର୍ଘ ମାସେ ହେଲା ଜଣେ ଆଶାକର୍ମୀଙ୍କୁ ଦୁର୍ଘଟଣା ଘଟାଇ ମାରିଥିବା ଗାଡିକୁ ପୁଲିସ ଧରୁନାହିଁ। ଓଲଟା ପୀଡ଼ିତ ପରିବାରକୁ ଥାନାକୁ ବାରମ୍ବାର ଡକାଇ ମାନସିକ ଯନ୍ତ୍ରଣା ଦେଉଛି। ଶେଷରେ ନ୍ୟାୟ ପାଇ ଜିଲ୍ଲା ପୁଲିସ ମୁଖିଆଙ୍କ ଦ୍ୱାରସ୍ଥ ହୋଇଛନ୍ତି ମୃତ ଆଶାକର୍ମୀଙ୍କ ପରିବାର। ଅଭିଯୋଗ ଅନୁଯାୟୀ ଯାଜପୁର ଥାନା ଅନ୍ତର୍ଗତ ସୁନ୍ଦରପୁର ଗ୍ରାମର ଆଶା କର୍ମୀ ଭାବେ କାର୍ଯ୍ୟକରୁଥିବା ରାମଚନ୍ଦ୍ର ଦାସଙ୍କ ପତ୍ନୀ ଶୁଶୀଳା ଦାସ (୬୦) ଗତ ଜୁନ ୭ ତାରିଖରେ ନିକଟସ୍ଥ ଗୁରଦାସପୁରରେ ଥିବା ନିଜ ଝିଅ ଘରକୁ ଯାଉଥିବା ବେଳେ ଅପରାହ୍ନ ୪ଟା ସମୟରେ ମକେଇପୁର ଛକରେ ଓହ୍ଲାଇଥିଲେ। ସେହି ସମୟରେ ଯାଜପୁର ଟାଉନ ପଟୁ ଏକ ଗାଡ଼ି ଦ୍ରୁତଗତିରେ ଆସି ତାଙ୍କୁ ଧକ୍କା ଦେଇ ସେଠାରୁ ଫେରାର ହୋଇଯାଇଥିଲା। ଗୁରୁତର ଶୁଶୀଳାଙ୍କୁ ଅମ୍ବୁଲାନ୍ସରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲେ ମଧ୍ୟ ସେଠାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ବୃଦ୍ଧାଙ୍କ ପୁଅ ଗଣେଶ ଦାସ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ପୁଲିସ ଏକ ମାମଲା ୨୪୫/୨୬ ରୁଜୁ କରି ତଦନ୍ତ ଅରମ୍ଭ କରିଥିଲା। ଦୁର୍ଘଟଣା ସ୍ଥଳର ନିକଟବର୍ତ୍ତି ସ୍ଥାନରେ ଲାଗିଥିବା ସିସି କ୍ୟାମେରାଗୁଡିକୁ ଯାଞ୍ଚ କରିଥିଲା। କେଉଁ ଗାଡି ଗୁଡିକ ସେହି ରାସ୍ତାରେ ଦୁର୍ଘଟଣା ସମୟ ତଥା ପୂର୍ବରୁ ଅତିକ୍ରମ କରିଛି ତା' ବିଷୟରେ ତଦନ୍ତ କରିଥିଲା। କିନ୍ତୁ ମାସେ ବିତି ଯାଇଥିଲେ ମଧ୍ୟ ଦୁର୍ଘଟଣା ଘଟାଇଥିବା ଗାଡି ବିଷୟରେ ପୀଡ଼ିତ ପରିବାରକୁ ପୁଲିସ କୌଣସି ସୁଚନା ଦେଉନାହିଁ। ଏନେଇ ପରିବାର ପକ୍ଷରୁ ବାରମ୍ବାର ଥାନାକୁ ଦୌଡି ଦୌଡି ନୟାନ୍ତ ହେବା ପରେ ଶେଷରେ ଆଜି ପାଣିକୋଇଲି ସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଏସପି ଯସ୍ ପ୍ରତାପ ଶ୍ରୀମଲଙ୍କୁ ଭେଟି ତୁରନ୍ତ ଦୁର୍ଘଟଣା ଘଟାଇଥିବା ଗାଡିକୁ ଚିହ୍ନଟ କରିବା ସହିତ ଚାଳକକୁ ଗିରଫ କରିବାକୁ ସଂପୃକ୍ତ ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦେବାକୁ ଦାବି କରିଛନ୍ତି।

# ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ଥର ସ୍ଥାପନ କଲେ ମନ୍ତ୍ରୀ; କାଉନ୍ସିଲରଙ୍କ ଅସନ୍ତୋଷ



**ଭଦ୍ରକ, ୧୦।୭ (ସମିସ):** ଭଦ୍ରକ ବାଇପାସ୍ ଛକଠାରେ ଭଦ୍ରକ ପୌରପାଳିକା ପକ୍ଷରୁ ନିର୍ମିତ ୬ଟି ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ଏହିସବୁ ପ୍ରକଳ୍ପ ଫଳରେ ଭଦ୍ରକବାସୀଙ୍କ ଜୀବନଧାରଣରେ ଉନ୍ନତି ଆସିବ ଓ ସହରର ପ୍ରଗତି ହେବ ବୋଲି ମୁଖ୍ୟ ଅତିଥି ତଥା ଉଦ୍‌ଘାଟକ ଭାବେ ଯୋଗଦେଇ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାୟକ ସୀତାଂଶୁଶେଖର ମହାପାତ୍ର, ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ଉପଜିଲ୍ଲାପାଳ ତଥା ପେସର ନିର୍ବାହୀ ଅଧିକାରୀ ସୌରଭ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଏହି ଭିତ୍ତିପ୍ରସ୍ଥର କାର୍ଯ୍ୟକ୍ରମକୁ ପୌରପାଳିକାର ବହୁ କାଉନସିଲର କଡ଼ା ନିନ୍ଦା କରିଥିଲେ। ଭିତ୍ତିପ୍ରସ୍ତର ପୂର୍ବରୁ ଆଜି ପୂର୍ବାହ୍ନରେ ପୌରାଧକ୍ଷାଙ୍କ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ କାଉନସିଲର ପ୍ରତିନିଧି ପଙ୍କଜ ବଳ, କାଉନସିଲର ସହିଦ ଖାଁ, କାଉନସିଲର ଖଗେଶ୍ୱର ବାରିକ, କାଉନିଲର ସେଖ ଜହିରୁଦ୍ଦିନ, କାଉନସିଲର ଏସ୍‌କେ ଗରିବୁଲ୍ଲା ପ୍ରମୁଖ ଏହି ପ୍ରକଳ୍ପ ବିନା ଟେଣ୍ଡରରେ ତରବରିଆ ଭାବେ କରାଯାଉଛି ବୋଲି କହିଥିଲେ। ଭଦ୍ରକ ପୌରପାଳିକାର ୬ ଗୋଟି ପ୍ରକଳ୍ପ ମଧ୍ୟରୁ ୫ଟି ପ୍ରକଳ୍ପ ବିନା ଟେଣ୍ଡରରେ କରାଯାଉଥିବାବେଳେ ଭିତ୍ତି ପ୍ରସ୍ତର ସ୍ଥାପନ କିପରି କରୁଛନ୍ତି ଉପଜିଲ୍ଲାପାଳ ତଥା ଭଦ୍ରକ ପୌରପାଳିକା ର କାର୍ଯ୍ୟନିର୍ବାହୀ ଅଧିକାରୀ ବୋଲି କାଉନସିଲରମାନେ ପ୍ରଶ୍ନ କରିଥିଲେ।

## ପ୍ରଧାନଶିକ୍ଷକ ପଦୋନ୍ନତି ପ୍ରକ୍ରିୟାରେ ସ୍ୱଚ୍ଛତାକୁ ନେଇ ଉଠିଲା ପ୍ରଶ୍ନ

# ୧୭ ଜିଲ୍ଲାର ୧୭୫ ଶିକ୍ଷକଙ୍କ ପଦୋନ୍ନତିକୁ ଅଗ୍ରାହ୍ୟ

**ଯାଜପୁର, ୧୦।୭ (ସମିସ)**

ଚଳିତ ଶିକ୍ଷା ବର୍ଷରେ ରାଜ୍ୟ ଗଣଶିକ୍ଷା ବିଭାଗ ପକ୍ଷରୁ କନିଷ୍ଠ ଶିକ୍ଷକରୁ ପ୍ରଧାନଶିକ୍ଷକ ପଦୋନ୍ନତି ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା। ଏହି ପଦନ୍ନୋତି ପ୍ରକ୍ରିୟାରେ ବ୍ୟାପକ ଅର୍ଥ କାରବାର, ପ୍ରିୟା ପ୍ରୀତିତୋଷଣ କରାଯାଇଥିବା ନେଇ ବିଭିନ୍ନ ମହଲରେ ଅଭିଯୋଗ କରାଯାଇଥିଲା। ଏପରିକି ବିଜୁ ଜନତା ଦଳ ଏହାକୁ ନେଇ ଆପତ୍ତି କରିବା ସହିତ ପଦୋନ୍ନତି କ୍ଷେତ୍ରରେ ସ୍ୱଚ୍ଛତା ବଜାୟ ରଖିବାକୁ ଦାବି କରିଥିଲା। କିନ୍ତୁ ବହୁ ଦାବି ଓ ଅଭିଯୋଗ ସତ୍ତ୍ୱେ ରାଜ୍ୟ ବ୍ୟାପୀ ଏହି ପଦୋନ୍ନତିରେ ନାନା ଅନିୟମିତତା ହୋଇଥିବା ଜଣାପଡ଼ିଛି। କାରଣ ଗଣଶିକ୍ଷା ବିଭାଗ ଯେଉଁ କନିଷ୍ଠ ଶିକ୍ଷକ ମାନଙ୍କୁ ପଦୋନ୍ନତି ଦେଇଥିଲା ସେହି ଶିକ୍ଷକଙ୍କ ମଧ୍ୟରୁ କେବଳ ୧୭ଟି ଜିଲ୍ଲାରୁ ୧୭୫ ଜଣ ଶିକ୍ଷକ ସେମାନଙ୍କ ପଦୋନ୍ନତି ନେବାକୁ ମନା କରିଛନ୍ତି। ଆଜି ଏ ସଂକ୍ରାନ୍ତରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ବିଜ୍ଞପ୍ତି (୧୭୮୭୮) ପ୍ରକାଶ ପାଇଛି। ଯଦି କେବଳ ରାଜ୍ୟର ୧୭ଟି ଜିଲ୍ଲାରୁ ୧୭୫ ଜଣ ଶିକ୍ଷକ ପଦୋନ୍ନତି ନେବାକୁ ଅଗ୍ରାହ୍ୟ କରିଛନ୍ତି। ବାକି ୧୩ଟି ଜିଲ୍ଲାରୁ ଆଉ କେତେ ଜଣ ଶିକ୍ଷକଙ୍କ ତାଲିକା ଆସିବ ତାହାକୁ ସମସ୍ତଙ୍କ ଅପେକ୍ଷା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ପଦୋନ୍ନତିରେ ସବୁଠାରୁ ଅଧିକ ଅନିୟମିତତା ଯାଜପୁର ଜିଲ୍ଲାରୁ ହୋଇଥିବା ବେଳେ ଏହି ଜିଲ୍ଲାର ପଦୋନ୍ନତିକୁ ଅଗ୍ରାହ୍ୟ କରିଥିବା ଶିକ୍ଷକଙ୍କ ତାଲିକା କାହିଁକି ନାହିଁ ବୋଲି ସାଧାରଣରେ ପ୍ରଶ୍ନ ହୋଇଛି। ଯେହେତୁ ଏଭଳି ପଦୋନ୍ନତିକୁ ଅଗ୍ରାହ୍ୟ କରୁଥିବା ଶିକ୍ଷକଙ୍କ ସଂଖ୍ୟା ସମ୍ପୂର୍ଣ୍ଣ ବଦଳି ବ୍ୟବସ୍ଥା ଉପରେ ପ୍ରଶ୍ନଚିହ୍ନ ଠିଆ କରୁଛି; ସେଥିପାଇଁ ଯାଜପୁର ଜିଲ୍ଲା ସମେତ ଅନ୍ୟ ଜିଲ୍ଲା ମାନଙ୍କରେ ତାହାକୁ ଟାଳିବାକୁ ଉଦ୍ୟମ ଜାରି ରହିଥିବା ଜଣାପଡ଼ିଛି। ପଦୋନ୍ନତି ପ୍ରଦାନ ସମୟରେ ଅର୍ଥ ହେରଫେର କରାଯାଇ ମନମୁତାବକ ବିଦ୍ୟାଳୟରେ ପଦୋନ୍ନତି ଦିଆଯାଇଛି। ଫଳରେ ଅର୍ଥ ଦେଇନଥିବା ଯୋଗ୍ୟ ଶିକ୍ଷକ ମାନଙ୍କୁ ୫୦ ରୁ ୧୦୦ କିଲୋମିଟର ଦୂରରେ ପଦୋନ୍ନତି ଦେଇଥିବାରୁ ସେମାନେ ଏହି ପଦୋନ୍ନତିକୁ ଅଗ୍ରାହ୍ୟ କରିଥିବା କେତେକ ଶିକ୍ଷକ ନିଜ ନାମକୁ ଗୋପନ ରଖି ପ୍ରକାଶ କରିଛନ୍ତି। ତେଣୁ ପଦୋନ୍ନତି ଅଗ୍ରାହ୍ୟ କରୁଥିବା ଶିକ୍ଷକମାନଙ୍କୁ ମନେଇବା ପାଇଁ ନାନା କଳ, ବଳ କୌଶଳ ଆପଣା ଯାଉଥିବା ଚର୍ଚ୍ଚା ହେଉଥିବା ବେଳେ ଏଭଳି ପଦକ୍ଷେପ ଫଳରେ ଛାତ୍ରଛାତ୍ରୀ ଶିକ୍ଷାଦାନ ପ୍ରଭାବିତ ହେବାର ଯଥେଷ୍ଟ ସମ୍ଭାବନା ରହିଛି।

# ବିଦ୍ୟାଳୟକୁ ନୂତନ ବିଲଡିଂକୁ ସ୍ଥାନାନ୍ତର ଦାବି

**ଯାଜପୁର, ୧୦।୭ (ସମିସ):** ଯାଜପୁର ପୌରପାଳିକା ୧୨ ନଂ. ୱାର୍ଡରେ ଥିବା ବହୁ ପୁରାତନ ହରିସାମନ୍ତ ଉଚ୍ଚ ବିଦ୍ୟାଳୟର ବିଲ୍ଡିଂ ବର୍ତ୍ତମାନ ବିପଦସଙ୍କୁଳ ହୋଇପଡ଼ିଛି। ଯାହାକି ପ୍ରଥମ ମହଲାରେ ଛାତ୍ରଛାତ୍ରୀଙ୍କୁ ବସାଇ ଶିକ୍ଷାଦାନ କରାଯାଇପାରୁନାହିଁ। ବିଦ୍ୟାଳୟ ପାଇଁ ନିକଟବର୍ତ୍ତୀ ଅଞ୍ଚଳରେ ଏକ ନୂତନ ବିଲ୍ଡିଂ ନିର୍ମାଣ କରାଯାଇଥିଲା। ଉକ୍ତ ବିଲ୍ଡିଂ କାମ ଶେଷ ହୋଇଯାଇଛି। କିନ୍ତୁ ନୂତନ ବିଲ୍ଡିଂକୁ ଏପର୍ଯ୍ୟନ୍ତ ବିଦ୍ୟାଳୟକୁ ସ୍ଥାନାନ୍ତରଣ କରାଯାଇ ନାହିଁ। ଯାହାଫଳରେ ୪୦୦ ପିଲା ଓ ଶିକ୍ଷକ ଶିକ୍ଷୟିତ୍ରୀ ଏବେ ସେହି ବିପଦସଙ୍କୁଳ ବିଲ୍ଡିଂରେ ଶିକ୍ଷାଦାନ ଚାଲିଛି। ଯଦି କୌଣସି ବିପଦରେ ଛାତ୍ରଛାତ୍ରୀ ସମ୍ମୁଖୀନ ହୁଅନ୍ତି। ସେଥିପାଇଁ ଦାୟୀ କିଏ ରହିବ ବୋଲି ସାଧାରଣରେ ପ୍ରଶ୍ନ ହେଉଛି। ଏଥିପାଇଁ ଆଜି ଏ ସଂକ୍ରାନ୍ତରେ ବିଶ୍ୱହିନ୍ଦୁ ପରିଷଦ ବଜରଙ୍ଗ ଦଳ ପକ୍ଷରୁ ଏକ ଦାବୀ ପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ବଜରଙ୍ଗ ଦଳର ଜିଲ୍ଲା ସଂଯୋଜକ ସନ୍ତୋଷ କୁମାର ପତିଙ୍କ ନେତୃତ୍ୱରେ ବଳରାମ ବିସୋଇ, ଗଣେଶ ଚନ୍ଦ୍ର ବେହେରା, କେଦାର ନାଥ ମହାନ୍ତି, ରଜତ କୁମାର ମିଶ୍ର ଏବଂ ରବୀନ୍ଦ୍ର ଚୌହାନ ପ୍ରମୁଖ ପ୍ରତିନିଧି ଦଳ ଏହି ଦାବୀପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

# ବାଳିକା ହାଇସ୍କୁଲ ନୂତନ ପରିଚାଳନା କମିଟି ଗଠିତ

**ବନ୍ତ/ଆଗରପଡ଼ା, ୧୦।୭ (ସମିସ):** ଶୁକ୍ରବାର ଆଗରପଡ଼ା ସରକାରୀ ବାଳିକା ହାଇସ୍କୁଲରେ ନୂତନ ପରିଚାଳନା କମିଟି ଗଠନ କରାଯାଇଛି। ହାଇସ୍କୁଲ ପ୍ରଧାନଶିକ୍ଷକ ତଥା ବ୍ଲକ ଶିକ୍ଷାଧିକାରୀ ଦାୟିତ୍ୱ ନିର୍ବାହ କରୁଥିବା ଚିତ୍ତରଞ୍ଜନ ମହାନ୍ତି, ବରିଷ୍ଠ ଶିକ୍ଷକ ଅଜିତ ରାଉଳ, ଅଧ୍ୟାପକ ବ୍ରଜ ମୋହନ ପତିଙ୍କ ସମେତ ୨୧୦ ଜଣ ଅଭିଭାବକ ଓ ଅଭିଭାବିକାଙ୍କ ଉପସ୍ଥିତରେ ସର୍ବସମ୍ମତି କ୍ରମେ ୧୫ ଜଣିଆ କମିଟି ଗଠନ କରାଯାଇଥିଲା। ମନମୋହନ ରାଉତ, ଅଶୋକ ସିଂହ, ବର୍ଷାରାଣୀ ମଲ୍ଲିକ, ସସ୍ମିତା ନାଥ ପ୍ରମୁଖ ସଭ୍ୟ, ସଭ୍ୟା ଭାବେ ମନୋନୀତ ହୋଇଥିଲେ। କମିଟିର ମନୋନୀତ ନୂତନ ସଭ୍ୟ, ସଭ୍ୟାମାନଙ୍କୁ ସ୍କୁଲ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି। ଅନୁରୂପ ଭାବେ ତୋଫାବିବି କ୍ଲଷ୍ଟରର ଅନ୍ତର୍ଗତ କୃଷ୍ଣ ଚରଣ ବିଦ୍ୟାମନ୍ଦିର, କେ. ମହାନ୍ତିପଡ଼ା ୟୁଜିମଇ ଏବଂ ସରକାରୀ ୟୁପିଏସ ବରହମପୁରରେ ମଧ୍ୟ ପରିଚାଳନା କମିଟି ଗଠିତ ହୋଇଥିବା ଜଣାପଡ଼ିଛି।

# ଶକ୍ତିଶ୍ରୀ ସଶକ୍ତିକରଣ କକ୍ଷ କାର୍ଯ୍ୟକ୍ରମ

**କବାଟବନ୍ଧ, ୧୦।୭ (ସମିସ):** ଛାତ୍ରୀ ତଥା ମହିଳା ମାନଙ୍କ ସୁରକ୍ଷା ତଥା ଆତ୍ମରକ୍ଷା ପାଇଁ ମୁକୁନ୍ଦପାତ୍ର ଡିଗ୍ରୀ ମହାବିଦ୍ୟାଳୟ ବଳରାମପୁରଠାରେ ୫ ଦିନିଆ ଶିବିର ଆରମ୍ଭ ହୋଇଛି। ମଙ୍ଗଳବାରରେ କାର୍ଯ୍ୟକ୍ରମ ଉଦ୍‌ଘାଟନ ଅବସରରେ 'ଶକ୍ତିଶ୍ରୀ ସଶକ୍ତୀକରଣ କକ୍ଷ' ନାମକ ଏହି କାର୍ଯ୍ୟକ୍ରମରେ ରସାୟନ ବିଜ୍ଞାନ ବିଭାଗର ଅଧ୍ୟାପକ ସୁଦାମ ଚରଣ ଧଳଙ୍କ ସଭାପତିତ୍ୱରେ ଅତିଥି ଭାବେ ପ୍ରସନ୍ନ କୁମାର ସ୍ୱାଇଁ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ସଂଯୋଜିକା ଡ. ଜ୍ୟୋତିର୍ମୟୀ ଦାଶ ଏହାର ଉଦ୍ଦେଶ୍ୟ ସମ୍ପର୍କରେ ବିସ୍ତୃତ ଭାବେ ଛାତ୍ରୀମାନଙ୍କୁ ଅବଗତ କରିଥିଲେ। ଏହି କାର୍ଯ୍ୟକ୍ରମ ପାଇଁ ପ୍ରଶିକ୍ଷକ ଶ୍ରୀମତୀ କୁସୁମାଞ୍ଜଳି ବିଶ୍ୱାଳ ଛାତ୍ରୀମାନଙ୍କୁ ବ୍ୟକ୍ତିତ୍ୱ ବିକାଶ, ନେତୃତ୍ୱ ଦକ୍ଷତା, ଆତ୍ମରକ୍ଷା, ଆତ୍ମବିଶ୍ୱାସ ଓ ମହିଳା ସଶକ୍ତିକରଣ ସମ୍ବନ୍ଧୀୟ ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରିବେ। ମହାବିଦ୍ୟାଳୟର ଦ୍ୱିତୀୟ ବର୍ଷର ସମସ୍ତ ଛାତ୍ରୀ ଉଦ୍‌ଘାଟନୀ ଅଧିବେଶନରେ ଉପସ୍ଥିତ ରହି ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ।

# ଝାଡେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବନ ମହୋତ୍ସବ



**ଦାନଗଦି, ୧୦।୭ (ସମିସ):** ଦାନଗଦି ବ୍ଲକ ଟୋଲକାନୀ ସ୍ଥିତ ଝାଡେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଟମକା ବନ ବିଭାଗ ପକ୍ଷରୁ ବନ ମହୋତ୍ସବ ପାଳନ କରାଯାଇଛି। କଲେଜ ପରିସରରେ ଆୟୋଜିତ ଏହି ମହୋତ୍ସବରେ ଟମକା ଫରେଷ୍ଟର ମାଣିକ ମୁଣ୍ଡା ଯୋଗଦେଇଥିଲେ। ବିଦ୍ୟାଳୟର ଅଧକ୍ଷ ଡ. ଅକ୍ଷୟ କୁମାର ପଣ୍ଡା ଅତିଥି ଭାବରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଟମକା ବନ ବିଭାଗର ବନରକ୍ଷୀ ଶୁଭେନ୍ଦୁ ସୁନ୍ଦର ପାଢ଼ୀ, ଅମାତୁଲ ସାକୁର, ପ୍ରଭାତ ଲେଙ୍କା, କଂସ ବନରକ୍ଷୀ ରୁହ୍ୟା ସିଂ, ବାପି ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ମହାବିଦ୍ୟାଳୟ ପରିସରରେ ଥିବା ଖୋଲା ସ୍ଥାନରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଟମକା ବନ ବିଭାଗର ପ୍ରୋଟେକ୍ସନ ସ୍କୋୟାର୍ଡର ଆଶୁତୋଷ ରଥ, ବିଶ୍ୱନାଥ ବେହେରା, ଫିଙ୍କୁଲ ସାହୁ, କମଳପାତ୍ର, ରଞ୍ଜନ ସାହୁ, ଲିପୁ ରାଉତ, ଅକ୍ଷୟ ମହାନ୍ତଙ୍କ ସହଯୋଗରେ ଲିମ୍ବ, ବଣଅଁଳା, ଲେମ୍ବୁ, କମଳା, ପିଜୁଳି, ବେଲ ଆଦି ଊର୍ଦ୍ଧ୍ୱ ଚାରାରୋପଣ କରିଥିଲେ। ଅଧ୍ୟାପକ ଡ. କ୍ଷୀରୋଦ ଚନ୍ଦ୍ର ବେହେରା, ଅଧ୍ୟାପକ ଲକ୍ଷ୍ମୀଧର ବେହେରା, ଅଧ୍ୟାପକ ରଞ୍ଜନ କୁମାର ସାହୁ, ଅଧ୍ୟାପକ ତୋଫାନ କୁମାର ଜେନା, ଅଧ୍ୟାପକ ଖଗେଶ କୁମାର ଜେନା, ଅଧ୍ୟାପକ ରଞ୍ଜନ କୁମାର ଖଣ୍ଡା, ଅଧ୍ୟାପିକା ମିରାମ୍ବିକା ସାହୁ, ଛାତ୍ରଛାତ୍ରୀ ଏବଂ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# କୋଣାର୍କ ଝୋଟକଳ ଶ୍ରମିକଙ୍କ ବୈଠକ

**ବଡଚଣା, ୧୦।୭ (ସମିସ):** ଯାଜପୁର ଜିଲ୍ଲାର ଧାନ ମଣ୍ଡଳ କୋଣାର୍କ ଝୋଟକଳ ୨୦୧୨ ଅକ୍ଟୋବର ମାସରୁ ଉତ୍ପାଦନ ବନ୍ଦ ରହିଛି। ଅକ୍ଟୋବର ୨୦୧୨ ମସିହାରୁ କୋଣାର୍କ ଝୋଟ କଳରେ କାର୍ଯ୍ୟରତ ବଦଳି ଓ ନିୟମିତ ଶ୍ରମିକମାନେ ସ୍ୱେଚ୍ଛାକୃତ ଅବସର ନେଇଥିଲେ। ଝୋଟକଳ କର୍ତ୍ତୃପକ୍ଷ ବଦଳି ଶ୍ରମିକଙ୍କୁ ଗ୍ରାଚ୍ୟୁଇଟି ଅର୍ଥ ପ୍ରଦାନ କରି ନ ଥିଲେ। ଏ ସମ୍ପର୍କରେ ଶ୍ରମିକମାନେ ବହୁବାର ସ୍ମାରକପତ୍ର ମାଧ୍ୟମରେ ତହସିଲଦାର୍ ଦର୍ପଣ ଓ ଜିଲ୍ଲାପାଳ ଯାଜପୁରଙ୍କୁ ପ୍ରଦାନ କରାଯାଇଛି। ଏହା ବ୍ୟତୀତ ଝୋଟ କଳ ପରିଚାଳନା କର୍ତ୍ତୃପକ୍ଷ, ଯାଜପୁର ରୋଡ୍ ସ୍ଥିତ ସହକାରୀ ଶ୍ରମ ଆୟୁକ୍ତ, ଖାରବେଳ ନଗର ଶ୍ରମ ଆୟୁକ୍ତଙ୍କୁ ମଧ୍ୟ ଅବଗତ କରାଯାଇଛି। ମାତ୍ର କୌଣସି ସୁଫଳ ନ ମିଳିବାରୁ ଶ୍ରମିକମାନେ ଯାଜପୁର ଉପଜିଲ୍ଲାପାଳଙ୍କୁ ମଧ୍ୟ ଭେଟିଛନ୍ତି। ସମସ୍ୟା ସମାଧାନ ନ ହେଲେ ଆଗାମୀ ଦିନରେ ଦର୍ପଣ ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ଅନଶନ କରିବା ସହ ମନ୍ତ୍ରୀଙ୍କୁ ମଧ୍ୟ ଭେଟିବେ ବୋଲି କହିଛନ୍ତି। ବଡ଼ଚଣା ନାଗରିକ ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ମାହାଲାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏକ ବୈଠକରେ ରାମଚନ୍ଦ୍ର ସାହୁ, ଅନାଦି ଚରଣ ଲେଙ୍କା, କାଳୀଚରଣ ଟୁଡୁ, ଅର୍ଜୁନି ପଟ୍ଟନାୟକ, ସୁନ୍ଦର ମୋହନ ହାଁସଦା, ସେକ୍ ବଦିରୁଦ୍ଦିନ, ବୀରୁ ମୁର୍ମୁ ସମେତ ଶତାଧିକ କର୍ମଚାରୀ ଯୋଗଦେଇ, ସରକାର ତୁରନ୍ତ ଆମକୁ ଆମ ପ୍ରାପ୍ୟ ପ୍ରଦାନ କରନ୍ତୁ ବୋଲି ଦାବି କରିଛନ୍ତି।

# ବିଜେପି ସ୍ୱତନ୍ତ୍ର ସାଂଗଠନିକ ବୈଠକ

**ଯାଜପୁର, ୧୦।୭ (ସମିସ):** ଭାରତୀୟ ଜନତା ପାର୍ଟି ଯାଜପୁର ନିର୍ବାଚନ ମଣ୍ଡଳୀ ନେତା ଗୌତମ ରାୟଙ୍କ ଆହ୍ୱାନରେ ସମସ୍ତ ବୁଥ ସଭାପତି ଓ ବୁଥ ସ୍ତରୀୟ ଏଜେଣ୍ଟ ମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାନେତ୍ରୀ ଦେବଜାନୀ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ତପନ ନନ୍ଦ ମଞ୍ଚ ପରିଚାଳନା କରିଥିଲେ। ପ୍ରାକ୍ତନ ସମ୍ପାଦକ ସୁଦୀପ୍ତ କୁମାର ପଣ୍ଡା, ଜିଲ୍ଲା ଉପସଭାପତି ମନ୍ମଥ ବରାଳ ସମ୍ପାଦକ ସଞ୍ଜୟ ସିଂ, ପୂର୍ବତନ ଦଶରଥପୁର ବ୍ଲକ ଅଧକ୍ଷ ରମେଶ ସାମଲ, ବରିଷ୍ଠ ବିଜେପି ନେତା ସୁବାସ ମହାନ୍ତି, ଶ୍ରୀନିବାସ ପରିଡ଼ା, ମହେନ୍ଦ୍ର ରାଉତ, ସୁରେଶ ରାଉତ, ଶୁଭକାନ୍ତ ରାଉତ, ପ୍ରମୋଦ ପଣ୍ଡା, ବିଭୂଆ ପଣ୍ଡା, ମହେନ୍ଦ୍ର ପହି, ମଣ୍ଡଳ ସଭାପତି ସୁଧାଂଶୁ ବେହେରା, କେଶବ ମିଶ୍ର, ପ୍ରଶାନ୍ତ ପାଣି, ପତିତପାବନ ମହାନ୍ତି, ସୁନୀଲ ରାଉତ, ସମେତ ସତ୍ୟରଞ୍ଜନ ପାଲ, ବିଶ୍ୱଜିତ୍ ବରାଳ, ପ୍ରିୟବ୍ରତ ପଣ୍ଡା, ଭୀମସେନ ସାହୁ, ରାମ ମିଶ୍ର, ଲିଲିମା ଭଦ୍ର, ଲିପସିତା ରାଉତରାୟ, କୋରେଶା ବିବି, ଭବାନି ଚୌଧରୀ, ଶରତ ସାହୁ, ରାମକୁମାର ସାହୁ, ଉର୍ମିଳା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଦିପ୍ତିରେଖା ମିଶ୍ର ଧନ୍ୟବାଦ ଦେଇଥିଲେ।

# ଶ୍ରୀ ଜଗନ୍ନାଥ ମନ୍ଦିର ଟ୍ରଷ୍ଟି ପକ୍ଷରୁ ସ୍ମୃତି ଚାରଣ ସଭା

**ବଡଚଣା, ୧୦।୭ (ସମିସ):** ଅବସର ପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ ତଥା ଆଧାତ୍ମିକ ଭାବ ବ୍ୟକ୍ତି ପ୍ରଫୁଲ୍ଲ କୁମାର ବେହେରା (୬୫)ଙ୍କ ସ୍ମୃତିଚାରଣ ସଭା ଖଟୁଆପଡ଼ା ସ୍ଥିତ ପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଟ୍ରଷ୍ଟିର ବରିଷ୍ଠ ସଭ୍ୟ ଚନ୍ଦନ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ସ୍ମୃତି ଚାରଣ ସଭାରେ ପ୍ରଭୁ ମୁଖ୍ୟ ସେବକ ପ୍ରକାଶ କୁମାର୍ ସାହୁ, ଚିତ୍ତରଞ୍ଜନ ମହାପାତ୍ର, ଅବସର ପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ବିଜୟ କୁମାର୍ ଶତପଥୀ, ରୋଟାରିଆନ ଶ୍ରୀମତୀ ମାଧୁରୀ ଶତପଥୀ, ଧନେଶ୍ୱର ସ୍ୱାଇଁ, ଶିକ୍ଷାବିତ୍ ବିନାୟକ ପଣ୍ଡା, ଦୁଃଖିଶ୍ୟାମ ସାହୁ, ଅଭୟ କୁମାର୍ ସାମଲ, ଅନନ୍ତ କୁମାର୍ ଦାସ, ପରିବେଶବିତ୍ ଶ୍ରୀନିବାସ ଜେନା, ମହାବିନାୟକ ଲଘୁ ଖଣିଜ ସଂଘର ସଭାପତି ଅଜାମ୍ବର୍ ସାହୁ, ମୂଷଳ ହାଁସଦା, ବଳରାମ ନାୟକ, ନିରଞ୍ଜନ ଜେନା, ସମିତି ସଭ୍ୟ ଜଗନ୍ନାଥ ମୁଦୁଲି, ପବିତ୍ର ରାଉତ, ସରପଞ୍ଚ ଯଯାତି କେଶରୀ ରାଉତ, ରାଜକିଶୋର ପ୍ରଧାନ, ଉମେଶ ଚନ୍ଦ୍ର ସାହୁ, ଦେବେନ୍ଦ୍ର କୁମାର ମହାନ୍ତି ସମ୍ପାଦ ସାହାଣୀ ପ୍ରମୁଖ ଯୋଗ ଦେଇଥିଲେ।

# ଶତାୟୁ ମହିଳାଙ୍କ ପରଲୋକ



**ବେତାଳିଗାଁ, ୧୦।୭ (ସମିସ):** ଧାମନଗର ବ୍ଲକ ପାଳସାହି ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ସମାଜସେବୀ ଭାଗୀରଥି ମହାନ୍ତି ଏବଂ ବିଶିଷ୍ଟ ସମାଜସେବୀ ଦାଶରଥି ମହାନ୍ତିଙ୍କ ପୂଜ୍ୟା ମାତା ଶତାୟୁ ମହିଳା ସୀତାମଣି ମହାନ୍ତିଙ୍କ (୧୦୦) ପରଲୋକ ଘଟିଛି। ସେ ଜଣେ ସରଳ, ଧର୍ମପରାୟଣ, ପରୋପକାରୀ ଓ ସ୍ନେହମୟୀ ମହିଳା ଭାବେ ଅଞ୍ଚଳରେ ପରିଚିତ ଥିଲେ। ବୟସାଧିକ୍ୟ ଜନିତ ଅସୁସ୍ଥତା କାରଣରୁ ସେ କିଛିଦିନ ଧରି ଶଯ୍ୟାଶାୟୀ ଥିଲେ। ଗତ ଗୁରୁବାର ରାତିରେ ତାଙ୍କର ପରଲୋକ ଘଟିଛି। ତାଙ୍କ ବିୟୋଗ ଖବର ପ୍ରଚାରିତ ହେବା ପରେ ପାଳସାହି ଗ୍ରାମ ସମେତ ସମଗ୍ର ଗ୍ରାମ ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଥିଲା। ଗ୍ରାମବାସୀ, ସ୍ଥାନୀୟ ଜନସାଧାରଣ, ଆଖପାଖ ପଞ୍ଚାୟତର ବହୁ ବୁଦ୍ଧିଜୀବୀ, ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଓ ନେତୃବୃନ୍ଦ ତାଙ୍କ ବାସଭବନରେ ପହଞ୍ଚି ମରଶରୀରକୁ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ବର୍ଷାଦିନ ଆସିଲା; ଦୁଃଖ ସରିଲାନି

## ଦୁଇ ଗାଁ ପାଇଁ ସ୍ଥାୟୀ ରାସ୍ତା ସ୍ୱପ୍ନ



**ବନ୍ତ/ଆଗରପଡ଼ା, ୧୦।୭ (ସମିସ):** ସରକାର ଗ୍ରାମାଞ୍ଚଳ ପାଇଁ ବିଭିନ୍ନ ଯୋଜନା କରୁଥିବାବେଳେ ତାହା କେବଳ କାଗଜ କଲମରେ ସୀମିତ ରହିଯାଉଥିବା ଅଭିଯୋଗ ହେଉଛି। ସ୍ଥାନୀୟ ବାଙ୍କତିରା-ତୁମ୍ବାପଦୀ ଗାଁ ରାସ୍ତାକୁ ଦେଖିଲେ ଏହା ସ୍ପଷ୍ଟ ହେଉଛି। ବନ୍ତ ବ୍ଲକ କାଦବରାଙ୍ଗ ପଞ୍ଚାୟତ ୨ନଂ, ୩ନଂ ଓ ୪ନଂ ୱାର୍ଡ଼ ଅନ୍ତର୍ଗତ ବାଙ୍କତିରା ଓ ତୁମ୍ବାପଦୀ ଦୁଇଟି ଗାଁ। ଏହି ଦୁଇ ଗ୍ରାମବାସୀ ମୌଳିକ ସୁବିଧା ସୁଯୋଗ ପାଇବାରୁ ଏବେ ସୁଦ୍ଧା ବଞ୍ଚିତ ହୋଇଆସୁଛନ୍ତି। ଦୁଇ ଗାଁକୁ ଭଲ ରାସ୍ତା ନିର୍ମାଣ ହୋଇପାରୁନଥିଲା। ରାସ୍ତା ସମସ୍ୟାକୁ ନେଇ ବାରମ୍ବାର ଦୈନିକ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ଗତ ବର୍ଷ ୨୦୨୪ ଅକ୍ଟୋବର ମାସରେ ପଞ୍ଚାୟତ ସମିତି ବନ୍ତ ପକ୍ଷରୁ ଏସ୍‌ଏଫ୍‌ସି ଯୋଜନାରେ ତୁମ୍ବାପଦୀ ଗ୍ରାମରେ କଂକ୍ରିଟ୍ ରାସ୍ତା ନିର୍ମାଣ ହୋଇଥିଲା। ସେହିପରି ନଭେମ୍ବର ମାସରେ ଏସ୍‌ଏଫ୍‌ସି ଯୋଜନାରେ ବାଙ୍କତିରା ଗ୍ରାମର ବିଶ୍ୱମ୍ବର ଯେନା ଘର ଠାରୁ ବାଙ୍କତିରା ହାଇସ୍କୁଲ ଛକ ପର୍ଯ୍ୟନ୍ତ ରାସ୍ତାକୁ କଂକ୍ରିଟ୍ କରାଯାଇଥିଲା। ପରବର୍ତ୍ତୀ ସମୟରେ ଜିଜିୱାଇ ଯୋଜନାରେ ୭ ଲକ୍ଷ ୫୦ହଜାର ଟଙ୍କା ଅଟକଳ ମୂଲ୍ୟରେ ତୁମ୍ବାପଦୀ ଲକ୍ଷ୍ମୀ ମଣ୍ଡପ ଠାରୁ ସରମରା ପ୍ରଧାନମନ୍ତ୍ରୀ ସଡ଼କ ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣ ହୋଇଥିଲା। ବିଭିନ୍ନ ସମୟରେ ଭିନ୍ନଭିନ୍ନ ଯୋଜନାରେ ଉକ୍ତ ଦୁଇ ଗ୍ରାମର ରାସ୍ତା ନିର୍ମାଣ ହେଉଥିଲେ ସୁଦ୍ଧା ଏହା ସମ୍ପୂର୍ଣ୍ଣ ହୋଇପାରୁନଥିବାରୁ ବର୍ଷାଦିନରେ ଗମନାଗମନରେ ପୂର୍ବପରି ଅସୁବିଧା ଲାଗିରହୁଛି। ସରମରା ଠାରୁ ପାଖାପାଖି ୬୦୦ମିଟର ରାସ୍ତା ବର୍ତ୍ତମାନ ମରଣଯନ୍ତା ପାଲଟିଛି। ଅସରାଏ ବର୍ଷା ହେଲେ ରାସ୍ତାରେ ଆଣ୍ଠୁଏ ପାଣି ଜମି ରହି ଗମନାଗମନରେ ବାଧା ସୃଷ୍ଟି କରୁଛି। ସେହିପରି ତୁମ୍ବାପଦିରୁ ବାଙ୍କତିରାକୁ ଲମ୍ବିଥିବା ରାସ୍ତା ଅବସ୍ଥା ମଧ୍ୟ ସେହିପରି। ତେଣୁ ରାସ୍ତା ନିର୍ମାଣ ହୋଇମଧ ଏକ ସମ୍ପୂର୍ଣ୍ଣ ସ୍ଥାୟୀ ରାସ୍ତା ନିର୍ମାଣ ନ ହୋଇପାରିବାରୁ ଦୁଇ ଗ୍ରାମବାସୀଙ୍କ ସ୍ଥାୟୀ ରାସ୍ତା ସ୍ୱପ୍ନ ହାଇ ରହିଯାଇଛି। ବାଙ୍କତିରା-ତୁମ୍ବାପଦୀ ଦୁଇ ଗ୍ରାମର ଲୋକ ସଂଖ୍ୟା ପାଖାପାଖି ୧୮୦୦। ମାତ୍ର ଏଠାକୁ ଭଲ ରାସ୍ତାଟିଏ ନଥିଲା। ବାଙ୍କତିରା ସ୍କୁଲ ଠାରୁ ଏକ ମୋରମ ରାସ୍ତା ଏହାକୁ ସଂଯୋଗ କରୁଥିଲା। ଏହି ରାସ୍ତାକୁ ଖରା ଦିନିଆ ରାସ୍ତା କହିଲେ ଅତ୍ୟୁକ୍ତି ହେଉନଥିଲା। ଅନ୍ୟ ଦିନମାନଙ୍କରେ ଦୁଇ ଚକିଆ ଯାନ ଯିବା ଦୂରେ ଥାଉ, ଖାଲି ପାଦରେ ଚାଲି ଯିବା ମଧ୍ୟ ବିପଦ ଶଂକୁଳ ଥିଲା। ଚାରିଚକିଆ ଯାନ ଯିବା, ରାସ୍ତା ସଂକୀର୍ଣ୍ଣତା ପାଇଁ ଆଦୌ ସମ୍ଭବ ନଥିଲା। ଏଠାରୁ ଛାତ୍ରଛାତ୍ରୀ ଏହି ରାସ୍ତାଦେଇ ପ୍ରତିଦିନ ବାଙ୍କତିରା ସ୍କୁଲ, ଆଗରପଡ଼ା କଲେଜ ଓ ବାଙ୍କତିରା ଅଙ୍ଗନବାଡ଼ି କେନ୍ଦ୍ରକୁ ପିଲାମାନେ ଆସିଥାନ୍ତି। ଏବେ ବର୍ଷା ଋତୁ ଚାଲୁଥିବାରୁ ସାମାନ୍ୟ ବର୍ଷା ହେବା ମାତ୍ରେ ନିର୍ମାଣ ହୋଇନଥିବା ରାସ୍ତାରେ ଖାଲ ସୃଷ୍ଟି ହୋଇ ଆଣ୍ଠୁଏ ଲେଖାଏଁ ପାଣି ଜମା ହୋଇ ଯାଉଛି। ଯଦ୍ୱାରା ଗମନା ଗମନରେ ଘୋର ଅସୁବିଧା ସୃଷ୍ଟି ହେଉଛି। ଏହି ରାସ୍ତାଟି ବନ୍ତ ବ୍ଲକ ଓଡ଼ଙ୍ଗ ପଞ୍ଚାୟତ ଅନ୍ତର୍ଗତ ସରମରା ଗାଁକୁ ମଧ୍ୟ ସଂଯୋଗ କରୁଛି। ରାସ୍ତା ଅବସ୍ଥା ଯୋଗୁଁ ଦମକଳ ଓ ଆମ୍ବୁଲାନ୍ସ ଆସି ପହଞ୍ଚୁଥିଲେ ମଧ୍ୟ ଏହାର ସୁବିଧା ଗ୍ରାମବାସୀ ପାଇ ପାରୁନାହାନ୍ତି। ତେଣୁ ବିଭାଗ ବାକିଥିବା ରାସ୍ତାର ନିର୍ମାଣ କାର୍ଯ୍ୟ କରିବା ଉକ୍ତ ରାସ୍ତାକୁ ସ୍ଥାୟୀ ରାସ୍ତାରେ ପରିଣତ କରିବାପାଇଁ ଗ୍ରାମବାସୀ ଦାବି କରି ଆସୁଛନ୍ତି। ଉକ୍ତ ରାସ୍ତାକୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୂକ୍ତ କରାଯାଇ ସ୍ଥାୟୀ ରାସ୍ତା ନିର୍ମାଣ ପାଇଁ ଅନୁମୋଦନ ମିଳିବା ପରେ ବିଭାଗ ପକ୍ଷରୁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇ ଅଟକି ରହିଥିଲା। ସମସ୍ୟା ବିଷୟରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ସେ ଟେଣ୍ଡର କାର୍ଯ୍ୟ ସରି ସମ୍ପୃକ୍ତ ଠିକାଦାର ସହିତ ଏଗ୍ରିମେଣ୍ଟସରିଯାଇଥିବା ଓ ବର୍ତ୍ତମାନ ବର୍ଷାଋତୁ ଚାଲୁଥିବାରୁ ବର୍ଷାଋତୁ ପରେ ନିର୍ମାଣ କାର୍ଯ୍ୟର ଆରମ୍ଭ ହେବାର ସୂଚନା ଦେବା ସହ ବର୍ତ୍ତମାନ ଗମନାଗମନ ପାଇଁ ସମ୍ପୃକ୍ତ ଠିକାଦାରଙ୍କୁ ରାସ୍ତାରେ ସୃଷ୍ଟି ହୋଇଥିବା ଖାଲଖମାକୁ ମରାମତି କରି ଗମନାଗମନ ସାପେକ୍ଷ କରିବା ପାଇଁ ବିଭାଗପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା ପ୍ରକାଶ କରିଥିଲେ।

# ପ୍ରଶାସନର ଆଶ୍ୱାସନା ପାଣିର ଗାର; ପ୍ରତିଶ୍ରୁତିରେ ଅଟକିଛି ସହାୟତା

**ଅସୁରାଳି, ୧୦।୭ (ସମିସ)**



ରାଜ୍ୟ ବାହାରକୁ ରୋଜଗାର ଆଶାରେ ଯାଇଥିବା ପୁଅ ଆଉ ଫେରିଲାନି। ସମୁଦ୍ରରେ ବୁଡ଼ି ପ୍ରାଣ ହରାଇବା ପରେ ପରିବାରର ଏକମାତ୍ର ରୋଜଗାରିଆ ପୁଅକୁ ହରାଇ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି ବୃଦ୍ଧ ପିତା। କିନ୍ତୁ ଦୁଃଖର ବିଷୟ, ପୁଅର ମୃତ୍ୟୁକୁ ପ୍ରାୟ ୮ ବର୍ଷ ବିତିଯାଇଥିଲେ ମଧ୍ୟ ସରକାରୀ ସହାୟତା ରାଶି ଏ ପର୍ଯ୍ୟନ୍ତ ମିଳିପାରିନାହିଁ। ପ୍ରଶାସନିକ ପ୍ରତିଶ୍ରୁତି କେବଳ କାଗଜପତ୍ରରେ ସୀମିତ ରହିଥିବା ବେଳେ ବୃଦ୍ଧ ପିତା ଏବେ ବି ସହାୟତା ଆଶାରେ ଚାହିଁ ବସିଛନ୍ତି। ଏଭଳି ଏକ ହୃଦୟବିଦାରକ ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଗୋବିନ୍ଦପୁର ଗାଁରେ। ଗାଁର ବୃଦ୍ଧ ପର୍ଶୁରାମ ନାଥ (୭୬)ଙ୍କ ସାନପୁଅ ଶିବସୁନ୍ଦର (୨୧) ପ୍ରାୟ ୮ବର୍ଷ ତଳେ କାମ କରିବା ପାଇଁ ଗୁଜରାଟ ଯାଇଥିଲେ। ସେଠାରେ ସମୁଦ୍ରରେ ଗାଧୋଇବା ସମୟରେ ଅଘଟଣ ଘଟିବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ପୁଅର ମୃତ୍ୟୁ ପ୍ରମାଣପତ୍ର ଆଣି ପରିବାର ଲୋକେ ସ୍ଥାନୀୟ ପ୍ରଶାସନକୁ ହସ୍ତାନ୍ତର କରିଥିଲେ। ମାତ୍ର ଦୀର୍ଘଦିନ ବିତିଯାଇଥିଲେ ବି କୌଣସି ସହାୟତା ରାଶି ହସ୍ତଗତ ହୋଇନାହିଁ। ରୋଜଗାରିଆ ପୁଅକୁ ହରାଇବା ପରେ ବୃଦ୍ଧ ପର୍ଶୁରାମଙ୍କ ସଂସାର ଅଚଳ ହୋଇପଡ଼ିଛି। ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା ଯୋଗୁଁ ସେ କୌଣସି କାମଧନ୍ଦା କରିପାରୁନାହାନ୍ତି। ଏହି ଦୁଃଖ ମଧ୍ୟରେ କିଛି ଦିନ ତଳେ ତାଙ୍କ ପତ୍ନୀଙ୍କର ମଧ୍ୟ ପରଲୋକ ଘଟିଛି। ବଡ଼ ପୁଅ ବୋହୂ ନିଜ ସଂସାରରେ ବ୍ୟସ୍ତ ଥିବା ବେଳେ, ଏହି ବୃଦ୍ଧ ବୟସରେ ପେଟ ଗୁଜୁରାଣ ମେଟାଇବା ପର୍ଶୁରାମଙ୍କ ପାଇଁ ଏକ ବଡ଼ ଆହ୍ୱାନ ପାଲଟିଛି। ସରକାରୀ ସହାୟତାକୁ ହିଁ ସେ ନିଜର ଶେଷ ସମ୍ବଳ ମଣି ପ୍ରତିଦିନ ଅପେକ୍ଷା କରିଛନ୍ତି। ଏହି ସମ୍ପର୍କରେ ଭଦ୍ରକ

**ପୁଅକୁ ହରାଇ ଦୁର୍ଦ୍ଦଶାରେ ବୃଦ୍ଧ ପିତା**

ଜିଲ୍ଲାପାଳ ଦିଲୀପ ରାଉତରାଏ ପ୍ରତିଶ୍ରୁତି ଦେଇ କହିଛନ୍ତି ଯେ, ବିଷୟଟି ପ୍ରଶାସନର ଦୃଷ୍ଟିଗୋଚର ହୋଇଛି। ଖୁବ୍‌ଶୀଘ୍ର ମୃତ ଶିବସୁନ୍ଦରଙ୍କ ପରିବାରକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାରର ସରକାରୀ ସହାୟତା ଯୋଗାଇ ଦିଆଯିବ। ପ୍ରଶାସନର ଏହି ଆଶ୍ୱାସନା ପରେ ପୀଡ଼ିତ ବୃଦ୍ଧ ପିତାଙ୍କୁ ନ୍ୟାୟ ମିଳିବ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଆଶା ପ୍ରକଟ କରିଛନ୍ତି।

# କାମରେ ଆସୁନି ଟମକା ପ୍ରାଣୀ ଚିକିତ୍ସାଳୟ

**ଦାନଗଦି, ୧୦।୭ (ସମିସ):** ଦାନଗଦି ବ୍ଲକର ଅଧିକାଂଶ ପଞ୍ଚାୟତରେ ପ୍ରାଣୀ ଚିକିତ୍ସାଳୟ ସ୍ଥାଣୁ ଅବସ୍ଥାରେ ଥିବା ପରି ଜଣାପଡୁଛି। ପଞ୍ଚାୟତ ସମିତି ବୈଠକରେ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗର ଅଧିକାରୀ ଉପସ୍ଥିତ ରହି ତାଙ୍କ ବିଭାଗ ସବୁ ଠିକ୍ ଠାକ କାର୍ଯ୍ୟ କରୁଛି କହି ସଫେଇ ଦେଉଥିଲା ବେଳେ ବାସ୍ତବ କ୍ଷେତ୍ରରେ ସମ୍ପୂର୍ଣ୍ଣ ଓଲଟା କାମ ହେଉଥିବାର ଜଣାପଡ଼ିଛି। ଖାଲି କାଗଜପତ୍ରରେ କାର୍ଯ୍ୟାଳୟ ସଠିକ୍ ଚାଲିଛି ଏହାର ଜ୍ୱଳନ୍ତ ଉଦାହାରଣ ହେଉଛି ଟମକା ପ୍ରାଣୀ ଚିକିତ୍ସାଳୟ। ଦୀର୍ଘ ଏକ ବର୍ଷରୁ ଉର୍ଦ୍ଧ୍ୱ ହେବ ଏହି ଚିକିତ୍ସା ଳୟଟିରେ ତାଲା ଝୁଲୁଛି। ଏହାର ସୁଯୋଗରେ କୌଣସି ଏକ ଗାଡ଼ିବାଲା ଗାଡି ବୁଲାଇବା ସମୟରେ ଘରକୁ ଧକ୍କା ଦେବା ଫଳରେ ଘରର କିଛି ଅଂଶ ଭାଙ୍ଗିଯାଇଛି ସେବେଠାରୁ କୌଣସି ବିଭାଗୀୟ ଅଧିକାରୀଙ୍କ ଦର୍ଶନ ମିଳୁନାହିଁ। ଦୀର୍ଘଦିନ ବନ୍ଦ ହେବା ଫଳରେ ସ୍ଥାନୀୟ ଦେଉଳକଣ ଓ କିଆଝର ପଞ୍ଚାୟତ ଲୋକେ ନିଜର ଗାଈଗୋରୁ, ଛେଳିମେଣ୍ଢା ବୁଲା ଷଣ୍ଢ ଆଦି ଚିକିତ୍ସା ପାଇବାରୁ ବଞ୍ଚିତ ହେଉଛନ୍ତି। ବାଧ ହୋଇ ଅଧିକ ଟଙ୍କାରେ ବେସରକାରୀ ଭାବେ ଚିକିତ୍ସା କରୁଛନ୍ତି। ଆଉ କିଛି ଗରିବ ଲୋକ ଭଗବାନ ଉପରେ ଛାଡି ଦେଇଛନ୍ତି। ବର୍ଷାଋତୁରେ ଗାଈ ଗୋରୁ, ଛେଳିକୁ ବିଭିନ୍ନ ସଂକ୍ରାମକ ରୋଗ ହୁଏ ତେଣୁ ଏହି ଟମକା ର ପ୍ରାଣୀ ଚିକିତ୍ସାଳୟ କେନ୍ଦ୍ରଟି ସବୁଦିନ ଖୋଲିବା ସହିତ ଦୀର୍ଘଦିନ ଧରି ଭାଙ୍ଗିଯାଇଥିବା ଗୃହର ତୁରନ୍ତ ମରାମତି କରି ପ୍ରାଣୀମାନଙ୍କୁ ଉନ୍ନତ ସେବା ଯୋଗାଇବାକୁ ପଶୁପ୍ରେମୀ, ବୁଦ୍ଧିଜୀବି, ଟମକା ଶ୍ରୀରାମ ଯୁବକ ସଂଘର ସମସ୍ତ ସଭ୍ୟ ଦାବି କରିଛନ୍ତି।



# ସମ୍ପାଦକୀୟ



ଜ୍ଞାନ ନବସୃଜନକୁ, ନବସୃଜନ ଉତ୍ପାଦନକୁ ଏବଂ ଉତ୍ପାଦନ ଅର୍ଥନୀତିକୁ ଗତିଶୀଳ କରେ।
-ୱିଲିୟମ ବ୍ରୋଡି

ସକାଳ
THE SAKALA

## ଜନ-ସଙ୍କୋଚନ

ଯୁବଶକ୍ତିର ଦେଶ ଭାବେ ବିଶ୍ୱରେ ପରିଚୟ ଲାଭ କରିଥିବା ଭାରତର ଅଦୃଶ୍ୟ ସଙ୍କଟ ତାହାର ଜନସାଂଖ୍ୟିକ ସ୍ଥିତି ମଧ୍ୟରେ ଲୁଚି ରହିଛି। ବିଶ୍ୱର ସର୍ବାଧିକ ଜନବହୁଳ ଦେଶ ଭାରତରେ ଏକପକ୍ଷରେ ବୟସ୍କଙ୍କ ସଂଖ୍ୟା ବଢୁଥିବା ବେଳେ ଜନ୍ମହାର ବା ପ୍ରଜନନ ହାର ହ୍ରାସ ପାଇଚାଲିଛି। ଜନ୍ମହାର ବୃଦ୍ଧି ସପକ୍ଷରେ ଦକ୍ଷିଣ ଭାରତୀୟ ନେତାମାନେ ଗୁରୁତ୍ୱ ଦେଉଥିଲେ ହେଁ ତାହା ରାଜନୀତିର ଗଣ୍ଡି ଭିତରେ ସୀମିତ ରହିଯାଉଥିବାରୁ ଯଥୋଚିତ ଗୁରୁତ୍ୱ ଲାଭ କରିପାରୁନାହିଁ। ୧୪୫କୋଟି(ଆନୁମାନିକ) ବିଶାଳ ଜନବୋଝ, ୮୦ କୋଟି ପରିବାରକୁ ମାଗଣା ରାସନ୍ ବଣ୍ଟନ ସମେତ ଅନ୍ୟାନ୍ୟ ରିହାତି ଜନିତ ଭୋଟ-ରାଜନୀତିର ବାଧ୍ୟବାଧକତା ପୃଷ୍ଠଭୂମିରେ ପରିବାର ନିୟନ୍ତ୍ରଣ ବା ଜନ୍ମହାର ହ୍ରାସ ସପକ୍ଷରେ ମତ ପ୍ରକାଶ ପାଉଛି। ଅପରପକ୍ଷରେ ଏହି ମାନସିକତା ଓ ଧାରା ଜାରି ରହିଲେ ଆଗାମୀ ୨୫/୩୦ ବର୍ଷ ପରେ ଭାରତ ଯୁବଶକ୍ତିର ଅଭାବୀ ଦେଶ ଭାବରେ ପରିଗଣିତ ହେବା ଆଶଙ୍କାକୁ ଅସ୍ୱୀକାର କରିହେବ ନାହିଁ।

ସ୍ୱାଧୀନତା ପରେ ପରେ ଭାରତ ଆଗରେ ମୁଖ୍ୟ ଆହ୍ୱାନ ଥିଲା ଏହାର ବିଶାଳ ଜନସଂଖ୍ୟା। ଏକପକ୍ଷରେ ଦେଶ ବିଭାଜନ ଜନିତ ଅର୍ଥନୈତିକ ଦୁଃସ୍ଥିତି, ତିନିତିନିଟି ଯୁଦ୍ଧର ପ୍ରଭାବ, ବ୍ରିଟିଶ୍ ବିଧ୍ୱସ୍ତ ଭାରତୀୟ ସାମାଜିକ ଓ ସାଂସ୍କୃତିକ ବ୍ୟବସ୍ଥାକୁ ନୂଆ କରି ଗଢ଼ିବାର ଅଗ୍ରାଧିକାର କର୍ତ୍ତବ୍ୟ ସହିତ ଦେଶବାସୀଙ୍କୁ ଦୁଇଓଳି ଦୁଇମୁଠା ଖାଦ୍ୟ ଯୋଗାଣର ଅପରିହାର୍ଯ୍ୟ ଦାୟିତ୍ୱବୋଧ ମଧ୍ୟରେ ସମତୁଲତା ଆଣିବା ପାଇଁ ସେତେବେଳେ ପରିବାର ନିୟୋଜନ ବା ଜନ୍ମ ନିୟନ୍ତ୍ରଣକୁ ସରକାର ପ୍ରୋତ୍ସାହନ ଦେବା ନିତାନ୍ତ ଆବଶ୍ୟକ ଥିଲା। କିନ୍ତୁ ଏବେ ପରିସ୍ଥିତି ଓଲଟମୁହାଁ ହୋଇଛି। ଜନ୍ମହାର ବା ପ୍ରଜନନ ହାର ବୃଦ୍ଧି ପାଇଁ ବିଭିନ୍ନ ରାଷ୍ଟ୍ର ବିଭିନ୍ନ ଲୋ। ।ଭନୀୟ ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ ଆନ୍ଧ୍ରପ୍ରଦେଶ ଦେଶର ପ୍ରଥମ ରାଜ୍ୟ ଭାବେ ତୃତୀୟ ସନ୍ତାନ ଜନ୍ମ ପାଇଁ ଦମ୍ପତିଙ୍କୁ ଉତ୍ସାହିତ କରିବାକୁ ଆର୍ଥିକ ପ୍ରୋତ୍ସାହନ ଘୋଷଣା କରିଛି।

ଅର୍ଥନୈତିକ ଓ ସମା। ।ଜିକ ପ୍ରଗତି ସହିତ ଜନ୍ମ ଓ ମୃତ୍ୟୁ ହାର ହ୍ରାସ ପାଇବା ସ୍ୱାଭାବିକ। କିନ୍ତୁ ଏହା ଯେଉଁ ହାରରେ ହ୍ରାସ ପାଉଛି ତାହା ସମାଜ ବିଜ୍ଞାନୀମାନଙ୍କୁ ଚିନ୍ତିତ କରିଛି। ଏହି ସମସ୍ୟା କେବଳ ଭାରତରେ ନୁହେଁ, ବିଶ୍ୱରେ ମଧ୍ୟ ସୃଷ୍ଟି ହୋଇସାରିଛି। ବୈଶ୍ୱିକ ସ୍ୱାଭାବିକ ପ୍ରଜନନ ହାର ୨.୧(ଜଣେ ମହିଳାଙ୍କ ପିଛା ହାରାହାରି ଜନ୍ମିତ ସନ୍ତାନ ୨ରୁ ଅଧିକ)ଧାର୍ଯ୍ୟ କରାଯାଇଛି। ୧୯୬୦ ବେଳକୁ ବୈଶ୍ୱିକ ସ୍ତରରେ ହାରାହାରି ପ୍ରଜନନ ହାର ୫.୩ ଥିବା ବେଳେ ୨୦୨୪ ବେଳକୁ ଏହା ୨.୨କୁ ହ୍ରାସ ପାଇଛି। ଏହି ସମୟ ଭିତରେ ଭାରତରେ ପ୍ରଜନନ ହାର ୫.୯ରୁ ୧.୯(ସଦ୍ୟତମ ନମୁନା ପଞ୍ଜିକରଣ ତଥ୍ୟ)କୁ ହ୍ରାସ ପାଇଛି। ସାକ୍ଷରତା, ସଚେତନତା ବୃଦ୍ଧି ସହିତ ମହିଳାମାନେ ଅଧିକରୁ ଅଧିକ କର୍ମଜୀବୀ ହେବାର ଆକାଂକ୍ଷା ଏବଂ ଦରଦାମ ବୃଦ୍ଧି ଜନିତ ଆର୍ଥିକ ଚାପ ପ୍ରଜନନ ହାରକୁ ହ୍ରାସ କରୁଛି। ତେଣୁ ଜାପାନ୍, ଦକ୍ଷିଣ କୋରିଆ ଭଳି ବିକଶିତ ଦେଶମାନଙ୍କରେ ପ୍ରଜନନ ହାର ଯଥାକ୍ରମେ ୧.୧ ଓ ୦.୭ ରହିଥିବା ବେଳେ ଦକ୍ଷିଣ ଆଫ୍ରିକୀୟ ଦେଶମାନଙ୍କରେ ଏହା ହାରାହାରି ୪ରୁ ଅଧିକ ରହିଛି। ଏହାଛଡ଼ା ସାମାଜିକ ଗଣମାଧ୍ୟମର ପ୍ରଭାବ, ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ, ସାମାଜିକ-ଅର୍ଥନୈତିକ ଅସୁରକ୍ଷିତ ଭାବନା, ବୈଷୟିକ ଜ୍ଞାନକୌଶଳର ଦ୍ରୁତ ବିକାଶ ଆଦି ପ୍ରଜନନ ହାରକୁ ହ୍ରାସ କରିବାର ପ୍ରମୁଖ କାରକ।

ପ୍ରଜନନ ହାର ହ୍ରାସ ଯୋଗୁଁ ସମାଜରେ ଗୁରୁତର ବୟସଗତ ବୈଷମ୍ୟ ବଢ଼ିବାରେ ଲାଗିଛି। ଜୀବନର ପରିଣତ ବୟସରେ ଯୁବଶକ୍ତି ଉପରେ ନିର୍ଭରଶୀଳତା ଅନିବାର୍ଯ୍ୟ ଥିବା ବେଳେ ବିକଶିତ ଦେଶ ଓ ରାଜ୍ୟମାନଙ୍କରେ ପ୍ରଜନନ ହାର ହ୍ରାସ ଯୋଗୁଁ ବାର୍ଦ୍ଧକ୍ୟରେ ଦେଖାଶୁଣା କରିବାକୁ ଯୁବଶକ୍ତିର ଅଭାବ ରହୁଛି ଏବଂ ବାର୍ଦ୍ଧକ୍ୟ ଏକ ବୋଝ ପାଲଟି ଯାଉଛି। ଭାରତରେ ଏହି ସମସ୍ୟା ଆହୁରି ସାଂଘାତିକ ଓ ଉଦ୍‌ବେଗଜନକ। ଭାରତରେ ଏବେ ଜାତୀୟ ପ୍ରଜନନ ହାର ୧.୯ ରହିଥିଲେ ମଧ୍ୟ ସହରାଞ୍ଚଳରେ ଏହା ୧.୫ରେ ସୀମିତ ରହିଛି। ଦିଲ୍ଲୀରେ ୧.୨; କେରଳ, ତାମିଲନାଡୁ, ପଶ୍ଚିମବଙ୍ଗରେ ପ୍ରଜନନ ହାର (୧.୩) ଆମେରିକା, ଫିନ୍‌ଲାଣ୍ଡ, ଜାପାନ୍‌ଠାରୁ ମଧ୍ୟ କମ୍। ଅପରପକ୍ଷରେ ବିହାର, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ରାଜସ୍ଥାନ ଭଳି କିଛି ଉତ୍ତରଭାରତୀୟ ରାଜ୍ୟରେ ପ୍ରଜନନ ହାର ଜାତୀୟ ଧାର୍ଯ୍ୟ ହାରଠାରୁ ଅଧିକ। ପ୍ରଜନନ ହାରରେ ଏଭଳି ଆଞ୍ଚଳିକ ତାରତମ୍ୟ ଗୁରୁତର ମାନବ ସମ୍ବଳ-ବୈଷମ୍ୟ ସୃଷ୍ଟି କରିବା ସହିତ ହାରାହାରି ମୁଣ୍ଡପିଛା ଆୟ, ଟିକସ ରାଜସ୍ୱ ଆଦିର ସଂକୋଚନ ଜରିଆରେ ଅର୍ଥନୀତିକୁ ପ୍ରଭାବିତ କରିବା ପ୍ରାୟ ନିଶ୍ଚିତ। ପ୍ରଜନନ ହାରରେ ହ୍ରାସ ବା ଜନ-ସଂକୋଚନ ଆଗାମୀ ଦିନରେ ବିନିର୍ମାଣ, ସେବା, ଶିଳ୍ପ ଆଦି କ୍ଷେତ୍ରରେ ମଧ୍ୟ ଅନୁଭୂତ ହେବାର ଆଶଙ୍କା ସୃଷ୍ଟି ହୋଇଛି।


ଭାରତରେ ୧୫ କୋଟିରୁ ଊର୍ଦ୍ଧ୍ୱ ବ୍ୟକ୍ତି ୬୦ ବର୍ଷରୁ ଅଧିକ ହୋଇଥିବା ବେଳେ ୨୦୫୦ ସୁଦ୍ଧା ଏମାନଙ୍କ ସଂଖ୍ୟା ୩୪.୭ କୋଟିକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ତେଣୁ ଯୁବଶକ୍ତି ବା କର୍ମକ୍ଷମ ମାନବ ସମ୍ବଳର ହ୍ରାସ ଘଟିଲେ ପାରିବାରିକ ଅର୍ଥନୀତି ମଧ୍ୟ ଚାପଗ୍ରସ୍ତ ହେବ। ନିତି ଆୟୋଗର ରିପୋର୍ଟ ଅନୁଯାୟୀ ଭାରତରେ ଏବେ ୭୦% ବୟୋବୃଦ୍ଧ ପରିବାରର ଅନ୍ୟ ସଦସ୍ୟଙ୍କ ଉପରେ ନିର୍ଭରଶୀଳ ଥିବା ବେଳେ ୭୮% ଜୀବନ ଜିଇଁବାର ସର୍ବନିମ୍ନ ଅପରିହାର୍ଯ୍ୟ ଆର୍ଥିକ ସାହାରା ବା ଭତ୍ତା ସୁବିଧାରୁ ବଞ୍ଚିତ। ଦିନକୁ ଦିନ ସ୍ୱାସ୍ଥ୍ୟ ବା ଚିକିତ୍ସା ସେବା ମହଙ୍ଗା ହେଉଥିବାରୁ ଆଗାମୀ ଦିନରେ ଭାରତ ବାର୍ଦ୍ଧକ୍ୟ ଓ ଅସୁସ୍ଥ ଦେଶ ଭାବେ ଅଲୋଡ଼ା ପରିଚୟ ସୃଷ୍ଟି କରିବା ହିଁ ସାର ହେବ।

ମାନବ ସମ୍ବଳ ବୈଷମ୍ୟର ଏକମାତ୍ର ସମାଧାନ ଭାବେ କର୍ମଶକ୍ତିର ଆନ୍ତଃପ୍ରବାହ ବା ରାଜ୍ୟାନ୍ତର ସପକ୍ଷରେ ମତ ପ୍ରକାଶ ପାଉଥିଲେ ହେଁ ଏହା ଦୀର୍ଘମିଆଦୀ ସମାଧାନର ସୂତ୍ର ନୁହେଁ। ଏଣୁ ସରକାର ଜନ-ସଙ୍କୋଚନ ପ୍ରସଙ୍ଗରେ ଗୁରୁତ୍ୱର ସହିତ ବିଚାର କରିବାର ସମୟ ଆସିଛି। ସଂସଦର ବହୁମୂଲ୍ୟ ସମୟକୁ ଅଯଥା ରାଜନୀତିର ଉଚ୍ଚାଟରେ କୋଳାହଳମୟ ନ କରି ଏଭଳି ଦୀର୍ଘ ଓ ଗୁରୁତର ସମସ୍ୟାର ସମାଧାନ ପାଇଁ ନୀତି ନିର୍ଦ୍ଧାରଣ ଉଦ୍ଦେଶ୍ୟରେ ବିଚାରବିମର୍ଶରେ ସମୃଦ୍ଧ କଲେ ଜନବହୁଳ ଭାରତ ଉପକୃତ ହୁଅନ୍ତା।

# ଭାରତୀୟ ନାଗରିକତାର ଦ୍ୱନ୍ଦ୍ୱ

ସୌଜନ୍ୟ କୁମାର ପରିଡ଼ା

ଭାରତ ହେଉଛି ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର। ଏଠାରେ ପ୍ରତ୍ୟେକ ନାଗରିକଙ୍କୁ ସମ୍ବିଧାନ ସମାନ ଅଧିକାର, ସ୍ୱାଧୀନତା ଓ ସୁରକ୍ଷା ପ୍ରଦାନ କରିଛି। କିନ୍ତୁ ବିଡ଼ମ୍ବନାର ବିଷୟ ହେଉଛି, ଆଜି ମଧ୍ୟ ଦେଶର ଅନେକ ସାଧାରଣ ନାଗରିକ ଜାଣିନାହାନ୍ତି ଯେ ଭାରତୀୟ ନାଗରିକତାର ପ୍ରକୃତ ଆଇନଗତ ପ୍ରମାଣ କ'ଣ? କେଉଁ ଦଲିଲକୁ ଅନ୍ତିମ ଭାବେ ନାଗରିକତାର ପ୍ରମାଣ ଭାବେ ଗ୍ରହଣ କରାଯିବ? ଏହି ପ୍ରଶ୍ନ ଆଜି କେବଳ ଆଇନଗତ ନୁହେଁ, ବରଂ ସାମାଜିକ ଓ ଜାତୀୟ ଚର୍ଚ୍ଚାର ବିଷୟ ପାଲଟିଛି। ନାଗରିକତା କେବଳ ଏକ ଆଇନଗତ ପରିଚୟ ନୁହେଁ, ଏହା ଜଣେ ବ୍ୟକ୍ତିଙ୍କ ସମ୍ବିଧାନିକ ଅଧିକାର, ସମ୍ମାନ ଓ ରାଷ୍ଟ୍ର ସହ ତାଙ୍କର ସମ୍ପର୍କର ମୂଳ ଆଧାର। ତେଣୁ ନାଗରିକତା ପ୍ରମାଣ ନେଇ କୌଣସି ଅସ୍ପଷ୍ଟତା ରହିବା ଏକ ଗଣତାନ୍ତ୍ରିକ ଦେଶ ପାଇଁ କେବେ ଶୁଭ ସଙ୍କେତ ନୁହେଁ।




ସମୟ ସମୟରେ ନାଗରିକତା ସଂଶୋଧନ ଆଇନ(ସିଏଏ), ଜାତୀୟ ନାଗରିକ ପଞ୍ଜିକା(ଏନ୍‌ଆରସି), ଜନଗଣନା, ଭୋଟର ତାଲିକା ସଂଶୋଧନ କିମ୍ବା ବିଭିନ୍ନ ସରକାରୀ ଯୋଜନାକୁ ନେଇ ଆଲୋଚନା ହେବା ସମୟରେ ଲୋକଙ୍କ ମନରେ ଅନେକ ସନ୍ଦେହ ସୃଷ୍ଟି ହୁଏ। କେହି କହନ୍ତି ଆଧାର କାର୍ଡ ହିଁ ନାଗରିକତାର ପ୍ରମାଣ, କେହି କହନ୍ତି ଭୋଟର ପରିଚୟପତ୍ର, ଆଉ କେହି ପାସପୋର୍ଟ କିମ୍ବା ଜନ୍ମ ପ୍ରମାଣପତ୍ରକୁ ଚୂଡ଼ାନ୍ତ ଦଲିଲ ବୋଲି ମନେ କରନ୍ତି। ଏହି ବିଭ୍ରାନ୍ତି ଲୋକଙ୍କ ମନରେ ଭୟ ଓ ଅନିଶ୍ଚିତତା ସୃଷ୍ଟି କରୁଛି।

ବାସ୍ତବରେ ଭାରତୀୟ ନାଗରିକତା 'ନାଗରିକତା ଆଇନ-୧୯୫୫' ଅନୁଯାୟୀ ନିର୍ଣ୍ଣୟ ହୁଏ। ଏହି ଆଇନରେ ଜନ୍ମ, ବଂଶାନୁକ୍ରମ, ପଞ୍ଜୀକରଣ, ସ୍ୱାଭାବିକୀକରଣ ଓ ଭୂଖଣ୍ଡ ମିଶ୍ରଣ ମାଧ୍ୟମରେ ନାଗରିକତା ପ୍ରଦାନର ବ୍ୟବସ୍ଥା ରହିଛି। ଆଇନ ନାଗରିକତା ପ୍ରାପ୍ତିର ଉପାୟ କହିଛି; କିନ୍ତୁ ସମସ୍ତ ଭାରତୀୟଙ୍କ ପାଇଁ ଏକକ 'ନାଗରିକତା ପ୍ରମାଣପତ୍ର' ଜାରି କରିବାର ବ୍ୟବସ୍ଥା ନାହିଁ। ଏହି କାରଣରୁ ସାଧାରଣ ଲୋକଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ରହିଯାଉଛି। ଆଧାର ଆଇନ ସ୍ପଷ୍ଟ କହିଛି ଯେ ଆଧାର କେବଳ ପରିଚୟ ଓ ବାସସ୍ଥାନ ସହ ଜଡ଼ିତ ଏକ ଦଲିଲ, ଏହା ନାଗରିକତାର ପ୍ରମାଣ ନୁହେଁ। ସେହିପରି ଭୋଟର ପରିଚୟପତ୍ର ନିର୍ବାଚନରେ ଭୋଟ ଦେବାର ଅଧିକାର ପ୍ରଦର୍ଶନ କରେ, ପାନ୍ କାର୍ଡ କରଦାତାଙ୍କ ପରିଚୟ, ଡ୍ରାଇଭିଂ ଲାଇସେନ୍ସ ଗାଡ଼ି ଚଳାଇବାର ଅନୁମତି ଏବଂ ରାସନ କାର୍ଡ ଖାଦ୍ୟ ସୁରକ୍ଷା ଯୋଜନାର ସୁବିଧା ପାଇଁ ବ୍ୟବହୃତ ହୁଏ। ପାସପୋର୍ଟ ଜାରି କରିବା ସମୟରେ ନାଗରିକତା ସମ୍ବନ୍ଧୀୟ ଯାଞ୍ଚ ହୁଏ; କିନ୍ତୁ ଆଇନର ବ୍ୟବହାରିକ ପ୍ରୟୋଗରେ କେଉଁ ଦଲିଲ କେଉଁ ପରିସ୍ଥିତିରେ ଚୂଡ଼ାନ୍ତ ପ୍ରମାଣ ହେବ, ତାହା ନେଇ ଲୋକଙ୍କ ମଧ୍ୟରେ ସ୍ପଷ୍ଟ ଧାରଣା ନାହିଁ।

ଏହି ଅସ୍ପଷ୍ଟତାର ସବୁଠାରୁ ବଡ଼ ପ୍ରଭାବ ପଡୁଛି ଗରିବ, ଗ୍ରାମାଞ୍ଚଳବାସୀ, ବୟସ୍କ ନାଗରିକ, ଆଦିବାସୀ, ପ୍ରାକୃତିକ ବିପର୍ଯ୍ୟୟରେ ଦଲିଲ ହରାଇଥିବା ପରିବାର ଏବଂ ଅଶିକ୍ଷିତ ଲୋକଙ୍କ ଉପରେ। ଅନେକଙ୍କ ପାଖରେ ପୁରୁଣା ଜନ୍ମ ପ୍ରମାଣପତ୍ର ନାହିଁ। ଅନେକ ସ୍ଥାନରେ ପୂର୍ବରୁ ଜନ୍ମ ପଞ୍ଜୀକରଣର ପ୍ରଚଳନ ମଧ୍ୟ ନଥିଲା। ବନ୍ୟା, ବାତ୍ୟା କିମ୍ବା ଅଗ୍ନିକାଣ୍ଡରେ ଦଲିଲ ନଷ୍ଟ ହୋଇଯାଇଥିବା ପରିବାର ମଧ୍ୟ ଅଛନ୍ତି। ଏଭଳି ପରିସ୍ଥିତିରେ ସେମାନେ କିପରି ନିଜ ନାଗରିକତା ପ୍ରମାଣ କରିବେ? ଏହାର ସ୍ପଷ୍ଟ ଉତ୍ତର ସାଧାରଣ ଲୋକଙ୍କ ପାଖରେ ନାହିଁ। ଏକ ଗଣତାନ୍ତ୍ରିକ ଦେଶରେ ନାଗରିକମାନେ ନିଜ ଅଧିକାର ଓ ଆଇନଗତ ସ୍ଥିତି ବିଷୟରେ ସ୍ପଷ୍ଟ ଭାବରେ ଜାଣିବା ଉଚିତ। ଏହା ସରକାରଙ୍କ ମଧ୍ୟ ଦାୟିତ୍ୱ ଯେ ସେମାନେ ଲୋକଙ୍କୁ ସରଳ ଭାଷାରେ ଆଇନ ବୁଝାଇବେ। ଆଇନ କେବଳ ଓକିଲ କିମ୍ବା ଅଧିକାରୀଙ୍କ ପାଇଁ ନୁହେଁ, ବରଂ ସାଧାରଣ ଲୋକଙ୍କ ବୁଝିବା ପାଇଁ ମଧ୍ୟ ହେବା ଦରକାର।

ଆଜି ଦେଶର ଆବଶ୍ୟକତା ହେଉଛି କେନ୍ଦ୍ର ସରକାର ଗୋଟିଏ ସରକାରୀ 'ନାଗରିକତା ସ୍ପଷ୍ଟୀକରଣ ନିର୍ଦ୍ଦେଶିକା' ପ୍ରକାଶ କରନ୍ତୁ। ଏହି ନିର୍ଦ୍ଦେଶିକାରେ ସ୍ପଷ୍ଟ ଭାବରେ ଉଲ୍ଲେଖ ରହୁ ଯେ କେଉଁ ଦଲିଲ କେବଳ ପରିଚୟ, କେଉଁଟି ବାସସ୍ଥାନର ପ୍ରମାଣ, କେଉଁଟି ଭୋଟଦାନର ଯୋଗ୍ୟତା ପ୍ରମାଣ କରେ ଏବଂ କେଉଁ ଦଲିଲ କିମ୍ବା ଦଲିଲଗୁଡ଼ିକର ସମନ୍ୱୟରେ ନାଗରିକତା ପ୍ରମାଣିତ ହୋଇପାରିବ। ସେହିପରି ଯେଉଁମାନଙ୍କ ପାଖରେ ପୁରୁଣା ରେକର୍ଡ ନାହିଁ, ସେମାନଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା ମଧ୍ୟ ସ୍ପଷ୍ଟ କରାଯାଉ। ଏହି ନିର୍ଦ୍ଦେଶିକାକୁ ସମସ୍ତ ଭାରତୀୟ ଭାଷାରେ ପ୍ରକାଶ କରାଯିବା ସହ ଗ୍ରାମ ପଞ୍ଚାୟତ, ବ୍ଲକ, ତହସିଲ, ଜିଲ୍ଲା କାର୍ଯ୍ୟାଳୟ, ସ୍କୁଲ, କଲେଜ ଓ ଡିଜିଟାଲ ମାଧ୍ୟମରେ ସାଧାରଣ ଲୋକଙ୍କ ପାଖକୁ ପହଞ୍ଚାଯିବା ଆବଶ୍ୟକ। ଏହାଦ୍ୱାରା ଗୁଜବ, ଭୁଲ ତଥ୍ୟ ଓ ଅନାବଶ୍ୟକ ଭୟର ଅବସାନ ଘଟିବ।

ସରକାର ଯଦି ଚାହାନ୍ତି, ତେବେ ଏକ ସ୍ୱେଚ୍ଛାକୃତ 'ନାଗରିକତା ପ୍ରମାଣପତ୍ର' ବ୍ୟବସ୍ଥା ସପକ୍ଷରେ ମଧ୍ୟ ବିଚାର କରିପାରନ୍ତି, ଯାହା ପାଇଁ ଆଇନସମ୍ମତ ଯାଞ୍ଚ ପରେ ଇଚ୍ଛୁକ ନାଗରିକମାନେ ଆବେଦନ କରିପାରିବେ। ଏହା କୌଣସି ବାଧ୍ୟତାମୂଳକ ପ୍ରକ୍ରିୟା ନୁହେଁ, ବରଂ ଭବିଷ୍ୟତରେ ନାଗରିକଙ୍କ ସୁବିଧା ପାଇଁ ଏକ ବିକଳ୍ପ ହୋଇପାରେ।

ଆମର ଉଦ୍ଦେଶ୍ୟ କୌଣସି ରାଜନୈତିକ ବିତର୍କ ସୃଷ୍ଟି କରିବା ନୁହେଁ। ଏହା ସାଧାରଣ ନାଗରିକଙ୍କ ଏକ ନ୍ୟାୟସଙ୍ଗତ ପ୍ରଶ୍ନ। ଯେତେବେଳେ ଜଣେ ଭାରତୀୟ ନିଜ ଦେଶର ନାଗରିକ, ସେତେବେଳେ ସେ ନିଶ୍ଚିତ ଭାବେ ଜାଣିବାର ଅଧିକାର ରଖନ୍ତି ଯେ ଆଇନ ଅନୁଯାୟୀ ତାଙ୍କ ନାଗରିକତାର ପ୍ରମାଣ କ'ଣ। ଗଣତନ୍ତ୍ରର ଶକ୍ତି କେବଳ ନିର୍ବାଚନରେ ନୁହେଁ, ବରଂ ନାଗରିକଙ୍କ ବିଶ୍ୱାସରେ ନିହିତ। ସରକାର ଓ ନାଗରିକଙ୍କ ମଧ୍ୟରେ ବିଶ୍ୱାସ ଯେତେ ସୁଦୃଢ଼ ହେବ, ଦେଶ ସେତେ ଶକ୍ତିଶାଳୀ ହେବ। ସେହି ବିଶ୍ୱାସକୁ ଆହୁରି ଦୃଢ଼ କରିବା ପାଇଁ ନାଗରିକତା ଭଳି ସମ୍ବେଦନଶୀଳ ବିଷୟରେ ସ୍ପଷ୍ଟ, ସରଳ ଓ ସର୍ବସାଧାରଣଙ୍କ ପାଇଁ ବୋଧଗମ୍ୟ ସରକାରୀ ମାର୍ଗଦର୍ଶିକା ଜାରି କରିବା ଆଜିର ସମୟର ଆବଶ୍ୟକତା।

ନାଗରିକତା ଉପରେ ସ୍ପଷ୍ଟତା କେବଳ ଆଇନର ପ୍ରଶ୍ନ ନୁହେଁ, ଏହା ପ୍ରତ୍ୟେକ ଭାରତୀୟଙ୍କ ଆତ୍ମବିଶ୍ୱାସ, ସମ୍ମାନ ଓ ଗଣତାନ୍ତ୍ରିକ ଅଧିକାର ସହ ଜଡ଼ିତ। ସେଥିପାଇଁ କେନ୍ଦ୍ର ସରକାର ଏହି ବିଷୟରେ ଯଥାଶୀଘ୍ର ଏକ ସ୍ପଷ୍ଟ ଓ ପ୍ରାମାଣିକ ନିର୍ଦ୍ଦେଶିକା ପ୍ରକାଶ କରନ୍ତୁ। ଏହାଦ୍ୱାରା ଦେଶବାସୀଙ୍କ ମନରେ ଥିବା ସନ୍ଦେହ ଦୂର ହେବ, ଭ୍ରାନ୍ତିର ଅବସାନ ଘଟିବ ଏବଂ ଗଣତନ୍ତ୍ର ପ୍ରତି ଆସ୍ଥା ଆହୁରି ସୁଦୃଢ଼ ହେବ।

ବାରେ(କେନ୍ଦ୍ରାପଡ଼ା), ମୋ: ୮୨୪୯୯୪୩୨୪୭

# ଖେଳପଡ଼ିଆର ଆକର୍ଷଣ ଓ ଆକାଂକ୍ଷା

ଉମେଶ ପାତ୍ର

ଆମ ଘରଆଗରେ ଗୋଟେ ଖେଳ ପଡ଼ିଆ। ସୂର୍ଯ୍ୟର ପ୍ରଥମ କିରଣ ସେଠିକାର କାକର ଟୋପାକୁ ଛୁଇଁବା ପୂର୍ବରୁ ସେଠି ଜମିଯାଏ ଆମ ସାହି ପିଲାଙ୍କର ଭିଡ଼। ପଡ଼ିଆର ଗୋଟେ ଭାଗରେ ଫୁଟବଲ ଚାଲେ, ଅନ୍ୟ ଦୁଇ ଭାଗରେ କ୍ରିକେଟ। ସେ କ୍ରିକେଟର ବି ନିୟମ ନିଆରା। କାହା ପାଇଁ ଛକା ମାରିଲେ ଆଉଟ, ଆଉ କାହା ପାଇଁ ରନ କେବଳ ଡାହାଣ ପାର୍ଶ୍ୱରେ। ସେହି ପଡ଼ିଆରେ ସମାନ୍ତରାଳ ଭାବେ ଗତିଶୀଳ ତିନି-ଚାରିଟି ଖେଳର ପରିସୀମା ଯଦିଓ ଚପଲ, ଇଟାଗଡ଼ି କିମ୍ବା ପଥର ଦ୍ୱାରା ନିର୍ଦ୍ଧାରିତ, ତଥାପି ବେଳେବେଳେ ଏପାଖର ବଲଟି ସେପାଖକୁ ଅନୁପ୍ରବେଶ କରେ। ଏପରି ପରିସ୍ଥିତିରେ ନିର୍ବିବାଦରେ ପିଲାମାନେ ବଲଟିକୁ ଫେରସ୍ତ କରିଦିଅନ୍ତି। ରବିବାର ବ୍ୟତିରକେ ଅନ୍ୟ ଦିନଗୁଡ଼ିକରେ ପ୍ରାୟ ସକାଳ ୧୦ଟା ପର୍ଯ୍ୟନ୍ତ ପିଲାମାନଙ୍କର ଖେଳଗୋଳ ପୂରା ପଡ଼ିଆକୁ ହୁଲସ୍ଥୁଲ କରୁଥାଏ। ପୁଣି ଅପରାହ୍ନ ଚାରିଟା ପୂର୍ବରୁ ଉଇକେଟ ପୋତା ଆରମ୍ଭ ହେଇ ଯାଏ।



ଆଙ୍ଗୁଳି ମୁନରେ ବିଶ୍ୱର ଗବାକ୍ଷ ଖଞ୍ଜି ଦେଇଥିବା ମୋବାଇଲ ସାମ୍ପ୍ରତିକ ମଣିଷର ଖାଲି ସମୟ ଉପରେ ଏକଚାଟିଆ ରାଜୁତି କରୁଥିବା ବେଳେ ଆମ ସାହିର ପିଲାମାନେ ଏଭଳି ଏକ ଶାରୀରିକ ଏବଂ ସାମାଜିକ ମନୋରଞ୍ଜନର ପଛାରେ ଦିନକୁ ଦୁଇ ଥର ମନୋନିବେଶ କରିପାରୁଛନ୍ତି, ତାହା କମ ବିସ୍ମୟର କଥା ନୁହେଁ। ଆହୁରି ଖୁସିର କଥା ଯେ, ପରସ୍ପର ଖେଳରେ ମସଗୁଲ ହେଲେ ବି ଗୋଟେ ପଡ଼ିଆରେ ସେମାନଙ୍କ ମଧ୍ୟରୁ କାହାରି ଏକାଧିକାର ରହେ ନାହିଁ। ଗଣତାନ୍ତ୍ରିକ ପଦ୍ଧତିରେ ସେମାନେ ନିଜ ମାଟିରେ ନିଜ ଖେଳ ଖେଳନ୍ତି। ତଥାପି ସେ ଖେଳପଡ଼ିଆ ସମ୍ପୂର୍ଣ୍ଣ ରୂପରେ ଆମ ସାହିର ବାଳୁତ ବା ଯୁବବୃନ୍ଦଙ୍କୁ ଖେଳିବା ପାଇଁ ସମତାର ଅଧିକାର ଦିଏ, ତାହା ସତ୍ୟ ନୁହେଁ। କାରଣ ସେହି ପଡ଼ିଆରେ ଖଣ୍ଡିଏ ବି ଜାଗା ନାହିଁ ଆମ ସାହିର ମହିଳା ଖେଳାଳିଙ୍କ ପାଇଁ।

ଆମ ସାହିର ଝିଅମାନେ ଯେ ଖେଳନ୍ତି ନାହିଁ, ତାହା ନୁହେଁ। କୁନି ଝିଅମାନେ ପ୍ରାୟତଃ ସନ୍ଧ୍ୟା ବେଳେ ଲୁଚକାଳି ଖେଳ ଖେଳନ୍ତି ଘର ଦୁଆର ପାଖାପାଖି। ଶୀତଦିନେ ଅନେକେ ନିଜ ଘର ଅଗଣାରେ ନିଜ ପରିବାର ଲୋକ ବା ଅନ୍ୟ ବନ୍ଧୁ-ବାନ୍ଧବୀଙ୍କ ସାଙ୍ଗରେ ବ୍ୟାଡମିଣ୍ଟନ ଖେଳନ୍ତି। ଆମ ସାହିର କିଛି ବୟସ୍କ ମହିଳାମାନେ ତ ତାସ ଖେଳରେ ବି ପାରଙ୍ଗମ। ବୟସ ନିର୍ବିଶେଷରେ ଅନେକ ମହିଳା ଘର ଭିତରେ ଲୁଡୋ, କ୍ୟାରମ ବା ଶତରଞ୍ଜ ବି ଖେଳୁଥା'ନ୍ତି। କିନ୍ତୁ କ୍ରିକେଟ ବା ଫୁଟବଲ ଭଳି ଖୋଲା ପଡ଼ିଆର ଖେଳ ଆମ ଓଡ଼ିଆ ଘରର ଝିଅମାନଙ୍କ ପାଇଁ ଅନେକାଂଶରେ ହାତପାଆନ୍ତାର ଦୂରେ।

ଏହାପଛରେ ଅନେକ କାରଣ ରହିଛି। ଆମ ଝିଅମାନେ ପଦାକୁ ବାହାରିଲେ ନାନା ଲୋକ ନାନା କଥା କହିବେ। ସେମାନେ ପୁଣି ଏକ ସାର୍ବଜନୀନ ସ୍ଥାନରେ ଖେଳିଲେ ଅନେକ ଲୋଲୁପ, ସର୍ବଗ୍ରାସୀ ଦୃଷ୍ଟିର ଶିକାର ହେବେ। ଆମ ମନରେ ଥିବା ଆଶଙ୍କା ଯେ ତାଙ୍କୁ ଦେଖି କେହି ହୁଇସିଲ ମାରିବେ, କେହି ଅଶାଳୀନ ଇଙ୍ଗିତ କରିବେ, ଆଉ କେହି ଅରୁଚିକର ମନ୍ତବ୍ୟ କରିବେ। ଏହି ଆଶଙ୍କା ସମ୍ପୂର୍ଣ୍ଣ ରୂପେ ନିରାଧାର ନୁହେଁ। ସେଥିପାଇଁ ସ୍କୁଲ, କଲେଜ ବା ସ୍ୱତନ୍ତ୍ର କ୍ରୀଡ଼ା ସଂସ୍ଥାନର ପରିବେଷ୍ଟିତ ପରିସରକୁ ଛାଡ଼ିଦେଲେ କେତେଜଣ ଝିଅ ବା ଆମ ସହରର ପଡ଼ିଆରେ ଅବାଧରେ ନିଜ ସ୍ଥାନ ଅକ୍ତିଆର କରିପାରନ୍ତି?

ଯଦିଓ ଆମ ଗାଁ-ଗହଳିରେ ଆଜି ବି କିତକିତ ଭଳି ନାନାବିଧ ପାରମ୍ପରିକ ଖେଳ ଖେଳିବାରେ ଝିଅମାନଙ୍କୁ ଲୋକଲାଜ ବାଧା ଦିଏ ନାହିଁ, ଅନେକ ଉପାନ୍ତ ଅଞ୍ଚଳରେ ହକି, ଖୋ-ଖୋ ଆଦି ଖେଳରେ ବି ଆମ ଓଡ଼ିଆ ଝିଅମାନେ କିଛିମାତ୍ରାରେ ଆଗୁଆ। କିନ୍ତୁ ଆମ ସହରର ନାନାବିଧ ମୁକ୍ତ ଆକାଶତଳର ଖେଳ ପଡ଼ିଆରେ ଆଜି ବି ତାଙ୍କୁ ଖେଳିବାକୁ ସୁଯୋଗ ସେତେ ସ୍ୱଚ୍ଛନ୍ଦ ଭାବେ ପ୍ରାପ୍ତ ହୋଇନାହିଁ। ସତେକି ଆଜିଯାଏଁ କୌଣସି ଅଦୃଶ୍ୟ ରେଖା ସେମାନଙ୍କ ପାଇଁ ସେହି ପଡ଼ିଆକୁ ଯିବା ବାଟ ଅବରୋଧ କରି ରଖିଛି। ସାଙ୍ଗ ହୋଇ ଖୋଲାପଡ଼ିଆରେ ଖେଳିବା କେବଳ ଏକ ଶାରୀରିକ ବ୍ୟାୟାମ ଏବଂ ମନୋରଞ୍ଜନର ମାଧ୍ୟମ ନୁହେଁ; ତାହା ହେଉଛି ନିଜ ପରିବେଶରେ ନିଜ ପାଇଁ ସ୍ଥାନ ପ୍ରସ୍ତୁତ କରିବା ଏବଂ ମୁକ୍ତ ଆକାଶରେ ଅବାଧରେ ବିଚରଣ କରିବାର ଏକ ପ୍ରତୀକ।

ମୋ ଘର ଆଗର ଖେଳପଡ଼ିଆରେ ଖେଳୁଥିବା ପିଲାଙ୍କ ଭିତରୁ କେହି କେବେ ରାଜ୍ୟ ପାଇଁ ଗୌରବ ଅର୍ଜନ କରିବ, ଅଥବା ଜାତୀୟ ଦଳରେ ସାମିଲ ହେବ, ସେକଥା ଭବିଷ୍ୟବାଣୀ କରିବାର ଯୋଗ୍ୟତା ମୋର ନାହିଁ। କିନ୍ତୁ ଯେଉଁଦିନ ସେହି ଖେଳପଡ଼ିଆରେ ଆମ ଘରର ଝିଅଙ୍କୁ ବି ସେତିକି ସହଜରେ ଆପଣେଇବ, ସେଦିନ ସେ ଜାଗା କେବଳ ଏକ କ୍ରୀଡ଼ା ପ୍ରାଙ୍ଗଣ ନୁହେଁ, ବରଂ ଏକ ଗଣତାନ୍ତ୍ରିକ ପୃଷ୍ଠଭୂମିରେ ପରିଣତ ହୋଇଯିବ।

(ଇଂରାଜୀ ଅଧ୍ୟାପକ, ମହାତ୍ମା ଗାନ୍ଧୀ କେନ୍ଦ୍ରୟ ବିଶ୍ୱବିଦ୍ୟାଳୟ)
ମୋତିହାରି(ବିହାର), ମୋ: ୭୦୩୬୨୪୭୪୪୭

# 'ଆସ ଅଲାରେ ଖାଅ ଖିରି, ବାପ ଯାଇଛି ବିଦେଶ କରି'

## ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ


ବିକ୍ରମ ମହାପାତ୍ର

ମହାପ୍ରଭୁଙ୍କ ଅଣସର ସମୟରେ ବ୍ରହ୍ମଗିରିରେ ଶ୍ରୀଅଲାରନାଥଙ୍କ ପାଖରେ ଭକ୍ତଜନଙ୍କର ଭିଡ଼ ହୋଇଥାଏ। ଅନେକ ହୁଏତ ଜାଣି ନ ଥିବେ ଶ୍ରୀଅଲରାନାଥଙ୍କ ପ୍ରିୟବ୍ୟଞ୍ଜନ ହେଉଛି ଖିରି। କୋଟି ଭକ୍ତଙ୍କ ମନ ଓ ହୃଦୟରେ ଶ୍ରୀଅଲାରନାଥ ଖିରି ଖିଆ ଠାକୁର ଭାବରେ ପରିଚିତ।

ଅଣସର ଦର୍ଶନ ସମୟରେ ଶ୍ରୀଜିଉଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତ ଖିରି ପ୍ରସାଦ ନିଶ୍ଚିତ ସେବନ କରିଥା'ନ୍ତି। ଆଉ ଶ୍ରଦ୍ଧା ଓ ଭକ୍ତିରେ ଘରକୁ ମଧ୍ୟ ନେଇଥା'ନ୍ତି। ଏ ସଂପର୍କରେ ଏକ ସୁନ୍ଦର କିମ୍ବଦନ୍ତୀ ରହିଛି। ଶ୍ରୀଜିଉଙ୍କ ସେବାରେ ନିୟୋଜିତ ସେବାୟତ ମୀନକେତନ ବିଦେଶକୁ ଯାତ୍ରା କରିବା ପୂର୍ବରୁ ପତ୍ନୀଙ୍କୁ କହିଗଲେ ଶ୍ରୀଜିଉଙ୍କ ନୈବେଦ୍ୟ ଅର୍ପଣ ନିଜ ପୁଅ ମଧୁସୂଦନ ହାତରେ କରାଇବେ। ମାତ୍ର ୧୧ ବର୍ଷର ବାଳକ ମଧୁସୂଦନ, ଯିଏକି ପୂଜା ଅର୍ଚ୍ଚନା ଜାଣି ନଥିଲେ, ମା'ଙ୍କ ଦ୍ୱାରା ଘରେ ପ୍ରସ୍ତୁତ ଖିରି ନେଇ ଠାକୁରଙ୍କ ଆଗରେ ରଖି ଉଚ୍ଚାରଣ କରିଥିଲେ 'ଆସ ଅଲାରେ ଖାଅ ଖିରି, ବାପ ଯାଇଛି ବିଦେଶ କରି'। ଏହାପରେ ଶ୍ରୀଜିଉଙ୍କ ମନ୍ଦିର କବାଟ ବନ୍ଦ କରି ସାଙ୍ଗ ସହିତ ଖେଳିବାକୁ ଚାଲିଗଲେ। ସେଠାରୁ ଫେରି ଦ୍ୱାର ଫିଟାଇ ଖାଲି ପାତ୍ର ନେଇ ଘରକୁ ଫେରିଲେ। ମାଆ ପଚାରିଲେ ଖିରି ପ୍ରସାଦ କୁଆଡ଼େ ଗଲା? ମଧୁସୂଦନ କହିଲେ ଠାକୁର ସବୁ ଖାଇ ଦେଲେ।

ଏହାରି ଭିତରେ ମୀନକେତନ ବିଦେଶ ଯାତ୍ରା ସାରି ଘରକୁ ଫେରିବା ପରେ ପତ୍ନୀଙ୍କଠାରୁ ସବୁ ଶୁଣି ଆଶ୍ଚର୍ଯ୍ୟ ହେଲେ। ଖିରିତକ ନିଜେ ଖାଇଦେଇ ଠାକୁରଙ୍କ ନାମରେ ପୁଅ ମିଛି କହୁଥିବା ଭାବି ପରୀକ୍ଷା କରିବା ପାଇଁ ସ୍ଥିର କଲେ। ବାପ ଓ ପୁଅ ଏକା ସାଙ୍ଗରେ ଖିରି ନେଇ ମନ୍ଦିର ଭିତରୁ ଗଲେ। ମଧୁସୂଦନ ଅଲାରନାଥଙ୍କ ଆଗରେ ଖିରି ରଖି ପୂର୍ବ ଭଳି ଉଚ୍ଚାରଣ କରି ମନ୍ଦିର ବାହାରକୁ ଆସି କବାଟ ବନ୍ଦ କରିଦେଇ ସାଙ୍ଗମାନଙ୍କ ସହିତ ଖେଳିବାକୁ ଚାଲିଗଲେ। କିନ୍ତୁ ମୀନକେତନ ମନ୍ଦିର ଭିତରେ ଲୁଚି ରହି କଳାହାଟ ଦ୍ୱାର କବାଟ ଛିଦ୍ରରେ ଚାହିଁ ରହିଲେ ଠାକୁର ଖିରି ଖାଉଛନ୍ତି କି ନାହିଁ।

ଭକ୍ତର ମାନ ରଖିବାକୁ ଠାକୁର ନିଜେ ରତ୍ନ ସିଂହାସନରୁ ଓହ୍ଲାଇ ଆସି ଗରମ ଖିରି ଖାଇଲେ। କିନ୍ତୁ ତରବରରେ ଖାଇବା ବେଳେ ଶ୍ରୀଜିଉଙ୍କ ଦକ୍ଷିଣ ହସ୍ତ ଆଙ୍ଗୁଠି ଓ ଗରମ ଖିରି ପଡ଼ି ବକ୍ଷରେ ଫୋଟକା ହୋଇଗଲା। ଖାଇସାରି ଠାକୁର ଅନ୍ତର୍ଦ୍ଧାନ ହୋଇଗଲେ। ଏସବୁ ଅଲୌକିକ ଦୃଶ୍ୟ ଦେଖି ମୀନକେତନ ଭାବବିହ୍ୱଳ ହୋଇଗଲେ। ଆଜି ବି ଶ୍ରୀଜିଉଙ୍କ ଶ୍ରୀଅଙ୍ଗରେ ସେହି ଗରମ ଖିରି ଫୋଟକା ଚିହ୍ନ ରହିଛି ବୋଲି କୁହାଯାଏ। ସେଥିପାଇଁ ଦ୍ୱିପ୍ରହର ଧୂପରେ ଶ୍ରୀଜିଉଙ୍କ ପାଖରେ କେବଳ ଖିରି ଧୂପ ଉଠିଥାଏ।



ବର୍ଷତମାମ ଖିରି ପ୍ରସାଦ ହେଉଥିବା ବେଳେ ଅଣସର ଦର୍ଶନ ସମୟରେ ପ୍ରତିଦିନ ଶହେ ହାଣ୍ଡିରୁ ଅଧିକ ଖିରି ପ୍ରସାଦ ଶ୍ରୀଜିଉଙ୍କ ପାଖରେ ଲାଗି ହୋଇଥାଏ। ଏବେ ଅଣସର ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁ ଖିରି ପ୍ରସାଦ ପାଇଁ ଆନନ୍ଦ ବଜାରରେ ଭିଡ଼ ଲଗାଇଛନ୍ତି। ଶ୍ରୀଜିଉଙ୍କ ଅତିପ୍ରିୟ ଖିରି ପ୍ରସାଦ ଭକ୍ତଙ୍କୁ ଟାଣି ଆଣୁଛି।

କଟକ, ମୋ: ୯୪୩୭୦୨୧୬୧୫

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।


କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଚୌଦ୍ୱାର ମହାନଦୀ ଗର୍ଭର ରହସ୍ୟମୟ ଜଗତ

# ଜଳମଗ୍ନ ହୋଇଯାଇଛି ପର୍ବତ, ଗୁମ୍ଫା ଓ ସୁଡ଼ଙ୍ଗ




ଚୌଦ୍ୱାର, ୧୦।୭(ବିଶ୍ୱଜିତ୍ ଭଞ୍ଜ): ଛୋଟିଆ ଝରଣାରୁ ବିସ୍ତାର ଆରମ୍ଭ କରି ଓଡ଼ିଶାରେ ପ୍ରବେଶ କଲା ପରେ ମହାନଦୀର ଜଳଗର୍ଭ କଟକ ଜିଲ୍ଲା ଚୌଦ୍ୱାର ଅଞ୍ଚଳରେ ବହୁ କିଛି ଐତିହ୍ୟ ଲୁକ୍କାୟିତ ଭାବେ ଜମା କରି ରଖିଛି। କେବଳ ଜୀବନରେଖା ନୁହେଁ; ବରଂ ସଂସ୍କୃତି, କିମ୍ବଦନ୍ତୀ ଆଉ ଅନେକ ବିସ୍ମୟକୁ ନିଜ ହୃଦୟରେ ଜାବୁଡି ଧରି ନିରବରେ ବହିଯାଉଛି ଏହି ମହାନଦୀ। ଏବେସୁଦ୍ଧା ମହାନଦୀର ବିଶାଳ ବକ୍ଷକୁ ସଠିକ ଭାବେ ଆକଳନ କରାଯାଇ ପାରିନାହିଁ। ଅଳ୍ପ ଗଭୀର ଦେଖାଯାଉଥିବା ଏହି ମହାନଦୀର ଜଳଗର୍ଭ ପ୍ରାୟ ୯୦ ଫୁଟ ହେବ ବୋଲି ପ୍ରମାଣିତ କରିଛନ୍ତି ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବିଶିଷ୍ଟ ସ୍କୁବା ଡାଇଭର ଡକ୍ଟର ସବୀର ବକ୍ସ। ସେ ଚୌଦ୍ୱାରସ୍ଥିତ ଇତିହାସର ଅନ୍ୟତମ କିମ୍ବଦନ୍ତୀ ଅଞ୍ଚଳ ତଥା ମହାନଦୀ ଭିତରେ ଥିବା ନନ୍ଦୀକେଶ୍ୱରୀ ପଠା ନିକଟରେ ବୁଡି ଯେଉଁ ତଥ୍ୟ ପାଇଛନ୍ତି ତାହା ସମସ୍ତଙ୍କ ଚକିତ କରିଦେଇଛି। ସମୁଦ୍ର ଓ ବିଭିନ୍ନ ଜଳାଶୟରେ ୨୮ ବର୍ଷର ସ୍କୁବା ଡାଇଭିଂ ଓ ଜଳତଳ ଅନ୍ୱେଷଣର ଅଭିଜ୍ଞତା ମଧ୍ୟରେ, ମହାନଦୀର ନନ୍ଦିକିଶୋରୀ ଦ୍ୱୀପ ନିକଟରେ ମିଠାପାଣିର ଜଳତଳ ପରିବେଶ ଦେଖିଛନ୍ତି; ସେହିପରି ସ୍ୱଚ୍ଛତା ଓ ଭୂ-ଗଠନ ସେ ପୂର୍ବରୁ କେବେ ଅନୁଭବ କରି ନଥିଲେ ବୋଲି ପ୍ରକାଶ କରିଛନ୍ତି।

ଏହି ସ୍ଥାନର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି, ଜଳପୃଷ୍ଠର ଦୃଶ୍ୟ ଓ ଜଳତଳର ବାସ୍ତବତା ମଧ୍ୟରେ ଥିବା ଆଶ୍ଚର୍ଯ୍ୟଜନକ ପାର୍ଥକ୍ୟ। ବାହାରୁ ନଦୀଟି ଅପେକ୍ଷାକୃତ ଅଳ୍ପ ଗଭୀର ଦେଖାଯାଉଥିଲେ ମଧ୍ୟ, ଜଳତଳରେ ଏହାର ଗଭୀରତା ୯୦ ଫୁଟ୍‌ରୁ ଅଧିକ; ଯାହା ଏକ ଅଦ୍ଭୁତ ଓ ଅପ୍ରତ୍ୟାଶିତ ମିଠା ପାଣିର ଭୂ-ଦୃଶ୍ୟ। ସବୀର ଦୁଇଥର ଡାଇଭ୍ କରିବା ସତ୍ତ୍ୱେ ପ୍ରାୟ ୫୦ ମିଟର ଅଞ୍ଚଳ ମାତ୍ର ଅନୁସନ୍ଧାନ କରିପାରିଥିଲେ। ତାଙ୍କ କହିବାନୁଯାୟୀ, ଜଳତଳରେ ଖଡ଼ା ପଥର ପ୍ରାଚୀର ଗଭୀର ଅଞ୍ଚଳକୁ ନିମ୍ନମୁଖୀ ହୋଇଯାଇଛି। କେତେକ ସ୍ଥାନରେ ବିଶାଳ ପଥର ଖଣ୍ଡ ପରସ୍ପରଠାରୁ ପୃଥକ ରହି ସଂକୀର୍ଣ୍ଣ ଫାଟ, ଗଳି ଓ ପ୍ରାକୃତିକ ପଥ ସୃଷ୍ଟି କରିଛି। ଏକ ସ୍ଥାନରେ ଦୁଇଟି ବିଶାଳ ପଥର ପ୍ରାଚୀର ମଧ୍ୟରେ ପ୍ରାକୃତିକ ଜଳପଥ ପରି ଏକ ସଂକୀର୍ଣ୍ଣ ରାସ୍ତା ଦେଖିବାକୁ ମିଳିଲା। ଏହାସହ କେତେକ ଗୁମ୍ଫା ସଦୃଶ ଗଠନ ମଧ୍ୟ ଚିହ୍ନଟ ହୋଇଛି, ଯାହା ଏହି ଜଳତଳ ଭୂ-ଆକୃତିର ଜଟିଳତାକୁ ସୂଚିତ କରେ।

ସବୁଠାରୁ ଆକର୍ଷଣୀୟ ପର୍ଯ୍ୟବେକ୍ଷଣ ଥିଲା ଏଠାର ପଥରର ଗଠନ ଓ ପୃଷ୍ଠଭାଗ। ସବୀରଙ୍କ ଡାଇଭିଂ ଜୀବନରେ ସେ କେବେ ମିଠାପାଣିର ପଥରକୁ ସମୁଦ୍ରର ପ୍ରବାଳ ସଦୃଶ ଦେଖି ନଥିଲେ। କେତେକ ପଥରର ପୃଷ୍ଠଭାଗ ସଫ୍ଟ କୋରାଲ, ଲେଦର କୋରାଲ ଓ ଧଳା ପ୍ରବାଳ ପରି ଦେଖାଯାଉଥିଲା। ଯଦିଓ ଏଗୁଡିକ ସମୁଦ୍ରଜୀବ ନୁହେଁ ବରଂ ପ୍ରାକୃତିକ ଭୂତାତ୍ତ୍ୱିକ ପ୍ରକ୍ରିୟାରେ ଗଠିତ, ତଥାପି ଏହାର ଆକୃତି ଓ ଗଠନ ଏକ ଅସାଧାରଣ ଜଳତଳ ପରିବେଶ ସୃଷ୍ଟି କରିଛି। ଜଳତଳରେ କେତେକ ଏପରି ଗଠନ ମଧ୍ୟ ଦେଖାଗଲା, ଯାହା ପୁରାତନ ନିର୍ମାଣ କିମ୍ବା ମାନବସୃଷ୍ଟ ଅବଶେଷ ପରି ପ୍ରତୀତ ହେଉଥିଲା। ଏହି ଗଠନଗୁଡିକ ଭୂତତ୍ତ୍ୱ, ଇତିହାସ ଓ ପୁରାଣତତ୍ତ୍ୱ କ୍ଷେତ୍ରରେ ଆଗାମୀ ଅନୁସନ୍ଧାନ ପାଇଁ ନୂତନ ସମ୍ଭାବନା ସୃଷ୍ଟି କରୁଛି। ଯଦି ଭବିଷ୍ୟତରେ ଏହାର ବୈଜ୍ଞାନିକ ଦୃଷ୍ଟିକୋଣରୁ ଗବେଷଣା କରାଯାଏ, ତେବେ ଅନେକ ତଥ୍ୟ ଲୋକଲୋଚନକୁ ଆସିପାରିବ ବୋଲି ଡକ୍ଟର ବକ୍ସ ପ୍ରକାଶ କରିଛନ୍ତି।

ପୁଣି ଦୁଇଟି ଜଳତଳ ପଥର ପ୍ରାଚୀର ପରସ୍ପରଠାରୁ ମାତ୍ର ୧ରୁ ୨ ଫୁଟ୍ ଦୂରରେ ଥିଲେ ମଧ୍ୟ ଉଭୟର ରଙ୍ଗ, ଗଠନ ଓ ପୃଷ୍ଠଭାଗ ସମ୍ପୂର୍ଣ୍ଣ ଭିନ୍ନ ଥିଲା। ଏତେ କମ୍ ଦୂରତାରେ ଏପରି ପାର୍ଥକ୍ୟ ଅତ୍ୟନ୍ତ ଅସାଧାରଣ। ଏହାର କାରଣ ଭୂତାତ୍ତ୍ୱିକ ଗଠନ, ଖଣିଜ ପଦାର୍ଥର ସଞ୍ଚୟ, ଜଳପ୍ରବାହର ପ୍ରଭାବ କିମ୍ବା ଦୀର୍ଘକାଳୀନ ପରିବେଶଗତ ପରିବର୍ତ୍ତନ ହୋଇପାରେ, ଯାହା ଉପରେ ଅଧିକ ଗବେଷଣା ଆବଶ୍ୟକ। ଡାଇଭ୍ ସମୟରେ ସବୁଠାରୁ ଆଶ୍ଚର୍ଯ୍ୟଜନକ ଆବିଷ୍କାର ହେଲା ମୁଖ୍ୟ ଜଳତଳ ଗଠନଠାରୁ ପ୍ରାୟ ୨୫ ମିଟର ଦୂରକୁ ଯିବା ପରେ ନଦୀତଳରୁ ଉଠିଥିବା ଅନେକ ପାହାଡ ସଦୃଶ ଶୃଙ୍ଗ। ଏଠାରେ ଜଳର ଗଭୀରତା ପ୍ରାୟ ୧୫ରୁ ୨୦ ଫୁଟ୍ ଥିଲା। ଏହି ସବୁ ଜଳମଗ୍ନ ଶୃଙ୍ଗ ଦେଖି ଲାଗୁଥିଲା ଯେ ନଦୀତଳରେ ଏକ ବିସ୍ତୃତ ଲୁଚି ରହିଥିବା ପ୍ରାକୃତିକ ଭୂ-ଦୃଶ୍ୟ ରହିଛି, କେବଳ ଗୋଟିଏ ଅଲଗା ପଥର ନୁହେଁ। ଏହା ସୂଚିତ କରେ ଯେ ନନ୍ଦିକେଶ୍ୱରୀ ଦ୍ୱୀପର ଜଳତଳ ପରିବେଶ ପୃଷ୍ଠଭାଗରୁ ଦୃଶ୍ୟମାନ ଅଞ୍ଚଳଠାରୁ ବହୁ ଅଧିକ ବିସ୍ତୃତ ହୋଇପାରେ। ଏପର୍ଯ୍ୟନ୍ତ ମାତ୍ର ଅଳ୍ପ ଅଂଶ ଅନୁସନ୍ଧାନ କରାଯାଇଥିବାରୁ ଏହି ସ୍ଥାନରେ ଭବିଷ୍ୟତରେ ବ୍ୟାପକ ମାପଚିତ୍ର ପ୍ରସ୍ତୁତି, ବୈଜ୍ଞାନିକ ଅଧ୍ୟୟନ ଓ ଜଳତଳ ଦଲିଲୀକରଣ ପାଇଁ ବିପୁଳ ସମ୍ଭାବନା ରହିଛି। ସେହିଭଳି ମହାନଦୀର ଏହି ନନ୍ଦିକେଶ୍ୱରୀ ପଠା ଯାହାକୁ ପୂର୍ବରୁ ଦ୍ୱୀପ ବୋଲି କୁହାଯାଉଥିଲା; ଏହାର ଇତିହାସ ଓ ସଂସ୍କୃତି ସହ ମଧ୍ୟ ଗଭୀର ସମ୍ପର୍କ ରହିଛି।

ସ୍ଥାନୀୟ କିମ୍ବଦନ୍ତୀ ଅନୁସାରେ, ତତ୍କାଳୀନ ରାଜକନ୍ୟା ରାଜକୁମାରୀ ନନ୍ଦୀକିଶୋରୀ ଏହି ସ୍ଥାନରେ ଆତ୍ମବଳିଦାନ ଦେଇଥିଲେ ଏବଂ ପରବର୍ତ୍ତୀ ସମୟରେ ତାଙ୍କ ସ୍ମୃତିରେ ଦ୍ୱୀପରେ ଏକ ମନ୍ଦିର ନିର୍ମାଣ କରାଯାଇଥିଲା। ସ୍ଥାନୀୟ ଲୋକକଥା ଅନୁଯାୟୀ ଏହା ମଧ୍ୟ କୁହାଯାଏ ଯେ ରାଜପ୍ରାସାଦରୁ ପ୍ରାୟ ୫ କିଲୋମିଟର ଦୂରରେ ଥିବା ଏହି ଦ୍ୱୀପ ପର୍ଯ୍ୟନ୍ତ ଏକ ଜଳତଳ ସୁଡଙ୍ଗ ଥିଲା। ତେବେ ଏହିସବୁ କଥା ଲୋକକଥା ଉପରେ ଆଧାରିତ ଏବଂ ଏହାର ଐତିହାସିକ ଓ ପୁରାଣ ତାତ୍ତ୍ୱିକ ସତ୍ୟତା ଯାଞ୍ଚ ହେବା ଆବଶ୍ୟକ। ନନ୍ଦୀକେଶ୍ୱରୀ ଦ୍ୱୀପ କେବଳ ଏକ ଡାଇଭିଂ ସ୍ଥଳ ନୁହେଁ; ଏହା ଓଡିଶାର ଏକ ଲୁଚି ରହିଥିବା ମିଠାପାଣିର ଜଳତଳ ସୀମାନ୍ତ, ଯାହା ଗଭୀର ବୈଜ୍ଞାନିକ ଗବେଷଣା, ଅନ୍ୱେଷଣ, ଡକ୍ୟୁମେଣ୍ଟାରୀ ଏବଂ ସଂରକ୍ଷଣର ଯୋଗ୍ୟ। ଏଥିସହିତ ଏହି ନନ୍ଦୀକେଶ୍ୱରୀ ପଠା ଏବଂ ଏହାର ସଂଲଗ୍ନ ମହାନଦୀର ଜଳତଳକୁ ଅଧିକ ଗବେଷଣା ସହିତ ପ୍ରତ୍ନତତ୍ତ୍ୱ ବିଭାଗ ହାତକୁ ନେବା ସହ ଏହାକୁ ପର୍ଯ୍ୟଟନସ୍ଥଳ ଘୋଷଣା କରିବା ପାଇଁ ମତ ପ୍ରକାଶ ପାଉଛି।

■ ଅଦାଲତ ଆଦେଶ ଅବମାନନା

## ହାଇକୋର୍ଟରେ ହାଜର ହେଲେ କନ୍ଧମାଳ ଏସ୍‌ପି

କଟକ,୧୦।୭(ସମିସ): ଏକ ଅଦାଲତ ଅବମାନନା ମାମଲାର ଶୁଣାଣି ସମୟରେ ଆଜି କନ୍ଧମାଳ ଏସପି ରାମେନ୍ଦ୍ର ପ୍ରସାଦ ବ୍ୟକ୍ତିଗତ ଭାବେ ହାଇକୋର୍ଟରେ ହାଜର ହୋଇ କାରଣ ଦର୍ଶାଅ ସତ୍ୟପାଠ ଦାଖଲ କରିଛନ୍ତି। ସରକାରଙ୍କ ଅନୁମୋଦନ ଏବଂ ସରକାରୀ ସ୍ତରରେ ବିଚାରାଧୀନ ଦୃଷ୍ଟିରୁ ଏସପି ଅଧିକ ସମୟ ଲୋଡ଼ିଥିଲେ। ହାଇକୋର୍ଟ ଉଭୟ ପକ୍ଷଙ୍କୁ ଶୁଣିବା ପରେ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଜୁଲାଇ ୧୭କୁ ଧାର୍ଯ୍ୟ କରିଛନ୍ତି। ଏଥିସହିତ କନ୍ଧମାଳ ଏସପିଙ୍କୁ ବ୍ୟକ୍ତିଗତ ହାଜିରାରୁ ମୁକ୍ତ କରିଛନ୍ତି। ବଂଶୀଧର ବାରିକଙ୍କ ତରଫରୁ ଦାୟର ହୋଇଥିବା ଅଦାଲତ ଅବମାନନା ମାମଲାର ଶୁଣାଣି କରି ଜଷ୍ଟିସ ଏମ.ଏସ.ରମଣ ଏହି ଆଦେଶ ଦେଇଛନ୍ତି। ଆବେଦନକାରୀ ପୁଲିସ କନଷ୍ଟେବଲଙ୍କୁ ଏକ ଗଞ୍ଜେଇ ଚାଲାଣ ମାମଲାରେ ଚାକିରିରୁ ବହିଷ୍କାର କରାଯାଇଥିଲା। ଅଦାଲତରେ ଦୋଷମୁକ୍ତ ହେବା ପରେ ବି ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନରେ ଏହି ଦଣ୍ଡ ମିଳିଥିଲା। ଏହାକୁ ଚାଲେଞ୍ଜ କରି ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଗତ ୨୦୨୪ରୁ ଏହି ବିଭାଗୀୟ ଦଣ୍ଡାଦେଶକୁ ରଦ୍ଦକରି ଆବେଦନକାରୀଙ୍କୁ ଚାକିରିରରେ ପୁନର୍ବାର ଅବସ୍ଥାପିତ ପାଇଁ ନିର୍ଦ୍ଦେଶ ଦେଇଥିଲେ ସୁଦ୍ଧା ଏହାକୁ ଅନୁପାଳନ କରା ନଯିବା ନେଇ ସେ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ।

## ସରକାରଙ୍କୁ ୧.୧୭ କୋଟିର ଲାଭାଂଶ ଦେଲା ଓଟିଡିସି

ଭୁବନେଶ୍ୱର, ୧୦।୭ (ସମିସ): ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ଓଡ଼ିଶା ସରକାରଙ୍କୁ ୧.୧୭ କୋଟିର ଲାଭାଂଶ (ଡିଭିଡେଣ୍ଡ) ପ୍ରଦାନ କରିଛି। ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଓଟିଡିସିର ପରିଚାଳନା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ରଙ୍କଠାରୁ ଏହି ଚେକ୍ ଗ୍ରହଣ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଜାତୀୟ ସଙ୍ଗୀତ...

କରିବାକୁ ବାଧ୍ୟ ରହିବେ। ପୂର୍ବରୁ ଚଳିତ ବର୍ଷ ଜାନୁଆରୀ ୨୮ରେ ମଧ୍ୟ କେନ୍ଦ୍ର ସରକାର ଏଭଳି ଏକ ଆଦେଶ ଜାରି କରିଥିଲେ। ସେଥିରେ, ସମସ୍ତ ବିଦ୍ୟାଳୟରେ ପ୍ରାର୍ଥନା ସମୟରେ ବାଧ୍ୟତାମୂଳକ ଭାବେ 'ବନ୍ଦେ ମାତରମ୍' ଗାନ କରାଯିବା ଏବଂ ଏହି ସମୟରେ ସମସ୍ତେ ସମ୍ମାନର ସହ ଠିଆ ହେବା ଆବଶ୍ୟକ ବୋଲି କୁହାଯାଇଥିଲା। ପୂର୍ବରୁ କେବଳ ପ୍ରଥମ ଦୁଇଟି ପଦ ଗାନ କରାଯାଉଥିବା ବେଳେ, ଏବେ ସମ୍ପୂର୍ଣ୍ଣ ୬ଟିଯାକ ପଦ ଗାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ମୋଟ ୩ ମିନିଟ୍ ୧୦ ସେକେଣ୍ଡ ସମୟ ଲାଗିବ। କେନ୍ଦ୍ରର ଏହି ନୂତନ ନିୟମକୁ ସମସ୍ତ ସ୍ତରରେ ଦୃଢ଼ତାର ସହ କାର୍ଯ୍ୟକାରୀ କରିବାକୁ କୁହାଯାଇଛି।

### ପଙ୍ଗୁ ହେବ...

ମୁଦ୍ରଣ ନିର୍ଦ୍ଦେଶାଳୟ ପ୍ରଥମେ ୧୦ ଜୁନ ୨୦୨୬ରେ ରାଜ୍ୟ ନିର୍ବାଚନ କମିଶନକୁ ଚିଠି ଲେଖି ୱାଟରମାର୍କ କାଗଜ କ୍ରୟ ପାଇଁ ଆବଶ୍ୟକ ପାଣ୍ଠି ବରାଦ ନିମନ୍ତେ ସମ୍ମତି ଲୋଡ଼ିଥିଲା। ୨୦୨୭ ପଞ୍ଚାୟତ ନିର୍ବାଚନ ପାଇଁ ବିଭିନ୍ନ ପ୍ରକାରର ବାଲାଟ ପେପର ମୁଦ୍ରଣ ପାଇଁ ୱାଟରମାର୍କ କାଗଜ ଟେଣ୍ଡର ମାଧ୍ୟମରେ କ୍ରୟ କରାଯିବ। ତେଣୁ ତୁରନ୍ତ ପାଣ୍ଠି ବରାଦ ପାଇଁ ସମ୍ମତି ପ୍ରଦାନ କରିବାକୁ ଅନୁରୋଧ କରାଯାଇଥିଲା। ତେବେ ପ୍ରାୟ ତିନି ସପ୍ତାହ ପରେ ମଧ୍ୟ ସମ୍ମତି ନମିଳିବାରୁ ୨ ଜୁଲାଇ ୨୦୨୬ରେ ଓଡ଼ିଶା ମୁଦ୍ରଣ, ଷ୍ଟେସନାରୀ ଏବଂ ପ୍ରକାଶନ ନିର୍ଦ୍ଦେଶାଳୟ ପୁଣି ଏକ ପତ୍ର ଲେଖି ପାଣ୍ଠି ବରାଦ ସମ୍ମତି ମିଳିଲେ ହିଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହେବ ବୋଲି ଦର୍ଶାଇଛନ୍ତି। ସମୟ ମଧ୍ୟରେ ବାଲାଟ ପେପର ପ୍ରସ୍ତୁତି ସମ୍ପୂର୍ଣ୍ଣ କରିବା ପାଇଁ ଶୀଘ୍ର ଅନୁମୋଦନ ଦେବାକୁ ପତ୍ରରେ ଅନୁରୋଧ କରାଯାଇଛି। ବାଲାଟ ପେପର ପାଇଁ ୧୮୧ ମେଟ୍ରିକ ଟନ ୱାଟରମାର୍କ କାଗଜ ଆବଶ୍ୟକ ରହିଛି। ଚାରି ପ୍ରକାର ରଙ୍ଗର ବାଲାଟ ପେପର ମୁଦ୍ରଣ ପାଇଁ ଏହି କାଗଜ ଟେଣ୍ଡର ଜରିଆରେ କ୍ରୟ କରାଯିବ। ଟେଣ୍ଡର ଚୂଡ଼ାନ୍ତ ହେବା ପରେ ପ୍ରକୃତ କ୍ରୟ ବ୍ୟୟ ନିର୍ଦ୍ଧାରଣ ହେବ ବୋଲି ନିର୍ଦ୍ଦେଶାଳୟ ସ୍ପଷ୍ଟ କରିଛି।

ପଞ୍ଚାୟତ ନିର୍ବାଚନକୁ ନେଇ ଏଭଳି ବାରମ୍ବାର ମତ ବଦଳୁଥିବାରୁ ବିଜେଡି ଏହାକୁ ସମାଲୋଚନା କରିଛି। ବିଧାୟକ ସାରଦା ପ୍ରସନ୍ନ ଜେନା କହିଛନ୍ତି, ରାଜ୍ୟ ସରକାର ପଞ୍ଚାୟତ ନିର୍ବାଚନ କରିବେ କି ନାହିଁ ତାହା ଏବେ ପ୍ରଶ୍ନ ଘେରରେ ରହିଛି। ବିଜେଡି ସର୍ବଦା ନିର୍ବାଚନ ପାଇଁ ପ୍ରସ୍ତୁତ ରହିଛି। ନିର୍ବାଚନ ଏକ ଧାରାବାହିକ ପ୍ରକ୍ରିୟା। କିନ୍ତୁ ସରକାର ବର୍ତ୍ତମାନ ଯେଉଁ ସ୍ଥିତିରେ ଚାଲିଛନ୍ତି, ସେଥିପାଇଁ ସରକାର ସଠିକ ସମୟରେ ନିର୍ବାଚନ କରିବେ କି ନାହିଁ ସନ୍ଦେହରେ ଅଛନ୍ତି। ପୂର୍ବରୁ ଏହି ସରକାର ୬ ମାସ ପୂର୍ବରୁ ସଂରକ୍ଷଣ ବ୍ୟବସ୍ଥାକୁ ସୁନିଶ୍ଚିତ କରିବାକୁ ଚିଠି କରିଥିଲେ। ମାତ୍ର ଏହି ଚିଠିକୁ ସଙ୍ଗେ ସଙ୍ଗେ ସ୍ଥଗିତ ରଖାଯାଇଥିଲା। ତେଣୁ ଏ ସରକାର ମୁଣ୍ଡ କଣ କରୁଛି ଓ ହାତ କଣ କରୁଛି କିଛି ଜାଣି ପାରୁ ନାହାନ୍ତି। ନିର୍ବାଚନ ହେବ କି ନାହିଁ ଜନସାଧାରଣ ସଂଶୟରେ ରହିଛନ୍ତି ବୋଲି କହି ସେ ସରକାରଙ୍କୁ କଠୋର ସମାଲୋଚନା କରିଛନ୍ତି।

### ଶାନ୍ତି ଚୁକ୍ତି ଭଙ୍ଗ...

ଏହି ଯୁଦ୍ଧ ପରିସ୍ଥିତିକୁ ନେଇ ପ୍ରମୁଖ ରାଷ୍ଟ୍ରଗୁଡ଼ିକ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି। ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଉଭୟ ଦେଶକୁ ତୁରନ୍ତ ଶତ୍ରୁତା ବନ୍ଦ କରିବା ଏବଂ ସଂଘର୍ଷକୁ ଆଲୋଚନା ମାଧ୍ୟମରେ ସମାଧାନ କରିବାକୁ ଆହ୍ୱାନ ଜଣାଇଛନ୍ତି। ଯୁଦ୍ଧ ଜାରି ରହିଲେ କେବଳ ପଶ୍ଚିମ ଏସିଆ ନୁହେଁ, ସମଗ୍ର ବିଶ୍ୱର ଶାନ୍ତି ଓ ଅର୍ଥନୀତି ଉପରେ ଏହାର ଗୁରୁତର ପ୍ରଭାବ ପଡିବ ବୋଲି ସେ କହିଛନ୍ତି । ଜାତିସଂଘ ସମେତ ଅନେକ ଆନ୍ତର୍ଜାତିକ ସଂଗଠନ ମଧ୍ୟ ତୁରନ୍ତ ଯୁଦ୍ଧବିରତି ପାଇଁ ଆହ୍ୱାନ ଜଣାଇଛନ୍ତି। ବିଶେଷଜ୍ଞମାନଙ୍କ ମତରେ, ଏହି ସଂଘର୍ଷ ଯଦି ଆହୁରି ବ୍ୟାପକ ହୁଏ, ତେବେ ତୈଳ ଯୋଗାଣ, ଆନ୍ତର୍ଜାତିକ ବାଣିଜ୍ୟ, ବିମାନ ଚଳାଚଳ ଓ ବିଶ୍ୱ ଅର୍ଥନୀତି ଗୁରୁତର ପ୍ରଭାବିତ ହେବ।

### କମିଛି ୫୦୦ ଟଙ୍କିଆ...

ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ତିନିଜଣିଆ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିବେ। ମୋଟ ତିନୋଟି ଆବେଦନ ସୁପ୍ରିମକୋର୍ଟରେ ଦାଖଲ ହୋଇଛି। ସେଥିରେ ଘଟଣାର ସିବିଆଇ ତଦନ୍ତ, ସ୍ୱତନ୍ତ୍ର ଏସଆଇଟି ଗଠନ ଏବଂ ମନ୍ଦିରର ଦାନ ପରିଚାଳନା ବ୍ୟବସ୍ଥାର ସମୀକ୍ଷା ପାଇଁ ବିଶେଷଜ୍ଞ କମିଟି ଗଠନ ଦାବି କରାଯାଇଛି।

### ବିଚାରପତିଙ୍କୁ କାଗଜ...

ବାହାର କରିଦେଇଥିଲେ। ସମ୍ପୃକ୍ତ ଆବେଦନକାରୀଙ୍କ ପରିଚୟ ଏବଂ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ବିଷୟରେ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ।

### ଶୃଙ୍ଖଳିତ ରଥଯାତ୍ରା...

ନଜର, ଟ୍ରାଫିକ ବ୍ୟବସ୍ଥା, ଖାଦ୍ୟ ଓ ପାନୀୟ ଜଳର ମାନ ଯାଞ୍ଚ, ଜରୁରୀକାଳୀନ ସ୍ଥାନାନ୍ତର, ପାଣିପାଗକୁ ଦେଖି ଉପଯୁକ୍ତ ପଦକ୍ଷେପ ଆଦି ଉପରେ ଗୁରୁତ୍ୱ ଆରୋପ କରି ସମ୍ପୂର୍ଣ୍ଣ ବ୍ୟବସ୍ଥାକୁ ଫୁଲ୍-ପ୍ରୁଫ୍ କରିବା ପାଇଁ ପରାମର୍ଶ ଦେଇଥିଲେ। ବୈଠକର ଆଲୋଚନାରୁ ଜଣାଯାଇଛି ଯେ, ସୁରକ୍ଷା ବ୍ୟବସ୍ଥା ପାଇଁ ୧୨ ହଜାର ପୋଲିସ ତଥା ସିଏପିଏଫ୍ କର୍ମଚାରୀ ମୁତୟନ କରାଯାଇଛି। ଏହାସହିତ ସୁରକ୍ଷା ବ୍ୟବସ୍ଥା ତଦାରଖ ପାଇଁ ୧୯ ଜଣ ବରିଷ୍ଠ ଆଇପିଏସ ଅଧିକାରୀଙ୍କୁ ନିୟୋଜନ କରାଯାଇଛି। ମୋବାଇଲ ନେଟୱାର୍କ ପାଇଁ ୧୬ଟି ସ୍ଥାୟୀ ଓ ଅନେକ ଅସ୍ଥାୟୀ ଟାୱାରର ବ୍ୟବସ୍ଥା କରାଯାଇଛି। ଦିବ୍ୟାଙ୍ଗ ଓ ବୟୋଜ୍ୟେଷ୍ଠ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ପାଇଁ ଗୁଣ୍ଡିଚା ମନ୍ଦିରରେ ଦର୍ଶନର ସୁବ୍ୟବସ୍ଥା ପାଇଁ ବ୍ୟବସ୍ଥା କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ରଥଯାତ୍ରାର ପ୍ରତ୍ୟେକ ଟିକ୍‌ନିଖି କାର୍ଯ୍ୟ ପାଇଁ ଜଣେ ଜଣେ ଅଧିକାରୀଙ୍କୁ ନିଯୁକ୍ତ କରାଯାଇଛି।

ପାର୍କିଂ, ବଡଦାଣ୍ଡରେ ହାଇମାକ୍ସ ଲାଇଟର ବ୍ୟବସ୍ଥା କରାଯାଇଛି। ଏଥର ରଥଯାତ୍ରା ପାଇଁ ସ୍ୱତନ୍ତ୍ର ଭାବେ ୧୭୦୦ଟି ବାୟୋ-ଟଏଲେଟର ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ୫ଟି ଟଏଲେଟକୁ ପରିଷ୍କାର ପରିଚ୍ଛନ୍ନ କରିବା ପାଇଁ ଜଣେ ଜଣେ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯାଇଛି। ସେହିପରି ତୁରନ୍ତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ୮ଟି ଅସ୍ଥାୟୀ ହସ୍ପିଟାଲ ମଧ୍ୟ କରାଯାଇଛି। ଚଳିତ ବର୍ଷ ରଥଯାତ୍ରାରେ ପୁରୀକୁ ପ୍ରାୟ ୩୦୦ରୁ ଅଧିକ ଟ୍ରେନ ଚଳାଚଳ କରିବ। ତେଣୁ ଟ୍ରେନର ସମୟ ଅନୁଯାୟୀ ଭକ୍ତ ମାନଙ୍କ ଆଗମନକୁ ଦେଖି ଯାତ୍ରୀମାନଙ୍କୁ ଉପଯୁକ୍ତ ସୂଚନା ପ୍ରଦାନ କରିବା, ଭିଡ ନିୟନ୍ତ୍ରଣ ସହିତ ଅନ୍ୟାନ୍ୟ ବ୍ୟବସ୍ଥାକୁ ସଠିକ ରୂପେ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ଅରବିନ୍ଦ ପାଢୀ ଏବଂ ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ ସମସ୍ତ ବ୍ୟବସ୍ଥାର ସମ୍ପୂର୍ଣ୍ଣ ବିବରଣୀ ଉପସ୍ଥାପନ କରିଥିଲେ। ବୈଠକରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ସାମିଲ ହୋଇଥିଲେ।

### ବର୍ଷକରେ ମୟୂରଭଞ୍ଜରେ...

ମଧ୍ୟରୁ ଜଣେ ୭୫ ବର୍ଷ ବୟସ ପୂର୍ବରୁ କର୍କଟ ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା ଏହି ରିପୋର୍ଟରୁ ସାମ୍ନାକୁ ଆସିଛି। ଏହା ସହିତ ୦ ରୁ ୧୪ ବର୍ଷ ବୟସ୍କ ଶିଶୁଙ୍କ ମଧ୍ୟରେ ପ୍ରାୟ ୨୧ ଟି କର୍କଟ ମାମଲା (୧.୮ଧ) ସାମ୍ନାକୁ ଆସିବା ଅତ୍ୟନ୍ତ ଚିନ୍ତାଜନକ ସଦୃଶ ହୋଇଛି।"ରିପୋର୍ଟରୁ ସ୍ପଷ୍ଟ ହୋଇଛି ଯେ, ମୟୂରଭଞ୍ଜ ଜିଲ୍ଲାର ସଦର ଓ କପ୍ତିପଦା ଉପଖଣ୍ଡର ୧୪ଟି ବ୍ଲକ ଅଞ୍ଚଳରେ ପ୍ରାୟ ୭୦ ପ୍ରତିଶତ କର୍କଟ ରୋଗୀ ଚିହ୍ନଟ ହେଉଛନ୍ତି। ରାଇରଙ୍ଗପୁର ଓ କରଞ୍ଜିଆ ଉପଖଣ୍ଡ ଅଞ୍ଚଳରେ କ୍ୟାନ୍ସର ଚିକିତ୍ସା ଓ ରୋଗ ନିରୂପଣ କେନ୍ଦ୍ରର ଅଭାବ ଯୋଗୁଁ ଅନେକ ସମୟରେ ରୋଗ ଚିହ୍ନଟ ହୋଇପାରୁ ନାହିଁ କିମ୍ବା ବିଳମ୍ବରେ ରିପୋର୍ଟ ହେଉଛି। ତେବେ ଟାଟା ମେମୋରିଆଲ୍ ସେଣ୍ଟର ପକ୍ଷରୁ ଅଗଷ୍ଟ ୨୦୨୩ରୁ ମେ ୨୦୨୫ ମଧ୍ୟରେ କରାଯାଇଥିବା ସ୍ୱତନ୍ତ୍ର ସ୍କ୍ରିନିଂ(ବାର୍ଷିକ) କାର୍ଯ୍ୟକ୍ରମରେ ୫,୭୬୮ ଜଣଙ୍କ ମଧ୍ୟରୁ ୭୨ ଜଣଙ୍କଠାରେ ପ୍ରାରମ୍ଭିକ ପର୍ଯ୍ୟାୟରେ କର୍କଟ ରୋଗ ଚିହ୍ନଟ କରାଯାଇ ଉଚ୍ଚତର ଚିକିତ୍ସା ପାଇଁ ପଠାଯାଇଛି।"ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଭାରତ ସରକାରଙ୍କ ପରମାଣୁ ଶକ୍ତି ଆୟୋଗର ଅଧ୍ୟକ୍ଷ ତଥା ପରମାଣୁ ଶକ୍ତି ବିଭାଗର ସଚିବ ଡ଼ଃ ଅଜିତ କୁମାର ମହାନ୍ତି କହିଛନ୍ତି, ଓଡ଼ିଶାର ୩୦ଟି ଜିଲ୍ଲା ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ଖୋର୍ଦ୍ଧା ଏବଂ ମୟୂରଭଞ୍ଜରେ ଏହି ପଞ୍ଜୀକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ତମାଖୁ ଏବଂ ଦେଶୀ ମଦର ବ୍ୟବହାରକୁ ନିୟନ୍ତ୍ରଣ କରାଗଲେ ଅଧିକାଂଶ କର୍କଟ ରୋଗକୁ ରୋକାଯାଇପାରିବ। ରୋଗର ପ୍ରାଥମିକ ଚିହ୍ନଟ ଏବଂ ଆକ୍ରାନ୍ତମାନଙ୍କୁ କଟକ, ଭୁବନେଶ୍ୱର କିମ୍ବା ମୁମ୍ବାଇ ଭଳି ବଡ଼ କେନ୍ଦ୍ରକୁ ପଠାଇ ଉପଯୁକ୍ତ ଚିକିତ୍ସା ଯୋଗାଇଦେବା ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ।"ସମ୍ମାନିତ ଅତିଥି ଭାବେ ଯୋଗଦେଇ ଟିଏମସି ମୁମ୍ବାଇର ନିର୍ଦ୍ଦେଶକ ଡା ସୁଦୀପ ଗୁପ୍ତା କହିଛନ୍ତି, ମୟୂରଭଞ୍ଜ ଭଳି ଏକ ଆଦିବାସୀ ବହୁଳ ଏବଂ ଗ୍ରାମୀଣ ଜିଲ୍ଲାରେ ଏହି କେନ୍ଦ୍ର ସ୍ଥାପନ ହେବା ସମଗ୍ର ଭାରତ ପାଇଁ ଏକ ମଡେଲ। ଏହି ଗ୍ରାମୀଣ ତଥ୍ୟ ଦେଶର ଆଗାମୀ ସ୍ୱାସ୍ଥ୍ୟ ନୀତି ନିର୍ଦ୍ଧାରଣରେ ବ୍ୟାପକ ସହାୟକ ହେବ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନାଇଜରର ନିର୍ଦ୍ଦେଶକ ପ୍ରଫେସର ହିରେନ୍ଦ୍ର ନାଥ ଘୋଷ, ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଡା ବିନୟ ସାହୁ, ମୟୂରଭଞ୍ଜ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା ବିଶ୍ୱନାଥ ଦାସ, ପିଆରଏମ ମେଡିକାଲ କଲେଜର ଡିନ୍ ତଥା ପ୍ରିନସିପାଲ ଡା ନିର୍ମଳ ମହାପାତ୍ର ଏବଂ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ନିଜର ବହୁମୂଲ୍ୟ ମତ ରଖିଥିଲେ।"ବର୍ତ୍ତମାନ ଓଡ଼ିଶାର ସମସ୍ତ ୩୦ଟି ଜିଲ୍ଲାରେ ଏହି ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ସରକାରଙ୍କ ତରଫରୁ କର୍କଟ ରୋଗୀଙ୍କ ଯାଞ୍ଚ କିମ୍ବା ତଥ୍ୟ ସଂଗ୍ରହ ପାଇଁ ଯେଉଁ ଫୋନ୍ କଲ୍ ଯାଉଛି, ତାହା ସମ୍ପୂର୍ଣ୍ଣ ସରକାରୀ ଓ ନିରାପଦ ଅଟେ। ତେଣୁ କୌଣସି ସନ୍ଦେହ ନକରି ଜନସାଧାରଣ ସଠିକ୍ ସୂଚନା ଦେଇ ସହଯୋଗ କରିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।"ଏହି ଅବସରରେ ଜଣେ ସଫଳ କର୍କଟ ବିଜୟୀ (ସ୍ତନ କର୍କଟ ବିଜୟୀ) ଭାବେ ଅନିତା ବେହେରା ଯୋଗଦେଇ ନିଜର ଅନୁଭୂତି ବାଣ୍ଟିବା ସହ କହିଥିଲେ, "ଶରୀରରେ କୌଣସି ବି ସମସ୍ୟା ଯଦି ୩ ସପ୍ତାହରୁ ଅଧିକ ସମୟ ରହେ, ତେବେ ତୁରନ୍ତ ସ୍କ୍ରିନିଂ କରାଇବା ଆବଶ୍ୟକ। ପ୍ରାଥମିକ ପର୍ଯ୍ୟାୟରେ ଚିହ୍ନଟ ହେଲେ କର୍କଟ ସମ୍ପୂର୍ଣ୍ଣ ଆରୋଗ୍ୟ ସାଧ୍ୟ"।"ଏହି ଅବସରରେ ତମାଖୁ ବର୍ଜନ କରି ନିଶାମୁକ୍ତ ହେବା ପାଇଁ ସରକାରଙ୍କ ମାଗଣା ହେଲ୍ପଲାଇନ ନମ୍ବର ୧୮୦୦-୧୧-୨୩୫୬ ରେ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି।

## ରାଜସ୍ଥାନରେ 'ଅଦିନିଆ ରଥଯାତ୍ରା' ଉପରେ ରୋକ୍

ପୁରୀ, ୧୦।୭ (ସମିସ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସନାତନ ସଂସ୍କୃତି ଓ ପରମ୍ପରାକୁ ଅକ୍ଷୁଣ୍ଣ ରଖିବା ପାଇଁ ପୁରୀ ଶ୍ରୀମନ୍ଦିର ପ୍ରଶାସନର ହସ୍ତକ୍ଷେପ ପରେ ରାଜସ୍ଥାନର ସିକର ଜିଲ୍ଲାରେ ଆୟୋଜନ ହେବାକୁ ଥିବା 'ଅଦିନିଆ ରଥଯାତ୍ରା' ଉପରେ ରୋକ୍ ଲଗାଯାଇଛି। ସିକର ଜିଲ୍ଲା ମାଜିଷ୍ଟ୍ରେଟ ଏହି ରଥଯାତ୍ରା ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

> ବନ୍ଦ କରିବା ପାଇଁ ଅନୁରୋଧ କରିଥିଲେ ପୁରୀ ଜିଲ୍ଲାପାଳ
>
> ସିକର ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ବନ୍ଦ ରହିଲା ଅଦିନିଆ ରଥଯାତ୍ରା

ବିଶ୍ୱ ସନାତନ ଧର୍ମ ସେବା ସଂସ୍ଥାନ ଓ ଶ୍ରୀ ଖଟୁ ଶ୍ୟାମ ମଣ୍ଡଳ ଦ୍ୱାରା ରାଜସ୍ଥାନର ସିକର ଜିଲ୍ଲାରେ ଜୁଲାଇ ୧୦ ଅର୍ଥାତ୍ ଆଜି ଅଦିନିଆ ରଥଯାତ୍ରା ଆୟୋଜନ କରାଯିବାର ଥିଲା। କିନ୍ତୁ ପରମ୍ପରା ଅନୁଯାୟୀ ନିର୍ଦ୍ଧାରିତ ସମୟ ବାହାରେ ରଥଯାତ୍ରା ଆୟୋଜନ କରାଯିବାକୁ ନେଇ ପ୍ରଶ୍ନ ଉଠିଥିଲା। ଏହି ସୂଚନା ପାଇବା ପରେ ଶ୍ରୀମନ୍ଦିର ଉପ-ମୁଖ୍ୟ ପ୍ରଶାସକ ତଥା ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସିକର ଜିଲ୍ଲାପାଳ ଆଶିଷ ମୋଦିଙ୍କୁ ସରକାରୀ ପତ୍ର ଲେଖି ଅଦିନିଆ ରଥଯାତ୍ରା ବନ୍ଦ କରିବା ପାଇଁ ଅନୁରୋଧ କରିଥିଲେ। ମୂଳ ପୀଠ ଶ୍ରୀକ୍ଷେତ୍ର ପୁରୀରେ ଯେଉଁଦିନ ରଥଯାତ୍ରା ଅନୁଷ୍ଠିତ ହେବ ସେହି ତିଥିରେ ହିଁ ରଥଯାତ୍ରା ପାଳନ କରିବା ପାଇଁ ଚିଠିରେ ଉଲ୍ଲେଖ କରିବା ସହ ରାଜସ୍ଥାନର ମୁଖ୍ୟ ଶାସନ ସଚିବଙ୍କୁ ମଧ୍ୟ ଏ ସମ୍ବନ୍ଧୀୟ ପତ୍ର ପ୍ରେରଣ କରିଥିଲେ। ପୁରୀ ଜିଲ୍ଲାପାଳ ଶ୍ରୀ ପରିଡ଼ାଙ୍କ ପତ୍ର ପାଇବା ପରେ ସିକର ଜିଲ୍ଲାପାଳ ଚିଠି ଜରିଆରେ ସେଠାକାର ପୁଲିସକୁ ତୁରନ୍ତ ନିୟମାନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଦାନ୍ତାରାମଗଡ଼ର ସବ୍-ଡିଭିଜନାଲ ଅଫିସର (ଏସ୍‌ଡିଓ)ଙ୍କୁ ମଧ୍ୟ ଏହି ନିର୍ଦ୍ଦେଶର କପି ପଠାଯାଇ ତୀକ୍ଷ୍ଣ ନଜର ରଖିବାକୁ କୁହାଯାଇଥିଲା। ସେଠାକାର ତହସିଲଦାର ଖାଟୁଶ୍ୟାମ ମଣ୍ଡଳକୁ ରଥଯାତ୍ରା ରୋକିବାକୁ ଅନୁରୋଧ କରିଥିଲେ। ପ୍ରଶାସନର ହସ୍ତକ୍ଷେପ ପରେ ଆଜି ଆୟୋଜିତ ହେବାକୁ ଥିବା ରଥଯାତ୍ରାକୁ ଅଟକାଯାଇଛି। ସିକର ଜିଲ୍ଲାପାଳ ଏ ନେଇ ଶ୍ରୀମନ୍ଦିର ପ୍ରଶାସନକୁ ଅବଗତ କରାଇ ରଥଯାତ୍ରା ବନ୍ଦ କରାଯାଇଥିବା ସୂଚନା ଦେଇଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସନାତନ ସଂସ୍କୃତି ଓ ପରମ୍ପରା ସହ କୌଣସି ବୁଝାମଣା କରାଯିବ ନାହିଁ।

## ସୁପର ପ୍ରିମିୟମ ସମ୍ପୂର୍ଣ୍ଣ ସ୍ଲିପର ଏସି ବସ୍ ଭଡ଼ା ଧାର୍ଯ୍ୟ

କଟକ,୧୦।୭(ସମିସ): ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ "ସୁପର ପ୍ରିମିୟମ ସମ୍ପୂର୍ଣ୍ଣ ସ୍ଲିପର ଏସି କୋଚ୍' ନୂତନ ବର୍ଗର ବସ୍ ପାଇଁ ଭଡ଼ା ଧାର୍ଯ୍ୟ କରାଯାଇଛି। ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ଏହି ବସ୍‌ଗୁଡ଼ିକରେ ଯାତ୍ରୀମାନଙ୍କୁ କିଲୋମିଟର ପିଛା ୩ ଟଙ୍କା ୫୦ ପଇସା ଭଡ଼ା ଦେବାକୁ ପଡ଼ିବ। ରାଜ୍ୟ ପରିବହନ କର୍ତ୍ତୃପକ୍ଷ (ଏସଟିଏ) ଦ୍ୱାରା ଗଠିତ ବୈଷୟିକ କମିଟିର ସୁପାରିସ ଆଧାରରେ ଏହି ଭଡ଼ା ସ୍ଥିର କରାଯାଇଛି। ଓଡ଼ିଶା ଗେଜେଟ୍‌ରେ ଏହି ବିଜ୍ଞପ୍ତି ପ୍ରକାଶ ପାଇବା ଦିନଠାରୁ ହିଁ ନୂଆ ଭଡ଼ା ହାର ଲାଗୁ ହେବ। ତେବେ ରାଜ୍ୟରେ ଚାଲୁଥିବା ପୂର୍ବ ବର୍ଗର ବସ୍, ଯେପରିକି ଅର୍ଡିନାରୀ, ଏକ୍ସପ୍ରେସ, ଡିଲକ୍ସ, ଏସି ଡିଲକ୍ସ ଏବଂ ସୁପର ପ୍ରିମିୟମ (ସ୍ଲିପର/ସେମି-ସ୍ଲିପର) ବସ୍‌ଗୁଡ଼ିକର ଭଡ଼ା ପୂର୍ବଭଳି ଅପରିବର୍ତ୍ତିତ ରହିବ। କୌଣସି ବି ବସ୍ ମାଲିକ ବା ଅପରେଟର ଯାତ୍ରୀଙ୍କଠାରୁ ଏହାଠାରୁ ଅଧିକ ଟଙ୍କା ଆଦାୟ କରିପାରିବେ ନାହିଁ। ପୂର୍ବ ନିୟମ ଅନୁଯାୟୀ ଯାତ୍ରୀମାନଙ୍କୁ ମିଳୁଥିବା ସମସ୍ତ ସୁବିଧା, ଯେପରିକି ସର୍ବନିମ୍ନ ଭଡ଼ା, ଯୋଗ୍ୟ ଯାତ୍ରୀଙ୍କ ପାଇଁ ରିଆତି, ମାଗଣା ଲଗେଜ୍ ସୀମା ଏବଂ ବସ୍ ଭିତରେ ଭଡ଼ା ତାଲିକା ପ୍ରଦର୍ଶନ କରିବା ବାଧ୍ୟତାମୂଳକ ରହିବ।

AFFIDAVIT
By virtue of an affidavit sworn before The Notary Public, Titilagarh, on dated-09/07/2026. I, **Kuni Behera** (new name), W/o Jalandhar Behera, permanent & current resident of AT: Barahmal, PO: Khasbahal, PS: Saintala, Dist: Balangir, State: Odisha, PIN: 767032 declare that I have changed my name from **Khitisuta Behera** (old name) to **Kuni Behera** (new name). Henceforth, I shall be known as **Kuni Behera** (new name) for all future purposes.
**Kuni Behera**

AFFIDAVIT
By virtue of an affidavit sworn before the Executive Magistrate Soro, Baleswar, Odisha vide Sl. no. 2041 dated 9/07/2026, I Taraknath Dutta, S/o- Basudev Dutta, At- Chhatrapur, Po-Soro, Ps- Soro, Dist- Baleswar, Odisha, Pin-756045 declare that I have changed my Son's name from Saikrishna Dutta to Srikrishna Dutta. Henceforth he shall be known as **Srikrishna Dutta** for all purposes.

AFFIDAVIT
I, **Nikita Prusty**, D/o Bijay Kumar Prusty, resident of ward At / PO / PS - Kanas, Dist. Puri, Pin code- 752017 Odisha, declared by this **affidavit No 2353, dated 12/06/2026** that know onwards I shall be known as **NIKITA PRUSTY** for all future purposes.

AFFIDAVIT
By virtue of an affidavit sworn before Executive Magistrate / Notary Public Udala, Dist - Mayurbhanj on dated 4th day of July 2026 , I, Panabati Sing , D/o - Rama Sing of Village- Bagadafa , P.O - Saradiha , P.S - Sarat , Dist - Mayurbhanj, PIN-757079 , declare that , I have changed my name from PANABATI SING to PANAMATI SING . Henceforth, I shall be known as **PANAMATI SING** for all purposes.

LOST NOTICE
I, Goutam Pradhan, S/o Gangadhar Pradhan, resident of Vill- Chheliapada, Dist - Angul, declared that on dated 01/07/2026 at about 9.00AM while I was proceeding towards the fitness gym Similipada, Angul following documents were Lost somewhere on the way. RSD No. 2702 of 1991 dated 01/11/1911 and ROR bearing Khata No - 638/430 in village Chheliapada. After that I had searched the missing documents here and there but could not find them. This newspaper publication is for future references.

ପଶ୍ଚିମ ରେଳପଥ
ଇ-ଟେଣ୍ଡର ବିଜ୍ଞପ୍ତି
ପଶ୍ଚିମ ରେଳବାଇ ପକ୍ଷରୁ EL/TRD/58/2026-27/12 ନମ୍ବର ବିଶିଷ୍ଟ ଇ-ଟେଣ୍ଡର ଆହ୍ୱାନ କରାଯାଇଛି। ରତଲାମ ମଣ୍ଡଳରେ ବିଦ୍ୟମାନ ଓଭରହେଡ୍ ଇକ୍ୱିପମେଣ୍ଟ (OHE) ଗଠନ, କମ୍ କ୍ଷମତାସମ୍ପନ୍ନ ଏବଂ ହେଲି ପଡ଼ିଥିବା OHE ମାଷ୍ଟଗୁଡ଼ିକର ପ୍ରତିସ୍ଥାପନ ସହିତ TRD ସମ୍ପର୍କିତ ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟ ପାଇଁ ଏହି ଟେଣ୍ଡର ଆହ୍ୱାନ ହୋଇଛି। କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.8,21,03,522/-, ଅମାନତ ଜମା: ଟ.16,42,100/-। କାର୍ଯ୍ୟ ସମାପ୍ତି ସମୟ: 18 ମାସ। ଟେଣ୍ଡର ଦସ୍ତାବିଜ ମୂଲ୍ୟ ନିଃଶୁଳ୍କ ଅଟେ। ଟେଣ୍ଡର ଦାଖଲ କରିବାର ଶେଷ ତାରିଖ ଓ ସମୟ: ୧୦.୦୮.୨୦୨୬ ଅପରାହ୍ନ ୩.୦୦ ଘଟିକା। ବିଡ୍ ଖୋଲିବା ତାରିଖଠାରୁ ୬୦ ଦିନ ପର୍ଯ୍ୟନ୍ତ ଅଫର ବୈଧ ରହିବ। ଟେଣ୍ଡର ସମ୍ବନ୍ଧୀୟ ସମସ୍ତ ବିବରଣୀ www.ireps.gov.in ୱେବସାଇଟରେ ଉପଲବ୍ଧ । ଏହି ନୋଟିସ ବୋର୍ଡଟି ସିନିୟର ଡିଭିଜିଓନାଲ ଇଲେକ୍ଟ୍ରିକାଲ ଇଂଜିନିୟର (ଟ୍ରାକ୍ସନ ଡିଷ୍ଟ୍ରିବ୍ୟୁସନ), ପଶ୍ଚିମ ରେଳପଥ, ରତଲାମ – ୪୫୭୦୦୧ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅବସ୍ଥିତ। 0140
Like us on: facebook.com/WesternRly

AFFIDAVIT
I, PRABINA KUMAR MOHAPATRA, aged about 65 years, S/o- SAMANTA KRUSHNA CHANDRA MOHAPATRA, PLOT NO-153, SAHEED NAGAR, NEAR ALOK BHARTI BUILDING, BHUBANESWAR -751007 ODISHA, declared by this Affidavit No.825/2026 Dated.08.07.2026, That now onwards I shall Be Known as **PRABIN KUMAR MOHAPATRA** That for all future Purposes.

NOTICE
By virtue of an affidavit sworn before the Executive **Magistrate, Bargarh** on dated **30th March 2026**, I **Miss DILESWARI NAIK**, Address ADIMATA LANE, WARD No.7 BANDHATALAPADA, BARGARH-768028, Odisha have changed my name from "**CHUMKI NAYAK**" to "**DILESWARI NAIK**". Henceforth, I shall be known as DILESWARI NAIK for all purposes.
**DILESWARI NAYAK**

AFFIDAVIT
By virtue of an affidavit (SL No-2125, dtd- 09.07.2026) sworn before The Executive Magistrate, Khordha. I, **Sarat Kumar Sahoo,** S/o Dasarathi Sahoo, resident of at/PO: Kalapathar, Ps: Baideswar, Dist-Cuttack, PIN- 754009, Odisha declare that I have changed my name from **Saroj Kumar Sahoo** (old name) to **Sarat Kumar Sahoo** (new name) in my **LIC Policy No: 585581432.** Henceforth, I shall be known as **Sarat Kumar Sahoo** (new name) for all purposes.
**Sarat Kumar Sahoo**

10001/352/2627
OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, JAGATSINGHPUR
District Programme Management Unit (DPMU)
National Health Mission (NHM)
Expression of Interest
No.: 2112 Date: 10/07/2026
Sealed EOIs are invited from interested eligible organizations (Private Health Care Providers for extension of Healthcare (Super Speciality) facilities through engagement of Private Technical Service Providers/Hospitals to provide Super/Specialist Services at five CHCs, (**Kujang, Balikuda, Nuagaon, Raghunathpur, and Atharabanki) of** Jagatsinghpur District funded under CSR by **IOCL** in **PPP mode**. The eligibility criteria, terms of reference, and the formats for submission of bids are available in Jagatsinghpur District website i.e. **www.jagatsinghpur.odisha.gov.in.** The tender should reach the undersigned on or before **18/07/2026 till 5:00 PM** through **Speed Post, Registered Post / Courier only**. The authority reserves all the rights to cancel or reject any or all EOIs without assigning any reason thereof.
Sd/- CDMO-cum-District Mission Director
Jagatsinghpur
OIPR-10001/10043/1/26-27/0005

## ଗିଲାଯୋଡ଼ି-ହାତୀମରା ରାସ୍ତା ପାଲଟିଛି ଅଭିଶାପ

# ଦୀର୍ଘବର୍ଷ ହେଲା ପଡ଼ିନି ମାଟି, ହନ୍ତସନ୍ତ ୪ ପଞ୍ଚାୟତବାସୀ

ରାଜଘାଟ, ୧୦।୭ (ସମିସ)



ବସ୍ତା ବ୍ଲକ ଅଧୀନ ଗିଲାଯୋଡ଼ିରୁ ହାତୀମରା ପର୍ଯ୍ୟନ୍ତ ୩କିମି ରାସ୍ତା ଏବେ ମୃତ୍ୟୁକୂପରେ ପରିଣତ ହୋଇ ଅଞ୍ଚଳ ବାସୀଙ୍କ ପାଇଁ ଅଭିଶାପ ପାଲଟିଛି। ଦୀର୍ଘ ବର୍ଷ ହେଲା ଏହି ରାସ୍ତାରେ ଝୁଡେ ମାଟି ପଡିନଥିବା ବେଳେ ମରାମତି ତ ଦୂରର କଥା। ଫଳରେ ରଘୁନାଥପୁର, କରୁଆ, ଭେଲୋରା, ପାଉଁଶକୁଲି ପଞ୍ଚାୟତର ପ୍ରାୟ ୧୦ହଜାର ଲୋକ ନିତିଦିନ ହନ୍ତସନ୍ତ ହେଉଛନ୍ତି।

ସମ୍ପୂର୍ଣ୍ଣ ରାସ୍ତାରେ ବଡ ବଡ ଗାତ ସୃଷ୍ଟି ହୋଇଛି। ବର୍ଷା ଦିନେ ଗାତ ଗୁଡିକ କାଦୁଅ ପାଣିରେ ଭର୍ତ୍ତି ହୋଇଯାଉଛି। ଦୁଇଟି ଗାଡି ପାର ହେବା ତ ଦୂର କଥା, ଜଣେ ଲୋକବି ସମ୍ଭାଳି ଚାଲି ପାରୁନାହାନ୍ତି। ସ୍କୁଲ ଭ୍ୟାନ୍ ମଧ ଏହି ରାସ୍ତା ଦେଇ ଯିବାକୁ ମନା କରୁଛନ୍ତି ଫଳରେ ପିଲା କାଦୁଅ ପଚପଚ ରାସ୍ତାରେ ଯିବା ପାଇଁ ବାଧ ହେଉଛନ୍ତି, ପ୍ରତ୍ୟେକ ଦିନ ଉକ୍ତ ରାସ୍ତାରେ କେହି ନା କେହି ପଡି କାଦୁଅ ସରସର ହେବା ସହ ଖଣ୍ଡିଆ ଖାବରା ହେଉଛି, ଏହି ସଂଖ୍ୟା ଅଧିକ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦେଖିବାକୁ ମିଳୁଛି ସେଥିପାଇଁ କିଛି ପିଲା ସ୍କୁଲ ଯିବାପାଇଁ ଅମଙ୍ଗ ହେଉଛନ୍ତି। ଅଭିଭାବକ ମାନେ ଛୋଟ ପିଲାଙ୍କୁ ଅଙ୍ଗନବାଡି ଛାଡିବାକୁ ମଧ ଭୟ କରୁଛନ୍ତି। ଯଦି କାହାର ଦେହ ଖରାପ ହୁଏ ହସ୍ପିଟାଲ ଯିବାକୁ ହେଲେ ୨ଘଣ୍ଟା ସମୟ ଲାଗୁଛି, କାରଣ ଉକ୍ତ ରାସ୍ତାରେ ଆମ୍ବୁଲାନ୍ସ ଆସିପାରୁନାହିଁ, ୨କିମି ଦୂରରେ ଆମ୍ବୁଲାନ୍ସ ଛିଡା ହୋଇ ରହୁଛି ଲୋକେ ଖଟିଆରେ ବୋହି ରୋଗୀଙ୍କୁ ନେଇ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେଉଛନ୍ତି। ଯଦି କେହି ରୋଗୀ ହଠାତ ଗୁରୁତର ହୋଇଗଲା ତାଙ୍କୁ କେବଳ ଭଗବାନ ଭରସା ବୋଲି ଗ୍ରାମବାସୀ କହିଛନ୍ତି। ଉକ୍ତ ଅଞ୍ଚଳ ଏକ କୃଷି ପ୍ରଧାନ ଅଞ୍ଚଳ ଏଠାରେ ବିଶେଷ କରି ପନିପରିବା ଅଧିକ ଚାଷ କରାଯାଏ ହେଲେ, ଅମଳ ପରେ ଚାଷୀ ବଜାରକୁ ନେଇପାରୁନାହିଁ କି ବ୍ୟବସାୟୀମାନେ ଗାଁକୁ ଆସିବାକୁ ରାଜି ହେଉନାହାନ୍ତି, ଫଳରେ ଚାଷୀ ମାନଙ୍କୁ ବହୁ କ୍ଷତି ସହିବାକୁ ପଡୁଛି। ଏ ନେଇ ସ୍ଥାନୀୟ ସରପଞ୍ଚ ବସ୍ତା ପ୍ରଶାସନ ପାଖରେ ଅଞ୍ଚଳବାସି ବାରମ୍ବାର ଅଭିଯୋଗ ପରେବି କୌଣସି ସୁଫଳ ମିଳିନାହିଁ, ଯଦି ମିଳିଛି କେବଳ ପ୍ରତିଶୃତି। ୪ଟି ପଞ୍ଚାୟତର ଲୋକେ ମିଳିତ ଭାବେ କହିଛନ୍ତି, ଯଦି ୧୫ ଦିନ ଭିତରେ ରାସ୍ତା ମରାମତି ନହୁଏ ତେବେ ଆମେ ରାସ୍ତାରୋକ ଓ ଗଣ ଧାରଣା ଦେବୁ, ଆଉ ପ୍ରତିଶ୍ରୁତି ଶୁଣିବାକୁ ଚାହୁଁନୁ। ମୌଳିକ ସୁବିଧା ପାଇଁ ନୂତନ ସରକାର ବଡବଡ କଥା କହୁଥିବା ବେଳେ ଏହି ୪ଟି ପଞ୍ଚାୟତର ଲୋକେ ଏକ ଭଲ ରାସ୍ତା ପାଇଁ ଆଜି ବି ଅପେକ୍ଷା କରିଛନ୍ତି।

## ଏସ୍‌ଆଇଆର ସମ୍ପର୍କରେ କଂଗ୍ରେସ ପକ୍ଷରୁ ବିଏଲଏଙ୍କ ପ୍ରଶିକ୍ଷଣ ଶିବିର

ଚନ୍ଦନେଶ୍ୱର, ୧୦।୭ (ସମିସ) : ମୁଖ୍ୟ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟବ୍ୟାପୀ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) କାର୍ଯ୍ୟକ୍ରମକୁ ସଫଳ କରିବା ଲକ୍ଷ୍ୟରେ କଂଗ୍ରେସ ପକ୍ଷରୁ ବୁଥ୍ ଲେଭେଲ ଏଜେଣ୍ଟ (ବିଏଲଏ)ମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଭୋଗରାଇ ବ୍ଲକ ଅନ୍ତର୍ଗତ ଶଙ୍ଖାରି ପଞ୍ଚାୟତରେ ବ୍ଲକ କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ଦୀପକ କୁମାର ଜେନାଙ୍କ ବାସଭବନରେ ଆୟୋଜିତ ଏହି ଶିବିରରେ ୩୫ ନମ୍ବର ଜୋନ ସଭାପତି ତଥା ପୂର୍ବତନ ସରପଞ୍ଚ ରାଧାବିନୋଦ ଦାସ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ କହିଥିଲେ ଯେ, ଏସଆଇଆର ପ୍ରକ୍ରିୟାରେ କୌଣସି ଯୋଗ୍ୟ ଭୋଟର ଯେପରି ବାଦ ନପଡନ୍ତି, ସେଥିପାଇଁ ବିଏଲଏମାନେ ସଚେତନତାର ସହ କାର୍ଯ୍ୟ କରିବା ସହ ସାଧାରଣ ଲୋକଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବା ଆବଶ୍ୟକ। ସ୍ୱଚ୍ଛ ଓ ନିରପେକ୍ଷ ଭୋଟର ତାଲିକା ପ୍ରସ୍ତୁତିରେ ବିଏଲଏମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ବ୍ଲକ କଂଗ୍ରେସ ସଭାପତି ସନ୍ତୋଷ କୁମାର ଜେନା ଦଳର ନୀତି, ଆଦର୍ଶ ଓ ଜନମୁଖୀ କାର୍ଯ୍ୟକ୍ରମକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ସହ ସଂଗଠନକୁ ଅଧିକ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ମହିଳା କଂଗ୍ରେସ ସଭାନେତ୍ରୀ ମୀନାରାଣୀ ସୁର, ଜିଲ୍ଲା ଉପସଭାପତି ଗୋପବନ୍ଧୁ ମହାପାତ୍ର, ୩୦ ନମ୍ବର ଜୋନ ସଭାପତି ରାଜେନ୍ଦ୍ର ପଣ୍ଡା, କାନ୍ଠିଥଉଁରୀ ପଞ୍ଚାୟତ ସଭାପତି ବଳରାମ ପାତ୍ରଙ୍କ ସମେତ ବହୁ କଂଗ୍ରେସ କର୍ମୀ ଓ ବିଏଲଏ ଉପସ୍ଥିତ ରହି ପ୍ରଶିକ୍ଷଣରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## 'ଟେକିଦେଲି ତୁମ ଆଗେ ମୋ ଦୁଇହାତ' ଅଡିଓ ଉନ୍ମୋଚିତ




ନୀଳଗିରି, ୧୦।୭ (ସମିସ): ପବିତ୍ର ଘୋଷଯାତ୍ରା ଅବସରରେ ନୀଳଗିରି ଅଞ୍ଚଳର ସମାଜସେବୀ ତଥା ବରିଷ୍ଠ ସାମ୍ବାଦିକ ରତିକାନ୍ତ ପରିଡାଙ୍କ ପ୍ରଯୋଜନାରେ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ଜଗନ୍ନାଥମନ୍ଦିର ସମ୍ମୁଖ ଅରୁଣସ୍ତମ୍ଭ ନିକଟରେ ଜଗନ୍ନାଥ ଭଜନ "ଟେକିଦେଲି ତୁମଆଗେ ମୋ ଦୁଇ ହାତ' ଅଡିଓ ଭର୍ସନ ଏକ ଭାବମୟ ପରିବେଶରେ ଉନ୍ମୋଚିତ ହୋଇଯାଇଛି। କୁମାର ରୋନି ପ୍ରଡକ୍ସନ ନିବେଦିତ ରତିକାନ୍ତ ପରିଡାଙ୍କ ପ୍ରଯୋଜନାରେ ଓଡ଼ିଶାର ଲବ୍ଧପ୍ରତିଷ୍ଠ ଯୁବ କଣ୍ଠଶିଳ୍ପୀ ସୌରଭ ଭରଦ୍ୱାଜଙ୍କ କଣ୍ଠଦାନ କରିଥିବା ବେଳେ ଏହାର ସଙ୍ଗୀତ ନିର୍ଦ୍ଦେଶନା ଦାୟିତ୍ୱବହନ କରିଛନ୍ତି ଯୁବ ସଙ୍ଗୀତ ନିର୍ଦ୍ଦେଶକ ବିମୁଗ୍ଧ ଦାସ। ଡ. ପ୍ରବୀଣ କୁମାର ମାଝୀ ଗୀତ ରଚନା କରିଥିବାବେଳେ କଟକର ଏମ ଆର. ଆର ଷ୍ଟୁଡ଼ିଓରେ ଗୀତ ରେକର୍ଡିଂ କରାଯାଇଛି। ଏହି ଗୀତ ଉନ୍ମୋଚନ ଅବସରରେ ବିଶିଷ୍ଟ ଶିକ୍ଷାବିତ୍ ତଥା ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ବିନୋଦବିହାରୀ ପଣ୍ଡା ମୁଖ୍ୟଅତିଥି ଭାବରେ ଯୋଗଦେଇ ଅଡିଓ ରିଲିଜ୍ କରିଥିଲେ। ଅନ୍ୟ ବିଶିଷ୍ଟଅତିଥି ଭାବେ ନୀଳଗିରି ମହିଳାମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ପ୍ରଦୀପ୍ତ କୁମାର ମିଶ୍ର, ପରିବେଶବିତ୍ ମନୋରଞ୍ଜନ ଦାସ ଯୋଗଦେଇ ନୀଳଗିରି ଭଳି ଆଦିବାସୀ ଅଞ୍ଚଳରେ ଏଭଳି ଉଦ୍ୟମକୁ ଭୂୟସୀ ପ୍ରଶଂସା କରିବାସହିତ ପ୍ରଯୋଜକ ରତିକାନ୍ତଙ୍କ ଉଦ୍ୟମକୁ ସାଧୁବାଦ ଜଣାଇଥିଲେ।

## ସୁବର୍ଣ୍ଣରେଖା ନଦୀର ତଟ ସୁରକ୍ଷା କ୍ଷେତ୍ରରେ ସରକାରଙ୍କ ଉଦାସୀନତା



ଜଳେଶ୍ୱର, ୧୦।୭ (ସମିସ): ଉତ୍ତର ଓଡିଶାର ଚିରସ୍ରୋତା ସୁବର୍ଣ୍ଣରେଖା ନଦୀର ତଟ ସୁରକ୍ଷା କ୍ଷେତ୍ରରେ ସରକାରଙ୍କ ଉଦାସୀନତା ଉପକୂଳ ବାସୀଙ୍କୁ ଚିନ୍ତାରେ ପକାଇଛି। ପ୍ରତିବର୍ଷ ବନ୍ୟାପରେ ଓ ବର୍ଷାଦିନ ଆସିବା ପୂର୍ବରୁ ନଦୀ ବନ୍ଧ ମରାମତି ଏବଂ ଭାଙ୍ଗିଯାଇଥିବା ସ୍ପର ଗୁଡିକର ପୂନଃ ନିର୍ମାଣ କାର୍ଯ୍ୟ କରାଯାଇଥାଏ। ମାତ୍ର ଚଳିତ ବର୍ଷ ବନ୍ୟାପାଣି ନଦୀକୁ ଆସିବା ଆରମ୍ଭ ହୋଇଯାଇଥିଲେ ମଧ ବହୁ ଜାଗାରେ ନଦୀବନ୍ଧ ମୁକୁଳା ହୋଇ ପଡିରହିଛି। ବାଲେଶ୍ୱର ଜିଲ୍ଲା ଜଳେଶ୍ୱର, ବାଲିଆପାଳ ଓ ଭୋଗରାଇ ବ୍ଲକର ବିଭିନ୍ନ ସ୍ଥାନରେ ନଦୀବନ୍ଧ ବର୍ତ୍ତମାନ ସୁଦ୍ଧା ଅସୁରକ୍ଷିତ ଅବସ୍ଥାରେ ରହିଛି। ପୂର୍ବ ବର୍ଷ ମାନଙ୍କରେ ଏଫଡିଆର ପ୍ରକଳ୍ପ ମାଧ୍ୟମରେ ନଦୀ ବନ୍ଧ ମରାମତି ହେଉଥିଲା। ମାତ୍ର ଏବେ ବିଭାଗ ତରଫରୁ ଯୋଜନା ପ୍ରସ୍ତୁତିରେ ସିମିତ ରହିଥିବା ଜଣାଯାଇଛି। ଜଳ ସମ୍ପଦ ବିଭାଗ ପକ୍ଷରୁ ୩୧କୋଟି ଟଙ୍କାର ୪ଟି ତଟ ସୁରକ୍ଷା ପ୍ରକଳ୍ପର ଅନୁମୋଦନ ପାଇଁ ସରକାରଙ୍କ ନିକଟକୁ ପଠାଇଥିବା ଜଣାଯାଇଛି। ଗତ ବର୍ଷ ବାରଂବାର ବନ୍ୟା ପରିସ୍ଥିତି ଉପୁଜିଥିବା ବେଳେ ବହୁ ନଦୀବନ୍ଧ ଶଙ୍କାକୁଳ ଅବସ୍ଥାରେ ରହିଛି। ଜଳେଶ୍ୱର ବ୍ଲକର ସାନରାଉତପଡା, କୋଟସାହି, ମହମ୍ମଦନଗର ପାଟଣା ନିକଟରେ ନଦୀର ଗତିପଥ ପରିବର୍ତ୍ତନ ଘଟୁଥିବାର ଦେଖିବାକୁ ମିଳୁଛି। ଫଳରେ ନଦୀକୂଳ ସ୍ଥଳ ଭାଗରେ ଫାଟ ସୃଷ୍ଟି ହେବା ସହିତ ସ୍ଥଳଭାଗ ନଦୀଗର୍ଭକୁ ଚାଲିଯାଉଥିବାର ଦେଖିବାକୁ ମିଳିଛି। ସେହିପରି ଜଳେଶ୍ୱର ବ୍ଲକ ଜମାଲପୁର ନିକଟରେ ଗତ ବର୍ଷ ନଦୀ କୂଳ ଲଙ୍ଘିଥିଲା। ଏଠାରେ ତଟ ସୁରକ୍ଷା ପାଇଁ ଟେଣ୍ଡର ପ୍ରକ୍ରୀୟା ସରିଛି ବୋଲି ସୂଚନା ମିଳିଛି ମାତ୍ର ଚଳିତ ବର୍ଷ ବର୍ଷାଋତୁ ଆସିବା ପୂର୍ବରୁ ଏହି ସ୍ଥାନ ଗୁଡିକରେ କାର୍ଯ୍ୟାରମ୍ଭ ହୋଇପାରିନାହିଁ। ଗତ ଦୁଇବର୍ଷ ଧରି ନଦୀରେ ବାରଂବାର ବନ୍ୟା ଆସି ବ୍ୟାପକ କ୍ଷତି କରିଥିଲା। ଚଳିତ ବର୍ଷ ବିଳମ୍ବିତ ମୌସୁମୀ ଯୋଗୁଁ ଉପର ମୁଣ୍ଡରେ ବଡ ଧରଣର ବର୍ଷା ହୋଇନାହିଁ। ଫଳରେ ନଦୀରେ ବନ୍ୟାପାଣି ଆଜିଯାଏ ଆସିନାହିଁ। ମାତ୍ର ଟେଣ୍ଡର ହୋଇ ସାରିଥିବା କାର୍ଯ୍ୟ ବନ୍ୟାପାଣି ଆସିବା ପୂର୍ବରୁ ହେବା ସମ୍ଭବ ନୁହେଁ। ଯାହା ଫଳରେ ଚଳିତ ବଡ ବନ୍ୟା ପରିସ୍ଥିତି ଉପୁଜିଲେ ଅବସ୍ଥା ଅସମ୍ଭାଳ ହେବ ବୋଲି ନଦୀକୂଳ ବାସୀ ଏବେଠୁ ଆଶଙ୍କାରେ ଦିନ କାଟୁଛନ୍ତି।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାଲିକାକୁ ନେଇ ବଢୁଛି ଅସନ୍ତୋଷ

ଜଳେଶ୍ୱର, ୧୦।୭ (ସମିସ): ଜଳେଶ୍ୱର ବ୍ଲକର ୩୫ଟି ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାଲିକା ପ୍ରକାଶ ପାଇଛି। ଏହି ତାଲିକାକୁ ନେଇ ବିଭିନ୍ନ ପଂଚାୟତରେ ଅନିୟମିତତାର ଅଭିଯୋଗ ପର୍ଦ୍ଦ ବଢିବାରେ ଲାଗିଛି। ତାଲିକା ପ୍ରସ୍ତୁତରେ ବ୍ୟାପକ ଅନିୟମିତତା ଓ ଅଯୋଗ୍ୟ ବ୍ୟକ୍ତି ସାମିଲ ହୋଇଥିବାକୁ ନେଇ ବିଭନ୍ନ ପଂଚାୟତରେ ରାଜନୀତି ସରଗରମ ହେବାରେ ଲାଗିଛି। ପ୍ରକାଶ ପଇଥିବା ତାଲିକାରେ ପ୍ରୀୟାପ୍ରିତିକୁ ନେଇ ଆବାସ ଯୋଜନା ବଣ୍ଟନ ହୋଇଛି ବୋଲି ବିଭିନ୍ନ ଗ୍ରାମବାସୀ ମାନେ ଅଭିଯୋଗ କରୁଥିବାର ଦେଖିବାକୁ ମିଳିଛି। ପୂର୍ବରୁ ଆବାସ ଗୃହ ପାଇଥିବା ପରିବାରର ସଦସ୍ୟ ମାନେ, ପକ୍କା ଗୃହ ଥିବା ବ୍ୟକ୍ତିର ପରିବାର ସଦସ୍ୟଙ୍କ ନାମରେ ଏବଂ ଜନପ୍ରତିନିଧି ମାନଙ୍କ ନିକଟ ଆତ୍ମୀୟସ୍ୱଜନ ମାନଙ୍କୁ ଏହି ସୁବିଧା ଅଧିକ ମିଳିଥିବା ବେଳେ ବହୁ ପ୍ରକୃତ ଗରିବ ଓ ଘର ବିହୀନ ପରିବାରମାନେ ବଂଚିତ ହୋଇଥିବାର ଦେଖିବାକୁ ମିଳିଛି। ତେବେ ଆଗକୁ ସଂଶୋଧନ ପ୍ରକ୍ରିୟା ରହିଥିବାରୁ ପ୍ରଶାସନକୁ ତୁରନ୍ତ ପଦକ୍ଷେପ ନେବା ପାଇଁ ଦାବୀ କରାଯାଇଛି। ଏହି ଯୋଜନାର ସ୍ୱଚ୍ଛତା ଓ ଉଦ୍ଦେଶ୍ୟ ଉପରେ ପ୍ରଶ୍ନ ସୃଷ୍ଟି କରିଛି। ଆବାସ ଯୋଜନା ଗରିବ ଓ ଗୃହହୀନ ପରିବାରଙ୍କ ପାଇଁ ହୋଇଥିବା ବେଳେ ତାଲିକା ପ୍ରସ୍ତୁତିରେ ଅନିୟମିତତା ହେଲେ ପ୍ରକୃତ ହିତାଧିକାରୀମାନେ ସରକାରୀ ସୁବିଧାରୁ ବଂଚିତ ହେବେ। ସେଥିପାଇଁ ସମଗ୍ର ତାଲିକାର ପୁନଃ ଯାଂଚ କରି ଅଯୋଗ୍ୟଙ୍କ ନାମକୁ ବାଦ ଦେବା ସହିତ ଯୋଗ୍ୟ ହିତାଧିକାରୀ ପରିବାରକୁ ଅନ୍ତର୍ଭୂକ୍ତ କରାଯିବାକୁ ବହୁ ପଂଚାୟତବାସୀ ଦାବି କରିଛନ୍ତି। ଗରିବ ଲୋକଙ୍କ ଅଧିକାର ଓ ସୁରକ୍ଷା ପାଇଁ କେତେକ ଆଂଚଳିକ ରାଜନୈତିକ ଦଳମାନେ ମଧ ଆନ୍ଦୋଳନ ପାଇଁ ସୂଚନା ଦେଇଛନ୍ତି। ତେବେ ବ୍ଲକ ପ୍ରଶାସନ ଆଗକୁ କଣ ପଦକ୍ଷେପ ନେଉଛି ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ବସ୍ତା ବିଜେଡିର ସାମ୍ବାଦିକ ସମ୍ମିଳନୀ



ବସ୍ତା ବ୍ଲକ, ୧୦।୭ (ସମିସ): ଓଡ଼ିଶାରେ ମୋହନ ମାଝୀ ସରକାରକୁ ଦୁଇ ବର୍ଷ ପୂର୍ତ୍ତି ହୋଇଥିବା ବେଳେ ବସ୍ତା ବିଧାନ ସଭା ଆସନର ବିଧାୟିକା ହୋଇଥିବା ସୁବାସିନୀ ଜେନା ତାଙ୍କ କାର୍ଯ୍ୟ କାଳର ଦୁଇ ବର୍ଷ ପୂର୍ତ୍ତିକୁ ବାଲିଆପାଳ ବ୍ଲକ୍ ଲଙ୍ଗଳେଶ୍ୱର ସ୍ଥିତ ତାଙ୍କ ବାସଭବନ ରେ ଶୁକ୍ରବାର ପାଳନ କରିଛନ୍ତି। ଏହି କାର୍ଯ୍ୟକ୍ରମ ପାଳନର କେଇ ଘଣ୍ଟା ପରେ ବସ୍ତା ବିଜେଡି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରାଯାଇଛି। ବସ୍ତା ନିର୍ବାଚନ ମଣ୍ଡଳୀ ବିଜେଡି ସଂଯୋଜକ ମହାଦେବ ଦାସ ତାଙ୍କ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବସ୍ତା ଓ ବାଲିଆପାଳ ବ୍ଲକ୍‌ର ଦୁଇ ବିଡ଼ିଓ ଯୋଗ ଦେବା କୁ ନେଇ ବିଜେଡି ପକ୍ଷରୁ ଦୃଢ଼ ନିନ୍ଦା କରିବା ସହିତ ଶୁକ୍ରବାର ସନ୍ଧ୍ୟାରେ କଟି ପୋଲଠାରେ ଏକ ସାମ୍ବାଦିକ ସମ୍ମିଳନୀ କରି ନିଜର ବିବୃତ୍ତି ରଖିଛି। ବିଜେଡି କରିଥିବା ପ୍ରଶ୍ନ ଅନୁସାରେ ସରକାରଙ୍କ ବିଧାୟକ ପାଣ୍ଠିକୁ ସେବା ନାମରେ ଖର୍ଚ୍ଚ କରି ନିଜ ବାସଭବନରେ ସମର୍ଥକଙ୍କ ଗହଣରେ ବାଣ୍ଟିବା କେତେ ଯୁକ୍ତି ଯୁକ୍ତ। ଯାହା ନିୟମର ଖୋଲା ଖୋଲି ଉଲ୍ଲଂଘନ ହୋଇଛି। ଅଭିଯୋଗ ଅନୁସାରେ ଆଜିର ଏହି କାର୍ଯ୍ୟକ୍ରମରେ ଭିନ୍ନକ୍ଷମମାନଙ୍କୁ ଟ୍ରାଇ ସାଇକେଲ ବଣ୍ଟନ ହୋଇଥିଲା। ଏହି କାର୍ଯ୍ୟକ୍ରମ ରେ ବସ୍ତା ବି ଡି ଓ ମିହିର କୁମାର ବେହେରା ଓ ବାଲିଆପାଳ ବିଡିଓ ରାଧା ରଞ୍ଜନ ଦାସ ଯୋଗ ଦାନ କରିଥିଲେ। ଯଦି ଏହା ସରକାରୀ କାର୍ଯ୍ୟକ୍ରମ ତାହାଲେ ତାଙ୍କ ନିଜ ବାସଭବନରେ ଦୁଇ ବିଡ଼ିଓ କରିବାକୁ ଅନୁମତି ଦେଲେ କେମିତି। ବସ୍ତା ନିର୍ବାଚନ ମଣ୍ଡଳୀରୁ କେତେ ଭିନ୍ନକ୍ଷମଙ୍କୁ ସାଇକେଲ ବଣ୍ଟନ କରାଗଲା। ଏହି ବାବଦକୁ କେତେ ଟଙ୍କା ଖର୍ଚ୍ଚ କରାଗଲା। କେଉଁ ବିଭାଗ ଭିନ୍ନ କ୍ଷମ ଙ୍କୁ ଚିହ୍ନଟ କଲା। କେତେ ଆବେଦନ କରିଥିଲେ ଏହିଭଳି ଅନେକ ପ୍ରଶ୍ନ କରିଛି। ପଞ୍ଚାୟତ ରାଜ ବ୍ୟବସ୍ଥା କୁ ବସ୍ତା ଓ ବାଲିଆପାଳ ବିଡିଓ ନଷ୍ଟ ଭ୍ରଷ୍ଟ କରି ଛନ୍ତି। ବିଧାୟିକାଙ୍କ ଏଜେଣ୍ଟ ଭାବେ ଏହି ଦୁଇ ବିଡ଼ିଓ କାର୍ଯ୍ୟ କରୁଥିବା ଭଳି ସଙ୍ଗୀନ ଅଭିଯୋଗ ବସ୍ତା ବିଜେଡି କରିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ପରିଷଦ ସଦସ୍ୟା ବିଷ୍ଣୁ ପ୍ରିୟା ବୁଗୁଡି, ପୂର୍ଣ୍ଣ ଚନ୍ଦ୍ର ଜେନା, ଶିବାନନ୍ଦ ଦାସ ଅଧିକାରୀ, ବାଲିଆପାଳ ବ୍ଲକ ସଭାପତି ଦେବେନ୍ଦ୍ର ଗିରି, ଦେବେନ୍ଦ୍ର ବେହେରା, ଅଖିଳ ବେହେରା, ମନୋରଞ୍ଜନ ସାହୁ, ଇ. ପରମେଶ୍ୱର ବାରିକଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ। ଖୁବ୍ ଶୀଘ୍ର ବସ୍ତା ନିର୍ବାଚନ ମଣ୍ଡଳୀର ଏକ ବିଜେଡି ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ଭେଟି ଏହି ଘଟଣା ର ତଦନ୍ତ ସହିତ ଦୁଇ ବିଡ଼ିଓଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି କରିବେ ବୋଲି ଶ୍ରୀ ଦାସ ସୂଚନା ଦେଇଛନ୍ତି।

## ୧୬ ବର୍ଷ ଧରି କର୍ମୀଙ୍କ ଘରେ ଚାଲିଛି ଅଙ୍ଗନବାଡ଼ି

ଜଳେଶ୍ୱର,୧୦।୭ (ସମିସ) : ମହିଳା ଶିଶୁ ବିକାଶ ପରିଚାଳିତ ରାଇବଣିଆ ଅଞ୍ଚଳର କେତେକ ଅଙ୍ଗନବାଡ଼ି କେନ୍ଦ୍ରରେ ଅବ୍ୟବସ୍ଥା ଯୋଗୁଁ ସମନ୍ୱିତ ଶିଶୁ ବିକାଶ ବାଟବଣା ହୋଇଛି। ଆଦିବାସୀ ବହୁଳ ରାଇବଣିଆ ପଞ୍ଚାୟତ, ଦଦରାୟପୁର ସାହିରେ ଅଙ୍ଗନବାଡ଼ି ପ୍ରତିଷ୍ଠା ହୋଇଥିଲେ ମଧ ଦୀର୍ଘ ୧୬ ବର୍ଷ ଧରି ନିଜସ୍ୱ ଗୃହ ନାହିଁ। ଏହି ସାହିରେ ୧୫୦ ପରିବାର ବସବାସ କରୁଥିବା ବେଳେ ଶିଶୁ ବିକାଶ, ଗର୍ଭବତୀ ପୋଷଣ ଇତ୍ୟାଦି କାର୍ଯ୍ୟକ୍ରମ ରେ ଘୋର ବାଧା ଉପୁଜୁଛି। ଗୃହ ନିର୍ମାଣ ଲାଗି ସ୍ଥାନ ମିଳୁନଥିବା ରୁ ୨ ଥର ଅନୁଦାନ ରାଶି ଆସି ଫେରି ଯାଇଛି। ଏ ପ୍ରସଙ୍ଗ ରେ ସ୍ଥାନୀୟ ବାସିନ୍ଦା ବୈଠକ କରିଥିଲେ ମଧ ସୁଫଳ ମିଳୁନାହିଁ। ଫଳରେ ଅଙ୍ଗନବାଡ଼ି କର୍ମୀ ସୁକାନ୍ତି ଘୋଷଙ୍କ ବାସ ଭବନରେ ଦୀର୍ଘ ୧୬ ବର୍ଷଧରି ଶିଶୁଙ୍କ ଭବିଷ୍ୟତ ଗଢା ହେଉଛି। ଅଧୁନା କେନ୍ଦ୍ରକୁ ୧୩ ଜଣ ଶିଶୁ ଆସୁଥିବା ବେଳେ ହେଲପର ସଂଯୁକ୍ତା ପରିଡ଼ା ସେବା ଯୋଗାଉଛନ୍ତି। ନିଜସ୍ୱ ଗୃହରେ ପର୍ଯ୍ୟାପ୍ତ ଜାଗା, ଶୈକ୍ଷିକ ବାତାବରଣ ଏବଂ ପରିବେଶ ଅନୁକୂଳ ନଥିବାରୁ ମହିଳା ଶିଶୁ ବିକାଶ ଯୋଜନା ର ସଫଳ ରୂପାୟନ ହୋଇ ପାରୁନାହିଁ। କୁନି ଶିଶୁଙ୍କ ଲାଗି ଖେଳ ସରଞ୍ଜାମ, ପୋଷଣ,ଓଜନ ପ୍ରକ୍ରିୟା, ଟିକାକରଣ ଆଦି



କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଗର୍ଭବତୀଙ୍କ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ସ୍ତନ୍ୟପାନ କରେଇବା ସଚେତନତା ଏବଂ ପୋଷଣ କାର୍ଯ୍ୟକ୍ରମରେ ଘୋର ସମସ୍ୟା ସୃଷ୍ଟି ହେଉଛି। ଏହା ସହିତ ବର୍ଷା ଦିନିଆ ଯାତାୟାତ ରାସ୍ତାରେ କାଦୁଅ ପଚ ପଚ ଯୋଗୁଁ ପ୍ରତିକୂଳ ପରିବେଶରେ ଭବିଷ୍ୟତ ଗଢା ହେବା ଦୁର୍ଭାଗ୍ୟ ଜନକ ବିଷୟ। ତେଣୁ ଉକ୍ତ ଅନୁନ୍ନତ ଅଞ୍ଚଳରେ ଯଥା ଶିଘ୍ର ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ କରିବାକୁ ସାଧାରଣ ରେ ଦାବି ହେଉଛି। ପରିବେଶ ପ୍ରଦୂଷିତ ହୋଇଛି।

## ବାବା ପଞ୍ଚଲିଙ୍ଗେଶ୍ୱରଙ୍କୁ ଦର୍ଶନ କଲେ ସରପଞ୍ଚ ଚାମେଲୀ ଓଝା



ପଞ୍ଚଲିଙ୍ଗେଶ୍ୱର,୧୦।୭ (ସମିସ): ଓଡିଶା ରାଜନୀତିର ଚର୍ଚ୍ଚିତ ଚେହେରା ତଥା ସରପଞ୍ଚ ଚାମେଲୀ ଓଝା ଆଜି ବାଲେଶ୍ୱର ଗସ୍ତରେ ଆସି ବାବା ପଞ୍ଚଲିଙ୍ଗେଶ୍ୱର ମହାଦେବଙ୍କୁ ଦର୍ଶନ କରିବା ସହ ଶ୍ୟାମସୁନ୍ଦର ପୁର ପଂଚାୟତ ତରଫରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସରପଞ୍ଚ ପୁରସ୍ତମ ସେଠୀ ଏବଂ ବହୁ ଜନସାଧାରଣ ଉପସ୍ଥିତ ରହିଥିଲେ। ସରପଞ୍ଚ ଚାମେଲୀ ଓଝାଙ୍କୁ ଦେଖିବା ପାଇଁ ବେଶ ଭିଡ଼ ଦେଖିବାକୁ ମିଳିଥିଲା।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ପ୍ରସ୍ତୁତି ବୈଠକ

ଜଳେଶ୍ୱର ବ୍ଲକ,୧୦।୭ (ସମିସ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ପରିସରରେ ୨୦୨୬-୨୭ ବର୍ଷ ପାଇଁ ଆସନ୍ତା ୧୪ ତାରିଖ ଦିନ ୧୫ ତମ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିରର ଆୟୋଜନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜଳେଶ୍ୱର ବ୍ଲକ ସମ୍ମିଳନୀ କକ୍ଷରେ ବିଡ଼ିଓ ଗୌରାଙ୍ଗ ଚରଣ ଘୋଷଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରସ୍ତୁତି ବୈଠକରେ ଯୋଗଦେଇ ଶିବିରର ସୁପରିଚାଳନା ଓ ସଫଳତା ପାଇଁ ସୁଚିନ୍ତିତ ମତାମତ ଏବଂ ସହଯୋଗ ପ୍ରଦାନ କରିବାକୁ ଜଳେଶ୍ୱର ପଞ୍ଚାୟତ ସମିତିର ଅଧକ୍ଷ ମାନସ କୁମାର ଜେନା, ଏବିଡ଼ିଓ ସୁଧୀର କୁମାର ସାହୁ, ଭାରପ୍ରାପ୍ତ ବିଏସଓ ସଜତ ଅନୁପମ, ଡ଼ାକ୍ତର ଅନୁରାଧା ଦାସ, ସମ୍ମାନିତ ଅତିଥି ଭାବେ ଯୋଗଦେଇ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧୀନସ୍ଥ ସମସ୍ତ ସରପଞ୍ଚ, ସମିତି ସଭ୍ୟ ସଭ୍ୟାଙ୍କ ସହ ଅନ୍ୟାନ୍ୟ ଅଧିକାରୀଙ୍କ ସହିତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ବାଗୁଡି ତାରିଣୀ ମନ୍ଦିରରେ ଆଣ୍ଠୁଏ ପାଣି



ସୋର, ୧୦।୭(ସମିସ): ସୋର ବ୍ଲକ ଅଧିନ ବାଗୁଡ଼ି ମାର୍କେଟ ଏ ଅଞ୍ଚଳର ବାଣିଜ୍ୟିକ ପେଣ୍ଠସ୍ଥଳୀ। ଏଠାରେ ଥିବା ନବୋଦୟ ବିଦ୍ୟାଳୟ ବାଗୁଡିକୁ ଜାତୀୟସ୍ତରରେ ପରିଚୟ ଦେଇଛି। ହେଲେ ଦ୍ୱୀପ ତଳ ଅନ୍ଧାର ଭଳି ମାର୍କେଟ ମଧ ଭାଗରେ ଥିବା ବହୁ ପୁରୁଣା ମା' ତାରିଣୀଙ୍କ ମନ୍ଦିରର ଦୁରାବସ୍ଥା କାହାରି ଆଖିକୁ ଦେଖା ଯାଉ ନାହିଁ। ମନ୍ଦିର ଚାରିପାଖରେ ଅନାବନା ଗଛ ମାଡି ଗଲାଣି। ବର୍ଷା ଦିନେ ମନ୍ଦିର ଭିତରେ ଆଣ୍ଠୁଏ ପାଣି ଜମି ରହୁଛି। ମନ୍ଦିର ପୂଜକଙ୍କ ଠାରୁ ଭକ୍ତ ମାନେ ହୀନସ୍ଥା ହେଉଛନ୍ତି। ଏ ନେଇ ସ୍ଥାନୀୟ ଜନସାଧାରଣ ଓ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏଣୁ ଏହାର ପ୍ରତିକାର ପାଇଁ ଲୋକେ ଦାବି କରିଛନ୍ତି।

## ଖଇରା ବ୍ଲକରେ ଶିକ୍ଷକ ସମସ୍ୟା ଗୁରୁତର

# ୨୦୦ ସ୍କୁଲରେ ଛାତ୍ରଛାତ୍ରୀଙ୍କ ଅନୁପାତରେ ନାହାନ୍ତି ଶିକ୍ଷକ

ଖଇରା,୧୦।୭ (ସମିସ)




ଶିକ୍ଷାବର୍ଷ ଆରମ୍ଭକୁ ୨୦ଦିନ ବିତିଗଲାଣି। ହେଲେ ଏବେ ବାଲେଶ୍ୱର ଜିଲା ଖଇରା ବ୍ଲକରେ ଶିକ୍ଷକ ସମସ୍ୟା ଜଟିଳ ହେବାରେ ଲାଗିଛି। ପାଖାପାଖି ୨୦୦ ବିଦ୍ୟାଳୟରେ ପିଲା ଅନୁପାତରେ ଶିକ୍ଷକ ନଥିବା ବେଳେ ୧୧ ସରକାରୀ ଓ ୧୪ ଅନୁଦାନ ପ୍ରାପ୍ତ ପ୍ରାଥମିକ ବିଦ୍ୟାଳୟରେ ଜଣେ ଲେଖାଏଁ ଶିକ୍ଷକକୁ ନେଇ ବିଦ୍ୟାଳୟ ଚାଲିବା ବର୍ତ୍ତମାନ ଶିକ୍ଷା ବ୍ୟବସ୍ଥାର କରୁଣଚିତ୍ରକୁ ପ୍ରତିଫଳିତ କରୁଛି। ସରକାର ଯୁଦ୍ଧକାଳିନ ଭିତ୍ତିରେ ଶିକ୍ଷକ ନିଯୁକ୍ତି ପାଇଁ ବ୍ୟବସ୍ଥା ନ କଲେ ପିଲାମାନଙ୍କ ଭବିଷ୍ୟତ ଅନ୍ଧକାରମୟ ହୋଇଯିବ ବୋଲି ବିଭିନ୍ନ ବିଦ୍ୟାଳୟର ପରିଚାଳନା କମିଟି ତଥା ଅଭିଭାବକ ମାନେ ପ୍ରକାଶ କରିଛନ୍ତି। ଖଇରା ବ୍ଲକରେ ମୋଟ ୨୫୮ ଟି ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମଧ୍ୟରୁ ପାଖପାଖି ୨ଶହ ବିଦ୍ୟାଳୟରେ ପିଲା ଅନୁପାତରେ ଶିକ୍ଷକ ଯଥେଷ୍ଟ କମ୍ ଥିବାବେଳେ ୧୧ ସରକାରୀ ବିଦ୍ୟାଳୟ ଜଣେ ଲେଖାଏଁ ଶିକ୍ଷକଙ୍କୁ ନେଇ ଚାଲିଛି। ଏହି ବିଦ୍ୟାଳୟ ଗୁଡିକ ହେଲା କଡମିଆଁ,ଗଡ,ରୁଢିଙ୍ଗିଆ, ମାଟିଆଳପଦା, ପାଇକାଳପୁର, ମଙ୍ଗଳପଡା, ରାଣୀଗଡିଆ, କଣ୍ଟାବଣିଆ, ସୋଜାଗଡ ଓ ନୟାଖଣ୍ଡି ପ୍ରାଥମିକ ବିଦ୍ୟାଳୟ ଏବଂ ଉଦୟପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ଉପରୋକ୍ତ ୧୧ ବିଦ୍ୟାଳୟରେ ପଢୁଥିବା ମୋଟ ୫୧୨ଜଣ ପିଲାଙ୍କ ଅଭିଭାବକ ମାନେ ସେମାନଙ୍କ ପିଲାମାନଙ୍କ ଟିସି ନେବା ପାଇଁ ମାନସିକ ସ୍ତରରେ ପ୍ରସ୍ତୁତ ହୋଇ ସାରିଲେଣି।ଏଣୁ ବିଦ୍ୟାଳୟ ଗୁଡିକୁ ବନ୍ଦ କରିବା ପାଇଁ ସରକାରଙ୍କ ଏହା ଏକ ଷଡଯନ୍ତ୍ର ବୋଲି ବହୁ ଅଭିଭାବକ ଅଭିଯୋଗ କରିଛନ୍ତି। ଘଟଣାକ୍ରମେ ଉଦୟପୁର ବିଦ୍ୟାଳୟରେ ଶିକ୍ଷକ ପଦବୀ ପୁରଣ ନହେଲେ ଅଭିଭାବକମାନେ ଆନ୍ଦୋଳନରେ ବସିବାକୁ ଗ୍ରାବାସୀଙ୍କ ତରଫରୁ ଲିଖିତ ଭାବେ ଚେତାବନୀ ଦିଆଯାଇଛି। ସରକାରୀ ବିଦ୍ୟାଳୟ ଗୁଡିକରେ ଶିକ୍ଷକ ଅଭାବ ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଅବଗତ କରାଯାଇଥିବା ନେଇ ଖଇରା ଏବିଇଓ ଲକ୍ଷ୍ମୀଧର ସିଂ ପ୍ରତିକ୍ରିୟାରେ କହିଛନ୍ତି। ସେହିଭଳି ଖଇରା ବ୍ଲକରେ ମୋଟ ୨୧ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ମଧ୍ୟରୁ ୧୪ବିଦ୍ୟାଳୟରେ ଶିକ୍ଷୟତ୍ରୀଶିକ୍ଷକଙ୍କ ଅବସର ପରେ ଏବେ ଜଣେ ଲେଖାଏଁ ଶିକ୍ଷକଶିକ୍ଷୟତ୍ରୀଙ୍କୁ ନେଇ ବିଦ୍ୟାଳୟ ଚାଲିଛି। ବାରମ୍ବାର ଦାବି ପରେ ସରକାରଙ୍କ ତରଫରୁ କୌଣସୀ ନିଯୁକ୍ତି ପ୍ରଦାନ କରାଯାଉନଥିବାରୁ ବର୍ଷକୁ ବର୍ଷ ପିଲା କମୁଥିବା ନେଇ ଅଭିଯୋଗ କରାଯାଉଛି। ଏ ସମ୍ପର୍କରେ ଏବିଇଓଙ୍କୁ ପଚାରିବାରେ ଅନୁଦାନପ୍ରାପ୍ତ ସ୍କୁଲ ଗୁଡିକ ରେ ଶିକ୍ଷକ ନିଯୁକ୍ତି ପାଇଁ ସରକାରୀ ସ୍ତରରେ ଗାଇଡଲାଇନ ଆସିବା ପରେ ଏଗୁଡିକ ପୁରଣ ହୋଇ ପାରିବ ବୋଲି କହିଛନ୍ତି।

# ନାଳରେ ବୁଡ଼ି ୪ ବର୍ଷର ଶିଶୁ ମୃତ

ଧୂଷୁରୀ/ଅସୁରଲି,୧୦।୭(ସମିସ): ଧୂଷୁରୀ ଥାନା ଭଟସାହି ପଞ୍ଚାୟତ ବାମଦେବପୁର (ବସାସାହି) ଗାଁର ଜ୍ୟୋତି ପ୍ରକାଶ ପଣ୍ଡାଙ୍କ ପୁଅ ରୋହନ ପଣ୍ଡା (୪) ଆଜି ମଧ୍ୟାହ୍ନରେ ଘର ନିକଟରେ ଥିବା ଏକ ପାଣି ନାଳରେ କୌଣସି କାରଣରୁ ପଡ଼ିଯାଇ ମୃତ୍ୟୁ ବରଣ କରିଛନ୍ତି। ମୃତ୍ୟୁର ଖବର ପାଇ ଧୂଷୁରୀ ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବକୁ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଥିଲେ। ଏମିତି ଏକ ଦୁଃଖଦ ଘଟଣା ପାଇଁ ସମଗ୍ର ଭଟସାହି ପଞ୍ଚାୟତ ସମେତ ଧୂଷୁରୀ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

# ଅଙ୍ଗନବାଡ଼ି କେନ୍ଦ୍ର ଉଦ୍‌ଘାଟିତ



ଅସୁରାଳି,୧୦।୭(ସମିସ): ଧାମନଗର ବ୍ଲକ୍ ଭଟସାହି ପଞ୍ଚାୟତର ଫଳପୁର ମହାପାତ୍ର ସାହିଠାରେ ନୂତନ ଅଙ୍ଗନବାଡ଼ି କେନ୍ଦ୍ର ଗୃହ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସିଡିପିଓ ଦମୟନ୍ତୀ ଦେଇ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ସୁପରଭାଇଜର ମମତା ରାଉତ, ସରପଞ୍ଚ ସୀତାକାନ୍ତ ମିଶ୍ର, ସାମ୍ବାଦିକ ପ୍ରଦୀପ କୁମାର ମହାପାତ୍ର ଏବଂ ୱାର୍ଡସଭ୍ୟ ମାନସ ରଞ୍ଜନ ପାଢ଼ୀ ପ୍ରମୁଖ ଯୋଗଦେଇ ପୂଜାର୍ଚ୍ଚନା ଓ ବେଦପାଠ ପୂର୍ବକ ଗୃହକୁ ଉଦ୍‌ଘାଟନ କରିଥିଲେ। ଅଙ୍ଗନବାଡ଼ି କର୍ମୀ ଜୟନ୍ତୀ ମହାପାତ୍ର ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମାଜସେବୀ ଦୀପ୍ତି ରଞ୍ଜନ ମହାପାତ୍ର, ସତ୍ୟ ରଞ୍ଜନ ମହାପାତ୍ର, ଶଶୀକାନ୍ତ ମହାପାତ୍ର, କାଙ୍ଗାଳୀ ସେଠୀ, ନୀଳମଣି ପତି ପ୍ରମୁଖ ଉପସ୍ଥିତ ରହିଥିଲେ। ଉଦ୍‌ଘାଟନୀ ସଭାରେ ସିଡିପିଓ ଶ୍ରୀମତୀ ଦେଇ ଛୋଟ ପିଲାମାନଙ୍କର ପ୍ରାଥମିକ ଶିକ୍ଷା ଓ ସେମାନଙ୍କର ସଠିକ୍ ଯତ୍ନ ନେବା ଦିଗରେ ବିଭିନ୍ନ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ୨ଜଣ ଶିଶୁଙ୍କୁ ଅନ୍ନପ୍ରାସନ କରାଯାଇଥିଲା। ଶେଷରେ ଅଙ୍ଗନବାଡ଼ି ସହାୟିକା ମୀତା ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଇଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ବାରିକପୁର,୧୦।୭(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟଠାରେ ନୂତନ ଭାବେ ଯୋଗ ଦେଇଥିବା ସହକାରୀ ଶିକ୍ଷା ଅଧିକାରୀ (ଏବିଇଓ) ମନୋଜ ଜେନାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଶ୍ରୀ ଜେନା ଏହା ପୂର୍ବରୁ ଯାଜପୁର ବ୍ଲକରେ ସହକାରୀ ଶିକ୍ଷା ଅଧିକାରୀ ଭାବେ ୫ବର୍ଷ ଧରି ସଫଳତାର ସହିତ କାର୍ଯ୍ୟ କରିଛନ୍ତି। ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଏବିଇଓଙ୍କୁ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ଜେନା, ମଞ୍ଜୁଳା ନାୟକ, ନିଖିଲ ଦେ, ମଳୟ ସେଠୀ, ଶଶିଭୂଷଣ ଜେନା, ଆଲୋକ ବିଶ୍ୱାଳ, ଧୀରେନ୍ଦ୍ର ସାହୁ, ଜୟସ୍ମିତା ଜେନା, ମୋନାଲିସା ବିଶ୍ୱାଳ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଛନ୍ତି।

# ଇନ୍ଦ୍ରଗୋବିନ୍ଦ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ



ଅସୁରାଳି,୧୦।୭(ସମିସ): ଧାମନଗର ବ୍ଲକ୍ ଦଇପୁର ପଞ୍ଚାୟତ ଇନ୍ଦ୍ରଗୋବିନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ ପାଳନ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ୫୦ ରୁ ଊର୍ଦ୍ଧ୍ୱ ବିଭିନ୍ନ ପ୍ରକାରର ବୃକ୍ଷ ବିଦ୍ୟାଳୟ ପରିସରରେ ରୋପଣ କରାଯାଇଥିଲା। ବିଦ୍ୟାଳୟର ଅଧକ୍ଷ ଖଗେଶ୍ୱର ଜେନାଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ମମତା ରାଣୀ ବେହେରା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଦିଲ୍ଲୀପ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ବାରିକ, ସ୍ନେହାଂଶୁଶେଖର ମହାନ୍ତି ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଅରୁନ୍ଧତୀ ହୋତା, ଲକ୍ଷ୍ମୀପ୍ରିୟା ସ୍ୱାଇଁ, ମଞ୍ଜୁଲତା ନାୟକ ପଦ୍ମିନୀ ସେଠୀ, ସୁକାନ୍ତି ଜେନା, ସନ୍ନତ ଜେନା, ସରୋଜ ପ୍ରଧାନ, ଶିଶିର ପଲାଇ ପ୍ରମୁଖ ଉପସ୍ଥିତ ଥିଲେ।

# ଖାଲଖମାରେ ଭର୍ତ୍ତି କେନାଲ ରାସ୍ତା; ଯାତାୟାତ ବାଧାପ୍ରାପ୍ତ

ବାରିକପୁର,୧୦।୭(ସମିସ)



ପଡ଼ୋଶୀ କେନ୍ଦୁଝର ଜିଲ୍ଲା ଶାଳପଡ଼ା ଜଳସମ୍ପଦ ବିଭାଗର ଦୃଷ୍ଟି ଆଢୁଆଳରେ ରହିଛି ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳର କେନାଲ ରାସ୍ତା। ଗମନାଗମନ ପଥ ପାଇଁ ଉଦ୍ଦିଷ୍ଟ କେନାଲ ରାସ୍ତା ଗୁଡ଼ିକ ଦୀର୍ଘ ବର୍ଷ ଧରି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଥିବା ଜଣାପଡ଼ିଛି। ବିଭାଗର ମୁଖ୍ୟ କାର୍ଯ୍ୟାଳୟ ଭଦ୍ରକ ଜିଲ୍ଲା ସଦରମହକୁମା ଠାରୁ ପ୍ରାୟ ୮୦କିମି ଦୂରରେ ଅବସ୍ଥିତ। ତେଣୁ ସ୍ଥାନୀୟ ଲୋକମାନେ ସେଠାକୁ ଯାଇ ବିଭିନ୍ନ ଗମନାଗମନ ସମସ୍ୟା ସମ୍ପର୍କରେ ଆପତ୍ତି ଅଭିଯୋଗ କରିବା ପ୍ରାୟତଃ ଅସମ୍ଭବ ହେଉଛି। ସୂଚନା ମୁତାବକ ତେସିଙ୍ଗା ପଞ୍ଚାୟତ ଆମ୍ବଗଡ଼ିଆ ଠାରୁ ମାନ୍ତପୁର ଛକ ୩ ନମ୍ବର ହାଇଲେ୍ଭଲ କେନାଲକୁ ସଂଯୋଗ ହୋଇଥିବା ଶାଳନିଆ କେନାଲ ରାସ୍ତା ଏବେ ଶୋଚନୀୟ ହୋଇଛି। ପ୍ରାୟ ୪/୫ ବର୍ଷ ପୂର୍ବରୁ ମୋରମ ଓ ମେଟାଲରେ ଏହି କେନାଲ ରାସ୍ତାକ ନିର୍ମାଣ ହୋଇଥିବା ବେଳେ ଏବେ ଏହା ଗମନାଗମନ ଅନୁପଯୋଗୀ ହୋଇ ପଡିଛି। ସଂପ୍ରତି ଦୁଇ ବର୍ଷ ହେବ ରାସ୍ତା ଉପରୁ ମେଟାଲ ଉଠି ଯାଇଥିବା ବେଳେ ଅନେକ ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇଛି। ଅସରାଏ ବର୍ଷା ହେଲେ ରାସ୍ତା ତମାମ ପାଣି ଭର୍ତ୍ତି ହୋଇଯାଉଛି। ବିଶେଷ କରି ବନସ୍ତା ଠାରୁ ନେରଡ଼ା ଓ ଯଶୋଟିକିରି ଠାରୁ ମାନ୍ତପୁର ଛକ ଯାଏଁ ପଥଚାରୀମାନେ ରାସ୍ତାରେ ଯିବାକୁ ଅତ୍ୟନ୍ତ କୁଣ୍ଠାବୋଧ କରୁଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା କେନାଲ ରାସ୍ତା ପାର୍ଶ୍ୱରେ ଦୁଇଟି ବିଦ୍ୟାଳୟ ରହିଛି। ତେଣୁ ଶହଶହ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ଏହି ରାସ୍ତାଟି ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ସେମାନେ ମଧ ଯାତାୟାତ ପାଇଁ ଦୈନିକ ଯନ୍ତ୍ରଣା ଭୋଗୁଛନ୍ତି। ପଖାପାଖି ୪ କିଲୋମିଟରରୁ ଊର୍ଦ୍ଧ୍ୱ ରାସ୍ତା ସମ୍ପୂର୍ଣ୍ଣ ଜରାଜୀର୍ଣ୍ଣ ପାଲଟିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ମୋଟରସାଇକଲ ଓ ସାଇକେଲ ଯୋଗେ ଯାଉଥିବା ଲୋକମାନେ ଦୈନିକ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏହାର ତତ୍କାଳ ମରାମତି ଆବଶ୍ୟକ ହେଉଥିବାବେଳେ ଏଥିପ୍ରତି କେହି ଧ୍ୟାନ ଦେଉନାହାନ୍ତି। କେନାଲ ରାସ୍ତାଟିର ଭାଗ୍ୟ ଭବିଷ୍ୟତ ନେଇ ବିଭାଗୀୟ ଯନ୍ତ୍ରୀ ମାନେ ସଠିକ ଉତ୍ତର ଦେଇ ପାରୁନାହାନ୍ତି। ତେଣୁ ଏହା ଉପରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ କେନାଲ ରାସ୍ତା ପାର୍ଶ୍ୱବର୍ତ୍ତୀ ୭ ଖଣ୍ଡ ଗାଁର ଲୋକେ ଦାବି କରିଛନ୍ତି।

### ୪ର୍ଥ ଜିଲ୍ଲା ବିକାଶ ସମନ୍ୱୟ ଓ ନିରୀକ୍ଷଣ କମିଟି ବୈଠକ

# ଜନତାଙ୍କ ସମସ୍ୟାର ତ୍ୱରିତ ସମାଧାନ ଉପରେ ଗୁରୁତ୍ୱ




ଭଦ୍ରକ,୧୦।୭(ସମିସ): ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ, ଭଦ୍ରକଠାରେ ଆଜି ଚତୁର୍ଥ ଜିଲ୍ଲା ବିକାଶ ସମନ୍ୱୟ ଓ ନିରୀକ୍ଷଣ କମିଟି (ଦିଶା) ବୈଠକ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସାଂସଦ ଶ୍ରୀ ସେଠୀ କହିଲେ ଯେ, ଜିଲ୍ଲାର ସର୍ବାଙ୍ଗୀନ ବିକାଶ ପାଇଁ ନିର୍ବାଚିତ ଜନପ୍ରତିନିଧି ଓ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ଦୃଢ଼ ସମନ୍ୱୟ ଆବଶ୍ୟକ। ସାଧାରଣ ଜନତାଙ୍କ ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ସମସ୍ତ ବିଭାଗ ଅଗ୍ରାଧିକାର ଦେବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଭଦ୍ରକ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସୀତାଂଶୁ ଶେଖର ମହାପାତ୍ର, ଭଣ୍ଡାରିପୋଖରୀ ବିଧାୟକ ସଂଜୀବ କୁମାର ମଲ୍ଲିକ, ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ଗୁହାଣ, ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ବିଭିନ୍ନ ବିଭାଗୀୟ ଅଧିକାରୀ, ବ୍ଲକ ଓ ପଞ୍ଚାୟତସ୍ତରୀୟ ପ୍ରତିନିଧି ଏବଂ ସମସ୍ତ ବିଡିଓ ମଧ ଏଥିରେ ଯୋଗ ଦେଇଥିଲେ। ତୃତୀୟ ଦିଶା ବୈଠକରେ ନିଆଯାଇଥିବା ନିଷ୍ପତ୍ତିଗୁଡ଼ିକର କାର୍ଯ୍ୟାନ୍ୱୟନ ଓ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ବର୍ଷା ଯୋଗୁଁ ଖରାପ ହୋଇଥିବା ରାସ୍ତାଗୁଡ଼ିକୁ ତୁରନ୍ତ ମରାମତି କରିବା ଏବଂ ନାଳ ଗୁଡ଼ିକରେ ଜମିଥିବା ଜଳକୁ ନିଷ୍କାସନ କରିବା ପାଇଁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଗଲା। ଜିଲ୍ଲାର ଚିକିତ୍ସାଳୟ, ଶିକ୍ଷା ଓ ଅନ୍ୟାନ୍ୟ ବିଭାଗରେ ଖାଲି ପଡ଼ିଥିବା ପଦବୀଗୁଡ଼ିକୁ ଶୀଘ୍ର ପୂରଣ କରିବା ପାଇଁ ସମ୍ପୃକ୍ତ ବିଭାଗକୁ ଅବଗତ କରାଇବାକୁ ନିର୍ଦ୍ଦେଶ ଦିଆଗଲା। ଏହି ବୈଠକରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା, ଜାତୀୟ ରାଜପଥ, ପାନୀୟ ଜଳ ଯୋଗାଣ, ନଳକୂପ ଖନନ, ସମବାୟ ସମିତି, ମଡେଲ ମଣ୍ଡି, ମେଡିକାଲ କଲେଜ, ପର୍ଯ୍ୟଟନ, ବ୍ରିଜ୍ ନିର୍ମାଣ, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ପାରମ୍ପରିକ କୃଷି ବିକାଶ, ଖାଦ୍ୟ ସୁରକ୍ଷା ଯୋଜନା, ଜଳସେଚନ, ବାଇପାସ୍ ରାସ୍ତା, ଆହାର କେନ୍ଦ୍ର, ଶିକ୍ଷା ଓ ଚିକିତ୍ସା ଆଦି ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ଜନପ୍ରତିନିଧିମାନଙ୍କ ଦ୍ୱାରା ଉଠାଯାଇଥିବା ବିଭିନ୍ନ ସମସ୍ୟା ଓ ପ୍ରସଙ୍ଗ ଉପରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ସ୍ପଷ୍ଟୀକରଣ ପ୍ରଦାନ କରିଥିଲେ। ଜିଲ୍ଲାପାଳ ଶ୍ରୀ ରାଉତରାଏ ଜିଲ୍ଲାରେ ଚାଲିଥିବା ବିକାଶମୂଳକ କାର୍ଯ୍ୟର ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

# ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ,୧୦।୭(ସମିସ): ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ପ୍ରଦତ୍ତ କାର୍ଯ୍ୟକ୍ରମ ଅନୁସାରେ ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ଦ୍ୱାରା ଏକ ସଚେତନତା କାର୍ଯ୍ୟକ୍ରମ ଭଦ୍ରକ ବ୍ଲକ ଏରେଇଁ ଗ୍ରାମ ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ଏହି କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ପରିଚାଳନା କରିଥିଲେ। ଅତିଥିମାନଙ୍କ ମଧ୍ୟରେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ସହାୟକ ସଞ୍ଜିତ ଦେ, ଶ୍ରମ ବିଭାଗ ପରିଦର୍ଶକ ତେଜସ୍ୱିନୀ ନାୟକ, ଭଦ୍ରକ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ସୌମ୍ୟାଜିତ ବେହେରା, ଏଲ୍ଏଡିଏସ୍ଏସ୍‌ର



ପ୍ରତିପକ୍ଷ ଓକିଲ ତାପସ କୁମାର ମହାନ୍ତି, ଏରେଇଁ ସରପଞ୍ଚ ଉର୍ମିଳା ଜେନା, ସାମାଜିକ କର୍ମୀ ରତ୍ନାକର ସାମଲ, ସୁଶାନ୍ତ କୁମାର ଦାସ, ପିଏଲ୍‌ଭି ଅନ୍ନପୂର୍ଣ୍ଣା ସାହୁ, ଚାରୁଲତା ବେହେରା ତଥା ୭୦ରୁ ଊର୍ଦ୍ଧ୍ୱ ଜନସାଧାରଣ ଯୋଗ ଦେଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମ ଜରିଆରେ ନାଲସା ସ୍ପୃହା ଯୋଜନା-୨୦୨୫ ଏବଂ ନାଲସା(ଦାରିଦ୍ର୍ୟ ଦୂରୀକରଣର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ)ଯୋଜନା, ୨୦୧୫ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମ ଅବସରରେ ଶ୍ରମ ବିଭାଗ ଦ୍ୱାରା ଶ୍ରମ କାର୍ଡ ଏବଂ ସାମାଜିକ ସୁରକ୍ଷା ବିଭାଗ ଦ୍ୱାରା ମଧୁ ବାବୁ ପେନସନ ଯୋଜନା ଅନ୍ତର୍ଗତ ବାର୍ଦ୍ଧକ୍ୟ ଭତ୍ତା, ବିକଳାଙ୍ଗ ଭତ୍ତା , ବିଧବା ଭତ୍ତା ଇତ୍ୟାଦି ପ୍ରଦାନ କରାଯାଇଥିଲା। ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମୀଗଣ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମିଶନ ଶକ୍ତି ମହିଳା କର୍ମଚାରୀଙ୍କୁ ନିମ୍ନମାନର ୟୁନିଫର୍ମ ବଣ୍ଟନ ଅଭିଯୋଗ

ଭଣ୍ଡାରିପୋଖରୀ,୧୦।୭(ସମିସ): ଶୁକ୍ରବାର ଭଣ୍ଡାରିପୋଖରୀ ବ୍ଲକ୍‌ର ମିଶନ ଶକ୍ତି ମହିଳା କର୍ମଚାରୀଙ୍କୁ ନିମ୍ନମାନର ୟୁନିଫର୍ମ ବଣ୍ଟନ କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ମହିଳା କର୍ମଚାରୀଙ୍କ ଭିତରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ ଓଡ଼ିଶା ସରକାରଙ୍କ ପକ୍ଷରୁ (ଏମ୍‌ବିକେ), (ସିଆର୍‌ପି) ଓ ବ୍ୟାଙ୍କ ମିତ୍ର କର୍ମଚାରୀଙ୍କୁ ୟୁନିଫର୍ମ ବାବଦକୁ ୧ହଜାର ଟଙ୍କା ପ୍ରଦାନ କରିଥିଲେ ସରକାର। ମାତ୍ର ମିଶନ ଶକ୍ତି ବିଭାଗ ଜିଲ୍ଲା କାର୍ଯ୍ୟାଳୟରୁ ୟୁନିଫର୍ମ ବଣ୍ଟନ ବ୍ୟବସ୍ଥା ପାଇଁ କୌଣସି ଚିଠି ହୋଇନଥିଲା ବେଳେ ବିନା ଅନୁମତିରେ କିପରି ନିମ୍ନମାନର ୟୁନିଫର୍ମ ବଣ୍ଟନ କରାଯାଇଛି ତାକୁ ନେଇ କର୍ମଚାରୀମାନେ ପ୍ରଶ୍ନ ଉଠାଇଛନ୍ତି। ମିଶନ ଶକ୍ତି ମହିଳା କର୍ମଚାରୀମାନଙ୍କ ପାଖରୁ ସରକାରଙ୍କ ତରଫରୁ ୟୁନିଫର୍ମ ବାବଦକୁ ଆସିଥିବା ଅର୍ଥ ରାଶି ଦେବା ପାଇଁ ବାଧ କରାଯାଇଥିଲା। ଏବେ ୟୁନିଫର୍ମ ଗୁଡ଼ିକ ନିମ୍ନମାନର ହୋଇଥିବାରୁ ପିନ୍ଧିବା ଅସମ୍ଭବ ବୋଲି ଭାବି କିଛି ମିଶନ ଶକ୍ତି ମହିଳା କର୍ମଚାରୀ ବାହାର ମାର୍କେଟରୁ କ୍ରୟ କରିବେ ବୋଲି କହି ୟୁନିଫର୍ମ ଆଣି ନଥିବା ଦେଖିବାକୁ ମିଳିଛି। ଯେଉଁ ପ୍ରଦ୍ୟୁସର ଗ୍ରୁପ୍ ମହିଳା କର୍ମଚାରୀ ମାନେ ଅଭିଯୋଗ କରୁଥିଲେ ସେମାନଙ୍କୁ ଜିଲ୍ଲା କାର୍ଯ୍ୟାଳୟରୁ ଆଦେଶ ଅଛି ବୋଲି କହି ନେବା ପାଇଁ ବାଧ କରାଯାଉଥିଲା। ଏହି ବାବଦରେ କିଛି ଗଣମାଧମ ଭଣ୍ଡାରିପୋଖରୀ ବ୍ଲକ ମିଶନ ଶକ୍ତି ଅଫିସରେ ପହଞ୍ଚିଲା ପରେ ଶ୍ରୀ ଅନ୍ନପୂର୍ଣ୍ଣା ଟେକ୍ସଟାଇଲ ନାମରେ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ମିଶନ ଶକ୍ତି କର୍ମଚାରୀ ମାନଙ୍କ ଅର୍ଥ ରାଶି ପ୍ରଦାନ କରାଯାଇ ୟୁନିଫର୍ମ ବଟଂନ କରାଯାଉଥିବା ଦେଖିବାକୁ ମିଳିଥିଲା। ଗଣମାଧମ ଟିମ୍ ପଚାରି ବୁଝିବା ପରେ ଜଣାପଡ଼ିଥିଲା ବନ୍ତ ବ୍ଲକ୍‌ର କାଦମ୍ବରାଙ୍ଗ ପଞ୍ଚାୟତର ବାବା ଧବଳେଶ୍ୱର ଗ୍ରୁପ ବଣ୍ଟନ କରିବା ପାଇଁ ୟୁନିଫର୍ମଗୁଡ଼ିକୁ ପଠାଇ ଥିଲେ ବୋଲି ବ୍ଲକ୍ ପୋଗ୍ରାମ ମ୍ୟାନେଜର ଶ୍ରୀକାନ୍ତ ଜେନା ସୂଚନା ପ୍ରଦାନ କରିଥିଲେ। ବଣ୍ଟନ ଦାୟିତ୍ୱରେ ଥିଲା ବେଳେ ମିଶନ ଶକ୍ତି ବ୍ଲକ କାର୍ଯ୍ୟକ୍ରମ ସଂଯୋଜକ କାଞ୍ଚନବାଳା ମଲ୍ଲିକ କୌଣସି ଚିଠି କିମ୍ବା ଅନୁମୋଦନ ଲିଖିତ ଆକାରରେ ହୋଇନଥିବା କହିଛନ୍ତି। କାଦମ୍ବରାଙ୍ଗ ପଞ୍ଚାୟତର ବାବା ଧବଳେଶ୍ୱର ଗ୍ରୁପ କିପରି ବିନା ଅନୁମତିରେ ନିମ୍ନମାନର ୟୁନିଫର୍ମ ବଣ୍ଟନ କରୁଥିଲେ ଏହାର ଉଚ୍ଚ ସ୍ତରୀୟ ତଦନ୍ତ କରିବା ନିମନ୍ତେ ଦାବି ହୋଇଛି।



# ଭଦ୍ରକ ଜିଲ୍ଲା ବ୍ୟାଡମିଣ୍ଟନ ଚାମ୍ପିଅନସିପ୍ ଉଦ୍‌ଯାପିତ

ଭଦ୍ରକ,୧୦।୭(ସମିସ): ଜିଲ୍ଲା ସଟଲ୍ ଆସୋସିଏସନ୍ ଆୟୋଜିତ ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ଆସୋସିଏସନ୍ ସ୍ୱୀକୃତିପ୍ରାପ୍ତ ଭଦ୍ରକ ଜିଲ୍ଲା ଚାମ୍ପିଅନସିପ୍ ଟୁର୍ଣ୍ଣାମେଣ୍ଟ ବାଗୁରାଇସ୍ଥିତ ବହୁମୁଖୀ ଇନ୍‌ଡୋର୍ ଷ୍ଟାଡିୟମ ପରିସରରେ ଉଦ୍‌ଯାପିତ ହୋଇଯାଇଛି। ୨ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥିବା ଏହି ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ଓ ବିଭିନ୍ନ ବ୍ଲକ୍‌ରୁ ୨ଶହରୁ ଅଧିକ ପ୍ରତିଯୋଗୀ ଭାଗ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ସମ୍ମାନିତ ଅତିଥି ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ଟାଉନ ଥାନାଧିକାରୀ ପ୍ରଭାଂଶୁଶେଖର ମିଶ୍ର, ଅନ୍ୟତମ ଅତିଥି ଜିଲ୍ଲା ସହଯୋଗୀ କ୍ରୀଡ଼ାଅଧିକାରୀ ରମେଶ ମହାନ୍ତି, ଦେବଦତ୍ତ ମହାନ୍ତି, ଜିଲ୍ଲା ସଟଲର ସଭାପତି ମହେଶ ପ୍ରସାଦ ଦାସ, ଉପସଭାପତି ଜୟପ୍ରକାଶ ଜେନା, ସମ୍ପାଦକ ସମୀରକାନ୍ତ ଦାସ, କୋଷାଧକ୍ଷ ରାଜେଶ ଦାସ, ସଂଯୋଜକ ବିଭୁକଲ୍ୟାଣ ବାରିକ, ପୀୟୂଷ ଦାସ, ନିରୋଜ ଦାସ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟଅତିଥି ତାଙ୍କ ଅଭିଭାଷଣରେ ଭଦ୍ରକ ଜିଲ୍ଲା ଚାମ୍ପିଅନସିପ୍ ଭଦ୍ରକର ଛୋଟ ଛୋଟ ପିଲାମାନଙ୍କ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରିବାର ପ୍ରଥମ ସୋପାନ ବୋଲି କହିଥିଲେ। ଏ ଦିଗରେ ଏପରି ଉଦ୍ୟମକୁ ସାଧୁବାଦ ଜଣାଇଥିଲେ। ଏହି ଅବସରରେ ବିଭିନ୍ନ ବର୍ଗରେ ୧୧ବର୍ଷରୁ କମ ମିନି ବିଭାଗ, ୧୩ ଓ ୧୫ ବର୍ଷରୁ କମ ସବଜୁନିୟର ବିଭାଗ, ୧୯ ବର୍ଷରୁ କମ ଜୁନିୟର ବିଭାଗ, ୩୫ ଓ ୪୫ ବର୍ଷ ସିନିୟର ବିଭାଗର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କାର ବିତରଣ କରିଥିଲେ।



### ବିନା ସମନ୍ୱୟରେ ରାସ୍ତା କାର୍ଯ୍ୟ

# ନଷ୍ଟ ହେଉଛି ଜଳଯୋଗାଣ ପଥ

### ମନ୍ତ୍ରୀଙ୍କ କଥା ପାଣିରେ ଗାର

ବାରିକପୁର,୧୦।୭(ସମିସ)



ଯେଉଁ ସ୍ଥାନରେ ଉନ୍ନୟନ ମୂଳକ ପ୍ରକଳ୍ପ ତଥା ନୂତନ ଭାବେ ରାସ୍ତା ନିର୍ମାଣ କାର୍ଯ୍ୟ ହେବ ସେଠି ଯେମିତି ପାନୀୟ ଜଳ ଯୋଗାଣ ପଥକୁ ସୁରକ୍ଷିତ ରଖା ଯାଇପାରିବ ସେ ନେଇ ସମସ୍ତେ ଦୃଷ୍ଟି ଦେବାକୁ କିଛିଦିନ ପୂର୍ବରୁ ବିଭାଗୀୟ ମନ୍ତ୍ରୀ କଡ଼ାକଡ଼ି ନିର୍ଦ୍ଦେଶ ଦେଇଥିଲେ। ଏପରିକି ପାନୀୟ ଜଳ ଯୋଗାଣ ବିଭାଗ ସହିତ ଅନ୍ୟାନ୍ୟ ବିଭାଗ ସମନ୍ୱୟ ରକ୍ଷାକରି କାମ କରିବାକୁ କହିଥିଲେ। ପରିତାପର ବିଷୟ ମନ୍ତ୍ରୀଙ୍କ କଥା ସତେଯେମିତି ପାଣିର ଗାର ସଦୃଶ ହୋଇଛି। ଯାହାର ନିଛକ ଉଦାହରଣ ଦେଖିବାକୁ ମିଳିଛି ଭଣ୍ଡାରିପୋଖରୀ ବ୍ଲକ୍ କୋରି ଗାଁ କଣ୍ଟିରାସ୍ତା ନିର୍ମାଣ କାର୍ଯ୍ୟରେ।

ସୂଚନା ମୁତାବକ ଏବେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କୋରି ଗାଁ ପଞ୍ଚାୟତ ଶେଷ ସୀମାରୁ କଣ୍ଟି ସ୍କୁଲ ଛକ ଯାଏଁ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ହେଉଛି। ରାସ୍ତା କାର୍ଯ୍ୟ ପାଇଁ ମାଟି କାମ ପ୍ରାୟତଃ ଶେଷ ହୋଇଥିବା ବେଳେ ସ୍ଥାନେ ସ୍ଥାନେ କଂକ୍ରିଟ ୱାଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଦୁଃଖର ବିଷୟ ୱାଲ ନିର୍ମାଣ ପାଇଁ ରାସ୍ତା ପାର୍ଶ୍ୱରେ ମାଟି ଖୋଳା ଯାଉଥିବା ବେଳେ ତଳେ ଥିବା ଜଳ ଯୋଗାଣ ପାଇପ ନଷ୍ଟ ହେଉଛି।ଏଥି ଯୋଗୁଁ ଜଳ ଯୋଗାଣରେ ବାଧା ସୃଷ୍ଟି ହେଉଥିବା ବେଳେ ସ୍ଥାନୀୟ ନୟନଯୋରୀ ଓ ଗାଁ ରାସ୍ତାରେ ଦୈନିକ ପାଣି ଲହଡ଼ି ଭାଙ୍ଗୁଛି। ଠିକା ସଂସ୍ଥା ଅତି ବେପରୁଆ ଭାବେ ଦାୟିତ୍ୱ ବିହୀନ ହୋଇ କାମ କରିବା କାରଣରୁ ଗ୍ରାମ୍ୟ ଜଳଯୋଗାଣ ପଥ ଅଧିକାଂଶ ସ୍ଥାନରେ ନଷ୍ଟ ହେଉଥିବା ସ୍ଥାନୀୟ ଜନସାଧାରଣ ମାନେ ଅଭିଯୋଗ କରିଛନ୍ତି। ଏନେଇ ଜିଲ୍ଲା ପାନୀୟ ଜଳ ଯୋଗାଣ ନିର୍ବାହୀ ଯନ୍ତ୍ରୀଙ୍କ ମତାମତ ନେବାରୁ ସେ ଏ ବିଷୟରେ କିଛି ଜାଣିନଥିବା କହିଛନ୍ତି। ଜଳଯୋଗାଣ ବିଭାଗ ପକ୍ଷରୁ ସମସ୍ତ ବିଭାଗକୁ ଚିଠି ହୋଇଥିଲେ ସୁଦ୍ଧା କାମ ପୂର୍ବରୁ କେହି କିଛି ସୂଚନା ଦେଉ ନାହାନ୍ତି ବୋଲି ଅଧିକାରୀ ଜଣଙ୍କ ମତ ଦେଇଛନ୍ତି। ତେଣୁ ମନ୍ତ୍ରୀ ଯେଉଁ ନିର୍ଦ୍ଦେଶ ଦେଇଥିଲେ ତାହାକୁ ବିଭିନ୍ନ ବିଭାଗର ଅଧିକାରୀ କାର୍ଯ୍ୟକାରୀ କରୁନାହାନ୍ତି ବୋଲି ଏଥିରୁ ସ୍ପଷ୍ଟ ଜଣାପଡ଼ୁଛି। ଏହା ଉପରେ ଭଦ୍ରକ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏବିଭିପିର ପ୍ରତିଷ୍ଠା ଦିବସ

ଭଦ୍ରକ,୧୦।୭(ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ୭୮ତମ ପ୍ରତିଷ୍ଠା ଦିବସ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମର ଆରମ୍ଭରେ ଏବିଭିପିର ପତାକା ଉତୋଳନ କରାଯାଇଥିଲା। ପରେ 'ରାଷ୍ଟ୍ର ପୁନଃନିର୍ମାଣରେ ବିଦ୍ୟାର୍ଥୀଙ୍କ ଭୂମିକା' ଶୀର୍ଷକରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଓଡ଼ିଶା ପୂର୍ବ ପ୍ରାନ୍ତର ସହ-କାର୍ଯ୍ୟବାହ ରବି ନାରାୟଣ ପଣ୍ଡା ଏବଂ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ତଥା ଭାରତ ବିକାଶ ପରିଷଦର ସଭାପତି ଡ. ଦୁର୍ଗାଶଙ୍କର ଦାସ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଶେଷ ଭାବେ ଏବିଭିପି ଓଡ଼ିଶାର ପୂର୍ବତନ ରାଜ୍ୟ ଉପସଭାପତି ଅବସରପ୍ରାପ୍ତ ପ୍ରାଧ୍ୟାପକ ସଂଗ୍ରାମକେଶରୀ ମହାନ୍ତି, ଏବିଭିପି ଭଦ୍ରକ ଜିଲ୍ଲା ପ୍ରମୁଖ ଡ.ବସନ୍ତ କୁମାର ଦୀକ୍ଷିତ, ଜିଲ୍ଲା ବ୍ୟବସ୍ଥା ପ୍ରମୁଖ ସ୍ୱାଧୀନ ସୁନ୍ଦର ଦାସ ଏବଂ ଜିଲ୍ଲା ସଂଯୋଜକ ଓମକାର ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ଭଦ୍ରକ ନଗର ସହ ସମ୍ପାଦକ ମନୋରଞ୍ଜନ ମହାନ୍ତି, ଶୁଭମ୍ ପାଢ଼ୀ, କ୍ୟାମ୍ପସ ୟୁନିଟ୍ ସଭାପତି ପ୍ରଜ୍ଞାନ ସାହୁ, କ୍ୟାମ୍ପସ ୟୁନିଟ୍ ସମ୍ପାଦକ ଦିବ୍ୟରଞ୍ଜନ ଦାସ, ବିଭୂତି ମଲ୍ଲିକ, ବିଶ୍ୱରଞ୍ଜନ ମହାରଣା, ପ୍ରିୟଙ୍କା ଦାସ, ରୁବି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



### ବିଧାୟିକା, ଅଧ୍ୟକ୍ଷ ଓ ବିଡିଓଙ୍କ ବିରୋଧରେ ବର୍ଷିଲେ ପଞ୍ଚାୟତ ଜନପ୍ରତିନିଧି

# ପିସି କାରବାର ଓ ଶାସକ ଦଳ କବ୍‌ଜାରେ ଉନ୍ନୟନ କାମ

ବାରିପଦା,୧୦।୭ (ସମିସ)




ମୟୂରଭଞ୍ଜ ଜିଲ୍ଲା ଶ୍ୟାମାଖୁଣ୍ଟା ବ୍ଲକ୍ ପ୍ରଶାସନ ଓ ସ୍ଥାନୀୟ ବିଧାୟିକାଙ୍କ କାର୍ଯ୍ୟଶୈଳୀକୁ ନେଇ ନିର୍ବାଚିତ ପଞ୍ଚାୟତ ଜନପ୍ରତିନିଧିଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବ୍ଲକରେ ଚାଲିଥିବା ପିସି କାରବାର ଓ ବିକାଶମୂଳକ କାମରେ ପିଆଇଆର (ପଞ୍ଚାୟତିରାଜ ନିର୍ବାଚିତ) ପ୍ରତିନିଧିଙ୍କୁ ଅଣଦେଖା କରାଯାଉଥିବା ନେଇ ଶ୍ୟାମାଖୁଣ୍ଟା ବ୍ଲକ ବିକାଶ ମଞ୍ଚ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଙ୍ଗୀନ ଅଭିଯୋଗ ଅଣାଯାଇଛି।

ବାଙ୍ଗିରିପୋଷି ସରପଞ୍ଚ ଲମ୍ବୋଦର ସିଂ ଓ ବାଲିଡିହା ସମିତିସଭ୍ୟ ଗୁରୁପ୍ରସାଦ ଡାଙ୍ଗୁଆ ଅଭିଯୋଗ କରିଛନ୍ତି ଯେ, ଶ୍ୟାମାଖୁଣ୍ଟା ବିଡିଓ ସିଧାସଳଖ ୧୦ ପ୍ରତିଶତ ପିସି ମାଗୁଛନ୍ତି। ବିକଶିତ ଗ୍ରାମ, ବିକଶିତ ଓଡ଼ିଶା ଯୋଜନାରେ ପୂର୍ବରୁ ବିଧାୟକଙ୍କ ୪୦ ପ୍ରତିଶତ, ଜିଲ୍ଲା ପରିଷଦ ସଦସ୍ୟ, ସରପଞ୍ଚ ଓ ସମିତି ସଭ୍ୟଙ୍କ ଜରିଆରେ ୨୦ ପ୍ରତିଶତ ଲେଖାଏଁ ଉନ୍ନୟନମୂଳକ କାର୍ଯ୍ୟ ହେବାର ସମ୍ଭାବନା ରହିଥିଲା। ବର୍ତ୍ତମାନ ବିଡିଓ ମୁନା ସେଠୀ ଓ ବିଧାୟିକା ସଞ୍ଜଲୀ ମୁର୍ମୁ ମିଶି ୧୦୦ ପ୍ରତିଶତ କାର୍ଯ୍ୟ ଶାସକ ଦଳ କର୍ମୀଙ୍କ ଦ୍ୱାରା କରାଇବାକୁ ଚକ୍ରାନ୍ତ କରୁଛନ୍ତି। ଫଳରେ ପଞ୍ଚାୟତଗୁଡ଼ିକରେ ବିକାଶ ବାଧାପ୍ରାପ୍ତ ହେଉଛି। ଏ ନେଇ ଅଧ୍ୟକ୍ଷ ଚନ୍ଦ୍ର ମୋହନ ସିଂଙ୍କ ସହିତ ଜିଲ୍ଲାପରିଷଦ ସଭ୍ୟ/ସଭ୍ୟା ଅଧିକାଂଶ ସରପଞ୍ଚ ଓ ସମିତି ସଭ୍ୟ/ସଭ୍ୟା ବିରୋଧ କରି ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ତଦନ୍ତ ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ଅଧ୍ୟକ୍ଷା ଓ କିଛି ସମିତି ସଭ୍ୟ ଶେଷ ମୁହୂର୍ତ୍ତରେ ବିଧାୟିକା ଓ ବିଡିଓଙ୍କ ପକ୍ଷ ନେଇ କାର୍ଯ୍ୟ ଆରମ୍ଭ କରିଛନ୍ତି। ଯାହା ବ୍ଲକ ଜନସାଧାରଣ ବିଚାର କରିବେ। ଜନପ୍ରତିନିଧି ଆହୁରି ମଧ୍ୟ ଅଭିଯୋଗ କରିଛନ୍ତି ଯେ, ଗତ ମେ' ୫ ତାରିଖରେ ସରକାରୀ ଅନୁଦାନର ବିକାଶ ଧାରା, ଓଡିଶା ସାରା କାର୍ଯ୍ୟକ୍ରମରେ ବ୍ଲକ ଚେୟାରମ୍ୟାନ କିମ୍ବା କୌଣସି ପିଆଇଆର ସଭ୍ୟଙ୍କୁ ନିମନ୍ତ୍ରଣ କରାଯାଇ ନ ଥିଲା। ବରଂ ସରକାରୀ ନିୟମକୁ ଜଳାଞ୍ଜଳି ଦେଇ ବିଧାୟିକା ପିଏ ଓ ବିଜେପି ଦଳର କାର୍ଯ୍ୟକର୍ତ୍ତାଙ୍କୁ ମୁଖ୍ୟଅତିଥି କରି ବିଡିଓଙ୍କ ଉପସ୍ଥିତିରେ ଫିତା କଟାଯାଇଥିଲା। ଯାହାକି ଅତ୍ୟନ୍ତ ନିନ୍ଦନୀୟ। ବିଡିଓ ଜଣେ ସରକାରୀ ଅଧିକାରୀ ନୁହଁନ୍ତି, ବରଂ ବିଜେପି ଦଳର ଜଣେ କର୍ମୀ ଭଳି କାର୍ଯ୍ୟ କରୁଛନ୍ତି ବୋଲି ସେମାନେ କହିଛନ୍ତି।

ଏହି ଦୁର୍ନୀତି ବିରୋଧରେ ଗତ ଜୁଲାଇ ୭ ଓ ୮ ତାରିଖରେ ବିକାଶ ମଞ୍ଚ ପକ୍ଷରୁ ସମସ୍ତ ସରପଞ୍ଚ, ସମିତି ସଭ୍ୟ ଓ ଜିଲ୍ଲା ପରିଷଦ ସଭ୍ୟଙ୍କ ସହମତିରେ ଏକ ଶୋଭାଯାତ୍ରା ଓ ଧାରଣା ଦିଆଯାଇଥିଲା।

ଶାସକ ଦଳର କିଛି ନେତା ଓ ସମିତି ସଭ୍ୟ (ସୋମନାଥ ସିଂ ଓ ମାନସ କୁମାର ଦାସ) ଧାରଣାରେ ବସିଥିବା ପ୍ରତିନିଧିଙ୍କୁ

## ବିଡିଓ ବିଜେପି କର୍ମୀ ଭାବେ କାମ କରୁଛନ୍ତି

କଣ୍ଠରୋଧ କରିବାକୁ ଚେଷ୍ଟା କରିବା ସହ ମଞ୍ଚ ଭାଙ୍ଗି ଦେଇଥିଲେ ଓ ଜନପ୍ରତିନିଧିଙ୍କୁ ଧମକ ଚମକ ଦେଇଥିଲେ। ଏ ସମ୍ପର୍କରେ ବାରିପଦା ସଦର ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଥିଲେ ହେଁ ପୁଲିସ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଅପରପକ୍ଷରେ ଏହା ପୂର୍ବରୁ ଅନ୍ୟଏକ ସାମ୍ବାଦିକ ସମ୍ମିଳନୀରେ ସିନ୍ଦୁରଗୌରା ପଞ୍ଚାୟତର ସରପଞ୍ଚ ଆକାଶ ସିଂଙ୍କ ମାଧ୍ୟମରେ ବ୍ଲକ ଅଧ୍ୟକ୍ଷ ଚନ୍ଦ୍ରମୋହନ ସିଂ ଓ ଉପାଧ୍ୟକ୍ଷା ନମିତା ସିଂଙ୍କ ସମେତ କିଛି ସମିତି ସଭ୍ୟ/ସଭ୍ୟା ବିକାଶ ମଞ୍ଚକୁ ବଦନାମ କରିବା ହୀନମନ୍ୟତା ବୋଲି କହିଛନ୍ତି। ପୂର୍ବରୁ ଯେଉଁ ଚେୟାରମ୍ୟାନ ବିଡିଓଙ୍କ ବିରୋଧରେ ଜିଲ୍ଲା ପ୍ରକଳ୍ପ ଅଧିକାରୀଙ୍କୁ ଲିଖିତ ଅଭିଯୋଗ ଦେଇ ଅନଶନର ଧମକ ଦେଇଥିଲେ, ସେ ଏବେ ମୋଟା ଅଙ୍କର ଅର୍ଥ ପାଇ ବିଧାୟିକା ଓ ବିଡିଓଙ୍କୁ ସମର୍ଥନ କରୁଛନ୍ତି। ଯାହା ଶ୍ୟାମାଖୁଣ୍ଟା ବ୍ଲକ ରାଜନୀତିରେ ଏକ ଲଜ୍ଜାଜନକ ବିଷୟ ବୋଲି ମଞ୍ଚର ସଦସ୍ୟ ପ୍ରକାଶ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦୁଆ ସରପଞ୍ଚ ମଲ୍ଲୀ ମାଝି, ଗୁଣ୍ଡିହୁଡ଼ି ସରପଞ୍ଚ ମାଳତୀ ମୁର୍ମୁଙ୍କ ସହ ବହୁ ଜନପ୍ରତିନିଧି ଉପସ୍ଥିତ ରହି ପ୍ରଶାସନିକ ସ୍ୱେଚ୍ଛାଚାରିତା ବିରୋଧରେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ଚେତାବନୀ ଦେଇଛନ୍ତି।

## ଜଜପଶି ପ୍ରାଥମିକ ବିଦ୍ୟାଳୟର ନୂତନଗୃହ ଉଦ୍‌ଘାଟିତ

ଡୁରୁମୁଙ୍ଗା, ୧୦।୭(ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଜଜପଶି ପଞ୍ଚାୟତ ଅନ୍ତର୍ଗତ ଜଜପଶି ସରକାରୀ ପ୍ରାଥମିକ ବିଦ୍ୟାଳୟର ନୂତନ ଗୃହ ଶୁକ୍ରବାର ଉଦଘାଟିତ ହୋଇଯାଇଛି। ଏହି ଗୃହ ପ୍ରବେଶ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ସମ୍ମାନିତ ଅତିଥି ଭାବେ ଚମ୍ପୁଆ ବିଡିଓ ସ୍ମୃତିରଞ୍ଜନ ସାହୁ, ପାଟଣା ବିଧାୟକଙ୍କ ଚମ୍ପୁଆ ବ୍ଲକ ପ୍ରତିନିଧି ଭାବଗ୍ରାହୀ ମହାନ୍ତ, ଜଜପଶି ସରପଞ୍ଚ ସୁବାସିନୀ ନାଏକ ପ୍ରମୁଖ ଯୋଗ ଦେଇଥିଲେ।



କାର୍ଯ୍ୟକ୍ରମରେ ଜଜପଶି ପିଇଓ ଅନୀଲ ମହାନ୍ତ, ଯନ୍ତ୍ରୀ ସୁବୋଧ ବେଉରିଆ, ଜ୍ୟୋତିପୁର ସିଆରସିସି ଦୁଷ୍ମନ୍ତ ବାରିକ, ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଉର୍ବଶୀ ମହାନ୍ତ, ଅଜିତ ତ୍ରିପାଠୀ, ଅଚ୍ୟୁତାନନ୍ଦ କରସୋମନାଥ କରଙ୍କ ସହ ଛାତ୍ରଛାତ୍ରୀ, ଗ୍ରାମବାସୀ ଉପସ୍ଥିତ ଥିଲେ।

### ● 'ଗଛ ମଣିଷ'ଙ୍କ ବୃକ୍ଷରୋପଣର ୩୦ ବର୍ଷ

## ବ୍ୟାରେଜ୍ ରାସ୍ତାପାର୍ଶ୍ୱରେ ଲଗାଇଲେ ଚାରା

ଆନନ୍ଦପୁର, ୧୦।୭ (ସମିସ): ଦୀର୍ଘ ୩୦ ବର୍ଷ ଧରି ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ଅଞ୍ଚଳର ରାସ୍ତାଘାଟ, ପୋଖରୀ-ଗାଡିଆ କୂଳ, ମନ୍ଦିର ପରିସର, ବିଦ୍ୟାଳୟ ଓ ଲଣ୍ଡାପାହାଡିଆ ଅଞ୍ଚଳରେ ବୃକ୍ଷ ରୋପଣ କରୁଥିବା ପଦ୍ମନାଭ ହୋତା ଆଜି ଅନ୍ୟମାନଙ୍କ ପାଇଁ



ପ୍ରେରଣାର ଉତ୍ସ ପାଲଟିଛନ୍ତି। କୌଣସି ସରକାରୀ କିମ୍ବା ବେସରକାରୀ ସହାୟତା ନନେଇ ନିଜସ୍ୱ ଉଦ୍ୟମରେ ଗଛ ଲଗାଇ ଯେଉଁ ଅମୂଲ୍ୟ ଅବଦାନ ଦେଇଛନ୍ତି ତାହା ମାନବ ସମାଜ ପାଇଁ ବେଶ ଉପାଦେୟ ହେବ। ବନ ମହୋତ୍ସବ ସପ୍ତାହ ଅବସରରେ ଶ୍ରୀ ହୋତା ମୌସୁମୀ ଆଗମନରେ ଆନନ୍ଦପୁର ବ୍ୟାରେଜ ଆପ୍ରୋଚ ରୋଡର ଉଭୟ ପାର୍ଶ୍ୱରେ ବିଭିନ୍ନ ଫଳନ୍ତି ବୃକ୍ଷ ଲଗାଉଛନ୍ତି। ବନ ମହୋତ୍ସବ ପାଳନ ସପ୍ତାହ ଉପଲକ୍ଷେ ନିଜର ଜନ୍ମ ଦିନରେ ଅତି କମ୍‌ରେ ଗୋଟିଏ ଗଛ ଲଗାଇବା ଏବଂ ଏହାର ଯତ୍ନ ନେବା ଉଦ୍ଦେଶ୍ୟରେ ସମସ୍ତଙ୍କୁ ବାର୍ତ୍ତା ଦେଇଛନ୍ତି।

## ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ କମିଟି ବୈଠକ



ରାଇରଙ୍ଗପୁର, ୧୦।୭ (ସମିସ): ବାମନଘାଟୀ ଉପଖଣ୍ଡ ରାଇରଙ୍ଗପୁର ସହରସ୍ଥ ସ୍ଥାନୀୟ ଶ୍ରୀଜଗନ୍ନାଥ ମନ୍ଦିର ନିକଟସ୍ଥ କୁଡୁମୀ ଭବନରେ ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ କମିଟି ସଭାପତି ଭୁବନ ବିହାରୀ ସାହୁଙ୍କ ସଭାପତିତ୍ୱରେ ରାଇରଙ୍ଗପୁର ଓ ସାରସକଣା ନିର୍ବାଚନମଣ୍ଡଳୀର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର), ପ୍ରାରମ୍ଭିକ ଭୋଟର ଲିଷ୍ଟ ବିଷୟରେ ଆଲୋଚନା କରି ସମସ୍ତ ବ୍ଲକ ଓ ମ୍ୟୁନିସିପାଲିଟି ସଭାପତିଙ୍କୁ ଭୋଟର ଲିଷ୍ଟ ପ୍ରଦାନ କରାଯାଇଛି। ଏଥିସହିତ ଛାତ୍ରଛାତ୍ରୀଙ୍କ ବିଭିନ୍ନ ସମସ୍ୟା ବିଶେଷ ଭାବେ ପ୍ରଶ୍ନପତ୍ର ବାରମ୍ବାର ଲିକ୍, ଛୋଟ ଛୁଆଙ୍କ ଓଡିଆ ବହିରେ ଭୁଲ, ସାର ଦର ବୃଦ୍ଧି, ଡାକ୍ତରଖାନାରେ ନିମ୍ନମାନର ଔଷଧ, ପେଟ୍ରୋଲରେ ୨୦ ଭାଗ ଇଥେନାଲ ମିଶ୍ରଣ, ରାଇରଙ୍ଗପୁର, କରଞ୍ଜିଆ ଓ ବମ୍ବେ ଛକରେ ଉଠା ଦୋକାନୀଙ୍କ ଥଇଥାନ ନ କରି ଜନବିରୋଧୀ କାର୍ଯ୍ୟ ବିରୁଦ୍ଧରେ ଆଲୋଚନା କରି ଆଗାମୀ ଦିନରେ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ପୂର୍ବତନ ବିଧାୟକ ଲକ୍ଷ୍ମଣ ମାଝୀ, ପ୍ରହଲ୍ଲାଦ ପୂର୍ତ୍ତି, ବରିଷ୍ଠ ନେତା ଅନନ୍ତ ଖୁଣ୍ଟିଆ, ଜିଲ୍ଲା ସମ୍ପାଦକ ବସନ୍ତ ପଟ୍ଟନାୟକ, କଂଗ୍ରେସ ନେତ୍ରୀ ହେଲେନା ବାଗେ, ବେରେଲ ସିର୍କା, ଜିଲ୍ଲା ଉପସଭାପତି ମହମଦ ଅଲ୍ଲୀ ଖାନ, ଜିଲ୍ଲା କୋଷାଧ୍ୟକ୍ଷ ଜାକିର ହୁସେନ, ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା କାର୍ଯ୍ୟାଳୟ ସମ୍ପାଦକ ରୂପକ ମହାନ୍ତି, ଜିଲ୍ଲା ସମ୍ପାଦକ ଚିତ୍ତ ବିକାଶ ମହାପାତ୍ର, ମାନସିଂ ସୋରେନ, ସାରସକଣା ବ୍ଲକ ସଭାପତି ତରୁଣ ଗିରି, ରାଇରଙ୍ଗପୁର ବ୍ଲକ ସଭାପତି ସିମାଲ ମାଝୀ, ଉପସଭାପତି ପଣେଶ ମଣ୍ଡଳ, ଯୁବ ନିର୍ବାଚନମଣ୍ଡଳୀ ସଭାପତି ପିଥ ମୁର୍ମୁ, ରାଇରଙ୍ଗପୁର ଟାଉନ ସଭାପତି ଅମର ପ୍ରଧାନ, ଦେଓ ହେମ୍ବ୍ରମ, ଜାମଦା ବ୍ଲକ ସଭାପତି ସବ୍ୟସାଚୀ ଖୁଣ୍ଟିଆ ପ୍ରମୁଖ ଯୋଗ ଦେଇଥିଲେ। ବିଜାତଳା ବ୍ଲକ ବିଧାୟକ ପ୍ରାର୍ଥୀ ବେରେଲ ସିର୍କା ଧନ୍ୟବାଦ ଅର୍ପଣ କରିଥିଲେ।

## ମଶା ପ୍ରାଦୁର୍ଭାବ ବୃଦ୍ଧି ସହ ଡେଙ୍ଗୁ ଭୟ

ଆନନ୍ଦପୁର, ୧୦।୭ (ସମିସ): ଏବେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ନଦୀନାଳରେ ବର୍ଷାଜଳ ଅଧିକ ମାତ୍ରାରେ ପ୍ରବାହିତ ହେଉଛି। ଏହାଦ୍ୱାରା ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ଆନନ୍ଦପୁର ପୌର ପରିଷଦର କେତେକ ଅଞ୍ଚଳରେ ଜଳ ନିଷ୍କାସନର ବ୍ୟବସ୍ଥା ନଥିବାରୁ ପରିମଳ ଓ ସ୍ୱାସ୍ଥ୍ୟଜନକ ସମସ୍ୟା ବଢ଼ିବାରେ ଲାଗିଛି। ବିଶେଷ କରି ପୌରାଞ୍ଚଳର ୭ ନମ୍ବର ୱାର୍ଡ ଗୌଡ଼ସାହି ଓ ଏହାର ଆଖପାଖ ଅଞ୍ଚଳରେ ବସବାସ କରୁଥିବା ଅଞ୍ଚଳ ଏବଂ ୧୪ ଓ ୧୫ ନମ୍ବର ୱାର୍ଡର ବିଭିନ୍ନ ଖାଲୁଆ ଅଞ୍ଚଳରେ ବର୍ଷାଜଳ ଜମିରହିଥିବାରୁ ମଶା ବଂଶ ବୃଦ୍ଧି ପାଇ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଅନେକ ସ୍ଥାନରେ ଡ୍ରେନେଜ୍ ବ୍ୟବସ୍ଥା ନ ଥିବାରୁ ଏବଂ ଆଖପାଖ ଘର ସମ୍ମୁଖରେ ଜମି ରହୁଥିବା ଏହି ମଇଳା ପାଣି ଯୋଗୁଁ ଏବେ ଡେଙ୍ଗୁ ସଂକ୍ରାମକ ରୋଗ ବ୍ୟାପିବାର ଆଶଙ୍କା ପ୍ରକାଶ ପାଇଛି। ଦିନକୁ ଦିନ ଏହି ଆବର୍ଜନା ପାଣି ପଚି ଅଞ୍ଚଳରେ ଅସହ୍ୟ ଦୁର୍ଗନ୍ଧ ସହ ବ୍ୟାପକ ପ୍ରଦୂଷଣ ସୃଷ୍ଟି କରୁଛି। ଫଳରେ ଏହା ସ୍ଥାନୀୟବାସିନ୍ଦା ଓ ଦୋକାନୀଙ୍କ ପାଇଁ ମାରାତ୍ମକ ରୋଗକୁ ସିଧାସଳଖ ନିମନ୍ତ୍ରଣ କଲାଣି। ଜିଲ୍ଲାରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ସ୍ଥାନୀୟ ଲୋକେ ଏବେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଏ ସମ୍ପର୍କରେ ଆନନ୍ଦପୁର ପୌର ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପରେ ପାଗ ଅନୁକୂଳ ହେଲେ ପରିମଳ ଅଧିକାରୀଙ୍କ ଦ୍ୱାରା ସଫେଇ ଓ ବିଶୋଧନ ବ୍ୟବସ୍ଥା କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।


ବର୍ଷାରେ ଏବେ ପରିମଳ ଚିନ୍ତା

### ■ କାନକୁମୁରା ଗ୍ରାମବାସୀ ଦେଖିନାହାଁନ୍ତି ବିଜୁଳି ଆଲୁଅ

## ୧୧ ପରିବାର ବିଦ୍ୟୁତ୍ ସେବାରୁ ବଞ୍ଚିତ

ଶରତ,୧୦।୭(ସମିସ): କପ୍ତିପଦା ବ୍ଲକ ଅନ୍ତର୍ଗତ ଲାବଣ୍ୟଦେଇପୁର ପଞ୍ଚାୟତର କାନକୁମୁରା ଗ୍ରାମର ଅଧିକାଂଶ ଲୋକ ଆଜି ପର୍ଯ୍ୟନ୍ତ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାରୁ ବଞ୍ଚିତ ଅଛନ୍ତି। ସରକାର ମାଲମାଲ ଯୋଜନା ଜନସାଧାରଣଙ୍କ ପାଇଁ ପ୍ରଣୟନ କରୁଥିବାବେଳେ ଏହି ଗ୍ରାମର ଅଧିକାଂଶ ଲୋକଙ୍କ ପାଇଁ ସେସବୁ ଯୋଜନା ସାତସପନ ହୋଇଛି। ଏହି ଗ୍ରାମର ଜନସାଧାରଣ ବିଦ୍ୟୁତ ସଂଯୋଗ ଓ ପାଇଖାନା ପାଇବା ଭଳି ମୌଳିକ ସମସ୍ୟାଠାରୁ ଦୂରରେ ଅଛନ୍ତି। ଗ୍ରାମର କୁଆଁର ସିଂ, ସିନୁ ସିଂ, ସାଲୁ ସିଂ, ଜୟପାଲ ସିଂ, ସମୟ ବିନ୍ଧାଣି, କୁନା ସିଂ, ପେଲେ ଚାମ୍ପିଆ, ବିକ୍ରମ ସିଂ, ଅସୁଲ ସିଂ, ଦୁମ୍ବୀ ସିଂ, ଡାକ୍ତର ସାମାଡ ପ୍ରମୁଖ ଲୋକଙ୍କୁ ଆଜି ପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ମିଳିନି। ସେମାନେ ବହୁବାର ବିଦ୍ୟୁତ ସଂଯୋଗ ପାଇଁ ପ୍ରଶାସନ ନିକରେ ଆବେଦନ କରିଥିଲେ। ଚଳିତଥର ଶରତଠାରେ ହୋଇଥିବା ଜନଶୁଣାଣିରେ ମଧ୍ୟ ଗ୍ରାମବାସୀ ମିଳିତ ଭାବେ ପ୍ରଶାସନ ନିକଟରେ ଆବେଦନ କରିଥିଲେ। ପ୍ରଶାସନ ଏଥିପ୍ରତି କର୍ଣ୍ଣପାତ କରିନାହାଁନ୍ତି ବୋଲି ଅଭିଯୋଗ କରିଛନ୍ତି। ବିଜୁଳି ନ ଥିବା ହେତୁ ଅନେକ ସମୟରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିଭଳି କୁଆଁର ସିଂ, ଦୁର୍ଗା ସିଂ, ମାଣିକ ସିଂ, ବନମାଳୀ ସିଂ, କାଇର ସିଂ, କୁନା ସିଂ, ଘନଶ୍ୟାମ ସିଂଙ୍କ ଆଜି ପର୍ଯ୍ୟନ୍ତ ପାଇଖାନା ହୋଇପାରିଲାନାହିଁ। ଆଗାମୀ ତିନିମାସ ମଧ୍ୟରେ ଏସବୁ ସମସ୍ୟାର ସମାଧାନ ହୋଇ ନ ପାରିଲେ ଗ୍ରାମବାସୀ କପ୍ତିପଦା-ଠାକୁରମୁଣ୍ଡା ମୁଖ୍ୟ ରାସ୍ତାକୁ ଅବରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି।



## ବାମନଘାଟୀ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

ରାଇରଙ୍ଗପୁର,୧୦।୭ (ସମିସ): ଆଜି ଅପରାହ୍ନରେ ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ଅଜିତ କୁମାରଙ୍କ ଅଧ୍ୟକ୍ଷତାରେ ରାଇରଙ୍ଗପୁର ଷ୍ଟାଡ଼ିୟମରେ ହେବାକୁ ଥିବା ୮୦ତମ ସ୍ୱାଧୀନତା ଦିବସ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଆରକ୍ଷୀ ଅଧୀକ୍ଷକ,ରାଇରଙ୍ଗପୁର ସୁରେଶ ଚନ୍ଦ୍ର ପାତ୍ର, ଉପଜିଲ୍ଲାପାଳ ଉଗ୍ରସେନ ଓରାମ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଯଦୁନାଥ ଜେନା ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ଯୋଗ ଦେଇଥିବା ସମସ୍ତଙ୍କୁ ସ୍ୱାଗତ କରିବା ସହ ଏହି ବୈଠକର ଆଭିମୁଖ୍ୟ କହିଥିଲେ। ଏ ଅବସରରେ ଅତିରିକ୍ତ ଜିଲ୍ଲାପାଳ ଅଜିତ କୁମାର କହିଥିଲେ ଏହି ଜାତୀୟ ଦିବସକୁ ଉପଖଣ୍ଡ ସ୍ତରରେ ସୁନ୍ଦର, ଶୃଙ୍ଖଳିତ ଭାବେ ପାଳନ କରିବା ପାଇଁ ଯେଉଁ ବିଭାଗର ଯେଉଁ ଦାୟିତ୍ୱ ରହିଛି ତାହାକୁ ସକାରାତ୍ମକ ଭାବେ ସମ୍ପାଦନ କରିବା ପାଇଁ ପରାମର୍ଶ ଦେଇଥିଲେ।

ସେହିପରି ଆରକ୍ଷୀ ଅଧୀକ୍ଷକ ଶ୍ରୀ ପାତ୍ର କହିଥିଲେ, ରାଇରଙ୍ଗପୁର ନୂତନ ପୁଲିସ ଜିଲ୍ଲା କାର୍ଯ୍ୟକ୍ଷମ ହେବାପରେ ଚଳିତ ବର୍ଷ ପ୍ରଥମ କରି ଏହି ଜାତୀୟ ଦିବସକୁ ଜିଲ୍ଲାସ୍ତରୀୟ ଢଙ୍ଗରେ ପାଳନ କରାଯିବ। ଏହାକୁ ସମ୍ପୂର୍ଣ୍ଣ ବ୍ୟବସ୍ଥିତ ଭାବେ ପାଳନ କରିବା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ଉଦ୍ୟମ କରାଯିବ। ପରେ ପୂର୍ବବର୍ଷ କାର୍ଯ୍ୟକ୍ରମକୁ ଅନୁଧ୍ୟାନ ପୂର୍ବକ ପ୍ରତ୍ୟେକଟି ବିଷୟରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯାଇଥିଲା। ଏହି ଦିବସ ପାଳନ ଅବସରରେ ଆବଶ୍ୟକୀୟ କାର୍ଯ୍ୟ ଦିବସ ପାଳନ ଅବ୍ୟବହିତ ପୂର୍ବରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ, ଏଥିପାଇଁ ଉପଯୁକ୍ତ ବିଚାରକ ମଣ୍ଡଳୀ ଗଠନ, ଦିବସ ପାଳନ ଦିନ ଡାକବାଜି ଯନ୍ତ୍ର ଯୋଗେ ସହରାଞ୍ଚଳରେ ରାମଧୂନ ପରିବେଷଣ, ପ୍ୟାରେଡ ପଡିଆ ସୁସଜ୍ଜିକରଣ, ଅଭିବାଦନ ମଞ୍ଚ ପ୍ରସ୍ତୁତି, ସହରାଞ୍ଚଳକୁ ପରିଷ୍କାର ପରିଚ୍ଛନ୍ନ, ଜଳ ଯୋଗାଣ, ଆକସ୍ମିକ ଦୁର୍ଘଟଣାର ମୁକାବିଲା, ପ୍ୟାରେଡ ପରିଚାଳନା, ଆପାଉକାଳୀନ ସ୍ୱାସ୍ଥ୍ୟ ସେବା ଆଦି କାର୍ଯ୍ୟକୁ ସମ୍ପାଦନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେବା ସହିତ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ପୁଲିସ ବିଭାଗର ବିଭିନ୍ନ ପଦାଧିକାରୀ, ବିଭିନ୍ନ ଶିକ୍ଷାନୁଷ୍ଠାନର ଏନସିସି ଅଧିକାରୀ, ବରିଷ୍ଠ ନାଗରିକ, ଆଇନଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ, ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ଉପଜିଲ୍ଲାପାଳ ଶ୍ରୀ ଓରାମ ଧନ୍ୟବାଦ ଅର୍ପଣ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ହରିଶ ମହାପାତ୍ର ଓ ସଂଗ୍ରାମ ବିଶ୍ୱାଳ ସହଯୋଗ କରିଥିଲେ।



### କରଞ୍ଜିଆରେ ଡକାୟତି ଯୋଜନା ପଣ୍ଡ

## ୩ ଗିରଫ, କାର୍ ଓ ଚୋରି ସାମଗ୍ରୀ ଜବତ

କରଞ୍ଜିଆ, ୧୦।୭(ସମିସ): କରଞ୍ଜିଆ ପୁଲିସ ରାତ୍ରକାଳୀନ ପାଟ୍ରୋଲିଂ କରୁଥିବାବେଳେ ଏକ ଡକାୟତି ଯୋଜନାକୁ ପଣ୍ଡ କରି ୩ ଜଣଙ୍କୁ ଗିରଫ କରିଛି। ଏହି ଘଟଣାରେ ବ୍ୟବହୃତ ଏକ ମାରୁତି ୮୦୦ କାର୍ ସହ ଘର ତାଲା ଭାଙ୍ଗିବାରେ ବ୍ୟବହୃତ ବିଭିନ୍ନ ସାମଗ୍ରୀ ଜବତ କରାଯାଇଛି। ପୁଲିସ ସୂଚନା ଅନୁଯାୟୀ, ୮ ଜୁଲାଇ ରାତିରେ କରଞ୍ଜିଆ-ଚଢ଼େଇଭୋଳ ରାସ୍ତାର ମାତା ଓ ଦାରି ଗ୍ରାମ ମଧ୍ୟବର୍ତ୍ତୀ ଅଞ୍ଚଳରେ ପାଟ୍ରୋଲିଂ ସମୟରେ ରାସ୍ତା କଡ଼ରେ ଏକ ମାରୁତି ୮୦୦ କାର୍ ନିକଟରେ କିଛି ଲୋକ ସନ୍ଦେହଜନକ ଭାବେ ଏକାଠି ହୋଇଥିବା ଦେଖାଯାଇଥିଲା। ପୁଲିସ ଗାଡ଼ି ଦେଖି ସମସ୍ତେ ଜଙ୍ଗଲ ଆଡ଼କୁ ପଳାଇବାକୁ ଉଦ୍ୟମ କରିଥିଲେ। ପୁଲିସ ପିଛା କରି ୩ ଜଣଙ୍କୁ କାବୁ କରିଥିବାବେଳେ ଅନ୍ୟ କିଛି ଅଭିଯୁକ୍ତ ଅନ୍ଧାରର ସୁଯୋଗ ନେଇ ଫେରାର ହୋଇଯାଇଥିଲେ। ଗିରଫ ହୋଇଥିବା ବ୍ୟକ୍ତିମାନେ ରାଜୁ ନାୟକ (୩୦), ଜମିର ଖାନ (୧୯) ଓ ରାଜେନ୍ଦ୍ର ମୁଣ୍ଡା (୨୭)। ସମସ୍ତେ ମହାଦେବ ଦେଉଳି ଗ୍ରାମ, କରଞ୍ଜିଆ ଥାନା ଅଞ୍ଚଳର ବାସିନ୍ଦା ବୋଲି ଜଣାପଡ଼ିଛି। ପୁଲିସ କାର୍ ତଲାସି ବେଳେ ସେଥିରୁ ଲୁହା ରଡ଼, ଶାବଳ, ପ୍ଲାସ, ସ୍କ୍ରୁଡ୍ରାଇଭର ଭଳି ଘର ତାଲା ଭାଙ୍ଗିବାରେ ବ୍ୟବହୃତ ସାମଗ୍ରୀ, ୩ଟି ମୋବାଇଲ୍ ଫୋନ୍ ଜବତ କରାଯାଇଥିଲା।



ପ୍ରାରମ୍ଭିକ ତଦନ୍ତରୁ ଏହି ଗ୍ୟାଙ୍ଗ ନିକଟସ୍ଥ ଅଞ୍ଚଳରେ ଘର ଚୋରି କିମ୍ବା ଡକାୟତି କରିବାକୁ ଯୋଜନା କରୁଥିବା ସନ୍ଦେହ କରାଯାଉଛି। ସମ୍ପ୍ରତି କରଞ୍ଜିଆ ଓ ଆଖପାଖ ଥାନା ଅଞ୍ଚଳରେ ଘଟିଥିବା ଚୋରି ଘଟଣା ସହ ଏହି ଗ୍ୟାଙ୍ଗର ସମ୍ପୃକ୍ତି ନେଇ ମଧ୍ୟ ପୁଲିସ ତଦନ୍ତ ଚଳାଇଛି। ଏଏସଆଇ ଛବିଳକାନ୍ତ ନାୟକ ମାରୁତି କାର୍, ଜବତ ସାମଗ୍ରୀ ଓ ମୋବାଇଲ୍ ଫୋନ୍‌ଗୁଡ଼ିକୁ ଜବତ କରିଥିବାବେଳେ କରଞ୍ଜିଆ ଥାନାରେ ୨୫୮/୨୬ରେ ମାମଲା ରୁଜୁ କରାଯାଇଛି।

### କାଳିଆ ହତାରେ ବ୍ୟାପୁଛି ମ୍ୟାଲେରିଆ

## ଗର୍ଭବତୀଙ୍କ ମୃତ୍ୟୁ ଅଭିଯୋଗ

ତେଲକୋଇ, ୧୦।୭(ସମିସ): ତେଲକୋଇ ବ୍ଲକ କାଳିଆହତା ଅଞ୍ଚଳରେ ମ୍ୟାଲେରିଆ ବ୍ୟାପୁଥିବା ଅଭିଯୋଗ ହୋଇଛି। ମ୍ୟାଲେରିଆରେ ଆକ୍ରାନ୍ତ ହୋଇ ଜଣେ ଗର୍ଭବତୀ ମହିଳାଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତକ ହେଲେ କାଳିଆହତା ରେକୁଟି ଗ୍ରାମର ପ୍ରହଲ୍ଲାଦ ପ୍ରଧାନଙ୍କ ପତ୍ନୀ ବାସନ୍ତୀ ବେହେରା (୨୧)। ମୃତକ କିଛି ଦିନ ହେବ ଜ୍ୱରରେ ପୀଡ଼ିତ ହେବାରୁ ପରିବାର ଲୋକେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ଜାରି ରଖିଥିଲେ। ସେଠାରେ ତାଙ୍କର ମ୍ୟାଲେରିଆରେ ମୃତ୍ୟୁ ହୋଇଥିବା ମେଡିକାଲ ରିପୋର୍ଟରୁ ଜଣାପଡ଼ିଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଦାବି ହୋଇଛି। ସ୍ଥାନୀୟ ସ୍ୱାସ୍ଥ୍ୟକର୍ମୀ ଲୋକଙ୍କୁ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଓ ଉପଯୁକ୍ତ ସଚେତନ କରୁ ନଥିବାରୁ ମ୍ୟାଲେରିଆ ବ୍ୟାପୁଥିବା ଅଭିଯୋଗ ହୋଇଛି।

## ନାବାଳିକାଙ୍କୁ ଦୁଷ୍କର୍ମ ଓ ହତ୍ୟା ଉଦ୍ୟମ; ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି

କେନ୍ଦୁଝର, ୧୦।୭(ସମିସ): କେନ୍ଦୁଝର ସଦର ଥାନା ବାଂଶପାଳ ବ୍ଲକ ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ଉଦ୍ୟମ ଏବଂ ହତ୍ୟା ଉଦ୍ୟମ ଘଟଣାରେ ଚାପା ଉତ୍ତେଜନା ଲାଗିରହିଛି। ନୟାକୋଟ ଥାନାଞ୍ଚଳର ଉକ୍ତ ପରିବାର ଲୋକେ ଘରେ ନଥିବା ବେଳେ ସମ୍ପର୍କୀୟ ମାମୁ ପ୍ରଲୋଭିତ କରି ଟ୍ରକରେ ଅପହରଣ କରି ଗାଁଠାରୁ ୩/୪ କିମି ଦୂର ଏକ ନିଛାଟିଆ ସ୍ଥାନରେ ଦୁଷ୍କର୍ମ ଉଦ୍ୟମ କରିଥିଲା। ଚିତ୍କାର ଶୁଣି ସ୍ଥାନୀୟ କିଛି ଯୁବକ ସେଠାରୁ ନାବାଳିକାଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ। ଅଭିଯୁକ୍ତକୁ ଲୋକେ ପିଟିବା ପରେ ପୁଲିସକୁ ଜିମା ଦେଇଥିଲେ। ସଦର ଥାନା ପୁଲିସ ଅଭିଯୁକ୍ତ ଟ୍ରକ ଡ୍ରାଇଭର ଓ ଅନ୍ୟ ଜଣେ ଯୁବକଙ୍କୁ ଥାନାରେ ଅଟକ ରଖିଛି। ସ୍ଥାନୀୟ ଲୋକେ ପୀଡିତା ପରିବାରଙ୍କୁ ଉଚିତ ନ୍ୟାୟ ଦାବିରେ ଗତକାଲିଠାରୁ ରାଇଗୋଡା-ଫୁଲଝର ରାସ୍ତା ଅବରୋଧ କରିଥିଲେ। ପୁଲିସ ଲୋକଙ୍କୁ ବୁଝାସୁଝା କରିଛି। ଅନ୍ୟପକ୍ଷରେ, ଅଭିଯୁକ୍ତ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ନିଷିଦ୍ଧ ପ୍ଲାଷ୍ଟିକ୍ ପଲିଥିନ୍ ବ୍ୟବହାର ଉପରେ ଚଢ଼ଉ ଓ ଜରିମାନା

କେନ୍ଦୁଝର, ୧୦।୭(ସମିସ): କେନ୍ଦୁଝରଗଡ଼ ପୌରପାଳିକା ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ମିଳିତ ଭାବେ ବ୍ୟବସାୟ ପ୍ରତିଷ୍ଠାନ ଉପରେ ଚଢ଼ଉ କରି ୬୫କିଲୋ ନିଷିଦ୍ଧ ପ୍ଲାଷ୍ଟିକ (ଏସୟୁପି) ସାମଗ୍ରୀ ଏବଂ ୧୨୦ ମାଇକ୍ରୋନରୁ କମ କ୍ଷମତା ବିଶିଷ୍ଟ ପ୍ଲାଷ୍ଟିକ ବ୍ୟାଗ ଜବତ କରାଯାଇ ନିୟମ ଉଲ୍ଲଘଂନକାରୀଙ୍କଠାରୁ ୨ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ବ୍ୟବସାୟୀଙ୍କଠାରୁ ପ୍ଲାଷ୍ଟିକ ଜରି, ପ୍ଲାଷ୍ଟିକ କ୍ୟାରି ବ୍ୟାଗ, ଚାମଚ, ଗ୍ଲାସ, କପ, ଥର୍ମାକୁଲ ପ୍ଲେଟ ଆଦି ଜବତ କରାଯାଇଛି। ଏହି ଚଢ଼ଉରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସହକାରୀ ପରିବେଶ ବୈଜ୍ଞାନିକ ସୌମ୍ୟରଞ୍ଜନ ପ୍ରଧାନ, କେମିଷ୍ଟ ସତ୍ୟନାରାୟଣ ଦାଶ, କେନ୍ଦୁଝରଗଡ ପୌରପାଳିକାର ସାନିଟେସନ ଏକ୍ସପର୍ଟ ସତିଶ ମହାନ୍ତି, ସ୍ୱାସ୍ଥ୍ୟକର୍ମୀ ବୈକୁଣ୍ଠନାଥ ମହାନ୍ତ, ଜୁନିୟର ଆସିଷ୍ଟାଣ୍ଟ ବିଭୂତି ଭୂଷଣ ମହାରଣା, ଟ୍ୟାକ୍ସ କଲେକ୍ଟର ଡମ୍ବରୁଧର ପାତ୍ର, ଅନ୍ତର୍ଯ୍ୟାମୀ ମହାରଣା ପ୍ରମୁଖ ସାମିଲ ଥିଲେ। ବ୍ୟବସାୟୀମାନେ ପୁର୍ନବାର ନିଷିଦ୍ଧ ପଲିଥିନ ଓ ପ୍ଲାଷ୍ଟିକ ବିକ୍ରି ଏବଂ ବ୍ୟବହାର କଲେ ଦୋକାନୀମାନଙ୍କର ଟ୍ରେଡ ଲାଇସେନ୍ସ ବାତିଲ କରାଯିବ ବୋଲି କେନ୍ଦୁଝରଗଡ ପୌରପାଳିକାର ନିର୍ବାହୀ ଅଧିକାରୀ ଲଳିତ କୁମାର ନାୟକ ସୂଚନା ଦେଇଛନ୍ତି। ଆଗାମୀ ଦିନରେ ପୌରପାଳିକା ପକ୍ଷରୁ ଏକ ସ୍ୱାଡ ଗୁପ୍ତ ସୂଚନା ଆଧାରରେ ଗୋଦାମ ଘର, ହୋଲସେଲ ବ୍ୟବସାୟ କରୁଥିବା ସ୍ଥାନରେ ଚଢଉ କରିବ। ପୂର୍ବରୁ ଗତ କିଛି ମାସ ତଳେ ଚଢଉ କରାଯାଇ ବ୍ୟାପକ ପରିମାଣ ସିଙ୍ଗଲ ୟୁଜ ପ୍ଲାଷ୍ଟିକ ଜବତ ପରେ ମଧ୍ୟ ନିଷିଦ୍ଧ ପଲିଥିନ କାରବାର ପୂର୍ବପରି ଚାଲିଛି। ଏହାକୁ ରୋକିବା ପାଇଁ ନିୟମିତ ଚଢଉ ହେଉଥିଲେ ହେଁ କେତେକ ଅସାଧୁ ବ୍ୟବସାୟୀ ବିକ୍ରି କରି ଆସୁଛନ୍ତି। ଏହାକୁ ସଂପୂର୍ଣ୍ଣ ବନ୍ଦ କରିବା ପାଇଁ ଆଗାମୀ ଦିନରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ ଏବଂ କେନ୍ଦୁଝରଗଡ ପୌରପାଳିକା ପକ୍ଷରୁ ମିଳିତ ଭାବେ ନିୟମିତ ଚଢଉ କରାଯିବ। ସୂଚନାଯୋଗ୍ୟ ଯେ ଗତ ୨ ଦିନ ହେବ କେନ୍ଦୁଝର ଜିଲ୍ଲାର ବଡବିଲ, ଯୋଡା, ଆନନ୍ଦପୁର ଏବଂ କେନ୍ଦୁଝରଗଡ ପୌରପାଳିକାରେ ଉଭୟ ବିଭାଗ ମିଳିତ ଭାବେ ଚଢ଼ଉ କରି ୬୭୮ କେଜି ନିଷିଦ୍ଧ ପଲିଥିନ ଜବତ୍ କରିବା ସହ ନିୟମ ଉଲ୍ଲଘଂନକାରୀଙ୍କଠାରୁ ୮୨ ହଜାର ୨୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି।



यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ : ବାଲେଶ୍ୱର**
ମାଣିଖମ୍ବ, ଓଟି ରୋଡ଼, ପୋଲିସ୍ ଲାଇନ୍, ଭାସ୍କରଗଞ୍ଜ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୧
ଇମେଲ୍: crld.robalasore@unionbankofindia.bank.in, ମୋ.: ୮୯୨୮୯୧୭୪୧୧

**ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକର ନିଲାମ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) ଏବଂ ୯(୧) ଅନୁଯାୟୀ ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ଏହି ନୋଟିସ୍ ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବରେ ଋଣଗ୍ରହୀତା, ଜାମିନ୍‌ଦାରମାନଙ୍କୁ ଜଣାଇଦିଆଯାଉଛିଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକ ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ ରହିଛି, ଯାହାକୁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ସୁରକ୍ଷିତ ଋଣଦାତା)ର କ୍ଷମତାପ୍ରାପ୍ତ ଅଧିକାରୀ ଗଠନାତ୍ମକ/ସାଙ୍କେତିକ/ଭୌତିକ ଦଖଲ ନେଇ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ୧୧.୦୮.୨୦୨୬ରିଖ ରେ ବିକ୍ରୟ କରିବା ନିମନ୍ତେ ସ୍ଥିର କରିଛନ୍ତି। ନିମ୍ନରେ ବର୍ଣ୍ଣିତ ଋଣଗ୍ରହୀତା ଓ ଜାମିନ୍‌ଦାରମାନେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ଦେବାକୁ ଥିବା ବକେୟା ଦେୟ ନିମ୍ନରେ ପ୍ରଦାନ କରାଗଲା। ସଂରକ୍ଷିତ ମୂଲ୍ୟ ଓ ଅମାନତ ଜମା ମଧ୍ୟ ନିମ୍ନରେ ପ୍ରଦାନ କରାଗଲା।

**ସାହାଡ଼ା ଶାଖା, ଲାଲାଜୀବଜାର, ସାହାଡ଼ା, ଜିଲ୍ଲା: ଭଦ୍ରକ, ମୋ.: ୭୯୦୩୭୧୭୫୭୮, ଇମେଲ: ubin0821349@unionbankofindia.bank**

| ଋଣଗ୍ରହୀତା/ସହ-ଆବେଦନକାରୀମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| ଋଣଗ୍ରହୀତା: ଶ୍ରୀ କାର୍ତ୍ତିକ ରଣା, ପିତା: ସନାତନ ରଣା / ସହ-ଆବେଦନକାରୀ: ଶ୍ରୀମତୀ ଜୟଲକ୍ଷ୍ମୀ ରଣା, ସ୍ୱାମୀ: ଶ୍ରୀ କାର୍ତ୍ତିକ ରଣା, ଉଭୟଙ୍କ ଠିକଣା- ସା: ଚକପୁର, ପୋ: ଗୋରାମାଟି, ଭାୟା: ସାବରଙ୍ଗ, ଜିଲ୍ଲା: ଭଦ୍ରକ, ପିନ୍-୭୫୬୧୨୩ | ୨୨.୦୧.୨୦୨୬ ସୁଦ୍ଧା ଟ.୯,୧୬,୬୯୪.୬୯ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ / ଅନ୍ୟାନ୍ୟ ଦେୟ |

**ସମ୍ପତ୍ତି ନଂ.-୧: ଶ୍ରୀମତୀ ଜୟଲକ୍ଷ୍ମୀ ରଣା,** ସ୍ୱାମୀ: ଶ୍ରୀ କାର୍ତ୍ତିକ ରଣାଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ଖାତା ନଂ.: ୧୨୩୭/୨୨୧, ପ୍ଲଟ୍ ନଂ.: ୩୧୪୦/୩୭୯୦, କ୍ଷେତ୍ର: ଏକର୦.୦୫୦ଡିସିମିଲି ଏବଂ ପ୍ଲଟ୍ ନଂ.: ୩୧୪୧/୩୭୯୧, କ୍ଷେତ୍ର: ଏକର୦.୧୩୧ ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୦.୧୮୧ଡିସିମିଲି,** ମୌଜା: ଗୋରାମାଟି, ଥାନା/ତହସିଲ/ଏସ୍‌ଆରଓ: ଭଦ୍ରକ, ଜିଲ୍ଲା: ଭଦ୍ରକ, ଏହାର ଚତୁର୍ପାର୍ଶ୍ୱରେ- ଉତ୍ତର: ଗ୍ରାମ୍ୟ ରାସ୍ତା, ଦକ୍ଷିଣ: ନିଜସ୍ୱ, ପୂର୍ବ: ପ୍ଲଟ୍ ନଂ. ୩୧୪୧ (ଅଂଶ), ପଶ୍ଚିମ: ମୁରଲୀ ରଣା ଏବଂ ଅନ୍ୟମାନେ
**ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୩୭,୮୨,୫୦୦.୦୦ / ଅମାନତ ଜମା ରାଶି: ଟ.୩,୭୮,୨୫୦.୦୦ / ବିଡ୍ ବୃଦ୍ଧି ରାଶି: ଟ.୩୭,୮୨୫.୦୦**

ଇ-ନିଲାମ ତାରିଖ ଏବଂ ସମୟ: ୧୧.୦୮.୨୦୨୬ ମଧ୍ୟାହ୍ନ ୧୨.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ (ପ୍ରତ୍ୟେକ ପାଇଁ ଅସୀମିତ ସ୍ୱତଃ ବର୍ଦ୍ଧିତ ୧୦ ମିନିଟ୍ ସମୟ ସହିତ), ଇ-ନିଲାମ ୱେବସାଇଟ୍: https://baanknet.com

ଅମାନତ ରାଶି ଦାଖଲର ଅନ୍ତିମ ତାରିଖ: ଇ-ନିଲାମ ଆରମ୍ଭ ହେବା ପୂର୍ବରୁ

ପଞ୍ଜୀକରଣ, ଲଗଇନ୍ ଏବଂ ନିଲାମର ନିୟମାବଳୀ ନିମନ୍ତେ ୱେବସାଇଟ୍ : https://baanknet.com, www.unionbankofindia.bank.in ଦେଖନ୍ତୁ।

ସ୍ଥାନ: ବାଲେଶ୍ୱର, ତାରିଖ: ୦୯.୦୭.୨୦୨୬ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। କ୍ୟାରିୟରକୁ ନେଇ ଆଗକୁ ବଢ଼ିବେ। ବୈବାହିକ ଜୀବନ ସୁଖମୟ ହେବ। ଆର୍ଥିକ ଦୃଷ୍ଟିରୁ ଦିନଟି ଭଲରେ କଟିବ। ଅଚାନକ ଖୁସି ଖବର ମିଳିପାରେ।

**ବୃଷ:** ସମାଜରେ ମାନସମ୍ମାନ ବୃଦ୍ଧି ପାଇବ। ଦୀର୍ଘ ଦିନର ଆଶା ପୂରଣ ହେବ। ସକାରାତ୍ମକ ଚିନ୍ତାଧାରା ସହିତ ଆଗକୁ ବଢ଼ିବେ। ପରିବାରର ଦାୟିତ୍ୱ ସୁଚାରୁରୂପେ ତୁଲାଇବେ।

**ମିଥୁନ:** କାର୍ଯ୍ୟକ୍ଷେତ୍ରରେ ଅଧିକ କାମ କରିବାକୁ ପଡ଼ିପାରେ। ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ବ୍ୟବସାୟରେ ଲାଭ ମିଳିବ। ଚିନ୍ତାଗ୍ରସ୍ତ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିପାରନ୍ତି। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତି ଲାଗି ବିଦ୍ୟାର୍ଥୀଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିପାରେ।

**ସିଂହ:** କାର୍ଯ୍ୟରେ ସଫଳତା ମିଳିପାରେ। ଦିନଟି ବ୍ୟସ୍ତତା ଭିତରେ କଟିବ। ସାମାଜିକ କାର୍ଯ୍ୟରେ ସହଯୋଗ କରିବେ। ମନୋରଞ୍ଜନରେ ସମୟ ଅତିବାହିତ କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**କନ୍ୟା:** ସହକର୍ମୀଙ୍କ ସହ ଉତ୍ତମ ବୁଝାମଣା ରହିବ। ଖର୍ଚ୍ଚ ବୃଦ୍ଧି ପାଇବ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଉଧାର ଦେଇଥିବା ଟଙ୍କା ଫେରିପାଇବେ।

**ତୁଳା:** ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କଠାରୁ ପ୍ରଶଂସା ପାଇବେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଧନ ଲାଭର ଯୋଗ ଅଛି।

**ବିଛା:** ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ। ପିଲାମାନେ ଖେଳ କୁଦରେ ସମୟ ଅତିବାହିତ କରିବେ।

**ଧନୁ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି।

**ମକର:** ବ୍ୟବସାୟକୁ ଆଗକୁ ନେବା ଲାଗି ନୂଆ ଯୋଜନା କରିବେ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ। ଯୋଜନା ଅନୁଯାୟୀ କାମ କରିବେ। ଆୟ ଓ ବ୍ୟୟ ସମାନ ରହିବ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

**କୁମ୍ଭ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ଅଯଥା କାମକୁ ନେଇ ଚିନ୍ତାରେ ରହିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିପାରନ୍ତି। ବିବାହ ପ୍ରସ୍ତାବ ଆସିପାରେ।

**ମୀନ:** ଚାକିରିରେ ନୂଆ ସୁଯୋଗ ଜୁଟିବ। ଲୋକ ସମ୍ପର୍କ ବୃଦ୍ଧି ପାଇବ। ଭାଇମାନଙ୍କ ସହିତ ସମ୍ପର୍କ ମଧୁର ହେବ। ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଖର୍ଚ୍ଚ ବଢ଼ିପାରେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ।

## ଆଜିର ଇତିହାସ

- ୧୯୨୧- ମଙ୍ଗୋଲିଆ ଚୀନ୍‌ରୁ ସ୍ୱାଧୀନ ହେଲା।
- ୧୯୭୩- ପ୍ୟାରିସ୍ ନିକଟରେ ବ୍ରାଜିଲ୍‌ର ବୋଇଂ ବିମାନ ଦୁର୍ଘଟଣାଗ୍ରସ୍ତ, ୧୨୨ ଜଣଙ୍କ ମୃତ୍ୟୁ।
- ୨୦୦୨-ଚାଙ୍ଗ ସାଙ୍ଗ ଦକ୍ଷିଣ କୋରିଆର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ହେଲେ।
- ୨୦୦୬- ମୁମ୍ବାଇରେ ବୋମା ବିସ୍ଫୋରଣରେ ୨୦୯ ଲୋକଙ୍କ ମୃତ୍ୟୁ।
- ୨୦୦୮ - ଆପଲ୍ ଆଇଫୋନ୍ ୩ ଜି ଲଞ୍ଚ୍ କରାଗଲା।

# ଆସିଲା ସୌରଭ ଗାଙ୍ଗୁଲିଙ୍କ ବାୟୋପିକ୍‌ର ଫାଷ୍ଟ ଲୁକ୍

ଟିମ୍ ଇଣ୍ଡିଆର ଲୋକପ୍ରିୟ ଅଧିନାୟକ ତଥା କ୍ରିକେଟର୍ ସୌରଭ ଗାଙ୍ଗୁଲିଙ୍କ ବାୟୋପିକ୍ ଫିଲ୍ମକୁ ନେଇ ଦୀର୍ଘ ଦିନରୁ ଚର୍ଚ୍ଚା ହେଉଛି। ସୌରଭଙ୍କ ଜନ୍ମଦିନ( ଜୁଲାଇ ୮ ତାରିଖ) ଅବସରରେ 'ଦାଦା- ଦ ସୌରଭ ଗାଙ୍ଗୁଲି ଷ୍ଟୋରୀ'ର ଫାଷ୍ଟ ଲୁକ୍ ରିଲିଜ୍ କରାଯାଇଥିଲା। ଏହା ସହିତ ନିର୍ମାତାଙ୍କ ପକ୍ଷରୁ ଏହାର ରିଲିଜ୍ ତାରିଖ ମଧ୍ୟ ଘୋଷଣା କରାଯାଇଛି। ବଲିଉଡ୍‌ରେ କ୍ରିକେଟ୍ ଖେଳାଳିଙ୍କ ଉପରେ ଅନେକ ଫିଲ୍ମ ନିର୍ମାଣ କରାଯାଇଛି। ଏମ୍‌ଏସ୍ ଧୋନି, କପିଳଦେବ ଏବଂ ମହମ୍ମଦ ଆଜହାରୁଦ୍ଦିନଙ୍କ ପରେ ଏବେ ସୌରଭଙ୍କ ନାମ ମଧ୍ୟ ଏହି ତାଲିକାରେ ସାମିଲ ହୋଇଛି। ସୌରଭଙ୍କ ବାୟୋପିକ୍ 'ଦାଦା'ରେ ରାଜକୁମାର ରାଓ ଲିଡ୍ ରୋଲରେ ଦେଖାଯିବେ। ପୋଷ୍ଟର୍‌ରେ ଲର୍ଡସ ମୈଦାନର ସେହି ଐତିହାସିକ ଦୃଶ୍ୟ ରହିଛି, ଯେତେବେଳେ ସୌରଭ ନେଟୱେଷ୍ଟ ସିରିଜ୍ ଫାଇନାଲରେ ଇଂଲଣ୍ଡ କ୍ରିକେଟ୍ ଟିମ୍‌କୁ ହରାଇବା ପରେ ଷ୍ଟାଡିୟମ୍‌ର ବାଲକୋନିରେ ନିଜ ଦେହରୁ ଟି-ସାର୍ଟ କାଢ଼ି ଉଡ଼ାଇଥିଲେ। 'ଦାଦା- ଦ ସୌରଭ ଗାଙ୍ଗୁଲି ଷ୍ଟୋରୀ'ର ପୋଷ୍ଟର୍ ଦେଖି ଦର୍ଶକଙ୍କର ଫିଲ୍ମକୁ ନେଇ ଉତ୍ସାହ ବହୁତ ବଢ଼ିଯାଇଛି ଏବଂ ସେମାନେ ଏହି ସ୍ପୋର୍ଟସ୍ ଡ୍ରାମାର ରିଲିଜ୍‌କୁ ଚାହିଁ ରହିଛନ୍ତି। ୧୪ ମଇ, ୨୦୨୭ରେ ଏହି ଚଳଚ୍ଚିତ୍ର ସିନେମାହଲ୍‌ରେ ମୁକ୍ତିଲାଭ କରିବ। ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ବିକ୍ରମାଦିତ୍ୟ ମୋଟୱାନେ ଅଛନ୍ତି। ଫିଲ୍ମର ପ୍ରଯୋଜନା ଦାୟିତ୍ୱରେ ଲଭ୍ ରଞ୍ଜନ ଏବଂ ଅଙ୍କୁର ଗର୍ଗ ଅଛନ୍ତି। ଏହା 'ଲଭ୍ ଫିଲ୍ମସ୍' ବ୍ୟାନରରେ ନିର୍ମିତ ହୋଇଛି। ତେବେ ଦାଦାଙ୍କ ବାୟୋପିକ୍ ପୂର୍ବ କ୍ରୀଡ଼ା ପୃଷ୍ଠଭୂମି ଉପରେ ଆଧାରିତ ଫିଲ୍ମ ଭଳି ବ୍ୟବସାୟିକ ସଫଳତା ପାଇପାରୁଛି କି ନାହିଁ, ତାହା ଦେଖିବା ବେଶ୍ ଆକର୍ଷଣୀୟ ହେବ।



# ବିଶ୍ୱ ଜନସଂଖ୍ୟା ଦିବସ



ବିଶ୍ୱ ଜନସଂଖ୍ୟା ଦିବସ ପ୍ରତିବର୍ଷ ଜୁଲାଇ ୧୧ ତାରିଖରେ ପାଳନ କରାଯାଏ। ଜନସଂଖ୍ୟା ବୃଦ୍ଧି ଜନିତ ସମସ୍ୟା ସଂପର୍କରେ ବିଶ୍ୱସ୍ତରରେ ସଚେତନତା ସୃଷ୍ଟି କରିବା ଏହାର ପ୍ରାଥମିକ ଲକ୍ଷ୍ୟ। ଜନସଂଖ୍ୟା ବୃଦ୍ଧିର ଆମ ପରିବେଶ ଓ ସାମାଜିକ ବ୍ୟବସ୍ଥା ଉପରେ ପ୍ରଭାବ ତଥା ପରିବାର ନିୟୋଜନ, ଦାରିଦ୍ର୍ୟ, ଲିଙ୍ଗଗତ ସମାନତା, ନାଗରିକ ଅଧିକାର, ମା' ଓ ଶିଶୁର ସ୍ୱାସ୍ଥ୍ୟ ଆଦି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବିଷୟରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ୧୧ ଜୁଲାଇ, ୧୯୮୭ରେ ବିଶ୍ୱର ଜନସଂଖ୍ୟା ୫୦୦ କୋଟି ଛୁଇଁଥିଲା। ଏହାକୁ ଦୃଷ୍ଟିରେ ରଖି ୧୯୮୯ ମସିହାରେ ମିଳିତ ଜାତିସଂଘ ଦ୍ୱାରା ଏହି ଦିବସ ପାଳନର ପରିକଳ୍ପନା କରାଯାଇଥିଲା। ୧୯୯୦ ମସିହାରେ ପ୍ରଥମ ଥର ପାଇଁ ୯୦ରୁ ଅଧିକ ଦେଶରେ ଏହି ଦିବସ ବିଧିବଦ୍ଧ ଭାବେ ପାଳନ କରାଯାଇଥିଲା। ବର୍ଷ ବର୍ଷ ଧରି ବିଶ୍ୱର ସବୁଠୁ ଅଧିକ ଜନବହୁଳ ଦେଶ ତାଲିକାରେ ଚୀନ୍ ନାଁ ସବୁଠୁ ଉପରେ ରହୁଥିବାବେଳେ ଏବେ ଭାରତ ସେହି ସ୍ଥାନ ଅଧିକାର କରିଛି। ଏବେ ଭାରତ ବିଶ୍ୱର ସବୁଠୁ ଅଧିକ ଜନବହୁଳ ରାଷ୍ଟ୍ର। ଜନସଂଖ୍ୟା ବୃଦ୍ଧି ରୋକିବା ଦିଗରେ ସମୟୋପଯୋଗୀ ପଦକ୍ଷେପ ନ ନେଲେ ଏହା ରାଷ୍ଟ୍ରଗୁଡ଼ିକର ବିକାଶରେ ଏକ ପ୍ରତିବନ୍ଧକ ରୂପେ ଦେଖାଦେବ। କାରଣ ଜନସଂଖ୍ୟା ବୃଦ୍ଧି ସହିତ ପ୍ରାକୃତିକ ସଂସାଧନ ବୃଦ୍ଧି ପାଉନାହିଁ। ଯଦି ଏଭଳି ଭାବେ ଜନସଂଖ୍ୟା ବୃଦ୍ଧି ପାଏ,ତେବେ ପ୍ରାକୃତିକ ସଂସାଧନଗୁଡ଼ିକ ଉପରେ ଏହାର ଗଭୀର ପ୍ରଭାବ ପଡ଼ିବ। ତେଣୁ ଜନସଂଖ୍ୟାକୁ କିପରି ନିୟନ୍ତ୍ରଣ କରାଯାଇ ପାରିବ, ସେଦିଗରେ ସମସ୍ତେ ଦାୟିତ୍ୱବାନ୍ ହେବା ଆବଶ୍ୟକ। ମିଳିତ ଜାତିସଂଘ ପକ୍ଷରୁ ପ୍ରତିବର୍ଷ ଏହି ଦିବସ ପାଇଁ ଏକ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ନିର୍ଦ୍ଧାରଣ କରାଯାଏ। ଚଳିତବର୍ଷ ଏହି ଦିବସର ବିଷୟବସ୍ତୁ ରହିଛି- "Realizing the hopes and aspirations of young people – today and for the future"। ଏହି ଦିବସ ପାଳନ ଅବସରରେ ଜନସଂଖ୍ୟା ନିୟନ୍ତ୍ରଣ କରି ସୁଖମୟ ସମାଜ ଗଢ଼ିବା ପାଇଁ 'ଛୋଟ ପରିବାର, ସୁଖୀ ପରିବାର'ର ବାର୍ତ୍ତା ପ୍ରସାର କରାଯାଏ।

# ଉଡ଼ନ୍ତା ଛତା



ଖରା ହେଉ କି ବର୍ଷା ଲୋକଙ୍କୁ ଛତା ଧରି ଚାଲିବା ସମୟରେ ସହଜ ଲାଗେ ନାହିଁ। ବିଶେଷକରି ହାତରେ ଏକାଧିକ ଜିନିଷ ଧରିଥିଲେ ଛତା ଧରିବା କଷ୍ଟକର ହୋଇଥାଏ। ଅନେକ ସମୟରେ ଅତ୍ୟଧିକ ପବନ ଯୋଗୁଁ ଛତା ମଧ୍ୟ ଓଲଟି ଯାଏ। ଏହି କ୍ରମରେ କାନାଡ଼ାର ଇଞ୍ଜିନିୟର ଜନ୍ ସେ ଏସବୁର ଏକ ସମାଧାନର ରାସ୍ତା ଖୋଜି ବାହାର କରିଛନ୍ତି। ସେ ଏକ ଉଡ଼ନ୍ତା ଛତା ପ୍ରସ୍ତୁତ କରିଛନ୍ତି। ପ୍ରକୃତରେ ଏହା ଏକ ହାଇ-ଟେକ୍ ଡ୍ରୋନ୍। ଏଥିରେ ଲାଗିଥିବା ସେନ୍‌ସର୍, ଏଆଇ ଏବଂ କ୍ୟାମେରା ଲୋକଙ୍କୁ ଚିହ୍ନଟ କରିଥାଏ ଏବଂ ଛତା ଆପେ ଆପେ ସେମାନଙ୍କ ମୁଣ୍ଡ ଉପରେ ହିଁ ଘୂରି ବୁଲେ। ସେହିପରି ଏହା ଭିତରେ ଚାରିଟି ପ୍ରୋପେଲର ଫିଟ୍ କରାଯାଇଛି। ଯାହାକି ଉଡ଼ାଣ ଭରିବାରେ ସାହାଯ୍ୟ କରେ। ଏହାସହ ଏଥିରେ ଏକ ଟାଇମ୍ ଅଫ୍ ଫ୍ଲାଇଟ୍ ଡେପ୍‌ଥ କ୍ୟାମେରା ଲାଗିଛି। ଯାହାକି ଥ୍ରିଡି ଚିତ୍ର ତିଆରି କରିଥାଏ। ଜନ୍ ଏହାକୁ ତିଆରି କରିବା ଲାଗି କାର୍ବନ ଫାଇବର ନାଇଲନ ଏବଂ ଥ୍ରିଡି ପ୍ରିଣ୍ଟିଂର ବ୍ୟବହାର କରିଛନ୍ତି। ଅନ୍ୟପଟେ ରସବେରି ପାଇକୁ ଡାଟା ପ୍ରୋସେସିଂ ପାଇଁ ଉପଯୋଗ କରାଯାଇଛି। ତେବେ ଏହା ଏବେ ଗବେଷଣା ପର୍ଯ୍ୟାୟରେ ଅଛି। ହେଲେ ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ଚର୍ଚ୍ଚା ସାଉଁଟୁଛି। ଏବେ ଏହାର ଗୋଟିଏ ବ୍ୟାଟେରି ଚାର୍ଜ ହେବା ଦ୍ୱାରା ୧୦-୧୫ ମିନିଟ୍ ପର୍ଯ୍ୟନ୍ତ ପବନରେ ଉଡ଼ିପାରେ। ଯଦିଓ ଏହା ଏବେ ବଜାରକୁ ଆସି ନାହିଁ, ତଥାପି ଭବିଷ୍ୟତରେ ଗ୍ୟାଜେଟ୍‌ଗୁଡ଼ିକ କିଭଳି ଅତ୍ୟାଧୁନିକ ହୋଇପାରିବ, ତାହା ଦେଖାଇ ଦେଇଛି। କେବଳ ସେତିକି ନୁହେଁ, ପ୍ରବଳ ବର୍ଷା ଏବଂ ପବନରେ ଏହାର ସ୍ଥିରତା ଉପରେ କାମ ହେବା ବାକି ଅଛି। ଯଦି ଏହି ଗ୍ୟାଜେଟ୍‌ଟି ସଫଳ ହେଲା, ଲୋକଙ୍କ ହାତ ଖାଲି ରହିବ ଓ ବର୍ଷାରୁ ମଧ୍ୟ ସୁରକ୍ଷା ମିଳିବ। ଅନ୍ୟପଟେ ବିଶେଷଜ୍ଞଙ୍କ ମତରେ, ଭବିଷ୍ୟତରେ ଏଭଳି ବ୍ୟକ୍ତିଗତ ଡ୍ରୋନ୍ ଗ୍ୟାଜେଟ୍ ଖୁବ୍ ସାଧାରଣ ପାଲଟିବ। କେବଳ ଛତା ନୁହେଁ, ଛୋଟ ଛୋଟ ଡ୍ରୋନ୍ ଜିନିଷ ବୋହିବା, ଆଲୋକ ତଥା ସୁରକ୍ଷା ପ୍ରଦାନ କରିବା ଦିଗରେ କାମ କରିବେ। ସେହିପରି ଭାରତ ଭଳି ବର୍ଷାପ୍ରବଣ ଦେଶରେ ଏହା ଆହୁରି ଉପଯୋଗୀ ପ୍ରମାଣିତ ହେବା ଆଶା କରାଯାଉଛି।

## ପ୍ରହେଳିକା



- ଆଷାଢ଼ର ଶୁକ୍ଳ ଦ୍ୱିତୀୟା ଦିନ
  ଯାତଟିଏ ଆସେ ଶ୍ରୀକ୍ଷେତ୍ରେ ଜାଣ
  ବଡ଼ଦାଣ୍ଡେ ହୁଏ ଭକ୍ତ ଗହଳି
  ଘଣ୍ଟ ଘଣ୍ଟି ନାଦ ପଡ଼େ ଉଚ୍ଛୁଳି
  ଯାତ ମଧ୍ୟେ ସାର ସିଏ
  ଗୁଣ୍ଡିଚା ଗୃହକୁ ଯାଆନ୍ତି ସାଆନ୍ତ
  କୁହ'ତ ତା'ନାମ କିଏ।

  ଉତ୍ତର-ରଥଯାତ୍ରା
- ରତ୍ନବେଦୀ ଛାଡ଼ି ଜନମ ବେଦୀକୁ
  ଯାଆନ୍ତି ତିନି ଠାକୁର
  ପାହୁଣ୍ଡ ପକାଇ ଝୁଲି ଝୁଲି ଦିଅଁ
  ଛାଡ଼ନ୍ତି ଶିରୀ ମନ୍ଦିର
  ମସ୍ତକେ ଟାହିଆ ନାଇ
  ଦିଅଁଙ୍କର ଏହି ଅପୂର୍ବ ଚାଲିକୁ
  ପାରିବକି କିଏ କହି।

  ଉତ୍ତର-ପହଣ୍ଡି ବିଜେ
- ତିନି ଗୋଟି ରଥ ବଡ଼ଦାଣ୍ଡରେ
  ଆଗ ପଛ ହୋଇ ଗଡ଼ନ୍ତି ଧିରେ
  ଶେଷ ରଥ ଶୋଭା ଭାରି ସୁନ୍ଦର
  ନାଲି ଓ ହଳଦୀ ମଣ୍ଡିଣି ତା'ର
  ରଥରେ ଥାଆନ୍ତି କଳା ବାମନ
  ଅଗଣିତ ଭକ୍ତ ଟାଣନ୍ତି ଶ୍ରଦ୍ଧାରେ
  ଏବେ କୁହ ସେହି ରଥର ନାମ।

  ଉତ୍ତର-ନନ୍ଦିଘୋଷ

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର

## ଆଷାଢ଼ ମାସ ବଡ଼ ସରସ



କୁଞ୍ଜ ବିହାରୀ ସାହୁ

ମେଘରେ ମେଘ ବରଷା ଦେଲୁ
ସଭିଙ୍କୁ ଖୁସି କରି
ବଡ଼ଦାଣ୍ଡରେ ରଥଯାତରା
କରିଲୁ ମନ ଭରି ।
ତୋଅରି ପାଇଁ ଶୁକ୍ଳ ପକ୍ଷର
ଦ୍ୱିତୀୟା ତିଥି ଦିନ
ଜଗାବଳିଆ ହଳଦୀମୁହିଁ
ଛାଡ଼ିଲେ ସିଂହାସନ ।
ତାଳଧ୍ୱଜ ଓ ଦେବଦଳନ
ନନ୍ଦିଘୋଷରେ ବସି,
ବଳଭଦ୍ର ଓ ସୁଭଦ୍ରା ମାତ
ଜଗା ବସିଲେ ହସି ।
ଭକତ ପାଶେ ହେଲେ ହାଜର
ଭୁଲି ଅଜାତି ଜାତି
ଆପଣା ବୋଲି ଖାଇଲେ ଭୋଗ
ସୁଖ ଦୁଃଖର ସାଥୀ ।
ତିନି ଠାକୁର ଶୁଣିଲେ ଗୀତ
ଖୋଳ କୀର୍ତ୍ତନ ବାଜା,
ଦେବଦାସୀର ଦେଖିଲେ ନାଚ
ମନକୁ କଲେ ତାଜା ।
ଏମିତି ଯାତ ବିଶ୍ୱବିଦିତ
ଦେଖିଛି ଯିଏ କହେ
ଆଷାଢ଼ ମାସ ବଡ଼ ସରସ
ତୋତେ ମୁଁ ଭଲ ପାଏ ।

ପାତ୍ରପଡ଼ା, ଭୁବନେଶ୍ୱର

## ମୋ କୁନି ରଥରେ ଜଗନ୍ନାଥ



ରମାକାନ୍ତ ଦାସ

ସୁନାର ରଥରେ ସାଜିଲେ କାଳିଆ, ଶୋଭୁଛି ନୀଳମଣି,
ମୋ କୁନି ରଥରେ ବସିବେ ସେ ଆଜି, ଭକ୍ତର ସ୍ନେହ ଗଣି।
ଫୁଲର ମାଳାରେ ସଜାଇଛି ରଥ, ଝୁଲୁଛି ରଙ୍ଗିନ ଝୁଲ,
କୁନି ହାତେ ମୁଁ ଧରିଛି ଦଉଡ଼ି, ମନେ ମୋ ପ୍ରୀତିର ଫୁଲ।
ଘର ଅଗଣାରେ ରଥ ଯାତ୍ରା ଆଜି, ଦେଉଳ ହୋଇଛି ଘର,
ମୋ କୁନି ରଥରେ ହସୁଛନ୍ତି ପ୍ରଭୁ, ପରଶି ପ୍ରେମର ସ୍ୱର।
ନାହିଁ ବଡ଼ଦାଣ୍ଡ, ନାହିଁ ଭିଡ଼ ଆଜି, ଅଛି କେବଳ ଭାବ,
ମୋ କୁନି ଆଖିରେ ଖୋଜୁଛି ମୁଁ ତୁମ, ତୁଟିଗଲା ସବୁ ଲୋଭ।
ଜୟ ଜଗନ୍ନାଥ, ଜୟ ବଳଭଦ୍ର, କୁନି ମୁଖେ ଧ୍ୱନି ଉଠେ,
ରଥର ଚକରେ ଦୁଃଖ ହୁଏ ଦୂର, ମୁଁ ଥାଏ ପ୍ରଭୁଙ୍କ ପାଖେ।
ସଂସାର ପଥରେ ତୁମେ ତ ସାରଥୀ, ଦେଖାଅ ସୁନ୍ଦର ବାଟ,
ତୁମରି ଶ୍ରୀପାଦେ ସମର୍ପି ଦେଲି, ମୋ ଜୀବନର କୁନି ପାଟ।
ମହାପ୍ରଭୁ ତୁମେ, ମୁଁ କୁନି ଭକତ, ଦିଅ ଆଶିଷର ହାତ,
ମୋ କୁନି ରଥରେ ସଦା ବିରାଜ, ଜଗତର ନାଥ ନାଥ।
ତୁମରି କରୁଣା ପଥେ ଚାଲିବୁ, ଧରି ତୁମରି ହାତ,
ତୁମ ପାଦତଳେ ମିଳୁ ମୋ ସୁଖ, ହେ ନୀଳଚକ୍ରୀ ନାଥ ।

ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର

# ସୁମନ

## ବୁଦ୍ଧି ପରୀକ୍ଷା



ସେଦିନ ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଦେଖିବା ପାଇଁ ମିକୁ ଓ ପିକୁ ବାପାଙ୍କ ସହ ବାହାରି ପଡ଼ିଲେ। ପ୍ରଥମଥର ପୁରୀ ଯିବେ ବୋଲି ସେମାନଙ୍କର ମନ ଉଲ୍ଲାସ ଥାଏ। ବଡ଼ଭାଇ ମିକୁ ବାହାରକୁ ଯାଇ ତୁଳସୀ ସଂଗ୍ରହ କରି ଆଣିଲା ଏବଂ ସାନଭାଇ ପିକୁ ବିଭିନ୍ନ ସୁଗନ୍ଧିତ ଫୁଲକୁ ଆଣି ସୁନ୍ଦର ମାଳଟିଏ ପ୍ରସ୍ତୁତ କଲା। ଦୁହେଁ ମନେମନେ ଭାବୁଥିଲେ ତିନି ରଥରେ ଠାକୁରଙ୍କୁ ହୃଦୟଭରି ଦର୍ଶନ କରିବେ ଏବଂ ମହାପ୍ରସାଦ ଖାଇବେ। ଘରୁ ବାହାରିବା ପୂର୍ବରୁ ବାପା ଦୁଇ ଭାଇଙ୍କୁ ଡାକି କହିଲେ, "ଆମେମାନେ ତ ପୁରୀ ଯିବା କିନ୍ତୁ ମୁଁ ତୁମ ଦୁହିଁଙ୍କର ବୁଦ୍ଧି ପରୀକ୍ଷା କରିବାକୁ ଚାହୁଁଛି ।" ଏହାଶୁଣି ମିକୁ ଓ ପିକୁ ଆଶ୍ଚର୍ଯ୍ୟ ହୋଇ ପଚାରିଲେ, କେମିତିକା ବୁଦ୍ଧି ପରୀକ୍ଷା ବାପା ? ତାପରେ ବାପା ବୁଝାଇଲେ, "ତୁମେ ପୁରୀ ଗଲାପରେ ସେଠାରେ ଯାହାସବୁ ଦେଖିବ ଏବଂ ଶିଖିବ ଘରେ ଆସି ମତେ କହିବ। ଯିଏ ସବୁଠୁ ଭଲ ଉତ୍ତର ଦେବ ତାକୁ ମୁଁ ଶହେ ଟଙ୍କା ପୁରସ୍କାର ଦେବି। ଏକଥା ଶୁଣିବା ପରେ ଦୁଇ ଭାଇ ଆହୁରି ଖୁସି ହୋଇ ମନେ ମନେ ସଂକଳ୍ପ ନେଲେ ନିଶ୍ଚୟ ଏହି ପରୀକ୍ଷାକୁ ଜିତିବେ ବୋଲି। ବାପା ଏବଂ ଦୁଇ ପୁଅ ମିଶି ବସ୍ ଯୋଗେ ପୁରୀ ଗଲେ। ବଡ଼ଦାଣ୍ଡରେ ପହଞ୍ଚିବା ପରେ ସେମାନେ ଦେଖିଲେ ଅସଂଖ୍ୟ ଭକ୍ତଙ୍କ ଭିଡ଼ରେ ପୁରା ପରିବେଶ ପରିପୂର୍ଣ୍ଣ ହୋଇଯାଇଥାଏ। ଘଣ୍ଟ, ଘଣ୍ଟା, କାହାଳୀ, ମୃଦଙ୍ଗ, ହରିବୋଲ, ହୁଳହୁଳି ଧ୍ୱନିରେ ବଡ଼ଦାଣ୍ଡ ପ୍ରକମ୍ପିତ ହେଉଥାଏ। କେଉଁଠି ଦେବଦାସୀ ପ୍ରଭୁଙ୍କ ପ୍ରେମରେ ବାଇ ହୋଇ ନୃତ୍ୟ କରୁଥିଲେ ତ ଆଉ କେଉଁଠି ହରିନାମ ସଂକୀର୍ତ୍ତନରେ ଲୋକେ ଭକ୍ତିରସରେ ବୁଡ଼ି ରହିଥିଲେ। କିଏ ହାତଟେକି ପ୍ରଭୁଙ୍କୁ ନିଜର ନିବେଦନ ଜଣାଉଥିଲା ତ ଆଉ କିଏ ଆଖିରୁ ଲୁହ ଝରାଇ ହୃଦୟର ବେଦନାକୁ ସମର୍ପଣ କରୁଥିଲା। ଏହାଦେଖି ମିକୁ ଓ ପିକୁ ଭାବବିହ୍ୱଳ ହୋଇଗଲେ। ଚାହୁଁ ଚାହୁଁ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦିବ୍ୟ ପହଣ୍ଡି ଆରମ୍ଭ ହେଲା ଏବଂ ରଥରେ ପ୍ରଭୁ ବିରାଜମାନ ହେବାପରେ ପୂଜାର୍ଚ୍ଚନା ହୋଇ ଗଜପତି ମହାରାଜାଙ୍କ ଦ୍ୱାରା ଛେରା ପହଁରା କାର୍ଯ୍ୟ ଚାଲିଲା। ଶେଷରେ ସମସ୍ତ ନୀତି ସମ୍ପନ୍ନ ହୋଇ ରଥଟଣା ଆରମ୍ଭ ହେଲା। ଭକ୍ତମାନେ ଆନନ୍ଦ ମନରେ ଜୟ ଜଗନ୍ନାଥ କହି ରଥକୁ ଆଗକୁ ଟାଣି ନେଉଥାନ୍ତି। ମିକୁ ଓ ପିକୁ ମଧ୍ୟ କିଛି ସମୟ ପାଇଁ ରଥ ଟାଣିବାର ସୁଯୋଗ ପାଇଲେ। ରଥଟଣା ଶେଷ ହେବାପରେ ମହାପ୍ରସାଦ ପାଇ ଭକ୍ତି ମନରେ ବାପପୁଅ ସମସ୍ତେ ଘରକୁ ଫେରିଲେ। କଥା ଅନୁଯାୟୀ, ରାତିରେ ବାପା ଦୁଇ ଭାଇଙ୍କୁ ପାଖକୁ ଡାକି ବସାଇଲେ ଏବଂ ଦେଇଥିବା କାମ କଥା ପଚାରିଲେ। ମିକୁ କହିଲା "ବାପା, ମୁଁ ଦେଖିଲି ଭକ୍ତ ଓ ଭଗବାନଙ୍କର ନିବିଡ଼ ପ୍ରେମ! କାହିଁ କେତେ ଦୂରରୁ ଭକ୍ତମାନେ ତାଙ୍କ ପ୍ରିୟ ଠାକୁରଙ୍କ ପ୍ରେମରେ ଟାଣିହୋଇ ଆସିଥିଲେ ଏବଂ ପ୍ରଭୁ ଶ୍ରୀଜଗନ୍ନାଥ ନିଜ ଭାଇ ଭଉଣୀ ଓ ଭକ୍ତମାନଙ୍କୁ ସାଙ୍ଗରେ ନେଇ ରଥରେ ଯାତ୍ରା କରୁଥିଲେ । ଏହା ହିଁ ଏକଥାର ପ୍ରକୃତ ଉଦାହରଣ । ଏଥର ପିକୁ ପାଳି ପଡ଼ିଲା, ସେ ଉତ୍ତର ଦେଲା, "ମୁଁ ଆଜି ଶ୍ରୀ ଜଗନ୍ନାଥଙ୍କ ପାଖରେ ସଂସ୍କାର ଓ ସମ୍ମାନର ନିଚ୍ଛକ ଦୃଶ୍ୟ ଦେଖିଲି। ପହଣ୍ଡି ବେଳେ ଆଗରେ ବଡ଼ ଭାଇ ଶ୍ରୀବଳଭଦ୍ର ଓ ଭଉଣୀ ସୁଭଦ୍ରା ଆସିବା ପରେ କଳାଠାକୁର ଆସିଥିଲେ। ଏହାର ଅର୍ଥ ମହାପ୍ରଭୁ ବଡ଼ମାନଙ୍କୁ ସମ୍ମାନ ଦେଇ ସାନଙ୍କୁ ଅଗ୍ରାଧିକାର ଦେଉଥିଲେ। ଆମେ ଏକଥାକୁ ଜୀବନରେ ଗ୍ରହଣ କରିବା ଦରକାର । ଦୁଇ ପୁଅଙ୍କ ପାଖରୁ ସବୁକଥା ଶୁଣିବା ପରେ ବାପା ଅତ୍ୟନ୍ତ ଖୁସି ହୋଇ କୁଣ୍ଢାଇ ପକାଇଲେ ଏବଂ କହିଲେ "ଆଜି ତୁମେ ଦୁଇଜଣ ବୁଦ୍ଧି ପରୀକ୍ଷାରେ ପାସ୍ କରିଛ।" ତା ପରେ ବାପା ଦୁହିଁଙ୍କୁ ଶହେ ଟଙ୍କା ଲେଖାଏଁ ଦେଲେ ଏବଂ ସମସ୍ତେ ମହାଆନନ୍ଦରେ ପ୍ରସାଦ ଖାଇ ଆନନ୍ଦ ମନରେ ଶୋଇ ପଡ଼ିଲେ। "




ରାଜେଶ ରାୟ
ଜୟପୁର, କୋରାପୁଟ

ବି:ଦ୍ର- 'ସକାଳ'ର ସୁମନ୍ ପୃଷ୍ଠାରେ ଗଳ୍ପ, କବିତା ପ୍ରକାଶ କରିବାକୁ ଇଚ୍ଛୁକ ପାଠକ ପାଠିକାମାନେ sakalasishu@gmail.comକୁ ପଠାଇ ପାରିବେ। ଛାତ୍ରଛାତ୍ରୀମାନେ (ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ) ଡ୍ରଇଁ ପଠାଇବାକୁ ଚାହୁଁଥିଲେ ସେମାନଙ୍କର ଏକ ପାସପୋର୍ଟ ସାଇଜ୍ ଫଟୋ ସହ ଶ୍ରେଣୀ, ବିଦ୍ୟାଳୟ ଓ ସହରର ନାମ ଲେଖି ଏହି ମେଲ୍‌ରେ ପଠାଇ ପାରିବେ।





କ୍ରିତି କ୍ରିଷ୍ଣା ରାଉତ
ନବମ ଶ୍ରେଣୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ହଂସପଡ଼ା, ପୁରୀ





ଶାଶ୍ୱତ ସାଇ ଶୁଭମ୍
ଚତୁର୍ଥ ଶ୍ରେଣୀ
ଡି.ଏ.ଭି ପବ୍ଲିକ୍ ସ୍କୁଲ
ନିମାପଡ଼ା





ସ୍ୱସ୍ତିକା ମହାପାତ୍ର
ପଞ୍ଚମ ଶ୍ରେଣୀ
ସେଣ୍ଟ ଜାଭିୟର ହାଇସ୍କୁଲ
ଖାନନଗର, କଟକ





ଅଭିଲାଷ ଦାଶ
ଦଶମ ଶ୍ରେଣୀ
ବଲାଙ୍ଗିର ପବ୍ଲିକ୍ ସ୍କୁଲ
ବଲାଙ୍ଗିର






■ ଗୋଲ୍ଡେନ ବୁଟ୍ ରେସ୍

## ଶୀର୍ଷକୁ ଫେରିଲେ ଏମ୍ବାପେ

**ବୋଷ୍ଟନ,୧୦।୭ (ଏଜେନ୍ସି):** ମରୋକ୍କୋ ବିପକ୍ଷ କ୍ୱାର୍ଟରରେ ଗୋଟିଏ ଗୋଲ ସ୍କୋର କରି ଫ୍ରାନ୍ସ ଅଧିନାୟକ କିଲିଆନ୍ ଏମବାପେ ପୁଣିଥରେ ଗୋଲ୍ଡେନ ବୁଟ୍ ରେସ୍‌ର ପ୍ରଥମ ସ୍ଥାନକୁ ଫେରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ସେ ଆର୍ଜେଣ୍ଟିନା ଅଧିନାୟକ ଲିଓନେଲ ମେସିଙ୍କ ସହ ସମାନ ୮ଟି ଲେଖାଏଁ ଗୋଲ ଦେଇଛନ୍ତି। କିନ୍ତୁ ଏମ୍ବାପେ ୨ଟି ଗୋଲ ଦେବାରେ ସହାୟତା (ଆସିଷ୍ଟ) କରିଥିବାରୁ ପ୍ରଥମ ସ୍ଥାନରେ ରହିଛନ୍ତି। ମେସି ଦ୍ୱିତୀୟରେ ଥିଲାବେଳେ ୭ଟି ଗୋଲ ଦେଇଥିବା ନରୱେର ଏର୍ଲିଙ୍ଗ ହଲାଣ୍ଡ ତୃତୀୟ ସ୍ଥାନରେ ରହିଛନ୍ତି। ଇଂଲଣ୍ଡ ଅଧିନାୟକ ହ୍ୟାରୀ କେନ୍ ଓ ଫ୍ରାନ୍ସର ବାଲନ ଓ ଡିଅର ପୁରସ୍କାର ବିଜେତା ଓଉସ୍ମାନେ ଡେମ୍ବେଲେ ୬ଟି ଲେଖାଏଁ ଗୋଲ ସ୍କୋର କରି ଯଥାକ୍ରମେ ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଛନ୍ତି।

## ଆର୍ଜେଣ୍ଟିନା ରେଫରୀ, ଫ୍ରାନ୍ସର ଫାଇଦା

**ବୋଷ୍ଟନ,୧୦।୭ (ଏଜେନ୍ସି):** ଚଳିତ ଫିଫା ବିଶ୍ୱକପ୍‌ରେ ଗୋଟିଏ ମ୍ୟାଚ୍‌ରେ ଗୋଟିଏ ଦେଶର ରେଫରୀ ଓ ମ୍ୟାଚ୍ ଅଫିସିଆଲଙ୍କୁ ନିଯୁକ୍ତ କରି ଫିଫା ସମାଲୋଚିତ ହୋଇଛି। ଚଳିତ ବିଶ୍ୱକପ୍‌ରେ ଫ୍ରାନ୍ସ ଓ ଆର୍ଜେଣ୍ଟିନା ମଧ୍ୟରେ ଟାଇଟଲ ଜିତିବା ଲାଗି ଟକ୍କର ରହିଛି। ଏଭଳି ସ୍ଥିତିରେ ଫ୍ରାନ୍ସ ଖେଳୁଥିବା ମ୍ୟାଚ୍‌ରେ ଆର୍ଜେଣ୍ଟିନାର ରେଫରି ଓ ଅଫିସିଆଲଙ୍କୁ ନିଯୁକ୍ତ କରାଯିବାକୁ ନେଇ ତୀବ୍ର ବିରୋଧ ପ୍ରକାଶ ପାଇଥିଲା। କିନ୍ତୁ ଏହି ମ୍ୟାଚ୍‌ଟି ବିବାଦଶୂନ୍ୟ ରହିବା ସହ ଫ୍ରାନ୍ସ ୨-୦ ଗୋଲରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଥିଲା। ଏପରିକି ଆର୍ଜେଣ୍ଟିନା ରେଫରିଙ୍କ ଦ୍ୱାରା ପରିଚାଳନା କରାଯାଇଥିବା କ୍ରମାଗତ ୬ଟି ମ୍ୟାଚ୍‌ରେ ଫ୍ରାନ୍ସ ବିଜୟୀ ହୋଇ ଏକ ରେକର୍ଡ କରିଛି। ଏଣୁ ଫ୍ରାନ୍ସକୁ ଆର୍ଜେଣ୍ଟିନା ରେଫରୀ ଓ ଅଫିସିଆଲ ଫାଇଦା ବୋଲି ଏହି ରେକର୍ଡରୁ ସ୍ପଷ୍ଟ ହୋଇଛି।

## ଜାରେଲ୍ ୨ଟି ମ୍ୟାଚ୍‌ରୁ ବାସନ୍ଦ



**ଡଲାସ,୧୦।୭ (ଏଜେନ୍ସି):** ମେକ୍ସିକୋ ବିପକ୍ଷ ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲାରେ ରେଡ୍‌କାର୍ଡ ପାଇଥିବା ଇଂଲଣ୍ଡର ଡିଫେଣ୍ଡର ଜାରେଲ କ୍ୱାଂଶଙ୍କୁ ଫିଫା ୨ଟି ମ୍ୟାଚ୍‌ରୁ ବାସନ୍ଦ କରିଛି। ରେଡ୍‌କାର୍ଡ ପାଇଲେ ସାଧାରଣତଃ ଗୋଟିଏ ମ୍ୟାଚ୍‌ରୁ ବାସନ୍ଦ କରାଯାଇଥାଏ। କିନ୍ତୁ ଏହି ମ୍ୟାଚ୍‌ରେ ଜାରେଲ ଅଧିକ ବିପଜ୍ଜନକ ଖେଳ ପ୍ରଦର୍ଶନ କରିଥିବା ଫିଫାର ହୃଦ୍‌ବୋଧ ହୋଇଛି। ଫିଫାର ଏହି ନିଷ୍ପତି ଫଳରେ ଇଂଲଣ୍ଡ ଯଦି ନରୱେକୁ ହରାଇ ସେମିଫାଇନାଲରେ ପ୍ରବେଶ କରେ, ତେବେ ଜାରେଲ ସେମିଫାଇନାଲ ମୁକାବିଲାରେ ଖେଳିପାରିବେ ନାହିଁ। ଗୋଟିଏ ପଟେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ହସ୍ତକ୍ଷେପ ପରେ ରେଡ୍‌କାର୍ଡ ପାଇଥିବା ଆମେରିକାର ଫୋଲାରିନ୍ ବାଲେଗୁନ୍‌ଙ୍କ ଉପରୁ ବାସନ୍ଦ ପ୍ରତ୍ୟାର କରିନିଆଯାଇଥିବାବେଳେ ଜାରେଲଙ୍କୁ ୨ଟି ମ୍ୟାଚ୍‌ରୁ ବାସନ୍ଦ କରିବା ଇଂଲଣ୍ଡକୁ କ୍ଷୁବ୍ଧ କରିଛି।

## ଜୁଲାଇ ୧୮ ରୁ ଇଶା ଗ୍ରାମୋତ୍ସବ



**ଭୁବନେଶ୍ୱର, ୧୦।୭ (ସମିସ):** ଭାରତର ସବୁଠାରୁ ବଡ଼ ଗ୍ରାମୀଣ କ୍ରୀଡ଼ା ମହୋତ୍ସବ 'ଇଶା ଗ୍ରାମୋତ୍ସବ'ର ୧୮ତମ ସଂସ୍କରଣ ଓଡ଼ିଶାରେ ଜୁଲାଇ ୧୮ରୁ ଆରମ୍ଭ ହେବ। ସଦଗୁରୁଙ୍କ ଦ୍ୱାରା ପରିକଳ୍ପିତ ଏହି ଗ୍ରାମୀଣସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା କ୍ରମାଗତ ଦ୍ୱିତୀୟ ବର୍ଷ ଲାଗି ଓଡ଼ିଶାରେ ଆୟୋଜନ କରାଯିବ। ଚଳିତ ବର୍ଷ ପ୍ରାୟ ୭ ହଜାର ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିବେ ବୋଲି ଶୁକ୍ରବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆୟୋଜକ ଇଶା ଆଉଟରିଚ ପକ୍ଷରୁ କୁହାଯାଇଛି। ଯେଉଁଥିରେ ୭୦୦ରୁ ଅଧିକ ଦଳ ଅଂଶଗ୍ରହଣ କରିବେ ବୋଲି ଜଣାପଡ଼ିଛି। ପୁରୁଷ ବିଭାଗରେ ଭଲିବଲ୍ ଓ ମହିଳା ବିଭାଗରେ ଥ୍ରୋ ବଲ୍ ଖେଳାଯିବ। ଓଡ଼ିଶାରେ ଜୁଲାଇ ୧୮ରୁ ଅଗଷ୍ଟ ୨ ତାରିଖ ପର୍ଯ୍ୟନ୍ତ ୭ଟି ଜିଲ୍ଲାରେ କ୍ଲଷ୍ଟର-ମ୍ୟାଚ୍ ଅନୁଷ୍ଠିତ ହେବ। ଏହି ଜିଲ୍ଲାଗୁଡ଼ିକ ହେଲା କଟକ, ପୁରୀ, ଖୋର୍ଦ୍ଧା, ମୟୁରଭଞ୍ଜ, ବଲାଙ୍ଗିର, ଢେଙ୍କାନାଳ ଓ ସୁନ୍ଦରଗଡ଼। କ୍ଲଷ୍ଟର ପରେ ଅଗଷ୍ଟ ପ୍ରଥମ ଓ ଦ୍ୱିତୀୟ ସପ୍ତାହରେ ଡିଭିଜନାଲ ରାଉଣ୍ଡ ଅନୁଷ୍ଠିତ ହେବ। ଏହାପରେ ଫାଇନାଲ ପର୍ଯ୍ୟାୟ କୋଏମ୍ବାଟୁରରେ ଅନୁଷ୍ଠିତ ହେବ। ଯେଉଁଥିରେ ଓଡ଼ିଶା ସମେତ କେରଳ, କର୍ଣ୍ଣାଟକ, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, ହରିୟାଣା, ଉତ୍ତରପ୍ରଦେଶ, ହିମାଚଳ ପ୍ରଦେଶ ଓ ପୁଡୁଚେରୀର ଦଳ ଭାଗନେବେ। ମୋଟ୍ ଉପରେ ଚଳିତ ସଂସ୍କରଣରେ ଏକ କୋଟି ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ।

### ଏମ୍ବାପେ, ଡେମ୍ବେଲେଙ୍କ ଚମତ୍କାର ଗୋଲ୍

# ଅଷ୍ଟମ ଥର ସେମିଫାଇନାଲ ଖେଳିବ ଫ୍ରାନ୍ସ

ବୋଷ୍ଟନ,୧୦।୭ (ଏଜେନ୍ସି)

ଆଫ୍ରିକୀୟ ରାଷ୍ଟ୍ର ମରୋକ୍କୋକୁ ୨-୦ ଗୋଲରେ ଫ୍ରାନ୍ସ ପ୍ରଥମ ଦଳ ଭାବେ ଚଳିତ ଫିଫା ବିଶ୍ୱକପ୍ ସେମିଫାଇନାଲରେ ପ୍ରବେଶ କରିଛି। ସ୍ପେନ୍ ଓ ବେଲଜିୟମ୍ ମଧ୍ୟରେ ଖେଳାଯିବାକୁ ଥିବା ଦ୍ୱିତୀୟ କ୍ୱାର୍ଟରଫାଇନାଲର ବିଜେତା ସହ ଫ୍ରାନ୍ସ ଜୁଲାଇ ୧୪ରେ (ବୁଧବାର) ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ ମୁକାବିଲା କରିବ। ବୋଷ୍ଟନ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଫ୍ରାନ୍ସ ପକ୍ଷରୁ ଦୁଇ ଷ୍ଟାର ଖେଳାଳି କିଲିଆନ୍ ଏମ୍ବାପେ ଓ ଓଉସମାନେ ଡେମ୍ବେଲେ ଗୋଟିଏ ଲେଖାଏଁ ଗୋଲ କରିଥିଲେ। ଫଳରେ ଏମ୍ବାପେ ଚଳିତ ବିଶ୍ୱକପ୍‌ରେ ୮ମ ଗୋଲ କରିବା ସହ ପୁଣିଥରେ ଗୋଲ୍ଡେ ବୁଟ୍ ରେସ୍‌ରେ ନିଜକୁ ସାମିଲ କରିଛନ୍ତି। ସେହିପରି ନିଜ ମଧ୍ୟରେ ସମନ୍ୱୟ ରଖି ଖେଳିବାରେ ବିଫଳ ହୋଇଥିବା ମରୋକ୍କୋ କ୍ରମାଗତ ଦ୍ୱିତୀୟ ସଂସ୍କରଣରେ ଫ୍ରାନ୍ସଠାରୁ ହାରି ବିଶ୍ୱକପ୍‌ରୁ ବିଦାୟ ନେଇଛି। କତାରରେ ଅନୁଷ୍ଠିତ ୨୦୨୨ ବିଶ୍ୱକପ୍ ସେମିଫାଇନାଲରେ ଫ୍ରାନ୍ସଠାରୁ ୨-୦ ଗୋଲରେ



ମରୋକ୍କୋ ପରାଜିତ ହୋଇଥିଲା। ବିଶ୍ୱକପ୍ ଇତିହାସରେ ଫ୍ରାନ୍ସ ୮ମ ଥର ସକାଶେ ଓ କ୍ରମାଗତ ତୃତୀୟଥର ସକାଶେ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି।

### ଜୋରଦାର ଲଢ଼େଇରେ ପେନାଲ୍ଟି ମିସ୍

ଏକପ୍ରକାର ଆଫ୍ରିକୀୟ ଖେଳାଳିଙ୍କ ମଧ୍ୟରେ ଖେଳାଯାଇଥିବା ଏହି କ୍ୱାର୍ଟରଫାଇନାଲ ମୁକାବିଲାରେ ଶାରିରୀକ ଶକ୍ତିର ବିନିଯୋଗ ହେବ ବୋଲି ପ୍ରକାଶ ପାଇଥିବା ଆଶଙ୍କା ମ୍ୟାଚ୍ ଶେଷରେ ଭୁଲ ପ୍ରମାଣିତ ହୋଇଥିଲା। ଖେଳ ଆରମ୍ଭରୁ ଫ୍ରାନ୍ସ ବିଶ୍ୱପ୍ରସିଦ୍ଧ ଫରୱାର୍ଡ ଏମ୍ବାପେ, ଡେମ୍ବେଲେ ଓ ଓଲିସେ ଆକ୍ରମଣ କରିଥିଲେ ମଧ୍ୟ ମରୋକ୍କୋ ଗୋଲରକ୍ଷକ ୟାସିର ବୋଉନୋଉଙ୍କୁ ଅତିକ୍ରମ କରିବା କଷ୍ଟକର ହୋଇଥିଲା। ପ୍ରଥମାର୍ଦ୍ଧ ଖେଳରେ ଏକାଧିକ ଆକ୍ରମଣ, ଏମ୍ବାପେଙ୍କ ପେନାଲ୍ଟି ମିସ୍ ଓ ସୁଯୋଗ ପରେ ସୁଯୋଗ ହାତଛଡ଼ା ହେବା ଫଳରେ ଖେଳ ଗୋଲଶୂନ୍ୟ ରହିଥିଲା। ପେନାଲ୍ଟି ମିସ୍ କରିଥିବା ଏମବାପେ ଖେଳର ୬୦ତମ ମିନିଟ୍‌ରେ ପାଇଥିବା ସୁଯୋଗକୁ ଗୋଲରେ ପରିଣତ କରି ଫ୍ରାନ୍ସ ଖେଳାଳିଙ୍କୁ ଉପରୁ ଚାପ ହଟାଇଦେଇଥିଲେ। ଗୋଲ ଦେବା ପରେ ଉତ୍ସାହି ଥିବା ଫ୍ରାନ୍ସ ପକ୍ଷରୁ ୬୬ତମ ମିନିଟ୍‌ରେ ବାଲନ ଓ ଡିଅର ପୁରସ୍କାର ବିଜେତା ଡେମ୍ବେଲେ ଆଉ ଏକ ଗୋଲ ସ୍କୋର କରି ସେମିଫାଇନାଲର ପ୍ରବେଶ ରାସ୍ତା ଖୋଲି ଦେଇଥିଲେ। ଏହା ପରେ ମଧ୍ୟ ଫ୍ରାନ୍ସ ଏକାଧିକ ସୁଯୋଗ ପାଇଥିଲେ ମଧ୍ୟ ବୋନୋଙ୍କୁ ଅତିକ୍ରମ କରିବାରେ ବିଫଳ ହୋଇଥିଲେ। ଫ୍ରାନ୍ସର ରକ୍ଷଣଭାଗ ଏତେ ଦୃଢ଼ଥିଲାଯେ ଖେଳର ୮୨ତମ ମିନିଟ୍‌ରେ ମରୋକ୍କୋ ପ୍ରଥମଥର ଗୋଲ ପୋଷ୍ଟ ଉପରେ ଆକ୍ରମଣ କରିଥିଲା। ଏହା ସତ୍ତ୍ୱେ ଫ୍ରାନ୍ସ ଶିବିରରେ କୌଣସି ବିପଦ ସୃଷ୍ଟି ହୋଇ ନଥିଲା।



| |
|---|
| ଫିଫା ବିଶ୍ୱକପ୍ |
| କ୍ୱାର୍ଟରଫାଇନାଲ |
| ଶନିବାର ରାତି |
| ଇଂଲଣ୍ଡ ବନାମ ନରୱେ |
| ମିଆମି, ରାତି ୨ଟା ୩୦ |
| ରବିବାର ସକାଳ |
| ଆର୍ଜେଣ୍ଟିନା ବନାମ ସ୍ୱିଜରଲାଣ୍ଡ |
| କାନସାସ୍ ସିଟି, ସକାଳ ୬ଟା ୩୦ |
| ପ୍ରସାରଣ: ଜୀ ଟିଭି ନେଟୱର୍କ, ଜୀ-୫ |

## ଚେନ୍ନଇରେ ବିବିଏଲ୍ ଉଦ୍‌ଘାଟନୀ ମୁକାବିଲା

**ମେଲବୋର୍ଣ୍ଣ,୧୦।୭ (ଏଜେନ୍ସି):** ଅଷ୍ଟ୍ରେଲିଆର ଲୋକପ୍ରିୟ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବିବିଏଲ (ବିଗ୍ ବାଶ ଲିଗ୍)ର ଉଦ୍‌ଘାଟନୀ ମୁକାବିଲା ଭାରତର ଚେନ୍ନଇରେ ଡିସେମ୍ବର ୧୨ରେ ଖେଳାଯିବ। ଏଥିରେ ମେଲବୋର୍ଣ୍ଣ ରେନେଗ୍ରେଡ୍‌ସ ସହ ପର୍ଥ ସ୍କର୍ଚର୍ସର ମୁକାବିଲା ହେବ। ଏ ସମ୍ପର୍କରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ଆନ୍ଥୋନୀ ଆଲବାନିଜ୍‌ଙ୍କ ଉପସ୍ଥିତିରେ କ୍ରିକେଟ ଅଷ୍ଟ୍ରେଲିଆ ପକ୍ଷରୁ ଏହି ଘୋଷଣା କରାଯାଇଛି। ଭାରତରେ ଏହି ମ୍ୟାଚ୍ ଲାଗି ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇଦିଆଯିବ ବୋଲି ପ୍ରଧାନମନ୍ତ୍ରୀ ମୋଦି ଘୋଷଣା କରିଛନ୍ତି। କ୍ରିକେଟର ଉନ୍ନତି ଓ ବିନିମୟ ଲାଗି ଉଭୟ ଦେଶ ସରକାର ସହମତି ପ୍ରକାଶ କରିଛନ୍ତି। ଏହି ମ୍ୟାଚ୍ ଆୟୋଜିତ ହେଲେ ଭାରତ-ଅଷ୍ଟ୍ରେଲିଆ କ୍ରିକେଟରେ ଏକ ନୂଆ ଯୁଗର ଆରମ୍ଭ ହେବ। ସୂଚନା ଅନୁଯାୟୀ ଏହି ମ୍ୟାଚଟି ଡିସେମ୍ବର ୧୨ ତାରିଖ ଅପରାହ୍ନ ୨ଟା ୪୦ ମିନିଟ୍‌ରେ ଖେଳାଯିବ। ମେଲବୋର୍ଣ୍ଣ ରେନେଗ୍ରେଡ୍‌ର ଏହା ହୋମ୍ ଗ୍ରାଉଣ୍ଡଭାବେ ବିବେଚିତ ହେବ। ଏହି ଦିନ ପର୍ଥରେ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ହେବାକୁ ଥିବା ପ୍ରଥମ ଟେଷ୍ଟର ଚତୁର୍ଥ ଦିନ। ବିବିଏଲ୍ ମ୍ୟାଚ୍ ବେଳକୁ ଟେଷ୍ଟର ଫଳାଫଳ ବାହାରିସାରିଥିବା ବୋଲି ଆଶା କରାଯାଉଛି। ନଚେତ୍ ଏହି ମ୍ୟାଚ୍ ଉପରେ ପ୍ରଭାବ ପଡ଼ିବାର ଆଶଙ୍କା ରହିଛି।

## ଇଂଲଣ୍ଡ, ଆର୍ଜେଣ୍ଟିନା ଫେବ୍‌ରାଇଟ୍

**ମିଆମି/କାନ୍‌ସାସ୍ ସିଟି,୧୦।୭ (ଏଜେନ୍ସି):** ଚଳିତ ବିଶ୍ୱକପ୍‌ର ତୃତୀୟ କ୍ୱାର୍ଟର ଫାଇନାଲ ଇଂଲଣ୍ଡ ଓ ନରୱେ ମଧ୍ୟରେ ଶନିବାର ରାତି ୨ଟା ୩୦ ମିନିଟ୍‌ରେ ଖେଳାଯିବ। ସେହିପରି ଏହି ମ୍ୟାଚ୍‌ର ୪ଘଣ୍ଟା ପରେ ଆର୍ଜେଣ୍ଟିନା ଓ ସ୍ୱିଜରଲାଣ୍ଡ ମଧ୍ୟରେ ଚତୁର୍ଥ ତଥା ଶେଷ କ୍ୱାର୍ଟର ଫାଇନାଲ ମୁକାବିଲା ଅନୁଷ୍ଠିତ ହେବ। ଏହି ମ୍ୟାଚ ଦ୍ୱୟର ବିଜେତା ଦଳ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଗୁରୁବାର ରାତି ୧୨ଟା ୩୦ ମିନିଟ୍‌ରେ ଖେଳାଯିବ। ଏହି ମୁକାବିଲାଦ୍ୱୟରେ ଏଯାଏ ଅପରାଜିତ ରହିଥିବା ଇଂଲଣ୍ଡ ଓ ଆର୍ଜେଣ୍ଟିନା ମ୍ୟାଚ୍ ଜିତିବେ ବୋଲି ଆଶା କରାଯାଉଛି। କିନ୍ତୁ ଖେଳଦିନ କିଏ କିପରି ପ୍ରଦର୍ଶନ କରିବ ତାହା କହିବା କଷ୍ଟକର। ଇଂଲଣ୍ଡର ପ୍ରତିଦ୍ୱନ୍ଦ୍ୱୀ ନରୱେ ଏହି ବିଶ୍ୱକପ୍‌ରେ ବ୍ରାଜିଲକୁ ୨-୧ ଗୋଲରେ ହରାଇ ବିଦା କରିଛି। କଲମ୍ବିଆ ବିପକ୍ଷରେ ଲଢୁଆ ଖେଳି ସ୍ୱିଜରଲାଣ୍ଡ ୧୯୫୪ ପରେ କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଏଣୁ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ଦଳ ନିଜର ଦକ୍ଷତା ଉପରେ ନିର୍ଭର କରି ସଫଳତା ପାଇଛନ୍ତି। କିନ୍ତୁ ଇଂଲଣ୍ଡ ଓ ଆର୍ଜେଣ୍ଟିନା ନିକଟରେ ନକ୍‌ଆଉଟ ମ୍ୟାଚ୍ ଖେଳିବାର ଅଧିକ ଅଭିଜ୍ଞତା, ବିଶ୍ୱରେ ପ୍ରତିଷ୍ଠା ପାଇଥିବା ଖେଳାଳି ଓ ଦଳର ଦକ୍ଷତା ଓ ସଫଳତା ଯୋଗୁ ଏମାନେ ଦୁଇ କ୍ୱାର୍ଟରଫାଇନାଲ୍‌ରେ ଫେବରାଇଟ୍ ଟିମ୍ ଭାବେ ବିବେଚନା କରାଯାଉଛି।

ଏସୀୟ କ୍ରୀଡ଼ା ମହିଳା ହକି

## ଭାରତୀୟ ଦଳରେ ଓଡ଼ିଶାରୁ ସୁନେଲିତା



**ନୂଆଦିଲ୍ଲୀ, ୧୦।୭ (ଏଜେନ୍ସି):** ଜାପାନରେ ଖେଳାଯିବାକୁ ଥିବା ଆଗାମୀ ଏସୀୟକ୍ରୀଡ଼ାର ମହିଳା ହକି ଲାଗି ଶୁକ୍ରବାର ଭାରତୀୟ ଦଳ ଘୋଷଣା କରାଯାଇଛି। ସାଲିମା ଟେଟେଙ୍କୁ ଘୋଷିତ ୨୦ ଜଣିଆ ଦଳର ନେତୃତ୍ୱ ଭାର ଦିଆଯାଇଛି। ସାଲିମାଙ୍କ ନେତୃତ୍ୱରେ ଭାରତୀୟ ଦଳ ଗତ ମାସରେ ନ୍ୟୁଜିଲାଣ୍ଡରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ନେସନ୍ସ କପ୍‌ରେ ଚାମ୍ପିଅନ ହୋଇଥିଲା। ତେଣୁ ଏସୀୟ କ୍ରୀଡ଼ା ଲାଗି ସାଲିମା ଅଧିନାୟିକା ପଦ ବଜାୟ ରଖିଛନ୍ତି। ସେହିଭଳି ଦଳରେ ଓଡ଼ିଶାରୁ ଏକମାତ୍ର ଖେଳାଳି ଭାବେ ମିଡଫିଲ୍ଡର ସୁନେଲିତା ଟପ୍ପୋଙ୍କୁ ସୁଯୋଗ ମିଳିଛି। "ଏହି ଖେଳାଳିମାନେ ଗତ କିଛି ମାସ ମଧ୍ୟରେ ସେମାନଙ୍କର ଶ୍ରେଷ୍ଠ ଫର୍ମ ଓ ଫିଟନେସ୍ ଦେଖାଇସାରିଛନ୍ତି। ଆମେ ନିଶ୍ଚିତ ଯେ ଏହି ଘୋଷିତ ଦଳ ଏସୀୟ କ୍ରୀଡ଼ାରେ ଚ୍ୟାଲେଞ୍ଜ ପାଇଁ ପ୍ରସ୍ତୁତ ରହିଛି' ବୋଲି ମୁଖ୍ୟ ପ୍ରଶିକ୍ଷକ ମାରିଜନେ କହିଛନ୍ତି।

## ୩୦୦ ମ୍ୟାଚ୍ ଖେଳିଲେ ସ୍ମୃତି ମନ୍ଧାନା

**ଲଣ୍ଡନ, ୧୦।୭ (ଏଜେନ୍ସି):** ଭ୍ରମଣକାରୀ ଭାରତ ଓ ଇଂଲଣ୍ଡ ମହିଳା କ୍ରିକେଟ୍ ଦଳ ମଧ୍ୟରେ ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଶୁକ୍ରବାରଠାରୁ ଏକମାତ୍ର ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଛି। ଏହି ମ୍ୟାଚ୍ ଖେଳି ଭାରତୀୟ ଦଳର ଉପ-ଅଧିନାୟିକା ସ୍ମୃତି ମନ୍ଧାନା ଏକ ବଡ଼ କାର୍ତ୍ତିମାନ କରିଛନ୍ତି। ୨୯ ବର୍ଷୀୟା ମନ୍ଧାନାଙ୍କ କ୍ୟାରିୟରର ଏହା ୩୦୦ତମ ଅନ୍ତର୍ଜାତୀୟ ମ୍ୟାଚ୍ ହୋଇଛି। ଯେଉଁଥିରେ ମନ୍ଧାନା ୯ଟି ଟେଷ୍ଟ, ୧୨୦ ଦିନିକିଆ ଓ ୧୭୧ ଟି-୨୦ ମ୍ୟାଚ୍ ଖେଳିଛନ୍ତି। ମନ୍ଧାନା ଦିନିକିଆରେ ୫୪୯୧, ଟି-୨୦ରେ ୪୫୩୮ ଓ ଟେଷ୍ଟରେ ୬୩୫ ରନ ସଂଗ୍ରହ କରିଛନ୍ତି। ୩୦୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିବାରେ ମନ୍ଧାନା ୩ୟ ଭାରତୀୟ ମହିଳା କ୍ରିକେଟର ହୋଇଛନ୍ତି। ଅଧିନାୟିକା ଅରମନପ୍ରୀତ୍ କୌର ୩୭୪ ମ୍ୟାଚ୍ ସହ ଏହି ତାଲିକାର ଶୀର୍ଷରେ ରହିଛନ୍ତି। ପୂର୍ବତନ ଅଧିନାୟିକା ମିତାଲି ରାଜ ଭାରତ ପାଇଁ ୩୩୩ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି।

## ଭାରତ-ଇଂଲଣ୍ଡ ୫ମ ଟି-୨୦ ଆଜି

**ରୋଜ୍‌ବାଉଲ, ସାଉଥାମ୍ପଟନ, ୧୦।୭ (ଏଜେନ୍ସି):** ବିଶ୍ୱଚାମ୍ପିଅନ ଭାରତୀୟ କ୍ରିକେଟ ଦଳ ଏବେ ସଙ୍କଟରେ। ଇଂଲଣ୍ଡର ପିଚ୍, ପରିବେଶ ଓ ଘରୋଇ ଖେଳାଳିଙ୍କ କବ୍‌ଜାରେ ରହିଛନ୍ତି ଭାରତୀୟ କ୍ରିକେଟର। ଇଂଲଣ୍ଡ ସହ ଚାଲିଥିବା ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ଭାରତ ୩-୦ରେ ପଛୁଆ ରହି ଆଗୁଆ ହାତଛଡ଼ା କରିସାରିଛି। ଏବେ ସିରିଜର ଅନ୍ତିମ ତଥା ୫ମ ମୁକାବିଲା ଶନିବାର ଖେଳାଯିବ। କ୍ଲିନସୁଇପରୁ ବର୍ତ୍ତିବା ଲାଗି ପଞ୍ଚମ ମୁକାବିଲାରେ ଭାରତକୁ ବିଜୟ ନିହାତି ଜରୁରୀ ହୋଇଛି। ଟି-୨୦ ପରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଜୁଲାଇ ୧୪ରୁ ଆରମ୍ଭ ହେବ। ଏଥିପୂର୍ବରୁ ଭ୍ରମଣକାରୀ ଖେଳାଳିମାନେ ଏଠାରେ ସାନ୍ତ୍ୱନାମୂଳକ ମ୍ୟାଚ୍ ବିଜୟ ଆଶାରେ ରହିଛନ୍ତି। ଏହି ମ୍ୟାଚ୍ ଲାଗି ଚତୁର୍ଥ ମୁକାବିଲା ଜିତିଥିବା ଇଂଲଣ୍ଡ ଦଳରେ ସେପରି କିଛି ପରିବର୍ତ୍ତନ ହେବାର ଆଶା କମ୍। କିନ୍ତୁ ଭାରତୀୟ ଦଳରେ କିଛି ଡାହାଣହାତୀ ଖେଳାଳିଙ୍କୁ ସାମିଲ କରାଯିବାର ସମ୍ଭାବନା ରହିଛି। ଏମାନେ ହେଲେ ସଞ୍ଜୁ ସାମସନ ଓ ସୂର୍ଯ୍ୟାଂଶ ଶେଦ୍‌ଜେ। ଯଦି ଏମାନଙ୍କୁ ସାମିଲ କରାଯାଏ, ତେବେ ନଂ-୩ରେ ସାମସନ ଓ ନଂ-୬ କିମ୍ବା ୭ରେ ଶେଦ୍‌ଜେ ବ୍ୟାଟିଂ କରିବେ।

### ନଂ-୧ ଆଶାରେ ଇଂଲଣ୍ଡ

ଭାରତ ସହ ଚାଲିଥିବା ଟି-୨୦ ସିରିଜ୍‌ର ଆସନ୍ତାକାଲି ୫ମ ତଥା ଶେଷ ମୁକାବିଲା ଖେଳାଯିବ। ସିରିଜ୍‌ର ପ୍ରଥମ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହେବା ପରେ କ୍ରମାଗତ ୩ଟି ମ୍ୟାଚ୍ ଜିତି ଇଂଲଣ୍ଡ ଏହି ସିରିଜ୍ କବଜା କରିଛି। ଦଳ ଲାଗି ଆଉ ଏକ ବଡ଼ ସଫଳତା ଅପେକ୍ଷା କରିଛି। ଶନିବାର ମୁକାବିଲା ଜିତିଲେ ଇଂଲଣ୍ଡ ଟି-୨୦ ମାନ୍ୟତାରେ ଭାରତକୁ ହଟାଇ ନଂ-୧ ହେବ। ଏହା ଆମଲାଗି ଏକ ବଡ଼ ପୁରସ୍କାର ହେବ ବୋଲି ଇଂଲଣ୍ଡ ଅଧିନାୟକ ହ୍ୟାରୀ ବ୍ରୁକ୍ କହିଛନ୍ତି। ବ୍ରୁକ୍‌ଙ୍କ ନେତୃତ୍ୱରେ ଇଂଲଣ୍ଡ ଖେଳିଥିବା ୨୨ଟି ସମ୍ପୂର୍ଣ୍ଣ ହୋଇଥିବା ମ୍ୟାଚ୍ ମଧ୍ୟରୁ ୧୯ଟିରେ ବିଜୟୀ ହୋଇଛି। ଯେଉଁ ୩ଟି ମ୍ୟାଚରେ ଦଳ ହାରିଛି, ତାହା ମଧ୍ୟରେ ଗତବର୍ଷ ଭାରତରେ ଖେଳାଯାଇଥିବା ଟି-୨୦ ସେମିଫାଇନାଲ ପରାଜୟ ଅନ୍ୟତମ। ଭାରତ ନିକଟରୁ ଏହି ମ୍ୟାଚ୍ ହାରିଥିବା ଇଂଲଣ୍ଡ ଏଠାରେ ଦମ୍‌ର ସହ ଖେଳି ପୂର୍ବ ପରାଜୟର ପ୍ରତିଶୋଧ ନେବା ସହ ସିରିଜ୍ କବ୍‌ଜା କରିନେଇଛି।




ଲର୍ଡ୍ସରେ ଭାରତ-ଇଂଲଣ୍ଡ ଐତିହାସିକ ମହିଳା ଟେଷ୍ଟ

## ମନ୍ଧାନା, ହରମନପ୍ରୀତ୍‌ଙ୍କ ଅର୍ଦ୍ଧଶତକ

ଲର୍ଡ୍ସ,୧୦।୭ (ଏଜେନ୍ସି)



କ୍ରିକେଟର ମକ୍କା ଭାବେ ବିବେଚିତ ଲର୍ଡ୍ସ କ୍ରିକେଟ ଗ୍ରାଉଣ୍ଡରେ ଆଜିଠାରୁ ଆରମ୍ଭ ହୋଇଛି ଭାରତ ଓ ଇଂଲଣ୍ଡ ମଧ୍ୟରେ ଐତିହାସିକ ମହିଳା ଟେଷ୍ଟ କ୍ରିକେଟ ମ୍ୟାଚ୍। ୧୪୯ ବର୍ଷ ଆରମ୍ଭ ହୋଇଥିବା ପୁରୁଷ ଟେଷ୍ଟ କ୍ରିକେଟରେ ଏଠାରେ ୧୫୦ ମ୍ୟାଚ୍ ଆୟୋଜିତ ହେବା ପରେ ପ୍ରଥମଥର ମହିଳା ଟେଷ୍ଟ ମ୍ୟାଚ୍ ଆୟୋଜିତ ହେଉଛି। ଏହି ଟେଷ୍ଟର ପ୍ରଥମ ଦିନରେ ଇଂଲଣ୍ଡ ଦଳ ଟସ୍ ଜିତିବା ପରେ ଭାରତକୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଛି। ମ୍ୟାଚ୍‌ର ଶେଷ ଖବର ସୁଦ୍ଧା ଭାରତ ପ୍ରଥମ ଇନିଂସରେ ୫ ୱିକେଟ ହରାଇ ୨୦୨ ରନ୍ ସଂଗ୍ରହ କରିନେଇଛି। ଭାରତ ପକ୍ଷରୁ ଉପଅଧିନାୟିକା ତଥା ଓପନର ସ୍ମୃତି ମନ୍ଧନା ସର୍ବାଧିକ ୮୩ ଓ ଅଧିନାୟିକା ହରମନପ୍ରୀତ୍ କୌର ୫୮ ରନ୍ କରିଛନ୍ତି। ଜେମିମା ରୋଡ୍ରିଗ୍ରେଜ୍ ୩୫ ରନ୍‌ର ଯୋଗଦାନ ଦେଇଥିଲେ। ଭାରତ ବ୍ୟାଟିଂ କରିବା ପରେ ୪ ରନ୍‌ରେ ଶେଫାଳି ବର୍ମା (୦) ଓ ୩୭ ରନ୍‌ରେ ଯଷ୍ଟିକା ଭାଟିଆ (୧୨)ଙ୍କ ୱିକେଟ ହରାଇ ବିପଦରେ ପଡ଼ିଥିଲା। ଏହି ସମୟରେ ତୃତୀୟ ୱିକେଟରେ ମନ୍ଧାନା ଓ ଜେମିମା ୭୨ବଲ୍‌ରୁ ୬୪ ଓ ଚତୁର୍ଥ ୱିକେଟରେ ହରମନ୍‌ପ୍ରୀତ୍‌ଙ୍କ ସହ ୧୫୫ ବଲ୍‌ରୁ ୮୯ ରନ୍ ଉଠାଇବା ପରେ ମନ୍ଧାନା ଆଉଟ ହୋଇଥିଲେ। ଇନିଂସ ଓପନ କରିଥିବା ମନ୍ଧାନା ୧୦୮ ବଲ୍‌ରୁ ୧୧ ଚୌକା ଓ ୧ଛକା ସହ ସର୍ବାଧିକ ୮୩ ରନ୍ କରିଥିଲେ। ହରମନପ୍ରୀତ୍ ୧୨୧ ବଲ୍‌ରୁ ୭ ଚୌକା ସହ ୫୮ ରନ୍‌ରେ ଆଉଟ ହୋଇଥିଲେ। ଇଂଲଣ୍ଡ ପକ୍ଷରୁ ଇସି ୟଙ୍ଗ ୨ଟି, ଲୌରେନ୍ ବେଲ, ଲୌରେନ୍ ଫାଇଲର ଓ ମାଡି ଭିଲର୍ସ ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଏହି ମ୍ୟାଚ୍‌ରେ ଭାରତ ପକ୍ଷରୁ ଶ୍ରୀ ଚରଣି, ଇଂଲଣ୍ଡ ପକ୍ଷରୁ ଶତାଧିକ ସୀମିତ ଓଭର ମ୍ୟାଚ୍ ଖେଳିଥିବା ଆଲିସ୍ କାପସୀ ଓ ମ୍ୟାଡି ଭିଲର୍ସ ଡେବ୍ୟୁ କରିଛନ୍ତି। ମ୍ୟାଚ୍ ଆରମ୍ଭ ପୂର୍ବରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS